# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଏପ୍ରିଲ ୧/୨୦୧୯ | (୧୬ ପୃଷ୍ଠା) | Dhenkanal, Monday, April 1 / 2019 | ★★★★★

୧୫ଶ ଭାଗ ୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-







“ ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ର ଶ୍ରେୟ ନେଉଥିବା ନରେନ୍ଦ୍ର ମୋଦି ସରକାର ପୁଲ୍‌ଓ୍ବାମାରେ ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିବା ଉଚିତ।

-ଦିନାକର ଲାଙ୍କା,
ଟିଡିପି ରାଷ୍ଟ୍ରୀୟ ମୁଖପାତ୍ର





ଉତ୍ତରପ୍ରଦେଶର ରାମପୁରରେ ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କୁ ସମର୍ଥକମାନେ ସ୍ବାଗତ କରୁଛନ୍ତି।




ଗୁଜରାଟର ଅହମ୍ମଦାବାଦସ୍ଥିତ ଏକ ମସ୍‌ଜିଦ୍‌ରେ ଗଣବିବାହ ଉତ୍ସବ ବେଳେ ମୁସଲମାନ ନବବଧୂମାନେ ପ୍ଲାକାର୍ଡ ଦେଖାଇ ମତଦାନ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି।



ମଧ୍ୟପ୍ରଦେଶର ଭୋପାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ମେଁ ଭି ଚୌକିଦାର’ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖୁଛନ୍ତି ଭାଜପା କର୍ମୀ।

## ସଂକ୍ଷେପରେ

### ମିଗ୍-୨୭ ଦୁର୍ଘଟଣାଗ୍ରସ୍ତ



**ଯୋଧପୁର,୩୧।୩(ପି.ଟି.):** ବାୟୁସେନାର ମିଗ୍-୨୭ ଯୁଦ୍ଧବିମାନ ରବିବାର ରାଜସ୍ଥାନର ଯୋଧପୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏହାର ପାଇଲଟ ନିରାପଦର ସହ ଅବତରଣ କରିଛନ୍ତି। ବିମାନଟି ଉତର୍‌ଲାଇ ବାୟୁସେନା ବେସ୍‌ରୁ ଉଡାଣ କରିବାର କିଛି ସମୟ ପରେ ଇଞ୍ଜିନ୍‌ରେ ସମସ୍ୟା ଦେଖାଦେବାରୁ ପୂର୍ବାହ୍ନ ୧୧ଟା ୪୫ରେ ଏହା ସିରୋହି ଜିଲାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

### ଜୁଜାନା ସ୍ଲୋଭାକିଆର ପ୍ରଥମ ମହିଳା ରାଷ୍ଟ୍ରପତି

**ବ୍ରାଟିସ୍ଲାଭା,୩୧।୩(ପି.ଟି.):** ପ୍ରୋଗ୍ରେସିଭ୍ ସ୍ଲୋଭାକିଆ ପାର୍ଟିର ପ୍ରାର୍ଥୀ ଜୁଜାନା



କାପୁଟୋଭା ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ହେବେ ସ୍ଲୋଭାକିଆର ପ୍ରଥମ ମହିଳା ରାଷ୍ଟ୍ରପତି। ରାଜନୈତିକ ଅଭିଜ୍ଞତା ନଥିବା ଜୁଜାନା ଏହି ନିର୍ବାଚନରେ ସରକାରୀ ଦଳର ପ୍ରାର୍ଥୀ ମାରୋସ୍ ସେଫକୋଭିକ୍‌ଙ୍କୁ ହରାଇ ଦେଇଛନ୍ତି। ତାଙ୍କୁ ୫୮ ପ୍ରତିଶତ ଭୋଟ ମିଳିଥିବାବେଳେ ସେଫକୋଭିକ୍‌ଙ୍କ ସପକ୍ଷରେ ୪୨ ପ୍ରତିଶତ ଭୋଟ ଯାଇଛି।

### ତାପ୍ତି ଗଙ୍ଗା ଏକ୍ସପ୍ରେସ୍ ଲାଇନଚ୍ୟୁତ

**ପାଟନା,୩୧।୩(ପି.ଟି.):** ବିହାରର ସରନ୍ ଜିଲାରେ ରବିବାର ସକାଳେ ତାପ୍ତି ଗଙ୍ଗା ଏକ୍ସପ୍ରେସ୍‌ର ୧୩ଟି ବଗି ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ଛାପ୍ରାରୁ ସୁରଟ ଯାଉଥିବାବେଳେ ସକାଳ ୯ଟା ୪୫ରେ ବାରାଣସୀ ଡିଭିଜନ ଅନ୍ତର୍ଗତ ଗୌତମ ଅସ୍ଥାନା ଷ୍ଟେଶନ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପରେ ଛାଡିଦିଆଯାଇଛି। ଦୁର୍ଘଟଣାର କାରଣ ଜଣାପଡିନାହିଁ। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ସଞ୍ଜୟ ଯାଦବ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ର ଯାତ୍ରୀମାନଙ୍କୁ ଏକ ସ୍ବତନ୍ତ୍ର ଟ୍ରେନ ଯୋଗେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି।

# ଦକ୍ଷିଣ ଉପରେ କଂଗ୍ରେସ ନଜର

**ଥିରୁଭାନନ୍ତପୁରମ/ନୂଆଦିଲ୍ଲୀ,୩୧।୩**

ଏପ୍ରିଲ ୨୩ରେ କେରଳର ୨୦ ଲୋକ ସଭା ଆସନରେ ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ଓ୍ବାୟନାଡ୍‌କୁ ନିଜର ଦ୍ୱିତୀୟ ଆସନ ଭାବେ ବାଛିଛନ୍ତି। ସେ ଦକ୍ଷିଣ ଭାରତର କୌଣସି ଏକ ଆସନରୁ ଲଢ଼ିପାରନ୍ତି ବୋଲି କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ରାହୁଲ ଓ୍ବାୟନାଡ୍‌ରୁ ହିଁ ଲଢ଼ିବେ ବୋଲି ରବିବାର କେରଳର ବରିଷ୍ଠ କଂଗ୍ରେସ ନେତା ଏ.କେ. ଆଣ୍ଟୋନୀ ଘୋଷଣା କରିବା ପରେ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିଛି।

ଦକ୍ଷିଣ ଭାରତ ସହ ଗାନ୍ଧୀ ପରିବାରର ସମ୍ପର୍କ ବହୁ ପୁରୁଣା। ରାହୁଲଙ୍କ ଜେଜେମା’ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୭ରେ ଲୋକ ସଭା ନିର୍ବାଚନରେ ପରାଜୟ ସ୍ବୀକାର କରିବା ପରେ ୧୯୮୦ରେ ଆନ୍ଧ୍ରପ୍ରଦେଶର ମେଡାକ୍ (ଏବେ ତେଲେଙ୍ଗାନାରେ ଅଛି)ରୁ ଲଢ଼ି କଂଗ୍ରେସକୁ ପୁନର୍ଗଠିତ କରିବାରେ ସକ୍ଷମ ହୋଇଥିଲେ। ମା’ ସୋନିଆ ଗାନ୍ଧୀ ୧୯୯୯ରେ ପ୍ରଥମକରି କର୍ନାଟକର ବେଲ୍ଲାରି ସହ ଆମେଠିରୁ ଲଢ଼ି ଜିତିଥିଲେ। ଦେଶରେ କଂଗ୍ରେସକୁ ପୁନର୍ଜୀବିତ କରିବା ପାଇଁ ଏହା ଥିଲା ଏକ ସଫଳ ଉଦ୍ୟମ। ଏବେ ମା’ ଓ ଜେଜେମା’ଙ୍କ ପଦାଙ୍କ ଅନୁସରଣ କରି ରାହୁଲ କେରଳର ଓ୍ବାୟନାଡ୍‌ରେ ନିର୍ବାଚନ ଲଢ଼ି ସମ୍ପୂର୍ଣ୍ଣ ଦକ୍ଷିଣ ଭାରତରେ ଦଳର ବିଜୟକୁ ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି। ଅନ୍ୟ ଏକ ଦୃଷ୍ଟିରୁ ବିଚାର କଲେ, ଦକ୍ଷିଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପେକ୍ଷା ରାହୁଲଙ୍କ ଲୋକପ୍ରିୟତା ଅଧିକ ରହିଛି ବୋଲି ଏକାଧିକ ଜନମତ ସର୍ଭେରୁ ଜଣାପଡ଼ିଛି। ସେହିପରି ଜନସଂଖ୍ୟା ଦୃଷ୍ଟିରୁ ଓ୍ବାୟନାଡ୍ ଲୋକ ସଭା ଆସନର ମୋଟ ଭୋଟରଙ୍କ ମଧ୍ୟରୁ ୪୫% ମୁସଲମାନ ହୋଇଥିବାବେଳେ ଆଦିବାସୀ ୧୦% ଓ ଖ୍ରୀଷ୍ଟିଆନ ୧୦%। ତେଣୁ ଏଠାରୁ ନିର୍ବାଚନ ଲଢ଼ି ରାହୁଲ ଏହି ସମୁଦାୟଗୁଡ଼ିକ ସହ ଅଛନ୍ତି ବୋଲି ସାରା ଦେଶକୁ ସନ୍ଦେଶ ଦେବାକୁ ଚାହାନ୍ତି।

## ଓ୍ବାୟନାଡ୍‌କୁ ବାଛିଲେ କାହିଁକି

**ଥିରୁଭାନନ୍ତପୁରମ,୩୧।୩:** କେରଳର ଓ୍ବାୟନାଡ୍ ୨୦୦୯ରେ ଲୋକ ସଭା ଆସନର ମାନ୍ୟତା ପାଇଥିଲା। ସେହିବର୍ଷ ସାଧାରଣ ନିର୍ବାଚନ ବେଳେ ଏହି ଆସନରୁ କଂଗ୍ରେସର ଏମ୍.ଆଇ. ଶାହନୱାଜ୍ ୧,୫୩,୪୩୯ ଭୋଟ ବ୍ୟବଧାନରେ ଜିତିଥିଲେ। ତେବେ ୨୦୧୪ରେ ତାଙ୍କ ଭୋଟ ବ୍ୟବଧାନ ୨୦,୮୭୦କୁ ଖସି ଆସିଥିଲା। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ଗତବର୍ଷ ଶାହନୱାଜ୍‌ଙ୍କ ପରଲୋକ ହୋଇଥିଲା। ସେବେଠୁ ଏହି ଆସନ ଖାଲିପଡ଼ିଛି। ତେଣୁ ଓ୍ବାୟନାଡ୍ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଇଁ ସୁରକ୍ଷିତ ଆସନ ମନେକରି ଏଠାରୁ ତାଙ୍କୁ ପ୍ରାର୍ଥୀ କରିବା ପାଇଁ ଗତ ସପ୍ତାହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାନ୍ ଚାଣ୍ଡି ପ୍ରସ୍ତାବ ଦେଇଥିଲେ। ଓ୍ବାୟନାଡ୍ ଆସନରୁ ସିପିଆଇ ପି.ପି. ସୁନୀରଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପାର ସହଯୋଗୀ ଦଳ ଭାରତ ଧର୍ମ ଜନସେନା (ବିଡିଜେଏସ୍)ରୁ ପଇଲେ ଭାଥିଆଙ୍କୁ ନିର୍ବାଚନ ଲଢୁଛନ୍ତି।




ଓ୍ବାୟନାଡ୍ ଅଧୀନରେ ୭ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ସେଗୁଡ଼ିକ ହେଲା ଓ୍ବାୟନାଡ୍ ଜିଲାର (୩) ମନନ୍ତଭାଡ଼ି, ସୁଲଥାନବାଥେରି ଓ କଲ୍‌ପେଟ୍ଟା ଏବଂ ମାଲାପ୍ପୁରମ୍ ଜିଲାର (୩) ଏର୍ନାଡ୍, ନିଲାମ୍ବୁର ଓ ଓ୍ବାଣ୍ଡୁର ନିର୍ବାଚନମଣ୍ଡଳୀ। ସେହିପରି କୋଜିକୋଡ୍‌ର ଥିରୁଭାମ୍‌ବାଡ଼ି ବିଧାନସଭା ଆସନ ମଧ୍ୟ ଓ୍ବାୟନାଡ୍ ଲୋକ ସଭା ଅନ୍ତର୍ଗତ। ରାହୁଲ ଓ୍ବାୟନାଡ୍‌ରୁ ପ୍ରାର୍ଥୀ ହେଲେ କେରଳର ୨୦ ସହ ତାମିଲନାଡୁର ୩୯ ଓ କର୍ନାଟକର ୨୮ ଲୋକ ସଭା ଆସନରେ ଏହାର ପ୍ରଭାବ ପଡ଼ିବ। ଏହାସହ ସମ୍ପୂର୍ଣ୍ଣ ଦକ୍ଷିଣ ଭାରତରେ ଦଳୀୟ କର୍ମୀ ଉତ୍ସାହିତ ହେବେ ବୋଲି କଂଗ୍ରେସ ଆଶା ବାନ୍ଧିଛି। ଓ୍ବାୟନାଡ୍‌ରେ ଏପ୍ରିଲ ୨୩ରେ ଭୋଟଗ୍ରହଣ କରାଯିବ। ଆମେଠିରେ ମେ ୬ରେ ମତଦାନ ଥିବାରୁ ଉଭୟ ଆସନରେ ପ୍ରଚାର ଓ ପ୍ରସ୍ତୁତି ଲାଗି ରାହୁଲଙ୍କୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି କଂଗ୍ରେସ ମନେକରୁଛି।

## ‘ରାହୁଲଙ୍କ ପରାଜୟ ଚାହୁଁ’

**ଥିରୁଭାନନ୍ତପୁରମ, ୩୧।୩(ପି.ଟି.):** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ଆମେଠି ସମେତ କେରଳର ଓ୍ବାୟନାଡ୍ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା କେବଳ ପ୍ରତିକାତ୍ମକ ଲଢ଼େଇ ନୁହେଁ। କେରଳରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ବାମଦଳ ଓ କଂଗ୍ରେସ ମଧ୍ୟରେ ହେଉଛି। ରାଜନୈତିକ ଚିତ୍ରପଟରେ ଭାଜପା ନାହିଁ। ତେଣୁ ରାହୁଲ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସହ ମେଣ୍ଟ କରି



ଭାଜପାକୁ ହରାଇବା ଜରୁରୀ ଥିଲା। ରାହୁଲ ଏଠାରୁ ଲଢ଼ିବା ପାଇଁ ନିଷ୍ପତ୍ତି ନେବା ପରେ ଆମେ ତାଙ୍କ ପରାଜୟ ଦେଖିବାକୁ ଚାହିଁବୁ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନରାୟି ବିଜୟନ୍ କହିଛନ୍ତି।

## ‘ପ୍ରତିଶ୍ରୁତିରୁ ଓହରିଯାଇଛି କଂଗ୍ରେସ’

**ଥିରୁଭାନନ୍ତପୁରମ, ୩୧।୩(ପି.ଟି.)-** କଂଗ୍ରେସ ଜାତୀୟ ସ୍ତରରେ ଭାଜପାକୁ ହରାଇବା ପାଇଁ ଦେଇଥିବା ପ୍ରତିଶ୍ରୁତିରୁ ଓହରିଯାଇଛି। ଏଥିପାଇଁ ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ୍ବାୟନାଡ୍ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆସୁଛନ୍ତି ବୋଲି ସିପିଆଇଏମ୍‌ର ପୂର୍ବତନ ମୁଖ୍ୟ ପ୍ରକାଶ କରାତ୍ କହିଛନ୍ତି। ସେହିପରି ସିପିଆଇଏମ୍ ରାଜ୍ୟ



ସମ୍ପାଦକ କୋଡିୟେରି ବାଲାକ୍ରିଷ୍ଣନ୍ କହିଛନ୍ତି, ରାହୁଲ ଓ୍ବାୟନାଡ୍ ଆସିବା ପରେ କେରଳର ସମସ୍ତ ୨୦ ଆସନରେ ବାମଦଳଗୁଡ଼ିକ ବିଜୟୀ ହେବେ। ଆମେଠିରେ ନିଜ ବିଜୟକୁ ନେଇ ସନ୍ଦେହରେ ଥିବାରୁ ରାହୁଲ ଏଠାକୁ ଆସୁଛନ୍ତି ବୋଲି ସେ ସମାଲୋଚନା କରିଛନ୍ତି।

# ଚୌକିଦାର ଉପରେ ଆସ୍ଥା ରଖ:ମୋଦି

**ନୂଆଦିଲ୍ଲୀ,୩୧।୩**

ନିଜ ଅର୍ଥର ସୁରକ୍ଷା ଲାଗି ଚୌକିଦାରଙ୍କ ଉପରେ ଆସ୍ଥା ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଭୋଟରମାନେ ୫ ବର୍ଷ ପୂର୍ବେ ତାଙ୍କୁ ଦେଶର ଚୌକିଦାର ଭାବେ ଚୟନ କରିଥିଲେ। ଦେଶବାସୀ ଦେଇଥିବା ଦାୟିତ୍ୱ ପୂରଣ ଲାଗି ସେ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି ‘ମେଁ ଭି ଚୌକିଦାର’ ପ୍ରଚାର ଅଭିଯାନରେ ଉଦ୍‌ବୋଧନ ଦେଇ କହିଛନ୍ତି। ତାଙ୍କ ପ୍ରହରାରେ ଜନସାଧାରଣଙ୍କ ଅର୍ଥରେ ଅନ୍ୟ କାହାକୁ ପଞ୍ଝା ମାରିବାକୁ ଦେବେନାହିଁ। ଚୌକିଦାର ଭାବେ ଦେଶର ସମ୍ପତ୍ତିକୁ ସୁରକ୍ଷିତ ରଖିବା ତାଙ୍କର ଦାୟିତ୍ୱ ବୋଲି ଦିଲ୍ଲୀର ତାଲକଟୋରା ଷ୍ଟାଡିୟମଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି।

ଦେଶକୁ ସୁରକ୍ଷା ଦେବାରେ କେବଳ ସେ ଏକା ଚୌକିଦାର ନୁହନ୍ତି, ପ୍ରତ୍ୟେକ ଭାରତୀୟ, ସେ ଦେଶ ଭିତରେ ଥାଆନ୍ତୁ କି ବାହାରେ, ଶିକ୍ଷିତ ହୁଅନ୍ତୁ କି ଅଶିକ୍ଷିତ, ଯୁବକ ହୁଅନ୍ତୁ ଅବା ବୃଦ୍ଧ, ସମସ୍ତେ ଜଣେ ଜଣେ ଚୌକିଦାର। ଟିକସ ଦେଉଥିବା ପ୍ରତ୍ୟେକ ଏହାର ଅଂଶୀଦାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଚୌକିଦାର ଏକ ବ୍ୟବସ୍ଥା ନୁହେଁ ଏହା ଏକ ବିଚାରଧାରା ବୋଲି ସେ ମତ ଦେଇଛନ୍ତି। ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଦେଶର ୫୦୦ ସ୍ଥାନରୁ ପ୍ରଧାନମନ୍ତ୍ରୀ ‘ମେଁ ଭି ଚୌକିଦାର’ ପ୍ରଚାର ଅଭିଯାନରେ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି।

ଭାଜପା ବିରୋଧରେ ଅନେକ ବିରୋଧୀ ଦଳ ମେଣ୍ଟ କରିବାକୁ ଉଦ୍ୟମ ଚଳାଇଥିଲେ। ସବୁ ଦଳର ନେତାଙ୍କ ପ୍ରଧାନମନ୍ତ୍ରୀ ହେବା ଅଭିଳାଷ ଥିବାରୁ ମେଣ୍ଟ ସଫଳ ହୋଇପାରୁନାହିଁ। ୨୦୧୪ରେ ଅନେକ ପ୍ରଧାନମନ୍ତ୍ରୀ ଦୌଡରେ ଥିଲେ। ଏଥର ଧାଡ଼ି ଆହୁରି ଲମ୍ବିଯାଇଛି ବୋଲି ମୋଦି କହିଛନ୍ତି।

# ଯମୁନା ପାର ହୋଇ ବୟାନ ନେଲେ ପୋଲିସ

**ନୋଇଡା,୩୧।୩(ପି.ଟି.)**

### କର୍ତ୍ତବ୍ୟର ଆହ୍ବାନ

କର୍ତ୍ତବ୍ୟର ଆହ୍ବାନ ଆଗରେ ଜୀବନକୁ ବାଜି ଲଗାଇଛନ୍ତି ନୋଇଡାର ଜଣେ ପୋଲିସ ଅଫିସର। ସେ ପାଦରେ ଚାଲି ଯମୁନା ନଦୀ ପାର ହୋଇ ଅପରପାର୍ଶ୍ୱରେ ଥିବା ଦଲେଲପୁର ଗ୍ରାମରେ ପହଞ୍ଚି ଏକ ମାମଲାରେ ଲୋକଙ୍କ ବୟାନ ରେକର୍ଡ କରିଛନ୍ତି। ଉକ୍ତ ଗାଁକୁ ଯୋଗାଯୋଗ ଏକ ବଡ଼ ସମସ୍ୟା। କୌଣସି ଅଭିଯୋଗ କିମ୍ବା ଫୋନ୍ କଲ୍ ଆସିଲେ ସେଠାରେ ପହଞ୍ଚିବା କଷ୍ଟକର ଏବଂ ଏଥିପାଇଁ ବହୁତ ସମୟ ଲାଗିଥାଏ ବୋଲି ସବ୍‌ଇନ୍‌ସ୍ପେକ୍ଟର ପ୍ରମୋଦ କୁମାର କହିଛନ୍ତି। ଦଲେଲପୁର ଯିବା ଲାଗି ସେ ଯମୁନା କୂଳରେ ପହଞ୍ଚିବାବେଳକୁ ଅନ୍ୟ ପାର୍ଶ୍ୱରେ ଗୋଟିଏ ମାତ୍ର ଡଙ୍ଗା ଥିଲା। ଉକ୍ତ ଡଙ୍ଗାକୁ ଏପଟକୁ ଆଣିବାକୁ କେହି ଲୋକ ନ ଥିଲେ। ତେଣୁ ଅଧିକ ସମୟ ଅପେକ୍ଷା ନ କରି ସେ ନଦୀରେ ପ୍ରବେଶ କରିଥିଲେ। ପେପର ଫାଇଲ, ବୁଟ୍‌ସ ଓ ଟ୍ରାଉଜର ଧରି ଅଣ୍ଟାଏ ପାଣିରେ ଥିବାବେଳର କେତେକ ସେଲ୍‌ଫି ମଧ୍ୟ ସେ ଦେଖାଇଛନ୍ତି। କିଛି ବାଟ ଯିବା ପରେ ତାଙ୍କୁ ବୋଟ୍ ମିଳିଥିଲା। ତେବେ କୂଳରେ ପହଞ୍ଚି ସେଠାରୁ ପୁଣି ୩-୪ କିଲୋମିଟର ଚାଲି ସେ ଦଲେଲପୁରରେ ପହଞ୍ଚିଥିଲେ। ତାଙ୍କର ଏଭଳି ଉଦ୍ୟମକୁ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

# ପ୍ରତିରକ୍ଷା ସାଟେଲାଇଟ୍ ‘ଏମିସାଟ୍’

**ଚେନ୍ନାଇ,୩୧।୩**

### ଶ୍ରୀହରିକୋଟାରୁ ଆଜି ଉତ୍କ୍ଷେପଣ

ସୋମବାର ସକାଳେ ପ୍ରତିରକ୍ଷା ସାଟେଲାଇଟ୍ ‘ଏମିସାଟ୍’ ଲଞ୍ଚ୍ ପାଇଁ ରବିବାରଠାରୁ ଅବଗଣନା ଆରମ୍ଭ ହୋଇଛି। ଏହା ଭାରତୀୟ ରକେଟ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେଇକିଲ୍ (ପିଏସ୍‌ଏଲ୍‌ଭି)ଠାରୁ ଭିନ୍ନ। ପ୍ରତିରକ୍ଷା ଉନ୍ନୟନ ଗବେଷଣା ସଂସ୍ଥା(ଡିଆରଡିଓ) ଦ୍ୱାରା ନିର୍ମିତ ଇଲେକ୍‌ଟ୍ରୋନିକ୍ ଇଣ୍ଟେଲିଜେନ୍ସ ସାଟେଲାଇଟ୍ ଏମିସାଟ୍ ଲଞ୍ଚ୍ ପାଇଁ ଅବଗଣନା ଆରମ୍ଭ ହୋଇଥିବା ଇଣ୍ଡିଆନ୍ ସ୍ପେସ୍ ଏଜେନ୍ସି ପକ୍ଷରୁ କୁହାଯାଇଛି।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ରକେଟ୍ ପୋର୍ଟରେ ରବିବାର ସକାଳ ୬ଟା ୨୭ରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏମିସାଟ୍ ସମେତ ଉକ୍ତ ରକେଟ୍ ୨୮ଟି ବିଦେଶୀ ଉପଗ୍ରହ ଲଞ୍ଚ୍ କରିବ। ପ୍ରଥମେ ୪୩୬ କିଲୋଗ୍ରାମ ବିଶିଷ୍ଟ ଏମିସାଟ୍‌କୁ ୭୪୯ କିଲୋମିଟର ଉଚ୍ଚ କକ୍ଷପଥରେ ସ୍ଥାପନ କରାଯିବ। ପରେ ଏହା ତଳକୁ ଖସି ୨୮ଟି ସାଟେଲାଇଟ୍‌କୁ ୫୦୪ କିଲୋମିଟର ଉଚ୍ଚତାରେ ସ୍ଥାପନ କରିବ। ୨୮ଟି ଅନ୍ତର୍ଜାତୀୟ ଉପଗ୍ରହ ମଧ୍ୟରୁ ଆମେରିକାର ୨୪ଟି, ଲିଥୁଆନିଆର ୨ଟି, ସ୍ପେନ୍ ଓ ସ୍ୱିଜରଲାଣ୍ଡରୁ ଗୋଟିଏ ଲେଖା ରହିଛି।



## ବିରୋଧୀ ରାଲିରେ ବର୍ଷିଲେ ଚନ୍ଦ୍ରାବାବୁ

# ଅପରାଧୀଙ୍କ ଚୌକିଦାର ମୋଦି

**ବିଶାଖାପାଟଣା,୩୧।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀରେ ‘ମେଁ ଭି ଚୌକିଦାର’ ପ୍ରଚାର ଅଭିଯାନ ଚଳାଇଥିବାବେଳେ ବିଶାଖାପାଟଣାରେ ବିରୋଧୀଦଳଗୁଡିକର ମିଳିତ ରାଲିରେ ତାଙ୍କୁ କ୍ଷମତାଚ୍ୟୁତ କରିବା ଲାଗି ଆହ୍ୱାନ ଦିଆଯାଇଛି। ଏହି ମେଗା ରାଲିରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ବାଲ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ମୋଦି ଅପରାଧୀ ଓ ଦୁର୍ନୀତିଗ୍ରସ୍ତଙ୍କ ଚୌକିଦାର ବୋଲି ଚନ୍ଦ୍ରାବାବୁ କହିଛନ୍ତି। ସେ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦେଉଛନ୍ତି। ମୋଦି ଯାହା କହନ୍ତି ତାହା କରନ୍ତି ନାହିଁ ଏବଂ ଯାହା କରନ୍ତି ତାହା କହନ୍ତି ନାହିଁ ବୋଲି ଟିଡିପି ଅଧ୍ୟକ୍ଷ କହିଛନ୍ତି। ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ପାହ୍ୟା ପ୍ରତିଶ୍ରୁତି ଦେଇ ସେ ରାଜ୍ୟବାସୀଙ୍କୁ ପ୍ରତାରିତ କରିଛନ୍ତି। କେନ୍ଦ୍ର ସହାୟତା ଦେଉ ନ ଥିଲେ ମଧ୍ୟ ଆନ୍ଧ୍ରର ବିକାଶ ଅଟକି ନାହିଁ। ଅହମ୍ମଦାବାଦଠାରୁ ବିଶାଖାପାଟଣା ଅଧିକ ସୁନ୍ଦର ସହରରେ ପରିଣତ ହୋଇଛି, ଯେଉଁଥିପାଇଁ ମୋଦି ଈର୍ଷାନ୍ୱିତ ବୋଲି ଚନ୍ଦ୍ରାବାବୁ କହିଥିଲେ।




୨୦୧୪ରେ ନରେନ୍ଦ୍ର ମୋଦି ସରକାର କ୍ଷମତାକୁ ଆସିବା ପରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଭଳି ଅବସ୍ଥା ସୃଷ୍ଟି ହୋଇଥିବା ଆମ୍ ଆଦମୀ ପାର୍ଟି ଆବାହକ କେଜ୍‌ରିଓ୍ବାଲ କହିଛନ୍ତି। ପାକିସ୍ତାନ ୭୦ ବର୍ଷ ଧରି ଉଦ୍ୟମ କରି ଭାରତୀୟଙ୍କୁ ଭାଗ ଭାଗ କରିବାରେ ବିଫଳ ହୋଇଥିବାବେଳେ ମୋଦି ଓ ଅମିତ ଶାହ ଯୋଡି ଗତ ୫ ବର୍ଷରେ ତାହା ସଫଳ କରାଇଛନ୍ତି। ସେମାନେ ସାମ୍ପ୍ରଦାୟିକ ସଂଘର୍ଷ ଲଗାଉଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶରେ ନେତାଙ୍କ ଅଭାବ ନାହିଁ। ନିର୍ବାଚନ ପରେ ବିରୋଧୀ ମେଣ୍ଟ ପ୍ରଧାନମନ୍ତ୍ରୀ ଚୟନ କରିବ। ଏଥିପାଇଁ ପ୍ରଶ୍ନ କରିବାକୁ ମୋଦି କିଏ ବୋଲି ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀ କହିଛନ୍ତି। ମୋଦି, ଶାହଙ୍କୁ ସମର୍ଥନ ନ ଦେବାକୁ ମମତା ଭାଜପାର ସହଯୋଗୀ ସଂଗଠନଗୁଡ଼ିକୁ ନିବେଦନ କରିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ଗୋଟିଏ ବି ଆସନ ଜିତିବ ନାହିଁ ଏବଂ ଲୋକ ସଭାରେ ୧୨୫ ସଂଖ୍ୟା ଅତିକ୍ରମ କରିବ ନାହିଁ ବୋଲି ମମତା କହିଛନ୍ତି।

- **ଦେଶରେ ଜରୁରୀ ପରିସ୍ଥିତି ଭଳି ଅବସ୍ଥା: କେଜ୍‌ରିଓ୍ବାଲ**
- **ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ପଚାରିବାକୁ ମୋଦି କିଏ: ମମତା**

### ଇତିହାସର ଆଇନାରେ

**ଏପ୍ରିଲ ୧ର ପ୍ରମୁଖ ଘଟଣା**

୨୦୦୧ ଏପ୍ରିଲ ୧ରେ ନେଦରଲାଣ୍ଡସ୍‌ରେ ସମଲିଙ୍ଗୀ ବିବାହ ଆଇନସମ୍ମତ ହୋଇଥିଲା। ନେଦରଲାଣ୍ଡସ୍ ୟୁରୋପର ଉତ୍ତରପଶ୍ଚିମ ଭାଗରେ ଅବସ୍ଥିତ। ଏହା ୧୨ଟି ପୃଥକ୍ ପ୍ରଦେଶକୁ ନେଇ ଗଠିତ। ଏହାର ପୂର୍ବ ଭାଗରେ ଜର୍ମାନୀ, ଦକ୍ଷିଣରେ ବେଲଜିୟମ୍, ଉତ୍ତରପଶ୍ଚିମରେ ଉତ୍ତର ସାଗର ରହିଛି। ନେଦରଲାଣ୍ଡସ୍‌ର ସରକାରୀ ଭାଷା ଡଚ୍।

୨୦୦୪ ଏପ୍ରିଲ ୧ରେ ଗୁଗଲ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜିମେଲ୍ ସେବା ଘୋଷଣା କରିଥିଲା। ଜିମେଲ୍ ହେଉଛି ଏକ ମାଗଣା ଇମେଲ୍ ସେବା। ଏହା ଗୁଗଲ୍ ଦ୍ୱାରା ବିକାଶ କରାଯାଇଥିଲା। ବ୍ୟବହାରକାରୀମାନେ ଓ୍ବେବ୍‌ରେ ଜିମେଲ୍ ଆକ୍‌ସେସ୍ କରିପାରିବେ। ଜିମେଲ୍ ସମ୍ପର୍କିତ ପରୀକ୍ଷାନିରୀକ୍ଷା ୨୦୦୯ ଜୁଲାଇ ୭ରେ ଶେଷ ହୋଇଥିଲା।

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଏପ୍ରିଲ ୧/୨୦୧୯ | Dhenkanal, Monday, April 1 / 2019 | (ପୃଷ୍ଠା-୧)




**‘କବିର ସିଂ’ରେ କିୟାରା ଆଡଭାନୀ**

ଅଭିନେତ୍ରୀ କିୟାରା ଆଡଭାନୀଙ୍କୁ ଆଗାମୀ ଫିଲ୍ମ ‘କବିର ସିଂ’ରେ ଶାହିଦ କପୁରଙ୍କ ସହ ଦେଖିବାକୁ ମିଳିବ।

୦୩

୧୩

**ୱାର୍ନରଙ୍କ ଅପରାଜିତ ଶତକ**

ସନରାଇଜର୍ସ ହାଇଦ୍ରାବାଦର ଡେଭିଡ ୱାର୍ନର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ଆଇପିଏଲ ମ୍ୟାଚରେ ଅପରାଜିତ ଶତକ ହାସଲ କରିଛନ୍ତି।




ବିଜୁ ଜନତା ଦଳ

ଆମ ଚାଷୀଙ୍କୁ ମିଳୁନି ଶସ୍ୟ ବୀମା ।
ଫାଇଦା ନେଉଛନ୍ତି ଘରୋଇ ବୀମା କମ୍ପାନୀ ।
ଆମ କୃଷକଙ୍କ ପ୍ରତି କେନ୍ଦ୍ରର ଦରଦ ଏମିତି
ଓଡ଼ିଶାର ହକ୍ ପାଇଁ ଲଢ଼ିବା
୨୧ ରୁ ୨୧ ରେ ‘ଶଙ୍ଖ’କୁ ଜିତାଇବା ।


## ■ ବିଜେଡିର ୯ ପ୍ରାର୍ଥୀଙ୍କ ନାମ ଘୋଷଣା

# ଝୁଲିରହିଲା ୧୯ ଆସନ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ଦଳର ସମସ୍ତଙ୍କୁ ଯେପରି ସନ୍ତୁଷ୍ଟ କରିହେବ, ସେ ନେଇ ସଭାପତି ନବୀନ ପଟ୍ଟନାୟକ ଭାବିଚିନ୍ତି ତାଲିକା ଘୋଷଣା କରୁଛନ୍ତି। ନାମାଙ୍କନ ଦାଖଲ ପାଇଁ ଖୁବ୍ କମ୍ ସମୟ ଥିବାବେଳେ ନବୀନ ରବିବାର ସନ୍ଧ୍ୟାରେ ବଳକା ୨୮ ଆସନରୁ ମାତ୍ର ୯ଟି ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ବାକି ୧୯ଟି ଆସନରେ ପ୍ରାର୍ଥୀ ଘୋଷଣା ଝୁଲି ରହିଲା। ଘୋଷିତ ୯ ଆସନ ମଧ୍ୟରୁ ୫ଟି ସ୍ଥାନରେ ପ୍ରାର୍ଥୀ ବଦଳା ଯାଇଛି। ଜଗତ୍‌ସିଂହପୁର ଜିଲା ବାଲିକୁଦା-ଏରସମାରୁ ପ୍ରଶାନ୍ତ ମୁଦୁଲିଙ୍କ ବଦଳରେ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଆସନରେ ପୂର୍ବ ପରାଜିତ ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ବଦଳରେ ପ୍ରଶାନ୍ତ ମୁଦୁଲି, ବାଲେଶ୍ୱର ନୀଳଗିରିରୁ ସୁକାନ୍ତ ନାୟକଙ୍କ ବଦଳରେ ସନ୍ତୋଷ ଖଟୁଆ, ଭଦ୍ରକ ଧାମନଗରର ମୁକ୍ତିକାନ୍ତ ମଣ୍ଡଳଙ୍କ ସ୍ଥାନରେ ରାଜେନ୍ଦ୍ର ଦାସ ଏବଂ କେନ୍ଦୁଝର ଜିଲା ଆନନ୍ଦପୁରରେ ମାୟାଧର ଜେନାଙ୍କ ସ୍ଥାନରେ ଭାଗୀରଥି ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ସୁକାନ୍ତ ନାୟକ ବର୍ତ୍ତମାନ ଭାଜପାରେ ଯୋଗଦେଇଛନ୍ତି। ବିଜେଡି ଅଧିକାଂଶ ସ୍ଥାନରେ ପୁରୁଣା ବିଧାୟକଙ୍କୁ ସୁଯୋଗ ଦେଇଛି। ପୁନର୍ବାର ଟିକେଟ ପାଇବାକୁ ସକ୍ଷମ ହୋଇଥିବା ବିଧାୟକମାନେ ହେଉଛନ୍ତି- ସମୀର ରଞ୍ଜନ ଦାଶ (ନିମାପଡ଼ା), ସୁରେନ୍ଦ୍ର ସେଠୀ (କାକଟପୁର), ପ୍ରଦୀପ ମହାରଥୀ (ପିପିଲି) ଏବଂ ପ୍ରମୋଦ ମଲିକ (ନିଆଳି)।

ଚାଷୀ ଆତ୍ମହତ୍ୟା ଓ ବେବିନା ଗଣବଳାତ୍କାର ପ୍ରସଙ୍ଗରେ ବିବାଦୀୟ ହୋଇପଡିଥିବା ମହାରଥୀଙ୍କୁ ଦଳ ପୁଣି ଟିକେଟ ଦେଇଛି। ଶୀର୍ଷ ନେତୃତ୍ୱସ୍ତରରେ ତାଙ୍କ ଟିକେଟ କାଟିବା ପାଇଁ ଯୋଜନା କରାଯାଉଥିଲା। ଏମିତି କି ମହାରଥୀଙ୍କ ବଦଳରେ ତାଙ୍କ ପତ୍ନୀ କିମ୍ବା ସନ୍ଧ୍ୟାବତୀ ପ୍ରଧାନଙ୍କୁ ପ୍ରାର୍ଥୀ କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ସେହିପରି ନିଆଳିରେ ପ୍ରବଳ ବିରୋଧ ସତ୍ତ୍ୱେ ପ୍ରମୋଦଙ୍କୁ ପ୍ରାର୍ଥୀ କରାଯାଇଛି। ଜଗତ୍‌ସିଂହପୁର ଜିଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ ଜଗତ୍‌ସିଂହପୁରରେ ପ୍ରାର୍ଥୀ କରାଯାଇଛି, ଯାହାକୁ ନେଇ ଭିନ୍ନ ରାଜନୈତିକ ଚର୍ଚ୍ଚା ଶୁଣିବାକୁ ମିଳିଛି। ବିଜେଡିର କିଛି ପ୍ରମୁଖ ନେତା କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବଙ୍କୁ ଉକ୍ତ ସ୍ଥାନରେ ଜିତାଇବାକୁ ମସୁଧା କରୁଛନ୍ତି। ତେଣୁ ସେଠାରେ ପ୍ରଶାନ୍ତଙ୍କୁ ରାଜନୈତିକ ଭାବେ ଦୁର୍ବଳ କରିବା ପାଇଁ ପ୍ରାର୍ଥୀ କରାଯାଉଥିବା ଆଲୋଚନା ହୋଇଛି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକ ନିଜ ସମର୍ଥନରେ କାକଟପୁରରେ ସ୍ୱାଧୀନ ପ୍ରାର୍ଥୀ ଛିଡା କରାଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଲାଣି। ତେଣୁ ଦଳୀୟ ଅସନ୍ତୋଷକୁ ହ୍ରାସ କରି ପୁନର୍ବାର ପ୍ରାର୍ଥୀ ହୋଇଥିବା ବିଧାୟକମାନେ କେତେ ସଫଳ ହେଉଛନ୍ତି, ତାହା ସମୟ କହିବ।

### ୫ ବିଧାୟକଙ୍କୁ ପୁଣି ସୁଯୋଗ

- ବାଲିକୁଦା-ଏରସମାରୁ ରଘୁନନ୍ଦନ, ନୀଳଗିରିରୁ ସନ୍ତୋଷ ଖଟୁଆ
- ଜଗତ୍‌ସିଂହପୁରରେ ଲଢ଼ିବେ ପ୍ରଶାନ୍ତ, ଆନନ୍ଦପୁରରୁ ଭାଗୀରଥି

### ବିଜେଡି ପ୍ରାର୍ଥୀ ତାଲିକା

୧.ପିପିଲି: ପ୍ରଦୀପ ମହାରାଥୀ
୨.ନିମାପଡ଼ା: ସମୀର ରଞ୍ଜନ ଦାଶ
୩.କାକଟପୁର: ସୁରେନ୍ଦ୍ର ସେଠୀ
୪.ନିଆଳି: ଡା. ପ୍ରମୋଦ ମଲ୍ଲିକ
୫.ଆନନ୍ଦପୁର: ଭାଗୀରଥି ସେଠୀ
୬.ନୀଳଗିରି: ସନ୍ତୋଷ ଖଟୁଆ
୭.ଧାମନଗର: ରାଜେନ୍ଦ୍ର କୁମାର ଦାସ
୮.ବାଲିକୁଦା-ଏରସମା: ରଘୁନନ୍ଦନ ଦାସ
୯.ଜଗତ୍‌ସିଂହପୁର: ପ୍ରଶାନ୍ତ ମୁଦୁଲି

# ବିଜେଡିରୁ ରଘୁ ମହାନ୍ତିଙ୍କ ଇସ୍ତଫା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

- ଭାଜପା ଯିବା ନେଇ ଚର୍ଚ୍ଚା ଜୋର
- ବଦଳୁଛି ବାଲେଶ୍ୱର ଜିଲା ସମୀକରଣ



ବିଜେଡି ଉପସଭାପତି ରଘୁନାଥ ମହାନ୍ତି ରବିବାର ଦଳରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫାକୁ ବ୍ୟକ୍ତିଗତ କାରଣ ବୋଲି ଦର୍ଶାଇଥିଲେ ମଧ୍ୟ ବିଜେଡି ଉପରେ ଖୁବ୍ ବର୍ଷିଛନ୍ତି। ଦଳରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଶନିବାର ରଘୁନାଥ ଉଠାଜଳସେଚନ ନିଗମ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ବାଲେଶ୍ୱର ଜିଲା ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ପାଇଁ ରଘୁ ପ୍ରଚେଷ୍ଟା କରୁଥିଲେ। ହେଲେ ସେ ନେଇ ଦଳରେ କୌଣସି ସହମତି ଆସିପାରିନାହିଁ। ଦଳ ଉପରେ ଚାପ ପ୍ରୟୋଗ ପାଇଁ ନିଗମ ପଦରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଥିଲା। ହେଲେ ନିଜ ଟିକେଟ୍ ନେଇ କୌଣସି ସକାରାତ୍ମକ ସଙ୍କେତ ରବିବାର ସୁଦ୍ଧା ରଘୁଙ୍କୁ ମିଳି ନ ଥିଲା। ତେଣୁ ନିଜର ରାଜନୈତିକ ଭବିଷ୍ୟତ ପାଇଁ ବିଜେଡି ଛାଡିବା ନିଷ୍ପତ୍ତି ନେଇଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ।

ରଘୁ ବିଜେଡିରୁ ଯିବା ପରେ ବାଲେଶ୍ୱର ରାଜନୀତି ଭିନ୍ନ ମୋଡ଼ ନେଇଛି। ବିଜେଡି ବିରୋଧରେ ବିଷୋଦ୍‌ଗାର କରିଥିବାରୁ ରଘୁ ଭାଜପାରେ ଯୋଗଦେବା ଚର୍ଚ୍ଚା ଜୋର ଧରିଲାଣି। କେତେକ ନେତା ତାଙ୍କୁ ଭାଜପା ପକ୍ଷରୁ ବସ୍ତାରୁ ବିଧାନସଭା ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବାକୁ ପରାମର୍ଶ ଦେଇଛନ୍ତି। ହେଲେ ଏଯାବତ୍ ରଘୁ ନିଜର ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ନେଇ ମୁହଁ ଖୋଲି ନାହାନ୍ତି। ଭାଜପା ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ☞ପୃଷ୍ଠା-୨

## ପାନ-ଆଧାର ସଂଯୋଗ ସମୟସୀମା ବଢ଼ିଲା

ନୂଆଦିଲ୍ଲୀ,୩୧।୩

କେନ୍ଦ୍ର ସରକାର ରବିବାର ପାନ-ଆଧାର ସଂଯୋଗ ସମୟସୀମାକୁ ଆହୁରି ୬ ମାସ ଅର୍ଥାତ୍ ଆସନ୍ତା ସେପ୍ଟେମ୍ବର ୩୦ ଯାଏ ବୃଦ୍ଧି କରିଛନ୍ତି। ଏ ସମ୍ପର୍କରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ପକ୍ଷରୁ ଆନୁଷ୍ଠାନିକ ଭାବେ ଏକ ବିବୃତି ଜାରି କରାଯାଇଛି। ସରକାର ଷଷ୍ଠ ଥର ପାଇଁ ଏହି ସମୟସୀମା ବଢ଼ାଇଥିବା ଏଥିରେ କୁହାଯାଇଛି। ସୂଚନାଥାଉ କି, ଚଳିତ ବର୍ଷ ମାର୍ଚ୍ଚ ୩୧ ଆଧାର ସହ ପାନ ସଂଯୋଗର ଶେଷ ସମୟସୀମା ବୋଲି କେନ୍ଦ୍ର ସରକାର ଗତବର୍ଷ ଜୁନ୍‌ରେ ଘୋଷଣା କରିଥିଲେ। ସିବିଡିଟି ପକ୍ଷରୁ ତାରିଖକୁ ଆସନ୍ତା ୬ ମାସ ପାଇଁ ବଢ଼ାଇ ଦିଆଯାଇଛି। ତେବେ ଏପ୍ରିଲ ପହିଲାରୁ ଆୟକର ରିଟର୍ନ ଦାଖଲ ବେଳେ ଆଧାର ନମ୍ବର ଉଲ୍ଲେଖ କରିବା ବାଧ୍ୟତାମୂଳକ ବୋଲି ସିବିଡିଟି ସ୍ପଷ୍ଟ କରିଛି।

### ଆଜିର ସମ୍ପାଦକୀୟ

## ରାଜନୈତିକ ଏଲ୍ ନିନ୍ୟୋ






**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଉତ୍କଳ ଦିବସ - ୨୦୧୯ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ (signature)
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-299
15001/13/0613/1819


### ଆଜିର ମନ୍ତବ୍ୟ

“ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଅପେକ୍ଷା ଅଧିକ ପ୍ରଚାରମନ୍ତ୍ରୀ। ଅହଂକାର ପାଇଁ ସେ ଅସୁବିଧାରେ ପଡୁଛନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

୨୦୧୭-୧୮ରେ ଭାରତ ଆମେରିକାକୁ ୪୭.୯ ବିଲିୟନ ଡଲାରର ସାମଗ୍ରୀ ରପ୍ତାନି କରିଥିବା ବେଳେ ୨୬.୭ ବିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଛି। - ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 31.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers


## ■ ବାମପନ୍ଥୀଙ୍କୁ କଂଗ୍ରେସର ଚ୍ୟାଲେଞ୍ଜ

# ୱାୟନାଡ୍‌ରୁ ନିର୍ବାଚନ ଲଢ଼ିବେ ରାହୁଲ

ନୂଆଦିଲ୍ଲୀ/ୱାୟନାଡ୍,୩୧।୩(ପି.ଟି./ଆଇଏଏନ୍‌ଏସ୍)

### ନିଷ୍ପତ୍ତି ପରେ ରାଜନୀତି ସରଗରମ

- ଆମେଠିରୁ ବି ପ୍ରତିଦ୍ୱନ୍ଦ୍ୱିତା କରିବେ କଂଗ୍ରେସ ମୁଖ୍ୟ
- ପରାଜୟ ଭୟରେ ପଳାୟନ: ଭାଜପା
- ୱାୟନାଡ୍‌ରେ ରାହୁଲଙ୍କୁ ହରାଇବା ପାଇଁ ଅଣ୍ଟା ଭିଡ଼ିଲେ ବାମଦଳ





କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଥର ଏକକାଳୀନ ଦୁଇଟି ଆସନରେ ନିର୍ବାଚନ ଲଢ଼ିବେ। ସେ ଉତ୍ତରପ୍ରଦେଶର ଆମେଠି ସମେତ କେରଳର ୱାୟନାଡ୍ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ରବିବାର କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସାଧାରଣ ନିର୍ବାଚନ ପାଇଁ ଜାତୀୟ ରାଜନୀତି ସରଗରମ ଥିବାବେଳେ କଂଗ୍ରେସର ଏହି ବଡ଼ ନିଷ୍ପତ୍ତି ପାଣିପାଗରେ ଉଷ୍ମତା ଭରିଦେଇଛି। ଆମେଠିରେ ପରାଜୟ ନିଶ୍ଚିତ ବୋଲି ଜାଣିବା ପରେ ରାହୁଲ ରଣକ୍ଷେତ୍ର ଛାଡ଼ି ୱାୟନାଡ୍‌କୁ ପଳାୟନ କରିଛନ୍ତି ବୋଲି ଭାଜପା ସମାଲୋଚନା କରିଛି। ସେପଟେ କେରଳର ବାମପନ୍ଥୀ ଦଳଗୁଡ଼ିକ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ରାହୁଲଙ୍କୁ ଏହି ଆସନରୁ ହରାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି।

ରାହୁଲ ୱାୟନାଡ୍‌ରୁ ନିର୍ବାଚନ ଲଢ଼ିବା ନେଇ ନୂଆଦିଲ୍ଲୀରେ ରବିବାର କେରଳର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ଏ.କେ. ଆଣ୍ଟୋନି ଘୋଷଣା କରି ଖୁସିବ୍ୟକ୍ତ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଦକ୍ଷିଣ ଭାରତର ଏକ ଆସନରୁ ରାହୁଲ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ ବୋଲି କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଲଗାତର ଅନୁରୋଧ କରିଆସୁଥିଲେ। କର୍ଣାଟକ, ତାମିଲନାଡୁ ଓ କେରଳରୁ ଏଭଳି ଦାବି ବାରମ୍ବାର ଆସିବା ପରେ କଂଗ୍ରେସ ଏନେଇ ଅନୁଧ୍ୟାନ କରିଥିଲା। ଉକ୍ତ ଦାବିକୁ ଅଣଦେଖା କରିବା ☞ପୃଷ୍ଠା-୨




ଚାଷ ଓ ଚାଷୀଙ୍କ ସମୃଦ୍ଧି ପାଇଁ ତତ୍ପର
ମୋଦି ସରକାର
ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା
ମୋଦି ଅଛନ୍ତି ତ ସବୁ ସମ୍ଭବ
ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
ବିଜେପି
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ
Issued by BJP, 4R-3/2, Kharavel Nagar, Unit-3, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡୁଲି
ପରିବାରବର୍ଗ


ସତ୍ୟଦୀପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified




**SALE**

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ସୁନ୍ଦରପଦା Xavier University ପଶ୍ଚପଟେ ବେଶାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

ଭୁବନେଶ୍ୱର KEC, ଗୁଡିଆପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ବିଆଯାଉଅଛି। 7008045582, 9692003948. D-11895

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Sthitiban 32'X28' plot for sale at Sasan Padia Old Town Bhubaneswar. 9937950024. D-62173

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/- BEC Collegeଠାରେ 1200କୁ 3,00,000/- (out-right). 9776934361, 8144706560. D-66317

Gharabari individual plots at Pahal, Balianta, ITER Jagamara commercial plots Satya vihar (72 lac) Hanspal, duplex Hanspal, Palasuni, Patia for immdediate sale with Bank finance. Details: 9040605900 (ବିଶ୍ୱ). ଧ-୧୧୯୯୩

Now Matrimonial ads. only on Wednesday & Sunday
Book 1 Get 1 FREE




2 bedroom, 2 toilet, 1 kitchen, 1 God room at GGP Colony Contact: 9937021015. D-11912




Newly ayurvedic full body massage full ladies, gents home service. 8117833107. D-38552




ଘରେରହି Distance course କରିପାରିବେ। BAMS, BHMS, BUMS, D.Pharma, Nursing, B.Tech, MBA, MCA, B.Ed, D.Ed, M.Ed, BA, B.Com, B.Sc, MA. Call: 9893869473. D-66061



**ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା**


(ମାମୁନ୍)
ଅଙ୍କିତା ମହାପାତ୍ର
ଭୁବନେଶ୍ୱର

ଧ-୧୧୯୨୧

**ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା**


ବିଶ୍ୱଜିତ ରାଉତ

ଧ-୧୧୯୨୨

**ନବମ ଜନ୍ମବାର୍ଷିକୀ ଶୁଭେଚ୍ଛା**


(ଅମନ)
ବିଶ୍ୱାସ କୁମାର ସେଠୀ

ଧ-୧୧୯୩୪

**ଶୁଭ ବ୍ରତୋପନୟନ**


ସ୍ୱାଗତ ମହାପାତ୍ର (ଶିବା)
ସେବକସାହି, ସାକ୍ଷୀଗୋପାଳ

ଧ-୩୪୭୯୭

**ଶୁଭ ବ୍ରତୋପନୟନ**


ସାର୍ଥକ ମହାପାତ୍ର (ନମଃ)
ସେବକସାହି, ସାକ୍ଷୀଗୋପାଳ

ଧ-୩୪୭୯୭



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ବିବେକିତ ଓ ନିଜର ବିବେକ ଖାଟଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଅଧ୍ୟାପକ ରମେଶ ଚନ୍ଦ୍ର ରଣସିଂହଙ୍କୁ ଡକ୍ଟରେଟ ଉପାଧି



ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ରଣସିଂହ, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର, ଭୁବନେଶ୍ୱରରୁ ଓଡ଼ିଆଭାଷା ସାହିତ୍ୟରେ ସମ୍ମାନଜନକ ଡକ୍ଟରେଟ ଉପାଧି ଲାଭ କରିଛନ୍ତି । ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.କିଶୋର ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭ ''ଗାଳ୍ପିକ-ଦେବବ୍ରତ ରାୟ ଏକ ଅନୁଶୀଳନ'', କଲିକତା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ଭୂୟାଁ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ତେଣୁ ବିଶ୍ୱବିଦ୍ୟାଳୟର ଅଣଚାଷଠତମ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡ.ରଣସିଂହଙ୍କୁ ପିଏଚ୍.ଡ଼ି. ଉପାଧି ପ୍ରଦାନ କରିଛନ୍ତି, ଡ.ରଣସିଂହ ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ, ପାଇକ ସାହି ଗ୍ରାମର ଶ୍ରୀମତୀ ସାଧବାଣୀ ରଣସିଂହ, ଶ୍ରୀଯୁକ୍ତ ବଂଶୀଧର ରଣସିଂହଙ୍କ ତୃତୀୟ ପୁତ୍ର ଅଟନ୍ତି । ସଂପ୍ରତି ସେ ରାମଚନ୍ଦ୍ର କଳ୍ପନା ମହାବିଦ୍ୟାଳୟ, ପ୍ରକୃତି ବିହାର, କମାଗୁରୁରେ ଅଧ୍ୟାପକ ରୂପେ କାର୍ଯ୍ୟରତ । ଏହି ସଫଳତା ଈଶ୍ୱରଙ୍କ ଆଶୀର୍ବାଦ ଏବଂ ତାଙ୍କ ପରିବାର, ବନ୍ଧୁବର୍ଗଙ୍କ ସହଯୋଗ ତଥା ଶୁଭେଚ୍ଛା ଯୋଗୁ ସମ୍ଭବ ହୋଇଛି। ସେ ସଫଳତାର ଶ୍ରେୟ ତାଙ୍କ ଛାତ୍ର ଜୀବନର ସମସ୍ତ ଗୁରୁଙ୍କୁ ପ୍ରଦାନ କରିଛନ୍ତି । ଗବେଷଣା ଓ ଆର୍ଥିକ କ୍ଷେତ୍ରରେ ସହଯୋଗ ପାଇଁ ନିତ୍ୟାନନ୍ଦ ସାର, କପିଳେଶ୍ୱର ସାର, ସୁରେନ୍ଦ୍ର ସାର, ଶରତ ସାର, କାଳିନ୍ଦୀ ସାର, ବିଜୟ ସାର, ସଂଯୁକ୍ତା ମାଡାମ, ଦେବରାଜ ସାର, ବେଣୁଶ୍ୱର ସାର, ସନ୍ତୋଷ ସାର, ଲିଙ୍ଗରାଜ ସାର ଏବଂ ଦେବାଶିଷ ବାବୁ ତଥା ମହାବିଦ୍ୟାଳୟ ଓ ବ୍ରିଗେଡ ବିଦ୍ୟାଳୟର ସମସ୍ତ ହିତାକାଂକ୍ଷୀ ଓ ଶୁଭେଚ୍ଛୁମାନଙ୍କୁ ସେ ମଧ୍ୟ ଯଥାଯୋଗ୍ୟ ସମ୍ମାନ ଜଣାଇଅଛିନ୍ତି।

ଧ-୧୧୯୦୨

# ୨ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି, ବିଏସ୍‌ପି ମୁଖ୍ୟ ମାୟାବତୀ

**ଜମିବ ହେଭିୱେଟ୍‌ଙ୍କ ପ୍ରଚାର**
- ଆଜି ଆସୁଛନ୍ତି ଶାହ
- ୬ରେ ପୁଣି ମୋଦି
- ଚଳିତ ସପ୍ତାହରେ ରାହୁଲଙ୍କ ଗସ୍ତ ସମ୍ଭାବନା

ଭୁବନେଶ୍ୱର,୩୧ ।୩(ବ୍ୟୁରୋ)

ଏପ୍ରିଲ ମାସରେ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଏହା ପୂର୍ବରୁ ଜାତୀୟସ୍ତରର ହେଭିୱେଟ୍‌ଙ୍କ ଭିଡ଼ ରାଜ୍ୟରେ ଦେଖିବାକୁ ମିଳିବ। ରାଜ୍ୟର ପ୍ରମୁଖ ଆଞ୍ଚଳିକ ଦଳ ବିଜେଡି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ନିର୍ଭରଶୀଳ। ହେଲେ ଭାଜପା, କଂଗ୍ରେସ, ସିପିଆଇ-ସିପିଏମ୍ ଏବଂ ବିଏସ୍‌ପି ଜାତୀୟସ୍ତର ନେତାଙ୍କୁ ପ୍ରଚାରକୁ ଆଣିବ। ଏପରି କି ଏପ୍ରିଲ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଏସ୍‌ପି ମୁଖ୍ୟ ମାୟାବତୀ ଓଡ଼ିଶା ଆସୁଛନ୍ତି। ପଶ୍ଚିମ ଓଡ଼ିଶାରେ ମୋଦିଙ୍କ ରାଜନୈତିକ ସଭା ଥିବା ବେଳେ ମାୟାବତୀ ରାଜଧାନୀ ଭୁବନେଶ୍ୱରରେ ସାଧାରଣ ସଭା କରିବେ। ମୋଦିଙ୍କ ଗସ୍ତ ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ମାୟାବତୀଙ୍କ ଗସ୍ତ ନେଇ ରବିବାର ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ପ୍ରଧାନମନ୍ତ୍ରୀ ମୋଦି ନବୀନ ପଟ୍ଟନାୟକ ଏବଂ ବିଜେଡିକୁ ସମାଲୋଚନା କରିଆସୁଛନ୍ତି। ଉଭୟ ଦଳ କେନ୍ଦ୍ର ଓ ରାଜ୍ୟରେ ନିଜ ସରକାର ଗଢ଼ିବା ପାଇଁ ଭୋଟ ନିବେଦନ କରୁଛନ୍ତି। ହେଲେ ମାୟାବତୀ ବିଏସ୍‌ପି ଭଳି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳର ପ୍ରତିନିଧିତ୍ୱ କରୁଛନ୍ତି। ବିଜେଡି ଭଳି ସେ ଉଭୟ କଂଗ୍ରେସ ଓ ଭାଜପାଠାରୁ ସାମ୍ପ୍ରତିକ ପରିସ୍ଥିତିରେ ଦୂରେଇ ରହିଛନ୍ତି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ବିଜେଡି ଜାତୀୟ ରାଜନୀତିରେ ପ୍ରମୁଖ ଭୂମିକା ନେବ ବୋଲି ମନ୍ତବ୍ୟ ଦେଇଥିଲେ। ଏପରି କି ବିଜେଡି ୨୧ରୁ ୨୧ ଲୋକ ସଭା ଆସନ ଜିତିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାଜପା ଏବଂ କଂଗ୍ରେସକୁ ବାଦ୍ ଦେଇ ଅନ୍ୟ ଆଞ୍ଚଳିକ ଦଳ ଯେପରି କେନ୍ଦ୍ରରେ ସରକାର ଗଢ଼ିବାରେ ପ୍ରମୁଖ ଭୂମିକା ନେବେ, ସେନେଇ ମାୟାବତୀ ଚେଷ୍ଟା କରୁଛନ୍ତି। ତେଣୁ ମାୟାବତୀଙ୍କ ବକ୍ତବ୍ୟରେ ନବୀନଙ୍କ ପ୍ରତି କି ଆଭିମୁଖ୍ୟ ରହିଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଓଡ଼ିଶା ଶାଖା ବିଏସ୍‌ପି ମୁଖ୍ୟ ଟଙ୍କଧର ବାଗ କହିଛନ୍ତି ଯେ, ରାଜ୍ୟର ଅଧିକାଂଶ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେବ। ମାୟାବତୀ କିଛି ପ୍ରମୁଖ ଆସନର ପ୍ରାର୍ଥୀଙ୍କ ନାଁ ସଭାରେ ଘୋଷଣା କରିପାରନ୍ତି ବୋଲି ବାଗ୍ କହିଛନ୍ତି। ସେହିପରି କିଛିଦିନ ତଳେ କଂଗ୍ରେସ ଛାଡ଼ି ବିଏସ୍‌ପିରେ ଯୋଗଦେଇଥିବା କୃଷ୍ଣଚନ୍ଦ୍ର ସଗରିଆ ଭୁବନେଶ୍ୱର ଲୋକ ସଭାରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଜଣାପଡ଼ିଛି। ମାୟାବତୀଙ୍କ ଗସ୍ତ ପରେ ଏନେଇ ସ୍ପଷ୍ଟ ସୂଚନା ମିଳିପାରିବ।

ଏପ୍ରିଲ ୧ରେ ଅମିତ୍ ଶାହ ଉମରକୋଟ ଗସ୍ତରେ ଆସୁଛନ୍ତି। ଚଳିତ ମାସ ୬ରେ ପ୍ରଧାନମନ୍ତ୍ରୀ ମୋଦି ପୁନର୍ବାର ପଶ୍ଚିମ ଓଡ଼ିଶା ଗସ୍ତ କରୁଛନ୍ତି। ପ୍ରଥମ ସପ୍ତାହରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଓଡ଼ିଶା ଗସ୍ତ କରିବାର ସମ୍ଭାବନା ରହିଛି। ପ୍ରିୟଙ୍କା ଗାନ୍ଧୀଙ୍କ ନାଁ ତାରକା ପ୍ରଚାରକ ତାଲିକାରେ ଥିବାରୁ ତାଙ୍କ ଗସ୍ତକୁ ନେଇ ମଧ୍ୟ କଂଗ୍ରେସ କର୍ମୀ ଉତ୍ସାହିତ ଅଛନ୍ତି।

## ୨୦୧୮-୧୯ରେ ଆସିଛନ୍ତି ୩୪.୭ ଲକ୍ଷ ପର୍ଯ୍ୟଟକ

ବାରଙ୍ଗ,୩୧ ।୩(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନର ରବିବାର ଥିଲା ଆର୍ଥିକ ବର୍ଷ ୨୦୧୮-୧୯ର ଶେଷଦିନ। ଏହି ଶେଷଦିନ ରବିବାର ପଡିଥିବାରୁ ପର୍ଯ୍ୟଟକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଆର୍ଥିକ ବର୍ଷରେ ନନ୍ଦନକନନକୁ ୩୪.୭ଲକ୍ଷ ପର୍ଯ୍ୟଟକ ଆସିଥିଲେ। ଆସିଥିବା ପର୍ଯ୍ୟଟକଙ୍କଠାରୁ ରାଜସ୍ୱ ବାବଦରେ ନନ୍ଦନକାନନ କର୍ତ୍ତୃପକ୍ଷ ୧୪.୨୯କୋଟିଟଙ୍କା ଆଦାୟ କରିପାରିଛି। ସେହିଭଳି ବଟାନିକାଲ ଗାର୍ଡେନକୁ ଏହି ଆର୍ଥିକ ବର୍ଷରେ ୧ଲକ୍ଷ ୮୬ହଜାର ୪୯୪ଜଣ ପର୍ଯ୍ୟଟକ ଆସିଛନ୍ତି। ଯାହାକି ପ୍ରତିବର୍ଷଠାରୁ ଚଳିତବର୍ଷରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧିପାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୱାୟନାଡ୍‌ରୁ...

ଅନୁଚିତ ବୋଲି ରାହୁଲଙ୍କୁ ଦଳୀୟ ନେତାମାନେ ଅନୁରୋଧ କରିବା ପରେ ସେ ସମ୍ମତି ପ୍ରଦାନ କରିଛନ୍ତି। ୱାୟନାଡ୍ ଲୋକ ସଭା ଆସନ କେରଳରେ ଅବସ୍ଥିତ ଥିବାବେଳେ ପଡ଼ୋଶୀ ତାମିଲନାଡ୍ରୁ ଓ କର୍ଣ୍ଣାଟକ ଏହାକୁ ଘେରିରହିଛି। ରାହୁଲଙ୍କ ସମ୍ମତି ପରେ ୩ ରାଜ୍ୟର ଦାବି ପୂରଣ ହୋଇଛି ବୋଲି କୁହାଯାଇପାରେ।

ପ୍ରକାଶ ଯେ, ରାହୁଲ ନିଜ ସଂସଦୀୟ ଆସନ ଆମେଠିରୁ ମଧ୍ୟ ନିର୍ବାଚନ ଲଢ଼ିବେ। ୨୦୧୪ରେ ଏହି ଆସନରେ ସେ ଭାଜପାର ସ୍ମୃତି ଇରାନୀଙ୍କୁ ୧.୦୭ ଲକ୍ଷ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଚଳିତ ନିର୍ବାଚନରେ ଇରାନୀ ରାହୁଲଙ୍କୁ ତାଙ୍କ ଗଡ଼ରେ ପୁଣିଥରେ ଲଢ଼ିବା ପାଇଁ ଚ୍ୟାଲେଞ୍ଜ ଦେଇଛନ୍ତି। ଏଭଳି ସମୟରେ ରାହୁଲ ପରାଜୟ ଭୟରେ କେରଳ ମୁହାଁ ହୋଇଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସମାଲୋଚନା କରିଛନ୍ତି। ଦେଶର ନିରାପତ୍ତା ସହ ଖେଳିବା ହେଉଛି କଂଗ୍ରେସର ଭୋଟବ୍ୟାଙ୍କ ରାଜନୀତି। ଆମେଠିର ମତଦାତା ରାହୁଲଙ୍କୁ ହରାଇବେ ବୋଲି ସେ ନିଶ୍ଚିତ ହେବା ପରେ କେରଳକୁ ପଳାୟନ କରିଛନ୍ତି। ସେହିପରି ସିପିଆଇଏମ୍ ପଲିଟବ୍ୟୁରୋ ସଦସ୍ୟ ପ୍ରକାଶ କରାତ କହିଛନ୍ତି, ୱାୟନାଡ୍‌ରୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ରାହୁଲ ନିଷ୍ପତ୍ତି ନେବାରୁ ଗୋଟିଏ କଥା ବୁଝାପଡୁଛି ଯେ, କଂଗ୍ରେସ କେରଳରେ ବାମଦଳଗୁଡ଼ିକ ବିରୋଧରେ ଲଢ଼ିବାକୁ ଚାହୁଁଛି। ଏହା ଜାତୀୟ ସ୍ତରରେ ଭାଜପା ବିରୋଧରେ ଲଢ଼େଇ କରିବା ପାଇଁ କଂଗ୍ରେସର ପ୍ରତିଶ୍ରୁତିବଦ୍ଧତାର ବିରୁଦ୍ଧାଚରଣ। କାରଣ କେରଳରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍)ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଭାଜପା। ତେଣୁ ରାହୁଲଙ୍କୁ ୱାୟନାଡ୍‌ରୁ ହରାଇବା ପାଇଁ ବାମଦଳଗୁଡ଼ିକ ସବୁ ପ୍ରକାର ଉଦ୍ୟମ କରିବେ। ଏହାର ଜବାବରେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ଆମେଠି ସହ ଗାନ୍ଧୀ ପରିବାରର ସମ୍ପର୍କ ବହୁ ପୁରୁଣା। ସେ ୱାୟନାଡ୍‌ରୁ ନିର୍ବାଚନ ଲଢ଼ିବା ଦ୍ୱାରା ନେହେରୁ-ଗାନ୍ଧୀ ପରିବାରର ପାରମ୍ପରିକ ଆସନ ଆମେଠି ତଥା ତାଙ୍କର କର୍ମଭୂମି ଛାଡ଼ି ଯାଉଛନ୍ତି ବୋଲି ବିଚାର କରିବା ଭୁଲ୍। ଭାଜପାର ଶସ୍ତା ଷଡ଼ଯନ୍ତ୍ର ରାହୁଲଙ୍କ ହୃଦୟରୁ ଆମେଠିକୁ ବାହାର କରିପାରିବ ନାହିଁ। ଦକ୍ଷିଣ ଭାରତର ଲୋକଙ୍କ ଜୀବନ କଂଗ୍ରେସ ଓ ରାହୁଲଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ୱାୟନାଡ୍‌ରୁ ଲଢ଼ିବା ବାମପନ୍ଥୀ କିମ୍ବା ଦକ୍ଷିଣପନ୍ଥୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା ନୁହେଁ, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭାଜନବାଦୀ ରାଜନୀତି ବିପକ୍ଷରେ। ମୋଦି କ'ଣ ପାଇଁ ଗୁଜରାଟ ଛାଡ଼ି ବାରାଣସୀକୁ ନିର୍ବଚନ ଲଢ଼ିବା ପାଇଁ ଯାଇଥିଲେ ଭାଜପା ତା'ର ଜବାବ କାହିଁକି ଦେଉନାହିଁ ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି।

## ବିଜେଡିରୁ...

ପ୍ରତାପ ଷଡଙ୍ଗୀ ନୀଳଗିରି ବିଧାନସଭାରୁ ଲଢିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସନ୍ତୋଷ ଖଟୁଆ, ସୁଷମା ପଟେଲଙ୍କ ବିଜେଡିରେ ଯୋଗଦାନ ପରେ ପ୍ରତାପଙ୍କୁ ନୀଳଗିରି ବିଧାନସଭାରୁ ପ୍ରାର୍ଥୀ କରିବା ପାଇଁ ମଧ୍ୟ ଆଲୋଚନା ହେଉଛି। ପ୍ରତାପଙ୍କ ସ୍ଥାନରେ ରଘୁନାଥ ମହାନ୍ତିଙ୍କୁ ଲୋକ ସଭା ପ୍ରାର୍ଥୀ କରିବା ପାଇଁ ଭାଜପା ଅଙ୍କ କଷୁଛି। ତେଣୁ ବାଲେଶ୍ୱର ରାଜନୀତି କେଉଁ ଦିଗକୁ ଗତି କରିବ, ତାହା ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ତାଙ୍କ ପରିବାରରୁ କେହି ପ୍ରାର୍ଥୀ ହେବେ ନାହିଁ ବୋଲି ରଘୁନାଥ ସ୍ପଷ୍ଟ ଭାବେ ମନା କରିଛନ୍ତି।

ଇସ୍ତଫା ସମ୍ପର୍କରେ ରଘୁ କହିଛନ୍ତି ଯେ, ବିଜେଡିରେ ବିଜୁ ବାବୁଙ୍କ ଆଦର୍ଶର କୌଣସି ସ୍ଥାନ ନାହିଁ। ପ୍ରତିଷ୍ଠାତା ସଦସ୍ୟ ଥାଇ ଦଳ ତ୍ୟାଗ କରିବା ତାଙ୍କ ପାଇଁ ଦୁଃଖଦାୟକ। ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ବିଜେଡି ପରିଚାଳିତ । ବାଲେଶ୍ୱରବାସୀଙ୍କ ସ୍ୱାଭିମାନ ବଞ୍ଚାଇବା ପାଇଁ ଇସ୍ତଫା ଦେଉଥିବା ରଘୁ କହିଛନ୍ତି। ରଘୁନାଥଙ୍କ ଦଳ ଛାଡିବା ଦ୍ୱାରା ବାଲେଶ୍ୱର ଜିଲା ବିଜେଡି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବିଧାୟକ ଜୀବନ ପ୍ରଦୀପ ଦାଶ କହିଛନ୍ତି। ସେହିପରି ବସ୍ତାରୁ ଯଦି ରଘୁନାଥ ମହାନ୍ତି ଭାଜପା ପ୍ରାର୍ଥୀ ହୁଅନ୍ତି, ତେବେ ଦେବୀ ଚାନ୍ଦଙ୍କ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିବ।


# ମନେ ପଡ଼ନ୍ତି

**୧୪ତମ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତା ବିଦ୍ୟୁଲତା ପଟ୍ଟନାୟକ
ସ୍ୱାମୀ ସ୍ୱର୍ଗତ ମନମୋହନ ପଟ୍ଟନାୟକ
ମହୁଲପାଳ, ଢେଙ୍କାନାଳ
ଆବିର୍ଭାବ: ୧୯୩୨
ତିରୋଧାନ: ୦୫।୦୪।୨୦୦୫
ତୁମର ଆତ୍ମାର ସଦ୍‌ଗତି ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଏତିକି ପ୍ରାର୍ଥନା। ପରିବାରବର୍ଗ, ଆତ୍ମୀୟସ୍ୱଜନ।

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**


ସ୍ୱ ସାବିତ୍ରୀ ଆଚାର୍ଯ୍ୟ
ସ୍ୱାମୀ - ସ୍ୱ ବିଷ୍ଣୁ ପ୍ରସାଦ ମହାପାତ୍ର
ଆବିର୍ଭାବ : ୧୫.୧୧.୧୯୫୫ (କଟକ)
ତିରୋଧାନ : ୨୨.୦୩.୨୦୧୯
(୨୪୦୮, ଗଉରି ନଗର, ଭୁବନେଶ୍ୱର)

**ଦ୍ୱାଦଶାହ ଉପଲକ୍ଷେ**


ସ୍ୱର୍ଗତ ଦୀନବନ୍ଧୁ କର (ଦୀନୁ)


## ୪୨ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୩୧।୩ (ବ୍ୟୁରୋ)

ରାଜ୍ୟରେ ବଢ଼ି ଚାଲିଛି ତାପମାତ୍ରା। ଖରାତାତି ସହ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରିଛି। ରାଜ୍ୟବାସୀ ଗରମରେ ଛଟପଟ ହେଉଛନ୍ତି। ସକାଳ ୧୧ଟା ହେବାମାତ୍ରେ ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ମାର୍ଚ୍ଚ ମାସରେ ଏଭଳି ପରିସ୍ଥିତିକୁ ନେଇ ଲୋକେ ଛାନିଆ ହୋଇଯାଇଥିବାବେଳେ ବାରମ୍ବାର ବିଦ୍ୟୁତ କାଟ ବିଶେଷକରି ଗ୍ରାମୀଣ ଲୋକଙ୍କ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଛି। ରବିବାର ରାଜ୍ୟର ୬ ଜିଲାର ପାରଦ ୪୦ ଟପିଛି। ସବୁଠୁ ଉତ୍ତପ୍ତ ସହରଭାବେ ଟିଟିଲାଗଡ଼ ଓ ମାଲକାନଗିରି ରହିଛି। ଟିଟିଲାଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଛି। ସେହିଭଳି ମାଲକାନଗିରି ୪୧ଡିଗ୍ରୀ, ତାଳଚେର ୪୦.୬, ଭବାନୀପାଟଣା ୪୦.୨, ଅନୁଗୋଳ ୪୦.୧, ବଲାଙ୍ଗୀର ୪୦, ଝାରସୁଗୁଡା ୩୯.୭, ପାରାଦ୍ୱୀପରେ ୩୧.୯, କୋରାପୁଟ ୩୬.୨, ସମ୍ବଲପୁର ୩୮.୫, କଟକ ୩୭.୬ ଓ ଭୁବନେଶ୍ୱରରେ ସର୍ବାଧିକ ତାପାମାତ୍ରା ୩୬.୭ ଡିଗ୍ରୀ ସେଲସିୟସ୍ ରହିଥିଲା।

ଏପରିସ୍ଥଳେ ଆଗକୁ ଖରା ଓ ତାପମାତ୍ରା ଆହୁରି ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପାଣିପାଗ ବିଶେଷଜ୍ଞ ରମେଶ ନାୟକ କହିଛନ୍ତି, ଉତ୍ତର ଓଡିଶାରେ କାଳ ବୈଶାଖୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତାପାମାତ୍ରା ଅଧିକ ରହୁଥିବା ସମୟରେ ଜରୁରୀ କାର୍ଯ୍ୟ ଥିଲେ ସତର୍କତାର ସହିତ ଛତା, ଯୋତା ଓ ମୁଣ୍ଡରେ ଓଦା କପଡା ପକାଇ ବାହାକୁ ଯିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ଆଗାମୀ ୫ଦିନ ପର୍ଯ୍ୟନ୍ତ ଅପରାହ୍ନରେ ରାଜ୍ୟର କେତେକ ଜିଲାରେ ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ୧୦ ଜିଲାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଉକ୍ତ ଜିଲାଗୁଡିକ ହେଲା ସୁନ୍ଦରଗଡ, ପୁରୀ, ରାୟଗଡ଼ା, କନ୍ଧମାଳ, ନୟାଗଡ, ଅନୁଗୋଳ, ଗଞ୍ଜାମ, ଢେଙ୍କାନାଳ, କଟକ, ଖୋର୍ଦ୍ଧା। ଆକାଶରେ କଳାବାଦଲ ଦେଖିଲେ ଲୋକେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଧନ ସ୍ଥାନରେ ରାଶ୍ୟାଧିପତି ଭୂସୂତ ରବିଙ୍କ ନକ୍ଷତ୍ରରେ ରହିଥିବାରୁ ଅର୍ଥପ୍ରାପ୍ତିର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିପାରନ୍ତି। ମଙ୍ଗଳଙ୍କ ପ୍ରଭାବରେ ସାହସର ସହ ପ୍ରତ୍ୟେକ କାମକୁ କରିବା ପାଇଁ ଅନ୍ତର୍ନିହିତ ମନୋବଳ କାମ ପାଇଁ ଉତ୍ସାହିତ କରିବ। କିନ୍ତୁ କଥାବାର୍ତ୍ତା ଓ ବ୍ୟବହାରରେ ରୁକ୍ଷତା ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**ବୃଷ** ଶୁକ୍ର କର୍ମସ୍ଥାନରେ ରାହୁଙ୍କ ନକ୍ଷତ୍ରରେ ଅବସ୍ଥାନ କରି କଳେବଳେ କୌଶଳେ କାର୍ଯ୍ୟସାଧନର ଚେଷ୍ଟା କରାଇବେ । ମନ ଓ ମସ୍ତିଷ୍କ ସବୁ ସମୟରେ ଉତ୍ତେଜନାପୂର୍ଣ୍ଣ ରହିବ। ପାପମଧ୍ୟସ୍ଥ ଚନ୍ଦ୍ର ନକାରାତ୍ମକ ଭାବନା ନୈରାଶ୍ୟତା ସୃଷ୍ଟି କରିପାରେ। କିନ୍ତୁ ରୋହିଣୀ ନକ୍ଷତ୍ର ସକାଶେ, ମନ, ପରିବାର, କର୍ମକ୍ଷେତ୍ର ପାଇଁ ଦିନଟି ବହୁତ ଭଲ ରହିବ।

**ମିଥୁନ** ବୁଧଙ୍କ ସହ ଶୁକ୍ରଙ୍କ ଯୋଗ ଅପୂର୍ବ ସୁଯୋଗ ସୃଷ୍ଟିକରି ଅର୍ଥ, ସମ୍ମାନ ଓ ବିଳାସବ୍ୟସନ ମଧ୍ୟରେ ଦିନଟିକୁ ହର୍ଷମୁଖର କରାଇବ। ଶନିକ୍ଷେତ୍ରରେ ଅଷ୍ଟମଚନ୍ଦ୍ର ମାନସିକ ସଂଯମତା ଓ ଶିଥିଳତା ପ୍ରଦାନ କରିବା ସାଙ୍ଗକୁ ଅର୍ଥ ପ୍ରାଚୁର୍ଯ୍ୟର ମାର୍ଗ ଉନ୍ମୁକ୍ତ କରିପାରେ। ବନ୍ଧୁସମ୍ପର୍କ, ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ସ୍ଥଗିତ କାମ ପୁନର୍ବସୁ ନକ୍ଷତ୍ର ପାଇଁ ଉଚ୍ଚକୋଟୀର ରହିବ।

**କର୍କଟ** ଚନ୍ଦ୍ର ନିଜ ରାଶିକୁ ଅବଲୋକନ କରି ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତିଅତୁଟ ରଖିବ। କୌଣସି କାମ ଅଟକିବ ନାହିଁପରିବାର ଓ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିମଧ୍ୟ ସନ୍ତୋଷଜନକ ରହିବ। ଆଇନ ଅଦାଲତରେ ସଫଳତା ସାଙ୍ଗକୁସମ୍ପର୍କର ଡୋରିକୁ ମଜ୍‌ଭୁତ କରିକାମ ହାସଲ କରିବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ସାମୟିକ ମନକୁ ହଲଚଲ କରିପାରେ।

**ସିଂହ** ଉଚ୍ଚାରୋହୀ ରବି ଦୁଃସ୍ଥାନସ୍ଥ ହେଲେ ମଧ୍ୟ କର୍ମସ୍ଥାନରେ ଭାଗ୍ୟାଧିପ ନୂଆ ନୂଆ ପଦ୍ଧତିର ଅନୁସରଣ କରାଇ କୃତକାର୍ଯ୍ୟ କରାଇପାରନ୍ତି। ଧନସ୍ଥାନକୁ ଶନି ଦୃଷ୍ଟି ନୀଚଜନ ବିବାଦ ହେତୁକ ଧନହାନିର ସୂଚନା ପ୍ରତି ସତର୍କ ରହିବା ଭଲ। କିନ୍ତୁ ସଙ୍ଗଠନ, ଆଇନ, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ।

**କନ୍ୟା** କର୍ମସ୍ଥାନରେ ଶନି ଦୃଷ୍ଟିରେ ରାହୁ ଓ ଅଷ୍ଟମଚନ୍ଦ୍ର କର୍ମହାନି, ଧନକ୍ଷୟ ଓ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି କରିବ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ତୃତୀୟାଧିପ ନକ୍ଷତ୍ରସ୍ଥ ଯୋଗୁ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ତଥାପି ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ସହ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** ଚନ୍ଦ୍ରଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ଆପଣଙ୍କୁ କାର୍ଯ୍ୟସାଧନ କରାଇ ମାନସିକ ତୃପ୍ତି ପ୍ରଦାନ କରିବାର ଆଶା ରହିଛି। ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ବିଶାଖା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ବନ୍ଧୁଙ୍କ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ, କିନ୍ତୁ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ।

**ବିଛା** ଆଜିର ଚନ୍ଦ୍ର ବନ୍ଧୁମିଳନ, ନୂତନ କାର୍ଯ୍ୟାରମ୍ଭ, ପାରିବାରିକ ସଦ୍‌ଭାବ ବୃଦ୍ଧି କରାଇବ। ଧନସ୍ଥାନରେ ଏକାଧିକ ଗ୍ରହ ଧନହାନି ସାଙ୍ଗକୁ ବ୍ୟବହାରିକ ଜ୍ଞାନକୁ ଦିଗ୍‌ଭ୍ରଷ୍ଟ କରାଇପାରେ। ତଥାପି ପୂର୍ବ ପରିକଳ୍ପିତ କିଛି ହାତକୁ ନେଇଥିବା କାମ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବ୍ୟବସାୟିକ ସ୍ଥିତି ପ୍ରାୟତଃ ମନ୍ଦ ହେବନାହିଁ।

**ଧନୁ** ଭାଗ୍ୟାଧିପତି ରବିଙ୍କ କେନ୍ଦ୍ରାବସ୍ଥାନ ଓ ମୁଖଭାବରେ ଚନ୍ଦ୍ର ସମ୍ମାନର ସହ ଅର୍ଥଲାଭ, କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନରୁ ଖୁସି କରାଇବ। ଅତି ଦରକାରୀ ଜିନିଷଟି ଆବଶ୍ୟକ ସମୟରେ ନ ପାଇ ବ୍ୟଥିତ ହୋଇପାରନ୍ତି। ସକାଳୁ ସକାଳୁ ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। କିନ୍ତୁ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି ଦିଗରୁ କୌଣସି ଅସୁବିଧା ହେବନାହିଁ।

**ମକର** ରାଶିରେ ଚନ୍ଦ୍ର ଚରରାଶିସ୍ଥ ହେତୁ ମାନସିକ ଅସ୍ଥିରତା ସୃଷ୍ଟିକରି ଭାବାବେଗକୁ ବୃଦ୍ଧି କରିବ। ଚତୁର୍ଥାଧିପତି କୋଣଭାବସ୍ଥ ଯୋଗୁ ବନ୍ଧୁସମ୍ପର୍କରେ ଉନ୍ନତି, ଅର୍ଥଲାଭ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ସାଧନ କରିପାରିବେ। ଦ୍ୱାଦଶସ୍ଥ ଗ୍ରହମାନେ ସୁନିଦ୍ରାରେ ବାଧା, ଅପବ୍ୟୟ, ପରୋକ୍ଷ ଶତ୍ରୁତା ହେତୁକ କେତେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରନ୍ତି।

**କୁମ୍ଭ** ରାଶିରେ ବୁଧ ଆପଣଙ୍କୁ ବୌଦ୍ଧିକତା ମାଧ୍ୟମରେ ବୁଦ୍ଧିଜୀବୀମାନଙ୍କ ପ୍ରିୟଭାଜନ କରାଇ ସଭାସମିତିରେ ପ୍ରଶଂସିତ କରାଇବ। କୌଣସି ହିତୈଷୀ ବନ୍ଧୁଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରି ଆଗାମୀ କାର୍ଯ୍ୟପନ୍ଥା ନିରୂପଣ କରିପାରନ୍ତି। ବ୍ୟବସାୟ, ଆତ୍ମୀୟଙ୍କ ସାହାଯ୍ୟ, ସହଯୋଗ ଧନିଷ୍ଠା ନକ୍ଷତ୍ର ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ** ବିବାଦୀୟ ପରିସ୍ଥିତିର ମୁକାବିଲା କରିବା ସାଙ୍ଗକୁ ପାରିବାରିକ ସମସ୍ୟା ପିଛା ଛାଡ଼ି ନ ପାରେ। ସାହାଯ୍ୟ ପାଇଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ପରି କାମକୁ ପାଇ ନ ପାରେ। ଆଜିର କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ି ଯାଇଥିବାର ସୂଚନା ରହିଛି । ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି।

ଆଜି ଓଡ଼ିଶା ଦିବସ,ଏପ୍ରିଲ ୧ ତାରିଖ, ଚୈତ୍ର କୃଷ୍ଣପକ୍ଷର ସ୍ମାର୍ତ୍ତଙ୍କ ପାପମୋଚନୀ ଏବଂ ବୈଷ୍ଣବଙ୍କ ଉନ୍ମିଳନୀ ଏକାଦଶୀ ଯୁକ୍ତ ଦ୍ୱାଦଶୀ ସୋମବାର, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ୮ ।୪୫ମି. ଗତେ କୁମ୍ଭ ଚନ୍ଦ୍ର, ମିଥୁନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଦିବା ଘ୭ ।୨୭ମି. ମଧ୍ୟେ, ଘ୧ ।୨୫ମି. ଗତେ ଘ୨ ।୫୫ମି. ମଧ୍ୟେ, ଘ୪ ।୨୫ମି. ଗତେ ଘ୫ ।୫୮ମି. ମଧ୍ୟେ ଅମୃତବେଳା। ସକାଳ ଘ୮ ।୫୫ମି. ଗତେ ଘ୧୦ ।୨୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭ ।୧୬ମି. ଗତେ ଘ୮ ।୪୭ମି. ମଧ୍ୟେ ରାହୁକାଳ।

# କଟକରେ ବନ୍ଦ ହେଲା କୁକୁଡ଼ା ଚାଲାଣ

କଟକ ଅଫିସ,୩୧।୩

କଟକ ସହରରେ ଦେଖାଦେଇଛି ବାର୍ଡ ଫ୍ଲୁ ଆତଙ୍କ। ଖପୁରିଆସ୍ଥିତ ବତକ ପ୍ରଜନନ କେନ୍ଦ୍ରରୁ ଏହି ମାରାତ୍ମକ ରୋଗକୁ ଚିହ୍ନଟ କରାଯିବା ପରେ ଏବେ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ସହରକୁ କୁକୁଡ଼ା ଆମଦାନୀ କିମ୍ବା ସହରରୁ କୁକୁଡ଼ା ରପ୍ତାନି ଉପରେ କଟକଣା ଲଗାଯାଇଛି। ସମସ୍ତ ଚେକ୍ ଗେଟ୍‌ରେ କୁକୁଡ଼ା ବୋଝେଇ ଗାଡ଼ି ଉପରେ କଡ଼ା ନଜର ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରବିବାର ଖପୁରିଆ ସମେତ ଏହାର ସଲଗ୍ନ ଅଞ୍ଚଳରେ ଥିବା କୁକୁଡ଼ା ମାଂସ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଖପୁରିଆଠାରୁ ୧କିମି ପରିଧି ଭିତରେ ଏହି ଚଢ଼ାଉ କରାଯାଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ କୁକୁଡ଼ା ମରାଯାଇଥିଲା। ଏହାଛଡ଼ା ପ୍ରାୟ ୧୩୦୦ ଅଣ୍ଡା ନଷ୍ଟ କରାଯାଇଛି। ଘଟଣାସ୍ଥଳରେ ହିଁ ଦୋକାନ ମାଲିକଙ୍କୁ କ୍ଷତିପୂରଣ ଦିଆଯାଇଥିବା ରାଜ୍ୟ ପ୍ରାଣୀ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେତେଜଣ ଦୋକାନୀ ଏହି ଚଢ଼ାଉକୁ ବିରୋଧ ମଧ୍ୟ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ଚଢାଉ କାର୍ଯ୍ୟ ଶେଷ ହୋଇଛି। ଏହି ଅଞ୍ଚଳରେ କେତେଜଣ ବ୍ୟକ୍ତି ନିଜ ଘରେ ମଧ୍ୟ କୁକୁଡ଼ା ରଖିଥିବା ଜଣାପଡ଼ିଛି। ସୋମବାର ସେମାନେ ସ୍ୱଇଚ୍ଛାରେ କୁକୁଡ଼ାକୁ ହସ୍ତାନ୍ତର ନ କଲେ ଜୋରଜବରଦସ୍ତ କୁକୁଡ଼ା ସଂଗ୍ରହ କରାଯିବ ବୋଲି ରାଜ୍ୟ ପ୍ରାଣୀ ନିର୍ଦ୍ଦେଶାଳୟ ଜଣେ ବରିଷ୍ଠ ଅଧିକାରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି। ଖପୁରିଆ, ନୂଆପଡ଼ା, ଖାନ୍‌ନଗର, ବାଲିସାହି, କଲ୍ୟାଣୀନଗର, ରାଜେନ୍ଦ୍ରନଗର, ଲିଙ୍କ୍‌ରୋଡ, ମଧୁପାଟଣା ସମେତ ଆଖପାଖ ଅଞ୍ଚଳରେ ସଚେତନତା ବାର୍ତ୍ତା ସମ୍ବଳିତ ଲିଫ୍‌ଲେଟ୍ ଲଗାଯାଇଛି। ୩ ମାସ ପର୍ଯ୍ୟନ୍ତ କୁକୁଡ଼ା ମାଂସ ନ ଖାଇବାକୁ ଲୋକଙ୍କୁ ସତର୍କ କରାଯାଇଛି। ଏହାଛଡ଼ା ସଂକ୍ରମିତ ଅଞ୍ଚଳଠାରୁ ୧୦କିମି ମଧ୍ୟରେ ସଜାଗ ରହିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ତେବେ ରବିବାର ସନ୍ଧ୍ୟା ସୁଦ୍ଧା ୫୨୭ଟି କୁକୁଡ଼ା ଓ ବତକ ମରାଯାଇଥିବା ରାଜ୍ୟ ପ୍ରାଣୀ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ନଷ୍ଟ କରାଯାଇଥିବା ଅଣ୍ଡାର ମୋଟ୍ ସଂଖ୍ୟା ହେଉଛି ୯୯୬୮। ସେହିପରି ୩୬୦କେଜି କୁକୁଡ଼ା ଖାଦ୍ୟ ମଧ୍ୟ ନଷ୍ଟ କରାଯାଇଛି। କ୍ଷତିପୂରଣ ବାବଦରେ ୬ ସପ୍ତାହରୁ କମ୍ କୁକୁଡ଼ାର ମୂଲ୍ୟ ୨୦ ଟଙ୍କା ଦିଆଯାଉଥିବାବେଳେ ୬ ସପ୍ତାହରୁ ଅଧିକ କୁକୁଡାର ମୂଲ୍ୟ ୭୦ ଟଙ୍କା, ଅଣ୍ଡା ଦେଉଥିବା ୮ ସପ୍ତାହରୁ କମ୍ କୁକୁଡ଼ାର ମୂଲ୍ୟ ୨୦ ଟଙ୍କା, ଅଣ୍ଡା ଦେଉଥିବା ୮ ସପ୍ତାହରୁ ଅଧିକ କୁକୁଡ଼ାର ମୂଲ୍ୟ ୯୦ ଟଙ୍କା, ଛୋଟ ବତକ ମୂଲ୍ୟ ୩୫ ଟଙ୍କା, ବଡ଼ ବତକ ମୂଲ୍ୟ ୧୩୫ ଟଙ୍କା, କୁକୁଡ଼ା ଦାନା କେଜି ପିଛା ୧୨ ଟଙ୍କା ଓ ଗୋଟିଏ ଅଣ୍ଡାର ମୂଲ୍ୟ ୩ ଟଙ୍କା ପ୍ରଦାନ କରାଯାଉଛି। ୧୦ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଥିଲା।

ସୂଚନାଥାଉ କି, ଖପୁରିଆସ୍ଥିତ ବତକ ପ୍ରଜନନ କେନ୍ଦ୍ରରେ ବତକଗୁଡ଼ିକ ବାର୍ଡ ଫ୍ଲୁରେ ଆକ୍ରାନ୍ତ ହୋଇଥିବା ଗତ ୨୮ ତାରିଖରେ ଜଣାପଡ଼ିଥିଲା। ୨୩ ତାରିଖରୁ ୨୮ ତାରିଖ ମଧ୍ୟରେ କେନ୍ଦ୍ରର ୨୩୫ ବତକ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ୨୭ ତାରିଖରେ ଏ ନେଇ ୨ ମୃତ ବତକ ମଧ୍ୟପ୍ରଦେଶ ଭୋପାଳ ସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ହାଇ ସିକ୍ୟୁରିଟି ଆନିମଲ ଡିଜିଜ (ଏନଆଇଏଚ୍‌ଏସ୍‌ଏଡି)କୁ ପଠାଯାଇଥିଲା। ୨୮ ତାରିଖ ସନ୍ଧ୍ୟାରେ ବାର୍ଡ ଫ୍ଲୁ ହୋଇଥିବା ରିପୋର୍ଟ ଆସିବା ପରେ ପଦକ୍ଷେପ ଏହି ଗ୍ରହଣ କରାଯାଇଛି।



କୁକୁଡ଼ଗୁଡ଼ିକୁ ମାରି ଦିଆଯାଉଛି।

**ବାର୍ଡ ଫ୍ଲୁ ଆତଙ୍କ**
- ୧୦ କିମି ପର୍ଯ୍ୟନ୍ତ ସଜାଗ ରହିବାକୁ ନିର୍ଦ୍ଦେଶ
- ମରାଗଲାଣି ୫୨୭ ବତକ, କୁକୁଡ଼ା
- ନିୟୋଜିତ ହୋଇଛନ୍ତି ୧୦ ଟିମ୍

## ସଂକ୍ଷେପରେ

### ଭାଜପା ଛାଡ଼ିଲେ ସୁସ୍ମିତା ସିଂଦେଓ



ଢେଙ୍କାନାଳ ଅଫିସ, ୩୧।୩-ଢେଙ୍କାନାଳ ଲୋକ ସଭା ଆସନରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଶାୟୀ ଥିବା ଭାଜପାର ସୁସ୍ମିତା ସିଂଦେଓ ରବିବାର ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବିଜେଡିରେ ୩୩% ମହିଳାଙ୍କୁ ଟିକେଟ ପ୍ରଦାନ କରାଯାଇଛି। ଭାଜପା ଏହାକୁ ଗୁରୁତ୍ୱ ଦେଇନାହିଁ। ଅଧିକ ମହିଳାଙ୍କୁ ଟିକେଟ୍ ମିଳିଥିଲେ ପାର୍ଟି ଦ୍ୱାରା ନାରୀ ସଶକ୍ତୀକରଣ ହୋଇପାରିଥାନ୍ତା ବୋଲି ସେ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ସେ ନିଜର ଇସ୍ତଫାପତ୍ର ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ନିକଟକୁ ପଠାଇଦେଇଥିବା ତାଙ୍କ ସ୍ୱାମୀ ରାଜୀବ ଲୋଚନ ସିଂଦେଓ ସୂଚନା ଦେଇଛନ୍ତି।

### ବଜ୍ରପାତରେ ୨ ଛାତ୍ର ମୃତ

**ଭଞ୍ଜନଗର,୩୧।୩(ଡି.ଏନ.ଏ.):** ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ମନ୍ଦାର ଗ୍ରାମ ନିକଟରେ ରବିବାର ଅପରାହ୍ନରେ ବଜ୍ରପାତରେରେ ୨ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ଛାତ୍ରଦ୍ୱୟ ହେଲେ ସୁତୁମସରର ଦୀପକ ଦଳାଇ ଓ ପୋଲସରାର ଦ୍ୱିତୀକୃଷ୍ଣ ସାହୁ। ଆହତ ଛାତ୍ର ସୁତୁମୁସରର ଲିପୁନ ବରାଡ ଓ ଅନ୍ୟ ଜଣେ ଆଇଆରବି ଯବାନ ଈଶ୍ୱର ଚନ୍ଦ୍ର ଲେଙ୍କା। ମୃତ ଓ ଆହତ ଛାତ୍ରମାନେ ବେଲଗୁଣ୍ଠାର ଏକ ଘରୋଇ ଶିକ୍ଷ ତାଲିମ କେନ୍ଦ୍ରରେ ପାଠ ପଢନ୍ତି। ପ୍ରକାଶ ଯେ, ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଛାତ୍ରମାନେ ଗୋଟିଏ ବାଇକ୍‌ରେ ଠେଙ୍ଗାଧାର-ମନ୍ଦାର ରାସ୍ତା ଦେଇ ସୁତୁମୁସର ଅଭିମୁଖେ ଯାଉଥିଲେ। ମନ୍ଦାର ଗ୍ରାମ ନିକଟରେ ହୋଇଥିବାବେଳେ ହଠାତ୍ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ଏଥିରେ ୩ ଛାତ୍ରଙ୍କ ସମେତ ଅନ୍ୟ ଏକ ବାଇକ୍‌ରେ ଯାଉଥିବା ଈଶ୍ୱର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଛାତ୍ର ଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଛାତ୍ରଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବେଲଗୁଣ୍ଠା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି।

### ଶିକ୍ଷା କଥା ଉଠାଇ ବିଜେଡିକୁ ଭାଜପାର ସମାଲୋଚନା

### ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଗରିବ ପିଲା

**ଭୁବନେଶ୍ୱର,୩୧।୩ (ବ୍ୟୁରୋ):** ରାଜ୍ୟରେ ୧୯ବର୍ଷ ଧରି ଗୋଟିଏ ଅପାରଗ ସରକାର ଶାସନ ଚଳାଇଛି। ଜଣେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ବର୍ତ୍ତମାନ ଗରିବ ଓଡ଼ିଆ ଘରର ପିଲାମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଓଡ଼ିଆ ସ୍କୁଲରେ ପଢ଼ି ନ ଥିବାରୁ ତାଙ୍କର ଓଡ଼ିଆ ସ୍କୁଲରେ ପାଠ ପଢୁଥିବା ପିଲାମାନଙ୍କ ପ୍ରତି ଦରଦନାହିଁ। ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏତେ ଅସହିଷ୍ଣୁତା କାହିଁକି ବୋଲି ଭାଜପା ପ୍ରଶ୍ନ ଉଠାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି, ସରକାରୀ ସ୍କୁଲରେ ପାଠ ପଢ଼ା ନିମ୍ନସ୍ତରକୁ ଯାଉଥିବା ବିଷୟରେ ଅନେକ ଥର ବିଧାନସଭାରେ ଏବଂ ବିଭିନ୍ନ ଗଣମାଧ୍ୟମରେ ଆଲୋଚନା ହୋଇଛି। ମାତ୍ର ମୁଖ୍ୟମନ୍ତ୍ରୀ ଏଥିପ୍ରତି ଆଦୌ ଧ୍ୟାନ ଦିଅନ୍ତି ନାହିଁ। ୧୯ବର୍ଷର ଶାସନରେ ଶିକ୍ଷା କ୍ଷେତ୍ରରେ ନବୀନ ସରକାରଙ୍କ ଚରମ ବିଫଳତା ଯୋଗୁ ଓଡ଼ିଆ ପିଲାମାନଙ୍କର ଭବିଷ୍ୟତ ଅନ୍ଧକାରମୟ ହେବାକୁ ଯାଉଛି। ରାଜ୍ୟରେ ଏବେ ୧କୋଟି ୨ଲକ୍ଷ ଲୋକ ହେଉଛନ୍ତି ନିରକ୍ଷର। ରାଜ୍ୟ ସାକ୍ଷରତା ମିଶନର ମୁଖ୍ୟ ହେଉଛନ୍ତି ନିଜେ ଖୋଦ ମୁଖ୍ୟମନ୍ତ୍ରୀ। ରାଜ୍ୟ ସାକ୍ଷରତା ମିଶନ ୨୦୦୧ରେ ଗଠିତ ହୋଇଥିବାବେଳେ ଏବେ ସୁଧା ୧୮ବର୍ଷରେ ଥରେ ମାତ୍ର ଏହାର ବୈଠକ ବସିନାହିଁ। ୭ପ୍ରତିଶତ ସରକାରୀ ବିଦ୍ୟାଳୟ ଏବେ ଜଣେ ଶିକ୍ଷକରେ ଚାଲୁଛି। ୬୬ପ୍ରତିଶତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୩୦ଜଣ ଛାତ୍ର ପାଇଁ ଜଣେରୁ କମ୍ ଶିକ୍ଷକ ଅଛନ୍ତି। ଯାହା ଶିକ୍ଷା ଅଧିକାର ନିୟମ ଅନୁସାରେ ୩୦ ଛାତ୍ର ପାଇଁ ଜଣେ ଶିକ୍ଷକ ରହିବା କଥା। ୩୬ହଜାର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲରେ କାମଚଳା ପ୍ରଧାନ ଶିକ୍ଷକ କାମ କରୁଛନ୍ତି। ରାଜ୍ୟରେ ୫୩,୨୩୨ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୧ହଜାର ୧୯୨ଟି ସ୍କୁଲରେ ଖେଳ ପଡିଆ ଅଛି। ୩୨ହଜାରରୁ ଊର୍ଦ୍ଧ୍ୱ ସ୍କୁଲରେ ଖେଳ ପଡିଆନାହିଁ। ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୮୫ ଅଧାପକ ପଦବୀରୁ ୭୯୦ ଫାଙ୍କା ଅଛି। ୫୨ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ପାଖାପାଖି ୧୭ଶହ ଅଧ୍ୟାପକ ପଦବୀ ଖାଲି ପଡିଛି। ସବୁ ସାଧାରଣ କଲେଜରେ ଦକ୍ଷତା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ୨୦୧୫ରେ ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା ବୈଠକ ବେଳେ ମୁଖ୍ୟମନ୍ତ୍ରୀ କୁଆଡ଼େ ଗଲେ ବୋଲି ସମୀର ପ୍ରଶ୍ନ କରିଛନ୍ତି।

## 'କବିର ସିଂ'ରେ କିୟାରା ଆଡଭାନୀ



**ମୁମ୍ବାଇ:** ଅଭିନେତ୍ରୀ କିୟାରା ଆଡଭାନୀଙ୍କୁ ଆଗାମୀ ଫିଲ୍ମ 'କବିର ସିଂ'ରେ ଶାହିଦ କପୁରଙ୍କ ସହ ଦେଖିବାକୁ ମିଳିବ। ଉକ୍ତ ରୋମାଣ୍ଟିକ୍-ଡ୍ରାମା ଫିଲ୍ମର ଶୁଟିଂ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଗଲାଣି। ଜୁନ୍ ୨୧ରେ ଏହା ରିଲିଜ୍ ହେବା ସମ୍ଭାବନା ଅଛି। ଫିଲ୍ମରେ ଅଭିନୟ ଏକ ମଜାଦାର ଅନୁଭୂତି ଏବଂ ଏହାର ରିଲିଜକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା କିୟାରା ପ୍ରକାଶ କରିଛନ୍ତି। 'କଲଙ୍କ' ଫିଲ୍ମର 'ବାକି ସବ୍ ଫାର୍ଷ୍ଟ କ୍ଲାସ୍ ହେଁ' ଗୀତରେ ସେ ନୃତ୍ୟ କରିଛନ୍ତି। ଅଭିନେତା ବରୁଣ ଧାୱନଙ୍କ ସହିତ ତାଙ୍କର କେମିଷ୍ଟ୍ରି ବେଶ୍ ଜମିଥିବା ଏଥିରେ ଦେଖିବାକୁ ମିଳିଛି।

'ହିନ୍ଦୁସ୍ତାନ ଟାଇମ୍ସ ମୋଷ୍ଟ ଷ୍ଟାଇଲିଶ୍ ଆୱାର୍ଡସ-୨୦୧୯' ଅବସରରେ ଗଣମାଧ୍ୟମ ସହ ବାର୍ତ୍ତାଳାପ ବେଳେ କିୟାରା କହିଲେ, ଭବିଷ୍ୟତରେ ଆମେ ଏକତ୍ର ଏକ ଫିଲ୍ମ କରିବୁ। ଲୋକମାନେ ଏହି ଗୀତରେ ଆମର କେମିଷ୍ଟ୍ରିକୁ ପସନ୍ଦ କରିଛନ୍ତି ଏବଂ ତାହା ହିଁ ଆମ ପାଇଁ ଯୋଗ୍ୟତାର ମାପଦଣ୍ଡ ହେବ ବୋଲି ସେ କହିଛନ୍ତି। ସନ୍ଦୀପ ଭାଙ୍ଗା 'କବିର ସିଂ'ର କାହାଣୀ ରଚନା କରିବା ସହିତ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ତେଲୁଗୁ ଫିଲ୍ମ 'ଅର୍ଜୁନ ରେଡ଼ି'ର ଏହା ରିମେକ୍। ଉକ୍ତ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଯୁଗ୍ମଭାବେ ସିନେ ୧ ଷ୍ଟୁଡିଓଜ୍ ଏବଂ ଟି-ସିରିଜ୍।

# 'ସରକାରୀ ଯୋଜନାକୁ ଦଳୀୟ ପ୍ରଚାରରେ ଲଗାଉଛି ବିଜେଡି'

ଭୁବନେଶ୍ୱର,୩୧।୩ (ବ୍ୟୁରୋ)

**ଭାଜପାରେ ମିଶିଲେ ଉଦଳାର ବହୁ ବିଜେଡି କର୍ମୀ**

ସ୍ୱାମୀ ମରୁ ପଛେ, ସଉତୁଣୀ ବିଧବା ହେଉ ନୀତି ରାଜ୍ୟ ସରକାର ଆପଣେଇଛନ୍ତି। ଗଣତନ୍ତ୍ରରେ ସାଧାରଣ ଲୋକଙ୍କୁ ଠକିଲେ ଏହାର ପରିଣାମ ସରକାରଙ୍କୁ ଭୋଗିବାକୁ ପଡ଼ିବ ବୋଲି ରାଜ୍ୟ ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଯେ, ବିଜେଡି ସଭାପତି ନବୀନ ପଟ୍ଟନାୟକ କାଳିଆ ନାଁରେ ଓଡ଼ିଆ ଲୋକଙ୍କୁ ଠକୁଛନ୍ତି। ନିର୍ବାଚନ କମିଶନ କାଳିଆ ଯୋଜନାର ତାଲିକା ଓ ଏଥିପାଇଁ ବଜେଟର ବ୍ୟବସ୍ଥା ଉପରେ ମୌଳିକ ପ୍ରଶ୍ନ ଉଠାଇଛନ୍ତି । ମାତ୍ର ଏହି ବ୍ୟବସ୍ଥା ନ କରି ନବୀନ ବାବୁ ଓଡ଼ିଆ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ପ୍ରଚାର କରୁଛନ୍ତି । ସରକାରୀ ଯୋଜନାକୁ ଦଳୀୟ ପ୍ରଚାରରେ ଲଗାଯାଇଛି । ଯଦି ବିଜେଡିକୁ ଏଲପିଜି ପ୍ରଚାରରେ ଆପତ୍ତି ଥିଲା, ତେବେ କାଳିଆ ପ୍ରଚାରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଆପତ୍ତି କାହିଁକି ଜଣାପଡୁନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବିଜେଡି ଏମ୍‌ପି ବିଧାୟକଙ୍କ ପରିବାରର ଲୋକମାନେ ହେଉଛନ୍ତି କାଳିଆର ଲାଭାର୍ଥୀ । ସାଧାରଣ ଲୋକଙ୍କ ମନରେ ଏବେ ଏହାକୁ ନେଇ ରାଗ ଆସିଲାଣି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ହୋଇଯିବା ଭୟରେ ସରକାର ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ ଲାଗୁ କଲେନାହିଁ। ଶୌଚାଳୟ ନିର୍ମାଣ କଲେ ନାହିଁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ ନେଲେ । ସେଭଳି ରାଜ୍ୟ ସରକାର ଦାବି କରୁଥିବା ୩୬ଲକ୍ଷ ଚାଷୀଙ୍କ ତାଲିକା ମଧ୍ୟରୁ ପିଏମ୍ କିଷାନ ଯୋଜନା ପାଇଁ ମଧ୍ୟ ଚାଷୀଙ୍କ ତାଲିକା ପଠାଇଲେ ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱକୁ ସ୍ୱୀକାର କରି ଭାଜପାରେ ଯୋଗ ଦେଉଥିବା ଭଲ ବ୍ୟକ୍ତିମାନଙ୍କୁ ହୃଦୟରେ ସ୍ୱାଗତ କରାଯିବ । ରବିବାର ଉଦଳା ବ୍ଲକର ଅଧ୍ୟକ୍ଷା କୁମାରୀ ମୁର୍ମୁ, ମହିଳା ସଭାନେତ୍ରୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲଳିତା ବିଶୋଇ, ଉଦଳା ବ୍ଲକର ଉପାଧ୍ୟକ୍ଷ ପରେଶ କୁମାର ବେହେରା ପ୍ରମୁଖ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଉଦଳା ନିର୍ବାଚନମଣ୍ଡଳୀର ଆହୁରି ଅନେକ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ମଧ୍ୟ ଦଳରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳରେ ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମୀଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ସମସ୍ତେ ଦଳରେ ଭୂମିକା ନିର୍ବାହ କରିବେ । ଓଡ଼ିଶାରେ ଯେଉଁ ପରିବର୍ତ୍ତନ ଧାରା ରହିଛି। ସମସ୍ତେ ସେଥିରେ ସାମିଲ ହେବେ । ଲୋକଙ୍କ ହୃଦୟରେ ଥିବା ବ୍ୟକ୍ତି ହିଁ ଲୋକଙ୍କ ମନ ଜିଣିପାରିବେ । ଏଥର ଭାରତ ବର୍ଷର ଓଡ଼ିଶାରେ ଲୋକଙ୍କ ହୃଦୟରେ ପ୍ରଧାନମନ୍ତ୍ରୀ ଅଛନ୍ତି । ଓଡ଼ିଶା ତଥା ଦେଶର ବିକାଶ ପାଇଁ ଡବଲ ଇଞ୍ଜିନ ଲଗାଇବାକୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଓଡ଼ିଆ ଲୋକଙ୍କଠାରୁ ଆଶୀର୍ବାଦ ମାଗିଛନ୍ତି । ଓଡ଼ିଆ ଲୋକମାନେ ଏଥିରେ ସାମିଲ ହେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# ୧୨ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ଜଳେଶ୍ୱର, ୩୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ୬୦ନଂ ଜାତୀୟ ରାଜପଥର ଜମାଲପୁର ସ୍ଲିପରୋଡ୍ ନିକଟସ୍ଥ ପେଟ୍ରୋଲପମ୍ପ ସମ୍ମୁଖରେ ରବିବାର ଭୋର୍ ସମୟରେ ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଏକ କାର୍‌ରୁ ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଯାହାର ମୂଲ୍ୟ ୧୨ଲକ୍ଷ ହେବ। ଏଥିରେ ସମ୍ପୃକ୍ତ ୩ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅଞ୍ଚଳର ସୁବାସ ଭୋଇ, ଚନ୍ଦନ ଭୋଇ ଓ ଜଗତ୍‌ସିଂହପୁର ଜିଲା ଟାଉନ୍‌ଥାନା ଅଧୀନ ଡିହସାହି ପଥାପଡ଼ା ଅଞ୍ଚଳର ଶିବ ପ୍ରସାଦ ମହାନ୍ତ। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ମାମଲା (ନଂ.୧୭୫/୧୮-୧୯) ରୁଜୁ ହୋଇଛି।

ପଶ୍ଚିମବଙ୍ଗରୁ ଏହି ୩ ଯୁବକ ବ୍ରାଉନ୍‌ସୁଗାର ନେଇ ଏକ ଇଣ୍ଡିକୋ କାର୍ (ନଂ. ଓଆର୍-୦୬ଜେ-୮୮୬୬) ଯୋଗେ ଭୁବନେଶ୍ୱର ଯାଉଥିଲେ। ଗୁଇନ୍ଦା ସୂଚନାକୁ ଆଧାର କରି ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ (ଏସ୍‌ପି) ରାଜେନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ଜଳେଶ୍ୱର ଅବକାରୀ ବିଭାଗ ଟିମ୍ ମିଳିତ ଭାବେ ସ୍ଲିପ୍‌ରୋଡରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଚଢାଉ କରିଥିଲେ। ଚଢାଉ ବେଳେ ବ୍ରାଉନ୍‌ସୁଗାର ସହ ୩ଟି ମୋବାଇଲ, ନଗଦ ୨,୮୨୦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଟିମ୍‌ରେ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ଉଦୟଲାଲ ନାୟକ, ଜଳେଶ୍ୱର ଅବକାରୀ ଥାନା ଓଆଇସି ହରପ୍ରସାଦ ରଣା, ଏଏସ୍‌ଆଇ ଦୋଳଗୋବିନ୍ଦ ଧଳ, ଚନ୍ଦ୍ରମୋହନ ସେଠୀ, କନଷ୍ଟେବଲ ରାଜୀବ ଭଞ୍ଜ, ପ୍ରହ୍ଲାଦ ବିଶ୍ୱାଳ, ଅଞ୍ଜନ ଜେନା ଓ ସେକ୍ କଲିମ ସାମିଲ ଥିଲେ।



ଜବତ ବ୍ରାଉନ୍‌ସୁଗାର ସହ ଗିରଫ ଅଭିଯୁକ୍ତ।

### ଏସ୍‌ସିବିରେ ବିରଳ ଅପରେଶନ
### ଯୁବକଙ୍କ ଛାତିରୁ ବାହାରିଲା ତୀର

କଟକ ଅଫିସ, ୩୧।୩– ପାରିବାରିକ କଳହକୁ ନେଇ ଜଣେ ଯୁବକଙ୍କୁ ତୀର ମାଡ଼ ହୋଇଥିଲା। ତୀରଟି ତାଙ୍କ ଛାତିରେ ପଶି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। କାଜୁଆଲିଟିରେ ପହଞ୍ଚିବା ପରେ ତାଙ୍କୁ ମେଡିକାଲର ହୃଦ୍‌ବକ୍ଷଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ରବିବାର ସମ୍ପୃକ୍ତ ଯୁବକଙ୍କ ଅସ୍ତ୍ରୋପଚାର କରାଯାଇ ଛାତିରୁ ତୀର ବାହାର କରାଯାଇଛି । ଯୁବକ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକ କହିଛନ୍ତି। ଯୁବକ ଜଣକ ହେଉଛନ୍ତି ମନୋଜ ବେହେରା (୩୦)। ତାଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନସ୍ଥ ଦୁଣ୍ଡଗାଁ ଅଞ୍ଚଳରେ। ଶନିବାର ତାଙ୍କୁ ତୀର ମାଡ଼ ହୋଇଥିଲା।

■ ଝାରସୁଗୁଡା ଭିଏସ୍‌ଏସ୍ ବିମାନବନ୍ଦରରୁ ଉଡିଲା ସ୍ପାଇସ୍‌ଜେଟ୍

# ଦିଲ୍ଲୀ, କଲିକତା, ହାଇଦ୍ରାବାଦକୁ ବିମାନସେବା ଆରମ୍ଭ

ଝାରସୁଗୁଡା ଅଫିସ୍/ଲଖନପୁର, ୩୧।୩(ଡି.ଏନ୍.ଏ)

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନ ବନ୍ଦରରୁ ଦିଲ୍ଲୀ, କଲିକତା ଓ ହାଇଦ୍ରାବାଦ ସହରକୁ ସ୍ପାଇସ୍‌ଜେଟ୍ ବିମାନସେବା ରବିବାର ଆରମ୍ଭ ହୋଇଛି। ଏହାକୁ ବିମାନ ବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ ଓ ସ୍ପାଇସ୍‌ଜେଟ୍ ଆଞ୍ଚଳିକ ମ୍ୟାନେଜର (ନର୍ଥ) ବିଜେନ୍ଦ୍ର ସିଂହ ଦୀପ ପ୍ରଜ୍ୱଳନ ସହ କେକ୍‌କାଟି ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଏସ୍‌ପି ଅଶ୍ୱିନୀ ମହାନ୍ତି, ବେଦାନ୍ତ କମ୍ପାନୀ ସିଇଓ ଅଭିଜିତ୍ ପତି, ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀର ଅଧିକାରୀ ତାରାପଦ ଦାସ, ରଘୁମଣି ପଟେଲ, ଦେବଶ୍ଳୋକ ଶର୍ମା, ବାଳଗୋବିନ୍ଦ ମିଶ୍ର ପ୍ରମୁଖ ବହୁ ଉଚ୍ଚପଦସ୍ଥ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିମାନସେବା ପ୍ରଥମ ଦିବସରେ ଦିଲ୍ଲୀରୁ ଏୟାରବସ୍ ୭୩୭ର ୧୮୯ ସିଟ୍‌ର ଏକ ବିମାନ ନିର୍ଦ୍ଧାରିତ ସମୟ ସାରଣୀରୁ ଅଧଘଣ୍ଟା ବିଳମ୍ବ ଅପରାହ୍ନ ୩ଟା୪୦ରେ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିଥିଲା। ଏଥିରେ ୧୪୨ଜଣ ଯାତ୍ରୀ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିଥିଲେ। ପରେ ଉକ୍ତ ବିମାନ ଝାରସୁଗୁଡାରୁ ୧୮୩ଜଣ ଯାତ୍ରୀଙ୍କୁ ଧରି ଦିଲ୍ଲୀ ଅଭିମୁଖେ ଉଡାଣ କରିଥିଲା। ବୁମ୍ବାଡିୟର କ୍ୟୁ୪-୧୦୦ର ୭୮ସିଟର ଏକ ବିମାନ ଅପରାହ୍ନ ୩ଟା ୫୫ରେ କଲିକତାରୁ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିଥିଲା। ଉକ୍ତ ବିମାନ ପୁଣି ୫୮ଜଣ ଯାତ୍ରୀଙ୍କୁ ଧରି ହାଇଦ୍ରାବାଦ ଅଭିମୁଖେ ବାହାରିଥିଲା। ରାତି ୮ଟା ୪୦ରେ ଏକ ବିମାନ ଝାରସୁଗୁଡାରୁ କଲିକତା ଅଭିମୁଖେ ଯାତ୍ରା କରିଛି। ଏଥିମଧ୍ୟରେ ଝାରସୁଗୁଡା, ସମ୍ବଲପୁର, ରାଉରକେଲା, ଛତିଶଗଡର ରାୟଗଡ, ସୁନ୍ଦରଗଡ, ବରଗଡ ଆଦି ଅଞ୍ଚଳର ଯାତ୍ରୀ ଯାତାୟାତ କରିଥିବା ଜଣାପଡିଥିଲା। ବିମାନ ଚଳାଚଳ ପରେ ପଶ୍ଚିମ ଓଡିଶାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି।

ଭିଏସ୍‌ଏସ୍ ବିମାନ ବନ୍ଦରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସେପ୍ଟେମ୍ବର ୨୨ରେ ଉଦ୍‌ଘାଟନ କରିଥିଲେ। ତା'ପରେ ଏୟାର ଓଡ଼ିଶାର ବିମାନସେବା ଆରମ୍ଭ ହୋଇଥିଲା। ଗତ କିଛିଦିନ ପରେ ଏୟାର ଓଡ଼ିଶାର ବିମାନସେବାରେ ଅନିୟମିତତା ଦେଖାଦେଇଥିଲା। ଫଳରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏୟାର ଓଡ଼ିଶା ଲାଇସେନ୍ସ ବାତିଲ କରାଯାଇଥିଲା।



ଦିଲ୍ଲୀରୁ ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ ସ୍ପାଇସ୍‌ଜେଟ୍।



ଯେ ନିଜ ଚେତନା ଭିତରେ ସର୍ବଦା ସମସ୍ତଙ୍କ ଲାଗି ଶୁଭେଚ୍ଛା ପୋଷଣ କରିଥାଏ- ସେଇ କେବଳ ସବୁ ଜିନିଷରେ ଲୁଚିରହିଥିବା ଶୁଭେଚ୍ଛାକୁ ଦେଖିପାରେ। ତାରି ଅନ୍ତର୍ଦୃଷ୍ଟିରେ ଇ ଶୁଭେଚ୍ଛା ପ୍ରତିଭାତ ହୁଏ। -ଶ୍ରୀମା

# ରାଜନୈତିକ ଏଲ୍ ନିନ୍ୟୋ

ନିକଟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଘୋଷଣା କରିଛି ଯେ, ପ୍ରଶାନ୍ତ ମହାସାଗରର ବିଷୁବରେଖା ଅଞ୍ଚଳରେ ଏଲ୍ ନିନ୍ୟୋ ପ୍ରଭାବ ଜାରି ରହିଛି। ଏହାର ପ୍ରଭାବରେ ବିଶ୍ୱତାପନ ବୃଦ୍ଧି ପାଇବ। ଉତ୍ତପ୍ତ ସାଗର ଜଳର ପ୍ରଭାବ ଭୂଭାଗ ଉପରେ ପଡ଼ିଲେ ଜଳବାୟୁକୁ ପ୍ରଭାବିତ କରିବା ସ୍ୱାଭାବିକ। ଭାରତରେ ଏଲ୍ ନିନ୍ୟୋ ପ୍ରଭାବ ପଡ଼ିବା ଦ୍ୱାରା ଗ୍ରୀଷ୍ମକାଳରେ ବାୟୁମଣ୍ଡଳ ଅତ୍ୟଧିକ ମାତ୍ରାରେ ଗରମ ହେବାରେ ଲାଗିବ। ଫଳରେ ବୃଷ୍ଟିପାତ ପରିମାଣ ଯଥେଷ୍ଟ କମିଯିବ। ଅଧିକାଂଶ ସମୟରେ ଏଭଳି ଅବସ୍ଥା ଲାଗି ରହିଲେ ମରୁଡ଼ି ହେବା ସୁନିଶ୍ଚିତ। ପାଣିପାଗ ବିଶେଷଜ୍ଞ ମତ ଦେଲେଣି ଯେ, ଭାରତରେ ଚଳିତବର୍ଷ ସେଭଳି ସ୍ଥିତି ଉପୁଜିବାକୁ ଯାଉଛି। ଏଲ୍ ନିନ୍ୟୋ ପ୍ରଭାବ ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ତାପମାତ୍ରା ବଢ଼ିବାରେ ଲାଗିଛି। କେରଳରେ ସର୍ବାଧିକ ତାପମାତ୍ରା ୫୦ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଓଡ଼ିଶାର ୬ଟି ସ୍ଥାନରେ ୪୦ ଡିଗ୍ରୀ ଉପରକୁ ଚାଲିଗଲାଣି। ଏଭଳି ତାପମାତ୍ରା ବୃଦ୍ଧି ପାଇଲେ ଏପ୍ରିଲ ଓ ମେ'ରେ ଅସହ୍ୟ ଗରମ ଅନୁଭୂତ ହେବା ସହ ଜନଜୀବନ ପ୍ରଭାବିତ ହେବ ଓ କୃଷିକ୍ଷେତ୍ର ସବୁଠାରୁ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ଆଶଙ୍କା ରହୁଛି।

ଏବେ ଭାରତରେ ସାଧାରଣ ନିର୍ବାଚନ ପବନ ବହିବାରେ ଲାଗିଛି। ଜନସାଧାରଣ ସମ୍ପୂର୍ଣ୍ଣ ନୀରବ ରହିଯାଇଥିବା ବେଳେ ସବୁ ରାଜନୈତିକ ଦଳ ଭୋଟ ହାତେଇବା ପାଇଁ ସମାଜର ପ୍ରତ୍ୟେକ ବର୍ଗଙ୍କୁ ବିଭିନ୍ନ ଉପାୟରେ ଆକର୍ଷିତ କରିବାରେ ଚେଷ୍ଟିତ। କେହି ବୁଝିପାରୁ ନାହାନ୍ତି ରାଜନୈତିକ ଏଲ୍ ନିନ୍ୟୋର ପବନ କେଉଁଆଡ଼େ ବହିବ। ଓଡ଼ିଶାରେ ଅନିଶ୍ଚିତତା ଦୀର୍ଘ ଦୁଇ ଦଶନ୍ଧି ପରେ ଦେଖିବାକୁ ମିଳୁଛି। ସେହିପରି ପାର୍ଲାମେଣ୍ଟରେ ମଧ୍ୟ କିଏ କେତେ ଶକ୍ତିଶାଳୀ ହେବା କହିବା, ବିଶେଷଜ୍ଞମାନଙ୍କ ପାଇଁ, ଅସମ୍ଭବ ହୋଇପଡ଼ିଲାଣି। ପୂର୍ବରୁ ଯେଉଁ ଚିନ୍ତା କରାଯାଉଥିଲା ଯେ, ଓଡ଼ିଶାରେ ନବୀନଙ୍କ ବିଜୁ ଜନତା ଦଳର ଥୁଆ ଓ ଦିଲ୍ଲୀରେ ମୋଦିଙ୍କର ପୋତା, ଉଭୟ ପ୍ରବଳ ସନ୍ଦେହ ଘେରରେ ଢାଙ୍କି ହୋଇଗଲେଣି। ଏହିଭଳି ପ୍ରଚ୍ଛଦପଟରେ ସବୁ ନେତାଙ୍କର ଚେତା ବୁଡ଼ିଗଲା ଭଳି ମନେହେଉଛି। ହଠାତ୍ କରି କୃଷକଙ୍କ ସମସ୍ୟା ଉଗ୍ର ରୂପ ଧାରଣ କରିଥିବା ଭଳି ଏହି ନେତାମାନଙ୍କର ଆଚରଣରୁ ବୁଝାପଡୁଛି। ଇତିମଧ୍ୟରେ କେନ୍ଦ୍ର ଏବଂ ଓଡ଼ିଶା ସରକାର ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ସାରିଲେଣି। ଆଉ କେତେକ ରାଜ୍ୟରେ କୃଷି ଋଣ ଛାଡ଼କୁ ଗୁରୁତ୍ୱ ଦିଆଯାଇ କରଦାତାଙ୍କ ଅର୍ଥ ଖର୍ଚ୍ଚ କରାଯାଉଛି। କିନ୍ତୁ ବାସ୍ତବ ପରିସ୍ଥିତି ଦେଖିଲେ ଚାଷୀଙ୍କ ମୁଖ୍ୟ ସମସ୍ୟାକୁ ଭଲ ଭାବେ ହୃଦୟଙ୍ଗମ ନ କରି କିଛି ପରିମାଣରେ ଅର୍ଥ ବାଣ୍ଟିଦେଲେ ସମାଧାନ ଆସିପାରିବ ବୋଲି ଯାହା ଚିନ୍ତା କରାଯାଉଛି, ତାହା ସମ୍ପୂର୍ଣ୍ଣ ଅବାସ୍ତବ। ଦେଶର ଅନେକ ପ୍ରାନ୍ତରେ ଗ୍ରୀଷ୍ମଦିନେ ପାଣି ଟୋପାଏ ପାଇବା ପାଇଁ ଲୋକେ ଉହଲବିକଳ ହେଉଛନ୍ତି। କେନାଲରେ ପାଣି ନାହିଁ। ଜଳସେଚନ କଥା ନ କହିଲେ ଭଲ। ଅର୍ଥନୈତିକ ସର୍ଭେ ୨୦୧୭-୧୮ ରିପୋର୍ଟ ଅନୁଯାୟୀ ସମୁଦାୟ ଚାଷଯୋଗ୍ୟ ଜମି ମଧ୍ୟରୁ ୩୪.୫ ପ୍ରତିଶତ ଜଳସେଚିତ ହୋଇପାରିଛି। ଅର୍ଥାତ୍ କୃଷିପ୍ରଧାନ ଦେଶ କୁହାଯାଉଥିବା ଭାରତବର୍ଷରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜମି ବର୍ଷାଜଳକୁ ବ୍ୟାକୁଳ ହୋଇ ଅନାଇଥାଆନ୍ତି। ଏହି ତଥ୍ୟକୁ ଦେଖିଲେ ଏଲ୍ ନିନ୍ୟୋ ପ୍ରଭାବରେ ବୃଷ୍ଟିପାତ କମିଗଲେ କୃଷି କ୍ଷେତ୍ର ଉପରେ ଏହାର ଘୋର ପ୍ରଭାବ ପଡ଼ିବ। ଏଭଳି ଜଳବାୟୁ ଓ ପରିବେଶଗତ ସମସ୍ୟାକୁ ଆଜିର ନେତୃତ୍ୱ ଗୁରୁତ୍ୱ ନ ଦେଇ କେବଳ କୃଷକଙ୍କ ପାଇଁ କାନ୍ଦିବା ଏକ ପ୍ରହେଳିକା ଭଳି ମନେହେଉଛି। ବାସ୍ତବ ଦୃଷ୍ଟିରୁ ଦେଖିଲେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଖାଦ୍ୟଶସ୍ୟ ନିତାନ୍ତ ଦରକାର। ଏପରି କି ମଣିଷକୁ ଛାଡ଼ିଦେଲେ ପ୍ରାଣିଜଗତ ଖାଦ୍ୟ ଶୃଙ୍ଖଳ ଉପରେ ନିର୍ଭରଶୀଳ। ପୂର୍ବରୁ କୁହାଯାଉଥିଲା ଦେଶର ଅର୍ଥନୈତିକ ଓ ସାମାଜିକ ସମସ୍ୟାଗୁଡ଼ିକୁ ରାଜନେତାମାନେ ସମ୍ବେଦନଶୀଳ ହୋଇ ନିଜ ନିଜର ଦଳୀୟ ନିର୍ବାଚନୀ ଦଲିଲ ବା ଇସ୍ତାହାରରେ ଉଲ୍ଲେଖ କରନ୍ତୁ। ଏବକାର ପରିସ୍ଥିତିରେ ଏଭଳି ଦାବି ମଧ୍ୟ ଅବାନ୍ତର ମନେହେଲାଣି। କାରଣ ନିର୍ବାଚନ ପୂର୍ବରୁ ଦିଆଯାଉଥିବା ପ୍ରତିଶ୍ରୁତି ଏବଂ ମାନିଫେଷ୍ଟୋକୁ କୌଣସି ନେତା ସମ୍ମାନ ଦେଉନାହାନ୍ତି। ଏହାର ପବିତ୍ରତାକୁ ସବୁ ଦଳ ଏବଂ ନେତା ନଷ୍ଟ କରିସାରିଲେଣି। ଏହା ଅତ୍ୟନ୍ତ ଦୁଃଖଦାୟକ ହେଲେ ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ। ସେଥିପାଇଁ କୌଣସି ଗୋଟିଏ ଦଳ ଉପରେ ବିଶ୍ୱାସ କରାଯାଇ ଦେଶର ଭବିଷ୍ୟତକୁ ସୁରକ୍ଷିତ କରିବା ସମ୍ଭବପର ନୁହେଁ।

## ଚିରନ୍ତନୀ

ମୁହିଁ ସେ ଜୀବନ ସକଳ ଧରାର ଧ୍ୟାନ
ଚିର ବାଞ୍ଛିତ ବିଶ୍ୱର ଅବଦାନ,
ମୁହିଁ ସେ ଜୀବନ ଖୋଜିଥିଲୁ ଶୈଶବେ
ତରୁଣ ଆଶାର ରଞ୍ଜିତ ଉଷା-ନଭେ।

(ଜୀବନର ସ୍ୱର୍ଣ୍ଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | 9 | | | | | | D | | | B | | |
| | | | | | | | A | | | 2 | | 7 | | 4 |
| | | | 1 | | | D | 0 | 9 | | | 5 | | 2 | |
| C | 7 | A | 4 | | | | | | | 0 | B | | 5 | 6 |
| | | 6 | B | | 2 | | E | | 7 | | 9 | C | | |
| 2 | B | 1 | | | | 7 | | | | | | | C | |
| | | | | | | | | | 3 | | 6 | | A | |
| | | | 0 | | E | 2 | | | | A | | | 6 | |
| | 4 | | | 6 | | | | 5 | | | 0 | 1 | | |
| D | | | | 7 | | | | | | 8 | | 0 | | |
| | | 0 | | | | | 7 | 3 | | | E | | | 1 |
| | E | 8 | | | | | | A | | B | | | | |
| | | | | 5 | | C | | | | | D | | | 2 |
| 4 | | C | | | 3 | 5 | | | | 6 | | D | | |
| | | D | | | C | | 8 | 4 | | | | A | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | 2 | 3 | C | 4 | E | 8 | 5 | B | 1 | 7 | 0 | 9 | 6 |
| 3 | 0 | 7 | A | 6 | 5 | D | 9 | B | 8 | E | 4 | 1 | C | 2 |
| 6 | 1 | 4 | 8 | E | 7 | A | C | 0 | 9 | 2 | 3 | B | 5 | D |
| E | 9 | 5 | 1 | B | 0 | 6 | 4 | 2 | A | D | C | 3 | 7 | 8 |
| 8 | C | B | D | 9 | 2 | 3 | 1 | 7 | 5 | 0 | 6 | E | A | 4 |
| 4 | 6 | 3 | E | 8 | C | 2 | 5 | 9 | D | B | 0 | A | 1 | 7 |
| 9 | A | 0 | 7 | 2 | B | 4 | 3 | 1 | C | 8 | E | D | 6 | 5 |
| 7 | E | C | 4 | D | 6 | B | A | 8 | 1 | 9 | 5 | 2 | 0 | 3 |
| 2 | 8 | D | 5 | 3 | 1 | 0 | E | 6 | 4 | 7 | A | 9 | B | C |
| B | 5 | 1 | 0 | A | 9 | 7 | D | C | 6 | 3 | 2 | 4 | 8 | E |
| D | B | 8 | 6 | 5 | E | C | 0 | 4 | 2 | A | 1 | 7 | 3 | 9 |
| 5 | 7 | E | C | 4 | A | 1 | 2 | 3 | 0 | 6 | 9 | 8 | D | B |
| 0 | 4 | A | B | 7 | 8 | 9 | 6 | E | 3 | C | D | 5 | 2 | 1 |
| 1 | 2 | 6 | 9 | 0 | 3 | 8 | 7 | D | E | 5 | B | C | 4 | A |
| C | 3 | 9 | 2 | 1 | D | 5 | B | A | 7 | 4 | 8 | 6 | E | 0 |

ଗତକାଲିର ଉତ୍ତର

# ସମୟର ଆଇନାରେ ଓଡ଼ିଶା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୩ତମ ପୂର୍ତ୍ତି ଦିବସ। ଭାଷାଭିତ୍ତିରେ ଓଡ଼ିଶା ବୋଧହୁଏ ସମଗ୍ର ଭାରତବର୍ଷରେ ପ୍ରଥମ ରାଜ୍ୟ। ଏହା ପୂର୍ବରୁ ଯେ ଓଡ଼ିଶାର ଅସ୍ତିତ୍ୱ ନ ଥିଲା ତାହା ନୁହେଁ; ତେବେ ଏହି ସମୟ ଭିତରେ ଆମେ ପାଇଛୁ କ'ଣ ଏବଂ ହରାଇଛୁ କ'ଣ ତାହା ହିଁ ସମୀକ୍ଷାର ବିଷୟ।

ଓଡ଼ିଶା ଏକ ବିଶାଳ, ସୁସଙ୍ଗଠିତ ହିନ୍ଦୁ ରାଜ୍ୟର ମାନ୍ୟତା ଲାଭକରି ୧୫୬୮ ମସିହା ପର୍ଯ୍ୟନ୍ତ ନିଜର ସ୍ୱାଧୀନତା ବଜାୟ ରଖିଥିଲା। ସବାଶେଷରେ ୧୮୦୩ ମସିହାରେ ବ୍ରିଟିଶମାନେ ମରହଟ୍ଟାଠାରୁ ଓଡ଼ିଶା ପ୍ରଦେଶ ଅଧିକାର କଲା ପରେ କେବଳ ପୁରୀ, କଟକ ଓ ବାଲେଶ୍ୱରକୁ ନିଜ ଶାସନାଧୀନ ରଖି ଦେଶୀୟ ରାଜ୍ୟଗୁଡ଼ିକ ସହ ସ୍ୱତନ୍ତ୍ର ସନ୍ଧି କରିଥିଲେ। ଫଳତଃ ଓଡ଼ିଶାର ବିଭକ୍ତୀକରଣ ପୂର୍ଣ୍ଣତା ଲାଭ କରିଥିଲା। ପରବର୍ତ୍ତୀ ସମୟରେ ବ୍ରିଟିଶମାନେ କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ରାଜ୍ୟକୁ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦେଲେ।

ଉପରୋକ୍ତ ବିଭକ୍ତୀକରଣ ଦ୍ୱାରା ଓଡ଼ିଆମାନେ ସୁଦୂର କୋଲକାତା, ମାନ୍ଦ୍ରାଜ ଓ ନାଗପୁରଠାରେ ଶାସିତ ବୃହତ୍ ପ୍ରଦେଶଗୁଡ଼ିକରେ ଅତ୍ୟନ୍ତ ସଂଖ୍ୟାନ୍ୟୂନ ହୋଇଗଲେ। ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ସମୃଦ୍ଧିଶାଳୀ ଓଡ଼ିଆ ଭାଷାକୁ ସରକାରୀ ଦପ୍ତର, କଚେରି ଓ ବିଦ୍ୟାଳୟଗୁଡ଼ିକରୁ ଲୋପ କରିଦିଆଗଲା। ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଓ ବଙ୍ଗଳାର ସଂଶ୍ଳିଷ୍ଟ ଓଡ଼ିଆ ଅଞ୍ଚଳରେ ଯଥାକ୍ରମେ ହିନ୍ଦୀ, ତେଲୁଗୁ ଓ ବଙ୍ଗଳାଭାଷାର ପ୍ରଚଳନ ହେଲା।

ଓଡ଼ିଆ ଭାଷାର ବିଲୋପ ବିରୋଧରେ ଯେଉଁ ମନୀଷୀମାନେ ନିଜର ବିପୁଳ ରଚନାବଳୀ ଦ୍ୱାରା ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ନିମନ୍ତେ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ଗୌରୀଶଙ୍କର ରାୟ, ବିଶ୍ୱନାଥ କର, ବୈକୁଣ୍ଠନାଥ ଦେ ପ୍ରମୁଖଙ୍କ ନାମ ପ୍ରାତଃସ୍ମରଣୀୟ। ସର୍ବୋପରି ବାଲେଶ୍ୱରର ତତ୍କାଳୀନ କଲେକ୍ଟର, ବହୁଭାଷାବିତ୍ ଜନ୍ ବିମ୍‌ସ, ଆଇସିଏସ୍ ନିଜର ପାଣ୍ଡିତ୍ୟପୂର୍ଣ୍ଣ ଅକାଟ୍ୟ ଯୁକ୍ତି ଦ୍ୱାରା ଓଡ଼ିଆ ଭାଷାର ପ୍ରାଚୀନତା ଓ ଉତ୍କର୍ଷ ପ୍ରତିପାଦନ କରିଥିଲେ। ଫଳରେ ବଙ୍ଗ ସରକାର ତାଙ୍କ ଯୁକ୍ତି ଆଗରେ ହାର୍ ମାନି ଓଡ଼ିଶା ଡିଭିଜନରେ ଶାସନ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରଚଳନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାର ତତ୍କାଳୀନ କମିଶନ ରେଭେନ୍‌ଶା ସାହେବଙ୍କ ସାହାଯ୍ୟ ଓ ସହାନୁଭୂତି ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟର ନବ ଉନ୍ମେଷ ଓ ଉତ୍ତରଣ ଘଟିଥିଲା।

୧୯୧୧ ମସିହାରେ ଉତ୍କଳ ସମ୍ମିଳନୀ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ଆନ୍ଦୋଳନ ଜାରି ରଖିଥିବା ବେଳେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଏହି ଉକ୍ତିଟି ବିଶେଷ ପ୍ରଣିଧାନଯୋଗ୍ୟ- ''ସରକାର ବିହାରକୁ ୧୯୧୧ ମସିହାରେ ଅଲଗା କରି ସେଥିରେ ଓଡ଼ିଶାର ଅଂଶ ଯୋଡ଼ିଦେଲେ। କିନ୍ତୁ ଏଥିରେ ଓଡ଼ିଆଙ୍କ ମତାମତ ଆଦୌ ଗ୍ରହଣ କଲେନାହିଁ। ଲର୍ଡ ହାର୍ଡିଞ୍ଜ ଆମକୁ ସ୍ୱତନ୍ତ୍ର ପ୍ରଦେଶ ଦେବା ବଦଳରେ ଆମେ ବିହାରୀଙ୍କ ସଙ୍ଗେ ରହିଲେ ସୁଖୀ ହେବୁ ବୋଲି ମନେକଲେ।'' ଏ ଅନ୍ୟାୟ ବିରୋଧରେ ଓଡ଼ିଆମାନେ ଏକତ୍ରିତ ହୋଇ ପ୍ରତିବାଦ କରିବା ଉଚିତ ବୋଲି ସେ ମତବ୍ୟକ୍ତ କଲେ। ଲର୍ଡ କର୍ଜନଙ୍କ ଓଡ଼ିଶା ଆଗମନ ଏବଂ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ପାଇଁ ତାଙ୍କ ନିକଟରେ ମଧୁବାବୁଙ୍କ ଯୁକ୍ତିଯୁକ୍ତ ଦାବି ତାଙ୍କୁ ଏଭଳି ପ୍ରଭାବିତ କଲା ଯେ, ୧୯୧୨ ମସିହାରେ ସେ କହିଲେ, ''ଓଡ଼ିଶାକୁ ବିହାର ସହ ଯୋଡ଼ିବାରେ କି ଲାଭ ହେବ? ଭାଷା, ଚଳଣି, କୌଣସିଥିରେ ସମ୍ବନ୍ଧ ନ ଥିବା ଦୁଇଟି ଜାତିକୁ ଏକାଠି ରଖିବା ଠିକ୍ ନୁହେଁ। ଉଭୟ ପ୍ରଦେଶ ପର୍ବତ ଓ ନଦୀ ଦ୍ୱାରା ପରସ୍ପରଠାରୁ ଅଲଗା ହୋଇ ରହିଛି। ଆମେ ଏ ପର୍ଯ୍ୟନ୍ତ ଏ ବ୍ୟବଧାନ ଦୂରକରିବା ପାଇଁ ରେଳ ରାସ୍ତାଟିଏ ମଧ୍ୟ କରିପାରିନାହୁଁ। ମୁଁ ଭବିଷ୍ୟବାଣୀ କରିପାରେ ଯେ, ଏ ଭୁଲ୍ କଦାପି ଦୀର୍ଘକାଳ ରହିବ ନାହିଁ। ଓଡ଼ିଆମାନେ ତୀବ୍ର ଆନ୍ଦୋଳନ ନ କରିବା ହେତୁ ଆଜି ତାଙ୍କ ସ୍ୱାର୍ଥକୁ ବଳି ଦିଆଗଲା।''

ଓଡ୍‌ନେଲ କମିଟିଙ୍କ ସୁପାରିସକ୍ରମେ ୧୯୩୬ ମସିହା ଏପ୍ରିଲ ପହିଲା ଦିନ ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର ଓ କୋରାପୁଟ ଜିଲାକୁ ନେଇ ଗଠିତ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଏହାପରେ ୧୯୪୭ ଡିସେମ୍ବର ୧୪ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ଗଡ଼ଜାତ ମିଶ୍ରଣ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଷଢ଼େଇକଳା ଓ ଖରସୁଆଁ ସମେତ ଅନ୍ୟାନ୍ୟ ଦେଶୀୟ ରାଜ୍ୟର ମିଶ୍ରଣ ଓଡ଼ିଶା ସହ ସମ୍ଭବ ହେଲା। କିନ୍ତୁ ଏହି ଚୁକ୍ତିରେ ମୟୂରଭଞ୍ଜ ସ୍ୱାକ୍ଷର ନ କରି ସ୍ୱତନ୍ତ୍ର ଭାବେ ରହିବାକୁ ଚାହିଁବାରୁ ଷଢ଼େଇକଳା ଓ ଖରସୁଆଁକୁ ଓଡ଼ିଶାରୁ କାଢ଼ି ପୁଣି ବିହାର ସହ ଗମନାଗମନ ଜନିତ ଅସୁବିଧା ଆଳରେ ମିଶାଇ ଦିଆଗଲା। ସେତେବେଳେ ଭାରତ ସରକାରଙ୍କ ତରଫରୁ ସଫେଇ ଦିଆଯାଇଥିଲା ଯେ ଏହା ଏକ ସାମୟିକ ଘଟଣା। ମୟୂରଭଞ୍ଜର ଓଡ଼ିଶା ସହ ମିଶ୍ରଣ ହେଲେ ଷଢ଼େଇକଳା ଓ ଖରସୁଆଁ ପୁଣି ଓଡ଼ିଶାକୁ ଫେରି ଆସିବ। ୧।୧।୧୯୯୪ ତାରିଖରେ ମୟୂରଭଞ୍ଜ ଓଡ଼ିଶାରେ ମିଶିଯାଇଥିଲେ ମଧ୍ୟ ଷଢ଼େଇକଳା ଓ ଖରସୁଆଁର ମିଶ୍ରଣ ଓଡ଼ିଶା ସହ ଆଉ ସମ୍ଭବପର ହେଲା ନାହିଁ।

୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା। ୧୯୪୭ରୁ ୨୦୧୯ ଦୀର୍ଘ ୭୨ ବର୍ଷର ବ୍ୟବଧାନ। ଆମ ପରେ ଆନ୍ଧ୍ର, ହରିୟାଣା ଆଦି ରାଜ୍ୟ ସୃଷ୍ଟି ହୋଇଥିଲେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ବିକାଶର ଧାରା ଦେଖି ଆମକୁ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ସ୍ୱାଧୀନତାର ୭ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ମଧ୍ୟ ଆମକୁ ପନିପରିବା, ମାଛ ଏପରିକି ଫୁଲ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏଠାରେ ପରିସଂଖ୍ୟାନର ଆବଶ୍ୟକତା ନାହିଁ।

ଏକ ସଂଘୀୟ ବ୍ୟବସ୍ଥାରେ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଅନଗ୍ରସର ରାଜ୍ୟର ବିକାଶ ପ୍ରତି କେନ୍ଦ୍ରର ସକାରାତ୍ମକ ଦୃଷ୍ଟିଭଙ୍ଗୀ ରହିବା ଆବଶ୍ୟକ। ବିହାର ଓ ମହାରାଷ୍ଟ୍ରର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳୁଛି; କିନ୍ତୁ ଓଡ଼ିଶା କଥା ଉଠିଲା ବେଳକୁ ଟଙ୍କା ଗଛରେ ଫଳୁନାହିଁ ବୋଲି ମନ୍ତବ୍ୟ ଶୁଣିବାକୁ ମିଳୁଛି। ସ୍ୱାଧୀନତାର ଦୀର୍ଘଦିନ ପରେ ମଧ୍ୟ କେନ୍ଦ୍ରର ସାମନ୍ତବାଦୀ ମନୋଭାବରେ ପରିବର୍ତ୍ତନ ଆସୁନାହିଁ। ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ରେଳପଥ କଥା ହେଉ; କୌଣସି ନା କୌଣସି କ୍ଷେତ୍ରରେ ଓଡ଼ିଶା କେନ୍ଦ୍ର ଦ୍ୱାରା ଉପେକ୍ଷିତ। ଏହା ସବିଶେଷ ତଥ୍ୟର ଆବଶ୍ୟକତା ରଖେ ନାହିଁ।

ଦେଶ ସ୍ୱାଧୀନ ହେବାର ୭୨ ବର୍ଷ ହୋଇଗଲା, ଅଥଚ ଓଡ଼ିଆଙ୍କ ଅବସ୍ଥାରେ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ଉନ୍ନତି ହୋଇଥିବା ମନେହୁଏ ନାହିଁ। ପ୍ରାୟ ୧୦୦ ବର୍ଷ ତଳେ ଓଡ଼ିଆଙ୍କ ସାମାଜିକ ନିରାପତ୍ତା ଯେପରି ବିପନ୍ନ ଥିଲା ଆଜି ମଧ୍ୟ ଠିକ୍ ସେହିପରି ଅଛି। ବଳିଷ୍ଠ ନେତୃତ୍ୱ, ଉପଯୁକ୍ତ ସାଙ୍ଗଠନିକ ଶକ୍ତିର ଅଭାବ, ହୀନମନ୍ୟତା, ଈର୍ଷାକାତର ମନୋଭାବ ଏବଂ ସର୍ବୋପରି ବିଭିନ୍ନ କ୍ଷେତ୍ରରେ କେନ୍ଦ୍ରୀୟ ଅବହେଳା ଆମକୁ ଭାରତର ଏକ ଦରିଦ୍ର ରାଜ୍ୟରେ ପରିଣତ କରିଛି। ଏଥିପାଇଁ ପରିସଂଖ୍ୟାନର ଆବଶ୍ୟକତା ନାହିଁ। ଆଜି ଆମେ ଲକ୍ଷ୍ୟହୀନ। ସ୍ୱପ୍ନ ନାହିଁ; ସଂକଳ୍ପ ବା ଆସିବ କେଉଁଠୁ?

ଓଡ଼ିଶାର ଏ ଅବସ୍ଥା ପାଇଁ ନିର୍ଦ୍ଦିଷ୍ଟ ଭାବେ କାହାକୁ ଦାୟୀ କରିବା ଉଚିତ ହେବ ନାହିଁ। ଏଥିପାଇଁ ସମାଜର ସବୁବର୍ଗର ଲୋକ ଊଣା ଅଧିକେ ଦାୟୀ। ନେତା, ପ୍ରଶାସକ ଓ ପ୍ରତ୍ୟେକ ଶିକ୍ଷିତ ଲୋକ ସମସ୍ତେ ନିଜକୁ ନିଜେ ଏହି ପ୍ରଶ୍ନ ପଚାରିବା ଉଚିତ ଯେ, ଓଡ଼ିଶାର ଏ ଅବସ୍ଥା ପାଇଁ ସେମାନେ ନିଜେ କେତେ ପରିମାଣରେ ଦାୟୀ? ରାଜ୍ୟକୁ ଉନ୍ନତି ପଥରେ ଆଗେଇନେବାକୁ ହେଲେ ସୁନିର୍ଦ୍ଦିଷ୍ଟ ଯୋଜନା ଏବଂ ଏହାକୁ କାର୍ଯ୍ୟକାରୀ କରିବାକୁ ଦଳମତନିର୍ବିଶେଷରେ ଦୃଢ଼ ରାଜନୈତିକ ସଂକଳ୍ପର ଆବଶ୍ୟକତା ରହିଛି।

-ଚୈତନ୍ୟ ଧାମ, ଶବରସାହି, ପ୍ଲଟ୍ ନଂ ୨୦୮୪,
ଭୁବନେଶ୍ୱର, ମୋ-୯୪୩୮୦୭୨୮୫୦

# ଦକ୍ଷିଣରେ ରାହୁଲ

ପ୍ରେମ ଚନ୍ଦ୍ରନ୍

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦକ୍ଷିଣରୁ ପାର୍ଲାମେଣ୍ଟରେ ପ୍ରବେଶ କରିବା ପାଇଁ ଏକ ଜବରଦସ୍ତ ବାଜି ଲଗାଇ ଦେଇଛନ୍ତି। ତା' ସହ ଉତ୍ତରପ୍ରଦେଶର ଆମେଠିରେ ରହିଥିବା ତାଙ୍କର ପାରିବାରିକ ଗଡ଼କୁ ମଧ୍ୟ ଅଧିକ ଉତ୍ସାହର ସହ ଜଗିବେ, ଯେପରି ତାହା ହାତଛଡ଼ା ହୋଇ ନ ଯାଏ। ଆଗରୁ ଆମେଠି କଂଗ୍ରେସର ଅଭେଦ୍ୟ ଦୁର୍ଗ ଥିଲା, କିନ୍ତୁ ସେ ଧାରଣା ଏବେ ବଦଳିଯାଇଛି। ଏହା ଆଉ କଂଗ୍ରେସ ପାଇଁ ନିରାପଦ ନୁହେଁ ବୋଲି ସେମାନେ ଅନୁଭବ କରିସାରିଲେଣି। ୱାୟନାଡ୍ ହେଉଛି ଏକ ଆଦିବାସୀ ଓ ମୁସଲମାନବହୁଳ ନିର୍ବାଚନମଣ୍ଡଳୀ, ଯାହା ପଶ୍ଚିମଘାଟ ପାଖାପାଖି ତାମିଲନାଡୁ, କର୍ଣ୍ଣାଟକ ଓ କେରଳର ତ୍ରି-ସନ୍ଧି ସ୍ଥାନରେ ଅବସ୍ଥିତ। ଏ ନିର୍ବାଚନ ପ୍ରଚାର ଋତୁରେ ରାହୁଲଙ୍କ ପାଇଁ ଏହା ଏକ ଆଦର୍ଶ ସ୍ଥାନ। ଏଠି ସେ ଯାହା ପ୍ରଚାର କରିବେ, ତାହାର ଗୁଞ୍ଜନ ଅନ୍ୟ ସମସ୍ତ ପାଞ୍ଚଟି ଦକ୍ଷିଣୀ ରାଜ୍ୟରେ ପହଞ୍ଚିପାରିବ, କାରଣ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ମଧ୍ୟ ୱାୟନାଡ୍‌ରୁ ବେଶି ଦୂର ନୁହେଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଠୁ ଦ୍ୱିତୀୟ ଥର ପାଇଁ ତାଙ୍କର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି, ସେହି ଉତ୍ତରପ୍ରଦେଶର ବାରାଣସୀରୁ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଲଢ଼ିବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ କଂଗ୍ରେସ ଏହି ନିଷ୍ପତ୍ତି ନେଇଛି। ଆଶା କରାଯାଉଛି, କେରଳରେ ରାହୁଲ ଗାନ୍ଧୀଙ୍କ ପ୍ରାର୍ଥିତ୍ୱ ଦକ୍ଷିଣରେ ଏବଂ ୮୦ ଲୋକ ସଭା ଆସନବିଶିଷ୍ଟ ଉତ୍ତରପ୍ରଦେଶରେ ଲଢ଼ିବା ପାଇଁ ପ୍ରିୟଙ୍କା ନେଇଥିବା ନିଷ୍ପତ୍ତି କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କୁ ଉତ୍ସାହିତ କରିବ। କିନ୍ତୁ ଶରଦ ପାୱାରଙ୍କ ଭଳି କଂଗ୍ରେସର ବନ୍ଧୁ ଭାବାପନ୍ନ ନେତା ଅନୁଭବ କରନ୍ତି ଯେ, ଲାଲ୍ ଦୁର୍ଗ ବା ବାମପନ୍ଥୀଙ୍କ ଗଡ଼କୁ ସେମାନଙ୍କ ସହ ଲଢ଼ିବା ପାଇଁ ରାହୁଲ କାହିଁକି ଗଲେ ବୋଲି ଅନେକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ବାମପନ୍ଥୀ ଦଳ ଓ କଂଗ୍ରେସ ମଧ୍ୟରେ ସହଯୋଗ ବୃଦ୍ଧି ପାଇଥିବା ବେଳେ ଏହା ଶୁଭ ଲକ୍ଷଣ ନୁହେଁ। କଂଗ୍ରେସର ଏ ନିଷ୍ପତ୍ତିକୁ କେରଳର ବାମ ନେତାମାନେ କଦାପି ସ୍ୱୀକାର କରିବେ ନାହିଁ କିମ୍ବା କଂଗ୍ରେସକୁ ଏ ବାବଦରେ ସମର୍ଥନ କରିବେ ନାହିଁ। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ତ କହିସାରିଲେଣି ଯେ ୱାୟନାଡ୍‌ରେ ବାମନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଲଢ଼ିବେ ଓ ଜିତିବେ। ପୁନଶ୍ଚ ଆଶା କରାଯାଉଛି, ବାମ ନେତାମାନେ ରାହୁଲଙ୍କ ବିରୋଧରେ ଜୋରଦାର ନ ଲଢ଼ି ତାଙ୍କୁ ଜିତିବା ପାଇଁ ସୁଯୋଗ ଦେଇପାରନ୍ତି। ଆଜିକାଲି ରାଜନୀତି ହେଉଛି ଏକପ୍ରକାର ଆଡ୍‌ଜଷ୍ଟମେଣ୍ଟ (ସମାୟୋଜନ), ତାହା ଖୋଲାଖୋଲି ହୋଇପାରେ ବା ଗୁପ୍ତରେ।

ୱାୟନାଡ୍ ଏବଂ ସମଗ୍ର କେରଳରେ ଭାଜପାର ସ୍ଥିତି ସେତେ ସୁଦୃଢ଼ ନୁହେଁ। ତା'ଛଡ଼ା ୱାୟନାଡ୍ ହେଉଛି ଆଦିବାସୀ ଓ ମୁସଲମାନବହୁଳ ଅଞ୍ଚଳ, ଯାହା ରାହୁଲ ଗାନ୍ଧୀଙ୍କୁ ବେଶ୍ ସୁହାଇବ। ବିଶେଷତଃ ରାଜ୍ୟର ମୁସଲମାନ ନେତାମାନେ ରାହୁଲ ଗାନ୍ଧୀଙ୍କୁ ଏଥର କେରଳରୁ ପାର୍ଲାମେଣ୍ଟ ପଠାଇବାକୁ ଚାହାନ୍ତି। କାରଣ ସେମାନଙ୍କର ବିଶ୍ୱାସ, ସେ ହିଁ ଦିଲ୍ଲୀରେ ଭାଜପା ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଲଢ଼ିପାରିବେ। ମୁସଲମାନଙ୍କର ଛୋଟ ଛୋଟ ଗୋଷ୍ଠୀ ଲାଲଝଣ୍ଡାବାଲାଙ୍କୁ ସମର୍ଥନ କରୁଥିବା ବେଳେ ଉକ୍ତ ନିର୍ବାଚନମଣ୍ଡଳୀ ପାଇଁ ସିପିଆଇ-ଏଲ୍‌ଡିଏଫ୍ ନୋମିନି ହେଉଛନ୍ତି ଜଣେ ମୁସଲମାନ। ତଥାପି କଂଗ୍ରେସ ପକ୍ଷରୁ ଆଶା କରାଯାଉଛି, ଏହି ଭୋଟରମାନେ ମଧ୍ୟ ରାହୁଲଙ୍କୁ ଭୋଟ ଦେବେ। ରାଜ୍ୟର ମୁସଲମାନବହୁଳ ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ଏହିପରି ମନୋଭାବ ଦେଖିବାକୁ ମିଳୁଛି।

ଭାଜପା ୱାୟନାଡ୍ ଆସନକୁ ପୂର୍ବରୁ ତା'ର ଏକ ଆଞ୍ଚଳିକ ମେଣ୍ଟଦଳ ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଦେଇଥିଲେ ମଧ୍ୟ ବର୍ତ୍ତମାନ ପରିବର୍ତ୍ତିତ ପରିସ୍ଥିତିରେ ଏହି ଆସନ ପାଇଁ ଏନ୍‌ଡିଏ ତା'ର ପ୍ରାର୍ଥୀ ବଦଳାଇପାରେ। କାରଣ ଏଠାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସ୍ୱୟଂ ନିର୍ବାଚନ ଲଢୁଛନ୍ତି। ଭାଜପା ତା'ର ସହଯୋଗୀ ଦଳର ପ୍ରାର୍ଥୀଙ୍କୁ ବଦଳାଇ ନିଜର ପ୍ରାର୍ଥୀ ଦେଇପାରେ ଏବଂ ପ୍ରାଣମୂର୍ଚ୍ଛା ଲଢ଼େଇ କରିପାରେ। କିନ୍ତୁ ତା' ସତ୍ତ୍ୱେ ଏହାର ସୀମିତ ପ୍ରଭାବ ହିଁ ପଡ଼ିବ।

ରାହୁଲ ଗାନ୍ଧୀଙ୍କ ନାମ ଘୋଷଣା ଅବସରରେ କଂଗ୍ରେସ କହିଛି ଯେ, ଭାଜପା ଓ ମୋଦି ସରକାର ଦକ୍ଷିଣର କଳା, ସଂସ୍କୃତି ଓ ପରମ୍ପରାକୁ ଛୋଟ କରିବାକୁ ଚାହୁଁଥିବାରୁ ରାହୁଲଙ୍କୁ ଏହି ଆସନରୁ ଛିଡ଼ା କରାଇ କଂଗ୍ରେସ ତାହା ବିରୋଧରେ ଲଢ଼େଇ କରିବାକୁ ଚେଷ୍ଟା କରୁଛି। କିନ୍ତୁ ବାସ୍ତବରେ ଏହା ସତ୍ୟ ନୁହେଁ, କାରଣ କେନ୍ଦ୍ରର କୌଣସି ବି ସରକାର ଉଦ୍ଦେଶ୍ୟପ୍ରଣୋଦିତ କାର୍ଯ୍ୟ ଦ୍ୱାରା ଏକ ବୃହତ୍ତର ଜନଗୋଷ୍ଠୀର ବିରୋଧୀ ହେବାକୁ ଚାହିଁବେ ନାହିଁ। ଏହା ଭିତରେ ହିଁ ଗଣତନ୍ତ୍ରର ଶକ୍ତି ନିହିତ। ତେବେ ଜାତୀୟ ପ୍ରସଙ୍ଗଗୁଡ଼ିକୁ ନେଇ ଭାଜପା ବିରୋଧରେ ରାଜନୈତିକ ଲଢ଼େଇ କଂଗ୍ରେସକୁ ସାହାଯ୍ୟ କରିପାରେ। ଭାଜପା ଓ ମୋଦି ସରକାର ବିରୋଧରେ ଅନେକ ପ୍ରସଙ୍ଗ ରହିଛି ଏବଂ କଂଗ୍ରେସର ରାଜନୈତିକ ଆଭିମୁଖ୍ୟ ବାମପନ୍ଥୀ ସହ ମେଳ ଖାଉଛି। ସିପିଆଇ(ଏମ୍) ନେତା ସୀତାରାମ ୟେଚୁରୀ ସ୍ପଷ୍ଟ କରିସାରିଛନ୍ତି ଯେ, କଂଗ୍ରେସ ଓ ବାମପନ୍ଥୀମାନଙ୍କର ପ୍ରମୁଖ ଲକ୍ଷ୍ୟ ହେଉଛି ଭାଜପା ଓ ମୋଦିଙ୍କୁ କ୍ଷମତାରୁ ହଟାଇବା। ଏହି ଉକ୍ତି ୱାୟନାଡ୍‌ରେ ମଧ୍ୟ କଂଗ୍ରେସ ପାଇଁ ପ୍ରଯୁଜ୍ୟ।

premcee@gmail.com

## ଏଇ ଭାରତରେ

ଆଧାରକୁ ବର୍ତ୍ତମାନ ଏକ ସଫଳ ପରିଚୟପତ୍ର ଭାବେ ବ୍ୟବହାର କରାଯାଉଛି। କିନ୍ତୁ ଏହା ବିନା ୭ ବର୍ଷର ଝିଅକୁ ଯେ ଘରକୁ ନିଆଯାଇପାରୁ ନାହିଁ ତାହା ଚିନ୍ତାର ବିଷୟ ନିଶ୍ଚୟ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମଧ୍ୟପ୍ରଦେଶର ଗ୍ୱାଲିୟରରେ। ପେଟ ପୋଷିବା ପାଇଁ ୧୫ ବର୍ଷ ତଳେ ଲଳିତପୁରର ଘିସୋଲି ଗାଁରେ ନିଜର ଭିଟାମାଟି ଛାଡିଥିବା ବାବୁଲାଲ ଯୋଶୀ ଏବେ ଫୁଟପାଥ୍‌ର ବାସିନ୍ଦା। ତାଙ୍କ ପାଇଁ ସରକାରୀ ଯୋଜନାର କିଛି ମୂଲ୍ୟ ନାହିଁ। ନା ତାଙ୍କ ପାଖରେ ରହିଛି ଭୋଟର ପରିଚୟ ପତ୍ର ନା ଆଧାର କାର୍ଡ। ତାଙ୍କର ୪ ପିଲା। ପେଟ ପାଇଁ ଦିନସାରା ସ୍ତ୍ରୀ, ସ୍ୱାମୀ ପରିଶ୍ରମ କରନ୍ତି। ସନ୍ଧ୍ୟାରେ ରାସ୍ତା କଡ଼ରେ ଗଣ୍ଡେ ରାନ୍ଧି ଖାଇଥାନ୍ତି। ୩୫ ଦିନ ତଳେ ବାବୁଲାଲ ତାଙ୍କର ୭ ବର୍ଷର ଝିଅକୁ ୧୦ ଟଙ୍କା ଦେଇ ଚା' ଆଣିବାକୁ ପଠାଇଥିଲେ। ତେବେ ଝିଅ ବାଟ ଭୁଲି ଯାଇଥିଲା। ସେ ରାସ୍ତାରେ କାନ୍ଦୁଥିବାବେଳେ ତାଙ୍କୁ ଜଣେ ଯବାନ ଦେଖି ସ୍ଥାନୀୟ ପୋଲିସ ଥାନାରେ ପହଞ୍ଚାଇଥିଲେ। ପରେ ପୋଲିସ ତାଙ୍କୁ ବାଳିକା ଗୃହକୁ ପଠାଇଥିଲା। ଖବର ପାଇ ବାବୁଲାଲ୍ ବାଳିକା ଗୃହରେ ପହଞ୍ଚି ଝିଅକୁ ଆଣିବାକୁ ପୋଲିସ ବାବୁଙ୍କୁ କାକୁତି ମିନତି ହୋଇଥିଲେ। ତେବେ ସେଠାରେ ତାଙ୍କୁ ଆଧାର କାର୍ଡ ଦେଖାଇବାକୁ କୁହାଯାଇଥିଲା। ବାବୁଲାଲ ଆଧାର କାର୍ଡ ଯୋଗାଡ଼ ପାଇଁ ସରକାରୀ କାର୍ଯ୍ୟାଳୟ ବୁଲି ବୁଲି ନିରାଶ ହେଲେଣି। କିନ୍ତୁ ତାଙ୍କୁ ଆଧାର କାର୍ଡ ଖଣ୍ଡେ ମିଳିପାରୁନି। ଫଳରେ ଘର ଲୋକେ ନିଜର ହୋଇ ମଧ୍ୟ ପାଲଟିଛନ୍ତି ସାତପର।

## ୨୫ ବର୍ଷ ତଳର ଧରିତ୍ରୀ

୧ ଏପ୍ରିଲ ୧୯୯୪

- ଉପସାଗରୀୟ ଯୁଦ୍ଧ ପରେ ଇରାକ ବିରୋଧରେ ଜାତିସଂଘ ପକ୍ଷରୁ ଜାରି ହୋଇଥିବା ଆର୍ଥିକ ଓ ବାଣିଜ୍ୟ କଟକଣା ଯୋଗୁ ଇରାକରେ ୨୨ହଜାର ଶିଶୁଙ୍କ ପ୍ରାଣହାନି।
- ଓଡ଼ିଶା ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଜଷ୍ଟିସ ବାସୁଦେବ ପାଣିଗ୍ରାହୀଙ୍କ ଦାୟିତ୍ୱ ଗ୍ରହଣ।
- କୃଷ୍ଣସ୍ୱାମୀ କସ୍ତୁରୀରଙ୍ଗମ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ।

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୨୫- କଂଗ୍ରେସ ଜିତିଲେ ଅତି ଗରିବଙ୍କୁ ବାର୍ଷିକ ୭୨ ହଜାର ଟଙ୍କା ଦେବ ବୋଲି ରାହୁଲ ଗାନ୍ଧୀଙ୍କ ନିର୍ବାଚନୀ ପ୍ରତିଶ୍ରୁତି।

୨୬- କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧକୋଠାରେ ଆନନ୍ଦପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ରେ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀଭାବେ ଲଢ଼ିଥିବା ରାମଚନ୍ଦ୍ର ବେହେରାଙ୍କୁ କିଛି ଲୋକ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି।

୨୭- ମହାକାଶରେ ସାଟେଲାଇଟ୍ ଧ୍ୱଂସ କରିବା କ୍ଷମତା ଅର୍ଜନ କରି ଭାରତ ଏ କ୍ଷେତ୍ରରେ ବିଶ୍ୱର ଚତୁର୍ଥ ମହାଶକ୍ତିରେ ପରିଣତ ହୋଇଛି।

୨୮- ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ନଗଦ ୬୧୩ କୋଟି ଟଙ୍କା, ୧୪୫ କୋଟି ଟଙ୍କାର ଡ୍ରଗ୍ସ ଓ ୧୭୦ କୋଟି ଟଙ୍କାର ମୂଲ୍ୟବାନ୍ ଧାତୁ ଜବତ ହୋଇଛି।

୨୯- ଗୁଜରାଟ ପଟିଦାର ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ ୨୦୧୫ରେ ଏକ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସେ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି କୋର୍ଟ ରାୟ ଦେଇଛନ୍ତି।

## ଆମ ସମସ୍ୟା

### ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନ୍ୟାୟ ମିଳୁ

ମହାଶୟ,

ଓଡ଼ିଶାର ୧୭ଟି ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ବା କମ୍ପ୍ୟୁଟର ଆସିଷ୍ଟାଣ୍ଟମାନେ ସରକାରଙ୍କ ସର୍ବନିମ୍ନ ମଜୁରିଠାରୁ ବି କମ୍‌ରେ କାର୍ଯ୍ୟ କରୁଛନ୍ତି। କେତେକ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ବିଭିନ୍ନ ସଭାରେ ସେମାନଙ୍କୁ ପ୍ରତ୍ୟକ୍ଷ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାକୁ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ନାହିଁ। ଏ ସମ୍ପର୍କରେ ବ୍ୟାଙ୍କର ସିଇଓଙ୍କୁ ପଚାରିଲେ ସେ ଚାକିରିରୁ ବାହାର କରିଦେବାର ଧମକ ଦେଇ ଉକ୍ତ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଆର୍ଥିକ ଶୋଷଣ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଓଡ଼ିଶାର ସମସ୍ତ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟର ବା କମ୍ପ୍ୟୁଟର ଆସିଷ୍ଟାଣ୍ଟଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ।

ଶରତ କୁମାର ପ୍ରଧାନ, ରତିକାନ୍ତ ସାହୁ ଓଗେର, ଓଡ଼ିଶା

### ଡାକଘର ଭୁଶୁଡ଼ିବ

ପୁରୀ ଜିଲା ସାକ୍ଷୀଗୋପାଳ ଡାକଘର ଅବସ୍ଥା ଶୋଚନୀୟ। କୋଠରିଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କେତେବେଳେ ଯେ କୋଠାଟି ଭୁଶୁଡ଼ିବ କହିହେବ ନାହିଁ। ଅଘଟଣ ଘଟିବା ପରେ ସରକାରଙ୍କ ଚେତା ପଶିବ। ଅଥଚ ଅଘଟଣ ପୂର୍ବରୁ ବିହିତ ପଦକ୍ଷେପ ନେବେ ନାହିଁ। ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ନ ଭାଙ୍ଗିବା ଦୁର୍ଭାଗ୍ୟଜନକ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ରିହାତିରେ ପମ୍ପ ଯୋଗାଇ ଦିଆଯାଉ

ବର୍ତ୍ତମାନ ବିରିଡି ବ୍ଲକରେ ଜଳସ୍ତର କମିଗଲାଣି। ଯେଉଁମାନେ ଧାନ ଓ ପନିପରିବା ଚାଷ କରୁଛନ୍ତି ସେମାନଙ୍କୁ ରିହାତି ଦରରେ ସବ୍‌ମର୍ସିବଲ ପମ୍ପ ଯୋଗାଇଦେଲେ ଏହା କୃଷକମାନଙ୍କର ଉପକାରରେ ଆସନ୍ତା ଏବଂ ପ୍ରକୃତ ହିତାଧିକାରୀ ପାଇବା ଦରକାର।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶା ଦିବସର ଇତିବୃତ୍ତ

○ ଡ. ଉଦ୍ଧବ ଚରଣ ନାୟକ

୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ହେଲା ସ୍ୱତନ୍ତ୍ର ପ୍ରଦେଶ। ବିଧିବଦ୍ଧ ତଥା ଆନୁଷ୍ଠାନିକ ଭାବେ ସରକାରୀ ସ୍ତରରେ ଓଡ଼ିଶା ଦିବସ ଉତ୍ସବ ୧୯୭୪ ମସିହା ଯାଏ ପାଳିତ ହେଉ ନ ଥିଲା। ୧୯୭୫ ମସିହାଠାରୁ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଓଡ଼ିଶା ଦିବସ ସରକାରୀ କାର୍ଯ୍ୟକ୍ରମ ଭାବେ ଆରମ୍ଭ ହେଲା। ଏ ସମ୍ପର୍କରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ୧୯୮୫ ମସିହା ଏପ୍ରିଲ ୧ ତାରିଖ ଦୈନିକ ପ୍ରଜାତନ୍ତ୍ରର ଗାଁ ମଜ୍ଲିସ ଅଧ୍ୟାୟରେ ଉତ୍କଳ ଦିବସ ଶୀର୍ଷକ ପ୍ରବନ୍ଧ ଉଲ୍ଲେଖ କରିଥିଲେ। ସେ ଲେଖିଥିଲେ, ଉତ୍କଳ ଦିବସ ପାଳନ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଆରମ୍ଭ ହେଲା। ସୁଖର ବିଷୟ ଏହା ରୀତିମତ ପାଳିତ ହୋଇଆସୁଅଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମେ ପଢୁଥିବା ବେଳେ ଓଡ଼ିଶା ଦିବସ ଉତ୍ସବ ପାଳିତ ହେଉ ନ ଥିଲା କି ସ୍କୁଲ, କଲେଜ ଓ ସରକାରୀ ଦପ୍ତର ବନ୍ଦ ରହୁ ନ ଥିଲା। ସେତେବେଳେ ଆମେ ଏପ୍ରିଲ ୧ ତାରିଖକୁ ଏପ୍ରିଲ ଫୁଲ୍ ଦିବସ ଭାବେ ଥଟ୍ଟାମଜା କରି ଆନନ୍ଦ ପାଉଥିଲୁ। ପ୍ରକୃତରେ ୧୯୭୫ ମସିହାରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍ସବ ଭୁବନେଶ୍ୱର ପରେଡ ପଡ଼ିଆରେ ଆରମ୍ଭ ହେଲା। ବର୍ତ୍ତମାନ ଯେଉଁ ସ୍ଥାନରେ ଇନ୍ଦିରା ଗାନ୍ଧୀ ପାର୍କ ପ୍ରତିଷ୍ଠା ହୋଇଛି। ତାହାକୁ କୁହାଯାଉଥିଲା ପରେଡ ପଡ଼ିଆ। ଏଠାରେ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ସମେତ ରାଜନୈତିକ ନେତାମାନଙ୍କ ଦ୍ୱାରା ଆୟୋଜିତ ସଭାସମିତିମାନ ଅନୁଷ୍ଠିତ ହେଉଥିଲା। ୧୯୭୫ ମସିହାରେ ଓଡ଼ିଶା ଦିବସ ପାଳନ ଅବସରରେ ସଭାସମିତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଆତସବାଜି ପ୍ରତିଯୋଗିତା ପ୍ରଦର୍ଶନ କରାଗଲା। ସରକାରୀ କୋଠାବାଡିରେ ଆଲୋକସଜ୍ଜା ହୋଇ ଅତ୍ୟନ୍ତ ଚିତ୍ତାକର୍ଷକ ବାତାବରଣ ସୃଷ୍ଟି ହେଲା। ଲୋକେ ଏହି ବର୍ଣ୍ଣାଢ୍ୟ ଉତ୍ସବକୁ ଆନନ୍ଦ ଉଲ୍ଲାସରେ ଉପଭୋଗ କରିବାରେ ଲାଗିଲେ। ସେହିବର୍ଷଠାରୁ ପ୍ରତ୍ୟେକ ବର୍ଷ ଓଡ଼ିଶା ଦିବସ ମହା ସମାରୋହରେ ରାଜ୍ୟର କୋଣ ଅନୁକୋଣରେ ପାଳନ ହେବାରେ ଲାଗିଲା। ଏପରିକି ଭାରତବର୍ଷର ବିଭିନ୍ନ ବଡ଼ ବଡ଼ ସହରରେ ବର୍ତ୍ତମାନ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଏହି ଉତ୍ସବ ଆନନ୍ଦଉଲ୍ଲାସ ସହକାରେ ପାଳିତ ହେଉଛି। ସେହି ସହରଗୁଡ଼ିକ ମଧ୍ୟରେ କୋଲକାତା, ଚେନ୍ନାଇ, ଦିଲ୍ଲୀ, ବେଙ୍ଗାଲୁର ଆଦି ଉଲ୍ଲେଖଯୋଗ୍ୟ।




୧୯୭୫ ମସିହାରେ ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ସର୍ବପ୍ରଥମେ ଓଡ଼ିଶା ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇଲା ଅଧ୍ୟାପକ ମହାପାତ୍ର ନୀଳମଣି ସାହୁଙ୍କ ସମ୍ପାଦନାରେ। ଏଥିରେ ଅଧ୍ୟାପକ ଡ. ନଟବର ସାମନ୍ତରାୟଙ୍କ ଲିଖିତ ସୁଦୀର୍ଘ ପ୍ରବନ୍ଧ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସଂକ୍ଷିପ୍ତ ପରିଚୟ ସମେତ ବିଭିନ୍ନ ଲେଖକଙ୍କର ଅତ୍ୟନ୍ତ ଉପାଦେୟ ଲେଖାମାନ ପ୍ରକାଶ ପାଇଲା, ଯେଉଁଥିରେ କି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବହୁ କଥା ଉଲ୍ଲେଖ ଥିଲା। ଏହି ସଂଖ୍ୟାରେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ସ୍ୱତନ୍ତ୍ର ଓଡିଶା ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନର ଆହ୍ୱାନ ଶୀର୍ଷକ ଲେଖାରେ ମୁଖ୍ୟମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଥିଲେ ସେଥିରୁ କିଛି ଏଠାରେ ଉଲ୍ଲେଖଯୋଗ୍ୟ।

ସମ୍ପ୍ରତି ଦେଶରେ ଦେଖାଦେଇଥିବା ପରିସ୍ଥିତିକୁ ଅନୁଧ୍ୟାନ କଲେ ଆମକୁ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଲଜ୍ଜିତ ହେବାକୁ ପଡ଼ିଥାଏ। ଦେଶର ଜନସାଧାରଣଙ୍କ ମଧ୍ୟରେ ଘୃଣା ବିଦ୍ୱେଷ ତଥା ହିଂସାପୂର୍ଣ୍ଣ ମନୋଭାବ ବୃଦ୍ଧି ପାଇବାରେ ଲାଗିଛି। ଶାନ୍ତି ତଥା ସୌହାର୍ଦ୍ଦ୍ୟର କେନ୍ଦ୍ରସ୍ଥଳ ରୂପେ ପରିଚିତ ଥିବା ଆମ ଭାରତରେ ଏପରି କାର୍ଯ୍ୟକଳାପ ଘଟିବା ଘୋର ଉଦ୍‌ବେଗ ତଥା କ୍ଷୋଭର ବିଷୟ। ଆମ ଦେଶର ଏହି ଘଡିସନ୍ଧି ମୁହୂର୍ତ୍ତରେ ଆମେମାନେ ସମସ୍ତେ ଛୋଟ ଛୋଟ ଘଟଣା ଓ ସମସ୍ୟା ଉପରେ କଳିତକରାଳ କରି ଆମ୍ଭର ମୂଲ୍ୟବାନ ସମୟ ଓ ଶକ୍ତିର ଅପଚୟ କରିବାକୁ ମୁଁ ପସନ୍ଦ କରୁନାହିଁ। ଏହି ପରିସ୍ଥିତିରେ ଆମେମାନେ ସମସ୍ତେ ମିଳିତ ହୋଇ ସୁସ୍ଥ ଜୀବନ ଗଠନ ଦିଗରେ ବ୍ରତୀ ହେବା ନିତାନ୍ତ ଆବଶ୍ୟକ।

୧୯୭୫ ମସିହା ବର୍ଷକୁ ମଧ ଆନ୍ତର୍ଜାତିକ ମହିଳା ସମ୍ବତ୍ସର ବର୍ଷ ଭାବରେ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନାରୀମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ–ଭାରତୀୟ ମହିଳାମାନେ ସଦାସର୍ବଦା ପୁରୁଷମାନଙ୍କ ସହିତ କାନ୍ଧକୁ କାନ୍ଧ ଓ ହାତକୁ ହାତ ମିଳାଇ ସମସ୍ତ ପ୍ରକାର ସୁଖଦୁଃଖରେ ଭାଗୀଦାର ହୋଇଛନ୍ତି। ଆଞ୍ଚଳିକ, ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ମହିଳାମାନଙ୍କୁ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ଉନ୍ନୟନ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପର୍କରେ ଅବହିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଏଥିରେ ସମ୍ପୃକ୍ତ କରାଇ ଜାଗରଣ ସୃଷ୍ଟିକରିବା ଏହି ଉତ୍ସବ ପାଳନର ମୂଳଲକ୍ଷ୍ୟ। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ଓଡ଼ିଶା ତଥା ଉତ୍କଳ ଜନନୀ ପ୍ରୀତି କିପରି ଥିଲା ତାହା ଏଥିରେ ସ୍ପଷ୍ଟ ଅନୁମେୟ। ଆଜି ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ ସମଗ୍ର ରାଜ୍ୟରେ ପାଳିତ ହେଉଛି। ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ପୋଲିସ ଗଠନ ହୋଇଥିଲା ବୋଲି ଜଣାଯାଏ। ଆଜିର ଏହି ପବିତ୍ର 'ଓଡ଼ିଶା ଦିବସ' ଏବଂ 'ଓଡ଼ିଶା ପୋଲିସ ଦିବସ' ସମ୍ପର୍କରେ ଓଡ଼ିଶାର ଜନସାଧାରଣ ସଚେତନ ହୁଅନ୍ତୁ ଏହା ହିଁ ଏକାନ୍ତ କାମ୍ୟ।

– ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର, ମୋ: ୯୪୩୮୨୯୯୧୭୪

# ଓଡ଼ିଆକୁ ଅଣଦେଖା



ଭାଷାଭିତ୍ତିରେ ପ୍ରଥମ ରାଜ୍ୟ ଭାବେ ଗଠିତ ହୋଇଥିଲା ଉତ୍କଳ ପ୍ରଦେଶ। ୧୯୩୬ ଏପ୍ରିଲ ୧ ତାରିଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଏହାର ଦୀର୍ଘବର୍ଷ ପରେ ଅର୍ଥାତ୍ ୨୦୧୪ରେ ଓଡ଼ିଆ ଭାଷାକୁ ମିଳିଲା ଶାସ୍ତ୍ରୀୟ ମାନ୍ୟତା। ଦେଶର ୬ଷ୍ଠ ଭାଷା ଭାବେ ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ସବୁଠାରେ ଉତ୍ସାହର ବାତାବରଣ ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ମାଳ ମାଳ ଯୋଜନା ପ୍ରସ୍ତୁତ କରି ଏକାଧିକ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଥିଲେ। ଇତିମଧ୍ୟରେ ୫ ବର୍ଷ ବିତିଗଲାଣି। ହେଲେ ମର୍ଯ୍ୟାଦାଜନକ ଶାସ୍ତ୍ରୀୟ ମାନ୍ୟତା ପାଇଥିବା 'ଓଡ଼ିଆ' ଯେଉଁଠି ସେଇଠି ରହିଯାଇଛି। ବରଂ ଇଂଲିଶ୍ ଏବଂ ହିନ୍ଦୀ ଭାଷା ପ୍ରଭାବରେ ଓଡ଼ିଆ ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡ଼ିଛି। ଭାଷାର ଅଗ୍ରଗତି ପରିବର୍ତ୍ତେ ଅଧୋଗତି ହେଉଛି। ଏପରିକି ଓଡ଼ିଆ ଭାଷାରେ ପ୍ରଶାସନିକ କାର୍ଯ୍ୟ ଏବଂ ଓଡ଼ିଆରେ ନାମଫଳକ ଲେଖିବାକୁ ସ୍ୱତନ୍ତ୍ର ବିଧେୟକ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଖୋଦ୍ ରାଜ୍ୟ ସରକାର ତାହାକୁ ମାନିବାକୁ ନାରାଜ। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ନାମଫଳକକୁ ଓଡ଼ିଆରେ ନ ଲେଖିଲେ ଜରିମାନା ହେବାର ବ୍ୟବସ୍ଥା ରହିଥିବା ମଧ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକର ନାମଫଳକ ଓ ସୂଚନା ଫଳକକୁ ଓଡ଼ିଆରେ ଲେଖାଯାଉନି। ସେହିଭଳି ଦୀର୍ଘଦିନରୁ କେବଳ ଯୋଜନାରେ ଅଟକି ରହିଥିବା ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ ଓଡ଼ିଆ ଏପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରିନି କି ଭାଷା କମିଶନ ମଧ୍ୟ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରିନି।



ଗତବର୍ଷ ରାଜ୍ୟ ସରକାର ପୁରୀରେ ସ୍ୱତନ୍ତ୍ର କ୍ୟାବିନେଟ୍ ବୈଠକ ଡାକି ଭାଷା ପାଇଁ ବିଂଶସୂତ୍ରୀ ଲମ୍ବା ଚଉଡ଼ା ଯୋଜନା ପ୍ରସ୍ତୁତ କରିଥିଲେ। ୨୦୧୮ ଏପ୍ରିଲ ୧ ଉତ୍କଳ ଦିବସ ପୂର୍ବରୁ ସମସ୍ତ ଯୋଜନାର କାର୍ଯ୍ୟକାରିତା ଲାଗି ମଧ୍ୟ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ହେଲେ ଏବେବି ଯୋଜନାର କାର୍ଯ୍ୟକାରିତା ଘର ଶୂନ। ସଂସ୍କୃତି ବିଭାଗ ନାମ ପରିବର୍ତ୍ତନ କରିଦେଇ ଚୁପ୍‌ଚାପ୍ ବସି ପଡ଼ିଥିବା ବେଳେ ତାହାଠାରୁ ଆଉ ଆଗକୁ ଯାଇପାରୁ ନାହାନ୍ତି ରାଜ୍ୟ ସରକାର। ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ସରକାରୀ ଭାଷା ଆଇନ ୧୯୫୪ରେ ସଂଶୋଧନ ଆଣି ବିହିତ ଦଣ୍ଡବିଧାନ ବ୍ୟବସ୍ଥା ସହିତ ଓଡ଼ିଆ ଭାଷାର ବହୁଳ ବ୍ୟବହାର କରୁଥିବା ବିଭାଗ ଓ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରାଯିବ। ଜିଲା, ରାଜସ୍ୱ ଡିଭିଜନ ଏବଂ ରାଜ୍ୟସ୍ତରରେ ଏଥିଲାଗି ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଗତବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଥିଲା। ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାର ନାମଫଳକ ଲଗାଯିବା ବାଧ୍ୟତାମୂଳକ କରିବା ପାଇଁ 'ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ୧୯୫୬'ରେ ଆବଶ୍ୟକ ସଂଶୋଧନ ଅଣାଯିବ। ଖିଲାପକାରୀଙ୍କ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିବ ଓ ଖିଲାପକାରୀଙ୍କ ବିରୋଧରେ ତଥ୍ୟ ଦାଖଲ କରିବା ଲାଗି ଏକ ସ୍ୱତନ୍ତ୍ର ପୋର୍ଟାଲର ପ୍ରଚଳନ କରାଯିବ ବୋଲି ରାଜ୍ୟ ସରକାର ସ୍ୱପ୍ନ ଦେଖାଇଥିଲେ, ଯାହା ଏପର୍ଯ୍ୟନ୍ତ ସମ୍ଭବ ହୋଇପାରିନି। ଏତଦ୍‌ବ୍ୟତୀତ ଅନୁଗୋଳ ଭଳି ଏକ ଜିଲାର ନାମ ସରକାରୀ କାର୍ଯ୍ୟାଳୟରେ କେଉଁଠି 'ଅନୁଗୋଳ' ତ କେଉଁଠି 'ଅନୁଗୁଳ' ଲେଖାଯାଉଛି। ଅଧିକାଂଶ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ସ୍କୁଲ୍‌ରେ ଓଡ଼ିଆ ଶିକ୍ଷକ ପଦବୀ ନ ଥିବାରୁ ଭୂଗୋଳ, କ୍ରୀଡ଼ା ଓ ବିଜ୍ଞାନ ଶିକ୍ଷକ ଓଡ଼ିଆ ପଢାଉଛନ୍ତି। ଓଡ଼ିଆ ଭାଷାର ସାହିତ୍ୟକୃତିଗୁଡିକୁ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ଏବଂ ଅନ୍ୟ ଭାଷାର ସାହିତ୍ୟକୃତିକୁ ଓଡ଼ିଆରେ ଅନୁବାଦ କାର୍ଯ୍ୟକୁ ବ୍ୟାପକ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେହିଭଳି ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଆ ଭାଷା କମିଶନ ଗଠନ କରିବାକୁ ସ୍ଥିର କରାଯାଇଥିବା ବେଳେ ତାହା ବି ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ସବୁଠାରୁ ବଡ଼କଥା ହେଲା ଓଡ଼ିଆ ଭାଷାର ଉତ୍ତରୋତ୍ତର ଉନ୍ନତି ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ ଓଡ଼ିଆ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଥିଲା। ଇତିମଧ୍ୟରେ ଦୀର୍ଘବର୍ଷ ବିତିଯାଇଥିବା ବେଳେ ବିଭାଗ ଆହୁରି ବର୍ଷ ବର୍ଷ ସମୟ ଗଡ଼ାଉଛି। କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ବିଭିନ୍ନ ଭାଷା ସଂଗଠନ ଏବଂ ଭାଷାବିତ୍‌ମାନେ ମତ ଦେଇଛନ୍ତି।

**– ସସ୍ମିତା ପାଇକରାୟ, ଭୁବନେଶ୍ୱର**

# ୫ଟି ସଂକଳ୍ପ

○ ଦିଲୀପ ଦାଶଶର୍ମା

ଆଜି ଆମେ ୮୪ତମ ଓଡ଼ିଶା ଦିବସ ପାଳନ କରିବାକୁ ଯାଉଛେ। ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ହେବାର ୮୩ ବର୍ଷ ବିତିଯାଇଥିବା ବେଳେ ସ୍ୱାଧୀନ ଭାରତର ସ୍ୱତନ୍ତ୍ର ପ୍ରଦେଶରେ ଆମେ ୭୨ ବର୍ଷ ହେଲା ରହିଲେଣି। ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ କରି ମଧୁବାବୁଙ୍କ ସମେତ ଓଡ଼ିଆ ବରପୁତ୍ରମାନେ ୧୯୩୬ ମସିହା ଆଜିର ଦିବସରେ ସ୍ୱତନ୍ତ୍ର ପ୍ରଦେଶ ଗଠନ କରି ଉତ୍କଳ ସମ୍ମିଳନୀର ମୁଖ୍ୟ ଦାୟ୍ ନିର୍ବାହ କରିଛନ୍ତି। ଏବେ ଉତ୍କଳ ସମ୍ମିଳନୀ କାମ କରୁଛି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କଳାର ଅଭିବୃଦ୍ଧି ଏବଂ ପ୍ରସାର ସହିତ ସୀମାର ସୁରକ୍ଷା ତଥା ଓଡ଼ିଶା ଭିତରେ ଓ ବାହାରେ ଥିବା ଓଡ଼ିଆମାନଙ୍କର ସାମାଜିକ ସୁରକ୍ଷା ପାଇଁ। ଏହା ଭିତରେ କିଛି କାମ କରୁକରୁ ବହୁକାମ ହୋଇଛି ଓ ଆହୁରି ଅନେକ କାମ ହେବା ପାଇଁ ବାକି ଅଛି। ଚଳିତ ବର୍ଷ ଓଡ଼ିଶା ଦିବସ ପାଳନର ମୁଖ୍ୟ ଅନୁଚିନ୍ତା ହେଉ ନିମ୍ନ ପାଞ୍ଚୋଟି କାମ, ଯାହାକୁ ୨୦୨୦ ଓଡ଼ିଶା ଦିବସ ପୂର୍ବରୁ ଆମେ ଶେଷ କରିବାକୁ ସଂକଳ୍ପ ନେବା।

୧ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ। ସରକାରୀ ଭାବେ ମାନ୍ୟତା ପାଇ ନ ଥିଲେ ମଧ୍ୟ ସମସ୍ତ ଓଡ଼ିଆ ନିଜ ଅନ୍ତରରେ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେଇ ସାରିଲେଣି। ଯେତେବେଳେ ଯେଉଁଠି ବୋଲାଯାଉଛି, ସମସ୍ତେ ଦଣ୍ଡାୟମାନ ହୋଇ ସମ୍ମାନ ଦେଉଛନ୍ତି। ୧୯୯୪ ମସିହାରୁ ଏହା ବିଧାନସଭାରେ ବିଧିବଦ୍ଧ ଭାବେ ବୋଲା ହେଉଛି। ଗତ ୨୫ ବର୍ଷ ହେଲା ରାଜ୍ୟ ସଙ୍ଗୀତ ପାଇଁ କେବଳ ଦାବି ହେଉନାହିଁ ବରଂ ରାଜ୍ୟ ସରକାର ବିଧାନସଭାର ବାଚସ୍ପତି ଓ ସଂସ୍କୃତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବହୁ କମିଟି କରି ନିଷ୍ପତ୍ତି ନେଇସାରିଛନ୍ତି। କେବଳ ରାଜପତ୍ରରେ ଏହାର ପ୍ରକାଶ ବାକି ଅଛି।

୨ ରାଜ୍ୟର ସୀମା ସୁରକ୍ଷା। ଆନ୍ଧ୍ରପ୍ରଦେଶ କୋଟିଆ ଉପରେ ଲୋଲୁପ ଦୃଷ୍ଟି ପକାଇଥିବାବେଳେ ପଶ୍ଚିମବଙ୍ଗ ଶଙ୍ଖାମେଦି ଗ୍ରାମ, ଉଦୟପୁର ବେଳାଭୂମି ଉପରେ ଲୋଲୁପ ଦୃଷ୍ଟି ପକାଇଛି। ଏକଡ଼େ ଛତିଶଗଡ଼ ଓଡ଼ିଶା ଜମିକୁ ତାଙ୍କ ଭୂମିହୀନଙ୍କୁ ଦାନକରି ବାହାବା ନେଉଛି। ଏଭଳି ଅନେକ ଅଛି। ମୋଟାମୋଟି କହିବାକୁ ଗଲେ ଆମ ରାଜ୍ୟ ସୀମା ସୁରକ୍ଷିତ ନୁହେଁ। ରାଜ୍ୟ ସରକାର ସୀମା ସମସ୍ୟାର ସମାଧାନ ପାଇଁ ରାଜସ୍ୱ ବିଭାଗରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲି ସମସ୍ୟାଗୁଡିକର ସମାଧାନ କରିବା ଆବଶ୍ୟକ।

୩ ରାଜ୍ୟ ବାହାରେ ରହୁଥିବା ଓଡ଼ିଆମାନଙ୍କର ସାମାଜିକ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବା। ରାଜ୍ୟ ସରକାର କେବଳ ବିଚ୍ଛିନ୍ନାଞ୍ଚଳରେ କିଛି ଲିପିଶିକ୍ଷା କାର୍ଯ୍ୟକ୍ରମ କରି ଚୁପ୍ ଅଛନ୍ତି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଓଡ଼ିଆ ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇଥିବାବେଳେ ୫୦ ଭାଗରୁ ଅଧିକ ଓଡ଼ିଆ ବାସ କରୁଥିବା ଛତିଶଗଡ଼ରେ ଆଜି ପର୍ଯ୍ୟନ୍ତ ଏହା ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇପାରି ନାହିଁ। ଏହା ହେବା ସହିତ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ସାମାଜିକ ସୁରକ୍ଷା ନିହାତି ଆବଶ୍ୟକ।

୪ ରାଜ୍ୟ ଭିତରେ ଥିବା ସମସ୍ତ କାର୍ଯ୍ୟାଳୟ ଓ ଦୋକାନ ବଜାରରେ ତଥା ନିଜ ଘରେ ଓଡ଼ିଆରେ ନାମଫଳକ ଲେଖିବା ତଥା ଠିକ୍‌ଭାବେ ନାମଗୁଡିକୁ ଲେଖିବା। ଉଦାହରଣସ୍ୱରୂପ ଅନୁଗୋଳ ଜିଲାର ନାମ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଲେଖାଯାଉଛି। କିଏ ଅନୁଗୋଳ ଲେଖିଲେଣି ତ ପୁଣି କିଏ ଅନୁଗୁଳ ଲେଖୁଛନ୍ତି। ଏଥି ପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ।

୫ ଆମ ରାଜ୍ୟରେ ଭାଷାଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଆବଶ୍ୟକ। ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ପାଞ୍ଚବର୍ଷ ବିତିଗଲାଣି ମାତ୍ର ମାନ୍ୟତା ପାଇବା ପରେ କେନ୍ଦ୍ର ସରକାର ଭାଷାର ବିକାଶ ପାଇଁ ରାଜ୍ୟକୁ ୧୦୦ କୋଟି ଦେବା ସହିତ ପ୍ରତିବର୍ଷ ୫ କୋଟି ଟଙ୍କା ଦେବାର ଥିଲା। ତାହା ଓଡ଼ିଶା ଆଜି ପର୍ଯ୍ୟନ୍ତ ପାଇ ନାହିଁ କିମ୍ବା ଯଦି ପାଉଛି କ'ଣ କାମ କରିଛି ତାହା ଜଣା ନାହିଁ। ଏ ସମ୍ପର୍କରେ ଧ୍ୟାନ ଦେବା ଆବଶ୍ୟକ।

କେବଳ ଏତିକି ନୁହେଁ, ଏହାଠାରୁ ବହୁ ଅଧିକ କାମ ବାକି ଅଛି। ମାତ୍ର ଚଳିତ ବର୍ଷ ଏହି ପାଞ୍ଚୋଟି କାମ ନିଶ୍ଚିତ କରିବାକୁ ଆମେ ସଙ୍କଳ୍ପ ନେବା ଆବଶ୍ୟକ।

– ସଭାପତି, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା, ମୋ:୯୯୩୮୫୩୭୬୦୦

# ସ୍ୱପ୍ନ ହେଉ ପୂର୍ଣ୍ଣାଙ୍ଗ ଉତ୍କଳ

○ ବିମଳ ପ୍ରସନ୍ନ ଦାସ

ପ୍ରତ୍ୟେକ ଓଡ଼ିଆର ଗର୍ବ ଓ ଗୌରବର ଦିନ ପୁଣ୍ୟ 'ଓଡ଼ିଶା ଦିବସ'। ଓଡ଼ିଆ ଭାଷା ହିଁ ଏହାର ସ୍ରଷ୍ଟା। ଭାଷା ଥିଲା ବୋଲି ଆମେ ଭୂମିର ମାନ୍ୟତା ପାଇଲେ। କାରଣ ପଡ଼ୋଶୀ ରାଜ୍ୟର ଷଡ଼ଯନ୍ତ୍ର 'ଓଡ଼ିଆ ଏକ୍‌ଟା ଭାଷା ନଏଁ'। 'ମଧୁ ବର୍ଣ୍ଣବୋଧ' ଏହାର ମୂକସାକ୍ଷୀ। ଫଳରେ ୧।୪।୧୯୩୬ରେ ଜନ୍ମହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ, ତା'ର ପ୍ରାଚୀନ ନାମ ହିଁ ଉତ୍କଳ। ୧୯୧୨ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଉତ୍କଳ ଗୌରବ ମଧୁସୂଦନଙ୍କ ଉପସ୍ଥିତିରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଏହାକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବା ନିମନ୍ତେ ରାଜନୈତିକ ବିରୋଧ ଅତ୍ୟନ୍ତ ଦୁଃଖଦ। ନବୋତ୍କଳର ନିର୍ମାତା ତଦାନୀନ୍ତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଏବଂ ଯୁଧିଷ୍ଠିର ଦାସ ବାଚସ୍ପତି ଥିବାବେଳେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ସର୍ବପ୍ରଥମେ ବିଧାନସଭା ଅଧିବେଶନର ଶେଷଦିନ ବୋଲାଯିବ ଓ ଏହି ସମୟରେ ସମସ୍ତେ ଦଣ୍ଡାୟମାନ ହୋଇ ସମ୍ମାନ ଜଣାଇବେ ବୋଲି ନିଷ୍ପତ୍ତି ହେବା ପରେ ଦଶମ ବିଧାନସଭାର ସପ୍ତଦଶ ଅଧିବେଶନର ଶେଷଦିନ ଅର୍ଥାତ୍ ୨୧।୧୨।୧୯୯୪ରେ ଏହା କାର୍ଯ୍ୟକାରୀ ହେଲା। ସେହିଦିନଠାରୁ ଏହି ପ୍ରଥା ପ୍ରଚଳିତ ହୋଇଆସୁଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଲା, ଏହା ରାଜ୍ୟ ସଙ୍ଗୀତର ମାନ୍ୟତା ପାଇପାରିଲା ନାହିଁ। କେବେ ହେବ ତାହା ସମୟ ହିଁ କହିବ। ଅନୁରୂପ ଦୃଷ୍ଟାନ୍ତ ଅନ୍ତର୍ଜାତୀୟ ମାନ୍ୟତା ଲାଭ କରିଥିବା କ୍ରୀଡ଼ା 'ହକି'– ଏହା ମଧ୍ୟ ଓଡ଼ିଶାର ନିଜସ୍ୱ। ଏ ଉଭୟକୁ ଓଡ଼ିଆ ଜାତିର ଏବଂ ଓଡ଼ିଶାର ମାନ୍ୟତା ମିଳିବା ଦିଗରେ ଆଉ ଅଧିକ ରାଜନୀତି ଦୃଷ୍ଟିରୁ ବିରୋଧ କରା ନ ଯାଉ। ପବିତ୍ର ଓଡ଼ିଶା ଦିବସ ପାଳନ ଅବସରରେ ପ୍ରତ୍ୟେକ ଓଡ଼ିଆ ପ୍ରାଣର ଏହା ଆଶା ଓ ଆହ୍ୱାନ। କାରଣ ଉତ୍କଳ ସମ୍ମିଳନୀ ହିଁ ଆଜିର ଓଡ଼ିଶାର ଅନ୍ତୁଡ଼ିଶାଳ। ଉତ୍କଳ ଗୌରବଙ୍କ ଆତ୍ମାର ବାଣୀ ଥିଲା ଏହିପରି –

"ଏହି ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣବିନ୍ଦୁ ଧରେ/ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ ଡେଇଁପଡି ସିନ୍ଧୁ ନୀରେ/ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ/ଟାଣେକିରେଗାଡ଼ିଦାନାରତୋବଡାଘୋଡ଼ାମୁହେଁବନ୍ଧାଥିଲେ?"

ଅନୁରୂପ ଥିଲା ଉତ୍କଳମଣି ଗୋପବନ୍ଧୁଙ୍କ ଉଦାତ୍ତ ଆହ୍ୱାନ। ସେମାନଙ୍କ ବ୍ୟକ୍ତିତ୍ୱର ଆକର୍ଷଣ ଥିଲା ତ୍ୟାଗ, ତିତିକ୍ଷା ଓ ଦେଶପ୍ରେମ। ମାତ୍ର ଆଜିର ପ୍ରେକ୍ଷାପଟ ସମ୍ପୂର୍ଣ୍ଣ ବିପରୀତ। ତ୍ୟାଗ ନୁହେଁ ଭୋଗ। ଆଜିର ରାଜନୀତିରେ ଅର୍ଥ, ସ୍ୱାର୍ଥ, କ୍ଷମତାର ମ୍ୟାଜିକ୍ ଓ ଆତସବାଜି। କଳେବଳେ କୌଶଳେ ସିଂହାସନ ଦଖଲ। ତା'ପରେ ସମ୍ପର୍କ କାଶିଆ–କପିଳା ଭେଟ। ଥରେ ଗାଦିରେ ବସିଗଲେ ପାଞ୍ଚପୁରୁଷ ପାଇଁ ସକଳ ନିରାପଦ ବ୍ୟବସ୍ଥା। ବ୍ୟକ୍ତିଗତ ସ୍ୱାର୍ଥ ସମ୍ମୁଖରେ ବଳି ପଡୁଛି ଦେଶ ଓ ରାଜ୍ୟର ଅବସ୍ଥା, ବ୍ୟବସ୍ଥା।

୧୭।୩।୧୯ରେ ନୂଆଦିଲ୍ଲୀରେ ଓଡ଼ିଶା ପର୍ବ ପାଳନର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓଡ଼ିଶାର ଗରିମା ସମ୍ବନ୍ଧରେ କହିଥିଲେ, 'ଯେତେବେଳେ ବିଶ୍ୱ କଥା କୁହାଯାଏ ଲୋକେ ଭୌଗୋଳିକ ଭାବେ ବୁଝନ୍ତି ଯେ ଓଡ଼ିଶା ଭାରତର ଏକ ରାଜ୍ୟ। ଏହା ବ୍ରହ୍ମାଣ୍ଡ ମଧ୍ୟରେ ଏକ ସ୍ଥାନ। ମାତ୍ର ମୋତେ ଲାଗେ ଏହା ହିଁ ସମଗ୍ର ବ୍ରହ୍ମାଣ୍ଡ। ସମଗ୍ର ବ୍ରହ୍ମାଣ୍ଡ ଓଡ଼ିଶା ମଧ୍ୟରେ ଅବସ୍ଥିତ। ଏହା ମହାନ୍ ବିପ୍ଳବୀମାନଙ୍କର ଏକ ସୌରଜଗତ, ଏହା ଏକ ପବିତ୍ର ଭୂମି। ଅର୍ଥାତ୍ ଓଡ଼ିଶାର ରହିଛି ଅସାମାନ୍ୟ ଅତୀତ, ପ୍ରତିଶ୍ରୁତିପୂର୍ଣ୍ଣ ବର୍ତ୍ତମାନ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଭବିଷ୍ୟତ। ଏଠାକୁ ଆସିଛନ୍ତି ଶ୍ରୀଚୈତନ୍ୟ ଓ ରାଧାଙ୍କ ହ୍ଲାଦିନୀ ପ୍ରେମର ଅର୍ଥ ବୁଝିବାକୁ ଯାଇଛନ୍ତି ରାଜମୁନ୍ଦ୍ରିର ଗଭର୍ଣ୍ଣର ରାୟରାମାନନ୍ଦ (ଓଡ଼ିଶାର)ଙ୍କ ନିକଟକୁ। ତାଙ୍କଠାରୁ ବୁଝିଛନ୍ତି, ଜାଣିଛନ୍ତି ଓ ଶିକ୍ଷା ପାଇଛନ୍ତି। ଯାହା ବିସ୍ମୟକର ରାୟରାମାନନ୍ଦ ଜଣେ ପ୍ରଶାସକ। ଯଥାର୍ଥରେ ଏହା ମହାନ୍ ବିପ୍ଳବୀମାନଙ୍କର ଏକ ସୌରଜଗତ, ୧୮୫୭ରେ ପରାଧୀନ ଭାରତରେ ପାଇକ ବିଦ୍ରୋହ ହେବା ବେଳେ ଓଡ଼ିଶାରେ ୧୮୧୭ରେ ଅର୍ଥାତ୍ ୪୦ ବର୍ଷରୁ ଏହା ଘଟିଥିଲା ବୋଲି ଇତିହାସ ପ୍ରମାଣ କରେ।

"ବିଦେଶୀ ବିରୋଧେ ରଣ ଦୁନ୍ଦୁଭି ବାଜି ଉଠିଥିଲା ଏଠି/ଲକ୍ଷ ପାଇକ ବକ୍ଷ ରକତେ ସିକ୍ତ ଏ ବୀର ମାଟି।"

ଏଇଠି ଚଣ୍ଡାଶୋକ ଧର୍ମାଶୋକରେ ରୂପାନ୍ତରିତ ହୋଇଥିଲେ। ତା'ର କାଳଜୟୀ ସାକ୍ଷୀ 'ଧଉଳି'। ସେଥିପାଇଁ ତ କବି ପଦ୍ମଚରଣ ପଟ୍ଟନାୟକ ଲେଖିଛନ୍ତି–"କେତେ କି ମହିମା କେତେ ଦୟାକ୍ଷମା ଦଇଆ ଗରଭେ ଯାଇଛି ପଶି/ସାକ୍ଷୀ ତା'ର ପାଶେ ଦେବାଳୟ ଦରି ସାକ୍ଷୀ ତା'ର ଦୂରେ ତପନ ଶଶୀ।" ରାଜ୍ୟପାଳ ଯାହା କହିଛନ୍ତି, ଏହା ମଧ୍ୟ ପବିତ୍ର ଭୂମି। ଜଗତରନାଥ ଶ୍ରୀଜଗନ୍ନାଥଙ୍କ ମହିମା କେବଳ ପ୍ରତି ଓଡ଼ିଆର ପ୍ରାଣରେ ସ୍ପନ୍ଦିତ ହେଉନାହିଁ, ଏହି ସ୍ପନ୍ଦନ ସାରା ବିଶ୍ୱର ଆଗନ୍ତୁକଙ୍କ ପ୍ରାଣକୁ ଆହ୍ଲାଦିତ କରିଆସିଛି। ମଣିଷ ଏଠି ନିଜକୁ ଚିହ୍ନୁଛି, ତା'ର ସୀମାକୁ ଜାଣୁଛି, ସେ ଶେଷରେ ଦାରୁ ଦେବତାଙ୍କ ସହ ଏକାକାର ହୋଇଯାଉଛି। ଏହି ଆହ୍ୱାନ ନେଇ ପବିତ୍ର 'ଉତ୍କଳ ଦିବସ' ପ୍ରତ୍ୟେକଙ୍କ ପ୍ରାଣକୁ ଅଭିମନ୍ତ୍ରିତ କରୁ–ଏତିକି କାମନା।

ଦେଶସେବା କରିବା ପାଇଁ ଓଡ଼ିଶାର ବରପୁତ୍ରମାନେ ସ୍ୱତନ୍ତ୍ର ଉତ୍କଳ ରାଜ୍ୟ ଗଠନ ଓ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ପାଇଁ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛନ୍ତି। ଆଜି ସେମାନଙ୍କୁ ସ୍ମରଣକରି ସମ୍ମାନ ଜଣାଇବା ଆମର ଜାତୀୟ ଦାୟିତ୍ୱ ହେଉ। ପୂର୍ଣ୍ଣାଙ୍ଗ ଉତ୍କଳ ଜନ୍ମ ନେଉ–ଏହା ହିଁ ପ୍ରାର୍ଥନା।

– ମୋ: ୯୪୩୮୧୮୬୨୨୬



## ସଂକ୍ଷେପରେ

### ମନ୍ଦିର ଭାଙ୍ଗିଲେ ହାତୀ



ଯୋଡ଼ା, ୩୧ ।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରୀ ବନପାଳ ଅଧୀନ ନୟାଗଡ ମନ୍ଦିରରେ ୬ ହାତୀଙ୍କ ଉପଦ୍ରବ ଦ୍ୱାରା ମନ୍ଦିରରେ ବ୍ୟାପକ ଭଙ୍ଗାରୁଜା ହୋଇଛି । ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ହାତୀପଲ ପ୍ରଥମେ ମନ୍ଦିରର ପାଚେରୀକୁ ଭାଙ୍ଗିଥିଲେ । ମନ୍ଦିର ପରିସରରେ ଥିବା ଅନ୍ୟ ଠାକୁରଙ୍କ ମୂର୍ତ୍ତି ଗୁଡିକୁ ମଧ୍ୟ ଭାଙ୍ଗି ଦେଇଥିଲେ । ଏ ସମ୍ପର୍କରେ ବାମେବାରୀ ବନପାଳ ଯତୀନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ କହନ୍ତି, ହାତୀପଲଙ୍କ ମଧ୍ୟରେ ଗୋଟିଏ ଦନ୍ତା ହାତୀ, ତିନୋଟି ମାଈ ହାତୀ ଓ ୨ ଛୁଆ ହାତୀ ରହିଛନ୍ତି । ପ୍ରାୟ ୧ ସପ୍ତାହ ହେବ ନିକଟସ୍ଥ ମହାପର୍ବତ ଜଙ୍ଗଲରେ ସେମାନେ ଘୁରି ବୁଲୁଛନ୍ତି । ସେମାନେ କିପରି ଗ୍ରାମାଭିମୁଖୀ ନହେବେ ସେଥିପ୍ରତି ବନବିଭାଗ ପକ୍ଷରୁ କଡା ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି । ତେଣେ ଇନ୍ଦ୍ରାଣୀ ପଟ୍ଟନାୟକ ମହାପର୍ବତ ଖଣିରେ ବହୁ ଉଚ୍ଚ ଶକ୍ତି ସମ୍ପନ୍ନ ବାରୁଦ ବିସ୍ଫୋରଣ ହେଉଥିବାରୁ ହାତୀପଲ ମହାପର୍ବତ ଜଙ୍ଗଲରୁ ନୟାଗଡ ଗ୍ରାମାଞ୍ଚଳ ଆଡକୁ ଆସୁଛନ୍ତି । ନୟାଗଡ ଏବଂ ଆଖପାଖ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ହାତୀଙ୍କୁ ଘଉଡାଇବା ପାଇଁ ବନବିଭାଗ ପଦକ୍ଷେପ ନେବା ସହିତ ମହାପର୍ବତ ଜଙ୍ଗଲରେ ଖଣିଜ ଉତ୍ତୋଳନ ପାଇଁ ହେଉଥିବା ବାରୁଦ ବିସ୍ଫୋରଣକୁ ସାମୟିକ ବନ୍ଦ କରିବା ପାଇଁ ଗ୍ରାମବାସୀ ଓ ପରିବେଶବିତମାନେ ମତ ଦେଇଛନ୍ତି ।

# ସଭା ଅଧାରୁ ଭୁଶୁଡ଼ିଲା ମଞ୍ଚ

## ଆଳିରେ ନିର୍ବାଚନ ବିଗୁଲ ବଜାଇଲା ବିଜେଡି



ସଭା ଚାଲିଥିବା ବେଳେ ମଞ୍ଚ ଭାଙ୍ଗିଯାଇଛି ।

ଆଳି, ୩୧ ।୩ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଲୋକ ସଭା ଓ ବିଧାନସଭା ଆସନରେ ଆଗାମୀ ୨୯ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ଆଳି ନିର୍ବାଚନମଣ୍ଡଳୀରେ ରବିବାରଠାରୁ ବିଜେଡି ନିର୍ବାଚନୀ ପ୍ରଚାର ଆରମ୍ଭ କରିଛି । ଏହି ଅବସରରେ ଜୁଆଣିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦଳ ପକ୍ଷରୁ ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ନିମନ୍ତେ ଏକ ମଞ୍ଚ ପ୍ରସ୍ତୁତ ହୋଇଥିଲା । ମାତ୍ର ନିର୍ବାଚନୀ ସଭା ଆରମ୍ଭ ହେବାର କିଛି ସମୟ ପରେ ମଞ୍ଚ ଭୁଶୁଡି ପଡ଼ିଥିବା ଦେଖାଯାଇଥିଲା । ଏହି ସମୟରେ ମଞ୍ଚ ଉପରେ କେନ୍ଦ୍ରାପଡ଼ା ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତି ଓ ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ପ୍ରମୁଖ ଉପସ୍ଥିତ ଥିଲେ । ହେଲେ ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି । ପ୍ରଚାର ଆରମ୍ଭରୁ ଏଭଳି ଅଘଟଣ ବିଜେଡି ପାଇଁ ଅଶୁଭ ବୋଲି ଚର୍ଚ୍ଚା ହେଉଛି ।

ଯୁବନେତା ନିଖିଲ ସାମଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ବିଜେଡି ଏମ୍ପି ପ୍ରାର୍ଥୀ ଅନୁଭବ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ଯୁବନେତା ଭୀଷ୍ମ ମହାନ୍ତି, ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ, ଜୁଆଣିଆ ସରପଞ୍ଚ ସ୍ୱପ୍ନାରାଣୀ ନାୟକ ଏବଂ ସମିତିସଭ୍ୟ ସ୍ୱର୍ଣ୍ଣଲତା ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭା ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଜନୈକା ନାବାଳିକା ନୃତ୍ୟ ପ୍ରଦର୍ଶନ କରି ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ କିଛି ସମୟ ପରେ ମଞ୍ଚ ଭୁଶୁଡ଼ି ପଡ଼ିଥିଲା । ଏହାକୁ ନେଇ ଦଳୀୟ ନେତୃବୃନ୍ଦ ଅସନ୍ତୋଷ ବ୍ୟକ୍ତ କରିଥିଲେ । କିନ୍ତୁ ଏହାପରେ ପୁଣି ସେହି ଭଙ୍ଗା ମଞ୍ଚରେ ସଭା କାର୍ଯ୍ୟ ଚାଲିଥିଲା । ଏହି ଅବସରରେ ଗୋବିନ୍ଦପୁର ସରପଞ୍ଚ ପଦ୍ମାଳୟା ଧଳ, ଯୁବନେତା ରତନ ଧଳ, ସହଦେବ ଦାସ, ଅକ୍ଷୟ ଦାଶଙ୍କ ସମେତ ୧୫ ପରିବାର କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ ।

ସଭାରେ ପ୍ରତାପ ଦେବ କହିଥିଲେ, ଆଳିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ହୋଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କେବଳ ବିଜେଡି ସରକାର ସମୟରେ ହୋଇଛି । ଗତ ୫ବର୍ଷ ଧରି ଏଠାରେ କଂଗ୍ରେସ ବିଧାୟକ ଥିବା ବେଳେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ । ତେଣୁ ଆଗାମୀ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ଓ ଏମ୍ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପ୍ରତାପ କହିଥିଲେ । କେନ୍ଦ୍ରାପଡ଼ା ଓ ବିଜୁବାବୁଙ୍କ ସ୍ୱାଭିମାନକୁ ରକ୍ଷା କରିବା ନିମନ୍ତେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ବୋଲି ଏମ୍ପି ପ୍ରାର୍ଥୀ ଅନୁଭବ ତାଙ୍କ ବକ୍ତବ୍ୟରେ କହିଥିଲେ । ସଭା ଆରମ୍ଭ ହେବା ପୂର୍ବରୁ ଏମ୍ପି ପ୍ରାର୍ଥୀ ଅନୁଭବ ଓ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ସ୍ଥାନୀୟ ଲକ୍ଷ୍ମୀବରାହ ଜୀଉ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ସେଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ଭୂଇଁପୁର, ମାନପୁର, ଡିମିରିପାଳ, ଅରଗଳ ଦେଇ ଜୁଆଣିଆଠାରେ ଆୟୋଜିତ ସଭାସ୍ଥଳରେ ପହଞ୍ଚିଥିଲେ ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ହୋଇଥିବ ବୀର ହୋଇଥିବ**
**ତାକୁ ଯେ ବୋଲିବ ରଜା,**
**ନକଲ କହିବ ଅକଲ କହିବ**
**ତାକୁ ଯେ କହିବ ଅଜା ।**

ଆଗକାଳରେ ରାଜାରାଜୁଡ଼ା ଶାସନ ଚାଲୁଥିଲା । ଯେଉଁ ରାଜା ପ୍ରଜାର ସୁଖଦୁଃଖ, ହାନିଲାଭକୁ ଧୀରସ୍ଥିର ଚିତ୍ତରେ ଶୁଣି ତା'ର ପ୍ରତିକାର ବ୍ୟବସ୍ଥା କରିଥାନ୍ତି ତଥା ଶତ୍ରୁଠୁଁ ନିଜ ରାଜ୍ୟକୁ ସୁରକ୍ଷିତ ରଖିବାରେ ନିଜର ବୀରତ୍ୱ ପ୍ରଦର୍ଶନ କରିଥାନ୍ତି ସେ ହିଁ ଉପଯୁକ୍ତ ରାଜା ହେବାର ସମସ୍ତ ଯୋଗ୍ୟତା ବହନ କରିଥାନ୍ତି । ସେହିପରି ଥଟ୍ଟା ପରିହାସରେ ବହୁ ଶିକ୍ଷଣୀୟ କଥା କହି ଛୋଟ ଛୋଟ ପିଲାମାନଙ୍କର ମନ ମୋହୁଥିବା ବୟସ୍କ ବ୍ୟକ୍ତି ହିଁ ନିଃସନ୍ଦେହ ଜେଜେ ବା ଅଜା ଶ୍ରେଣୀୟ ବ୍ୟକ୍ତି ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଧନ ଅର୍ଜନେ ଧର୍ମ କରି**
**ଧର୍ମେ ପ୍ରାପତ ନରହରି ।**

ଅର୍ଜିତ ଧନକୁ ଖର୍ଚ୍ଚ ନ କରି କିଛି ଅଂଶ ଧର୍ମ କର୍ମରେ ବ୍ୟୟ କରିବା ଉଚିତ । ଏହାଦ୍ୱାରା ଧର୍ମ ରକ୍ଷା ହୁଏ । ଏପରି ପନ୍ଥା ଅବଲମ୍ବନ କରୁଥିବା ବ୍ୟକ୍ତି ଅତିରେ ଈଶ୍ୱର କୃପା ଲାଭ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଉଗଡମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ପୁରୀରେ କାଳବୈଶାଖୀ

# ଚିରିଗଲା ପତିତପାବନ ବାନା



ପୁରୀ ଅଫିସ, ୩୧।୩: ରବିବାର ଅପରାହ୍ନ ପ୍ରାୟ ସାଢେ ୪ଟା । ପୁରୀରେ ଦେଖିବାକୁ ମିଳିଥିଲା କାଳବୈଶାଖୀର ପ୍ରଭାବ । ଖୁବ୍ ଜୋରରେ ବୋହିଥିଲା ପବନ । ଧୂଳି, ବାଲି ଏମିତି ଉଡିଥିଲା ରାସ୍ତାଘାଟରେ ଯିବାଆସିବା କରିବା ଅସମ୍ଭବ ହୋଇପଡିଥିଲା । ପଥଚାରୀ ଏବଂ ବାଇକ୍ ଚାଳକମାନେ କିଛି ସମୟ ଅଟକି ରହିଥିଲେ । ଏହାପରେ ଆରମ୍ଭ ହୋଇଥିଲା ଝିପି ଝିପି ବର୍ଷା । ଧୂଳି, ବାଲି ଉଡ଼ିବା ସାମାନ୍ୟ ବନ୍ଦ ହୋଇଯାଇଥିଲେ ହେଁ ପବନର ବେଗ ବଢିଥିଲା । ଆଉ ପବନର କୋପ ପଡିଥିଲା ଶ୍ରୀମନ୍ଦିର ନୀଳଚକ୍ର ଉପରେ । ଏଥିରେ ବନ୍ଧାଯାଇଥିବା ପତିତପାବନ ବାନାର କିଛି ଅଂଶ ଚିରି ଉଡିଯାଇଥିଲା । ପ୍ରାୟ ଅଧଘଣ୍ଟାଏ ଧରି କାଳବୈଶାଖୀ ପ୍ରଭାବରେ ପବନ ବୋହିଥିଲା । ଫଳରେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା କେତେକ ହୋର୍ଡିଂ ଚିରି ଯାଇଥିଲା । ବିଶେଷକରି ପୁରୀ ବେଳାଭୂମିରେ ପର୍ଯ୍ୟଟକମାନେ ଅଧିକ ପ୍ରଭାବିତ ହୋଇଥିଲେ । ଅଚାନକ ବାଲି ଝଡ଼ରେ ସେମାନେ ଅସ୍ତବ୍ୟସ୍ତ ହୋଇପଡିଥିଲେ । ପରେ ପବନର ବେଗ ସାମାନ୍ୟ ହ୍ରାସ ପାଇଥିଲେ ମଧ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ପବନ ବୋହିଥିଲା ।

### ■ପୁଇଁନ୍ତଲା ବିଡିଓ ଅପହରଣ ଘଟଣା

# ୩ ଅଭିଯୁକ୍ତ ଗିରଫ, ସ୍କର୍ପିଓ ଜବତ

■ବ୍ଲକ ଉପାଧ୍ୟକ୍ଷଙ୍କ ସହ ୭ ଖସି ପଳାଇଲେ
■ପୋଲିସ ତନାଘନା ଜାରି

ବଲାଙ୍ଗୀର ଅଫିସ୍, ୩୧।୩

ବଲାଙ୍ଗୀର ଜିଲା ପୁଇଁନ୍ତଲା ବିଡିଓ ସରୋଜ ମିଶ୍ର ଅପହରଣ ଘଟଣାରେ ବଲାଙ୍ଗୀର ପୋଲିସର ସ୍ୱତନ୍ତ୍ର ଟିମ ସଇଁନ୍ତଲା ଥାନା ସୁଲିଆମାଲ ଗାଁ ନିକଟ ଜଙ୍ଗଲରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏଥିସହ ଅପହରଣରେ ବ୍ୟବହୃତ ସ୍କର୍ପିଓ ଓ ଏକ ମୋବାଇଲ ଜବତ୍ ହୋଇଛି । ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ଗୁରାଣ୍ଡିଙ୍କ ସହ ଅନ୍ୟ ୭ ଜଣ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଛନ୍ତି । ତେବେ ସେମାନଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେଶନ୍ ଜାରି ରହିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

ସଇଁନ୍ତଲା ସୁଲିଆମାଲ ଗାଁ ନିକଟ ଜଙ୍ଗଲରେ ଅପହରଣକାରୀମାନେ ଲୁଚି ରହିଥିବା ଖବର ପାଇବା ପରେ ବଲାଙ୍ଗୀର ପୋଲିସର ସ୍ୱତନ୍ତ୍ର ଟିମ୍ ଶନିବାର ରାତିରେ ଅପରେଶନ ଆରମ୍ଭ କରିଥିଲା । ଜଙ୍ଗଲରୁ ପୁଇଁନ୍ତଲା ଥାନା ଉମରିଆ ଗାଁର ମନବୋଧ ଓରଫ୍ ମନୋରଞ୍ଜନ କର୍ମୀ(୨୮) ଓ ମନୋରଞ୍ଜନ ନେଗୀ(୩୦) ଏବଂ ସୁଲିଆମାଲ ଗାଁର ମେଘନାଦ ପଧାନ(୪୮) ପୋଲିସ ହାତରେ ଧରା ପଡିଥିଲେ । ଗିରଫ ଅଭିଯୁକ୍ତ କର୍ମୀ ଓ ନେଗୀ ବିଡିଓ ଅପହରଣ ଘଟଣାରେ ସମ୍ପୃକ୍ତ ଥିବାବେଳେ ଅପହରଣକାରୀଙ୍କୁ ସୁରକ୍ଷା ଦେଇଥିବା କାରଣରୁ ଅଭିଯୁକ୍ତ ପଧାନଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି । ଘଟଣାସ୍ଥଳରୁ ବ୍ଲକ ଉପାଧ୍ୟକ୍ଷ ଗୁରାଣ୍ଡିଙ୍କ ସ୍କର୍ପିଓ (ଓଡି୦୩ଏବ୍୫୬୮) ପୋଲିସ ଜବତ୍ କରିଛି । ବ୍ଲକ୍‌ରେ ଠିକାକାମର ବିଲ୍ ମଞ୍ଜୁର କରିବା ପାଇଁ ବିଡିଓଙ୍କ ଉପରେ ଚାପ ସୃଷ୍ଟି କରି ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିଥିବା କୁହାଯାଉଛି । ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ କେଉଁ କାରଣରୁ ସେମାନେ ବିଡିଓଙ୍କୁ ଅପହରଣ କରି ପ୍ରାୟ ୩ ଘଣ୍ଟା ପରେ ପୁଣି ଛାଡିଦେଲେ ତାହା ସ୍ପଷ୍ଟ ହୋଇନାହିଁ । ମୁଖ୍ୟ ଅଭିଯୁକ୍ତ ଗୁରାଣ୍ଡି ଗିରଫ ହେଲେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି । ରବିବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

ଗତ ୨୯ ତାରିଖ ଅପରାହ୍ନ ପ୍ରାୟ ୪ଟାରେ ବ୍ଲକ ଉପାଧ୍ୟକ୍ଷ ଗୁରାଣ୍ଡି ଓ ତାଙ୍କର କିଛି ସହଯୋଗୀ ବିଡିଓ ସରୋଜ ମିଶ୍ରଙ୍କୁ ଏକ ସ୍କର୍ପିଓ ଯୋଗେ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୋଲିସ ତଲାସୀ ଅଭିଯାନ ଆରମ୍ଭ କରିଥିଲା । ତେବେ ଅପହରଣର ପ୍ରାୟ ୨ ଘଣ୍ଟା ପରେ ଅପହରଣକାରୀମାନେ ଅପହୃତ ବିଡିଓଙ୍କୁ ବଲାଙ୍ଗୀର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଛାଡିଦେଇ ଫେରାର ହୋଇଯାଇଥିଲେ । ଏହାପରେ ବିଡିଓ ମିଶ୍ର ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ବିଡିଓ ଅପହରଣକାରୀଙ୍କଠାରୁ ମୁକୁଳି ଆସିଥିବା ଖବର ଜଣାପଡିବା ପରେ ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସପି କେ. ଶିବା. ସୁବ୍ରମଣି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ତାଙ୍କଠାରୁ ପଚାରି ବୁଝିଥିଲେ । ତେବେ ଅପହରଣ ଘଟଣା ପରେ ମାନସିକ ଚାପରେ ଥିବା ବିଡିଓ ମିଶ୍ର କିଛି କହିବା ସ୍ଥିତିରେ ନଥିବା ଏସ୍‌ପି ସୁବ୍ରମଣି ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

## ମହାନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

ଖୁଣ୍ଟୁଣୀ,୩୧।୩ (ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁର ଗ୍ରାମ ନିକଟ ମହାନଦୀରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି । ସେ ଏକ ନୀଳରଙ୍ଗର ଶର୍ଟ ପ୍ୟାଣ୍ଟ ପିନ୍ଧିଥିବାବେଳେ ତାଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି । ସକାଳେ ଉକ୍ତ ଗ୍ରାମର କେତେଜଣ ଲୋକ ଗାଧୋଇବାକୁ ଯାଇଥିବାବେଳେ ନଦୀକୂଳରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଫଳରେ ଘଟଣାସ୍ଥଳରେ ଥାନାଧିକାରୀ ସୁଚିତ୍ରବିର୍ଯ୍ୟ ଦାସ, ଏସ୍ ଆଇ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି, ଆଠଗଡ ମାଜିଷ୍ଟ୍ରେଟ ସୁଧାଂଶୁ ଶେଖର ସାଓ ପହଞ୍ଚି ତଦନ୍ତ କରିଥିଲେ । ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ।

# ପ୍ରସବ ଯନ୍ତ୍ରଣାରେ ଛଟପଟ ଅନ୍ତଃସତ୍ତ୍ୱା ନାବାଳିକା

■ବଳାତ୍କାରର ଶିକାର ହୋଇଥିଲେ
■ଅସହାୟ ପରିବାରକୁ ପ୍ରଶାସନର ଆଶ୍ୱାସନା

ବାରିପଦା ଅଫିସ,୩୧ ।୩

ବଳାତ୍କାରର ଶିକାର ହୋଇ ଅନ୍ତସ୍ୱତ୍ତ୍ୱା ହୋଇଥିବା ଜଣେ ନାବାଳିକା ଏବେ ପ୍ରସବ ଯନ୍ତ୍ରଣାରେ ଛଟ ପଟ ହୋଇ ବାରିପଦା ପିଆରଏମ ମେଡିକାଲ କଲେଜ ହସ୍ପିଟାଲରେ ରବିବାର ଭର୍ତ୍ତି ହୋଇଛନ୍ତି । ୯ ମାସର ଗର୍ଭବତୀ ଥିବା ଏହି ନାବାଳିକାଙ୍କୁ ଅସ୍ତ୍ରୋପଚାର କରାଇବାକୁ ପଡିବ ବୋଲି ଚିକିତ୍ସା କରୁଥିବା ଡାକ୍ତର ପରାମର୍ଶ ଦେଇଛନ୍ତି । ନାବାଳିକାଙ୍କ ପରିବାର ଗରିବ ହୋଇଥିବାରୁ ସରକାରୀ ସୁବିଧାପାଇବା ଲାଗି କାକୁତି ମିନତି ହେଉଛନ୍ତି । ସ୍ଥାନୀୟ ଆଶା, ଏଏଏନଏମ ଓ ଗ୍ରାମବାସୀ ତାଙ୍କୁ କୌଣସି ପ୍ରକାର ସହଯୋଗ କରୁ ନ ଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି ।

ପୀଡିତା ନାବାଳିକା କରଞ୍ଜିଆ ଅଞ୍ଚଳର ଏକ ଆଶ୍ରମ ସ୍କୁଲରେ ରହି ୭ମଶ୍ରେଣୀରେ ପଢୁଥିଲେ । ସେ ଛୁଟିରେ ଆସିଥବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଜଣେ ପଡୋଶୀ ଅଭିଯୁକ୍ତ ଯୁବକ ତାଙ୍କୁ ବଳାତ୍କାର କରିଥିଲେ । ଏକଥା କାହାକୁ କହିଲେ ସେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ । ଭୟରେ ନାବାଳିକା ଏ ସମ୍ପର୍କରେ ଘରେ କାହାରିକୁ କିଛି କହି ନ ଥିଲେ । ପରେ ସେ ଅନ୍ତସତ୍ତ୍ୱା ହେବା ଘଟଣା ପଦାକୁ ଆସିଥିଲା । ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା । ହେଲେ ସେହିଦିନ ଠାରୁ ନାବାଳିକାଙ୍କ ପରିବାର ଗ୍ରାମରୁ ଏକ ପ୍ରକାର ସାମାଜିକ ବାସନ୍ଦ ହୋଇ ରହିଥିଲେ । ଶନିବାର ପୀଡିତା ନାବାଳିକାଙ୍କ ପ୍ରସବବେଦନା ଅନୁଭବ କରିବାରୁ ସ୍ଥାନୀୟ କେତେକ ବ୍ୟକ୍ତି ଜାଣି ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଯାଇଥିଲା । ଏହି ଘଯଣା କ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ଫଳରେ କରଞ୍ଜିଆ ଉପଜିଲାପାଳ ଶରତକୁମାର ପୁରୋହିତ ନାବାଳିକାଙ୍କୁ ପ୍ରଶାସନିକ ସହଯୋଗ କରାଯିବ ବୋଲି କହିଛନ୍ତି । ପରେ କେତେକ ଜିଲାସ୍ତରୀୟ ଅଧିକାରୀ ମେଡିକାଲକୁ ଯାଇ ନାବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥବା ଜଣାପଡିଛି ।

# 'ନୂଆ ଉଦ୍ୟୋଗୀ ତିଆରି କରିବାରେ ସଫଳ ହୋଇଛି ଆଇଟିଆଇ'

ଭୁବନେଶ୍ୱର,୩୧ ।୩ (ବ୍ୟୁରୋ)

ଓଡ଼ିଶା ଏକ ଜ୍ଞାନଭିତ୍ତିକ ରାଜ୍ୟ । ଆଇଟିଆଇ ନୂଆ ଉଦ୍ୟୋଗୀଙ୍କୁ ତିଆରି କରିବାରେ ସଫଳ ହୋଇଛି । ଆଇଟିଆଇ ଏବଂ ଦକ୍ଷତା ଶିକ୍ଷା ଗରିବ ପିଲାମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିଛି । ଓଡ଼ିଆ ଯୁବପିଢିମାନେ ବର୍ତ୍ତମାନର ଧାରାକୁ ପରିବର୍ତ୍ତନ କରିଛନ୍ତି । ସେମାନେ ନିଜେ ଉଦ୍ୟୋଗୀ ହେବାସହ ଚାକିରି ସୁଯୋଗ ସୃଷ୍ଟି କରୁଛନ୍ତି ବୋଲି ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟ ବେସରକାରୀ ଆଇଟିଆଇ ସଂଘ ପକ୍ଷରୁ 'ଆଜିର ଦିନରେ ଦକ୍ଷତା ବୃଦ୍ଧିର ଭୂମିକା' ଉପରେ ଆୟୋଜିତ ଏକ କର୍ମଶାଳାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତବର୍ଷରେ ଓଡ଼ିଆ ଆଇଟିଆଇ ପିଲାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଇଟିଆଇରେ ପ୍ରଶିକ୍ଷଣ ନେବା ପରେ ଓଡ଼ିଶା ତଥା ବାହାରେ ଓଡ଼ିଆ ପିଲାମାନେ ନିଜ କାମକୁ ଉତ୍ତମ ଭାବେ ପ୍ରତିପାଦିତ କରିପାରୁଛନ୍ତି । ଓଡ଼ିଶାର ଗରିବଙ୍କୁ ମଧ୍ୟବିତ୍ତ ପରିବାରରେ ପରିବର୍ତ୍ତନ କରିବାର ଚାବିକାଠି ଆଇଟିଆଇ ବୋଲି ସେ କହିଛନ୍ତି । ଓଡ଼ିଶାର ଯୁବପିଢିଙ୍କୁ ଘର ପାଖରେ ରୋଜଗାର ଦେବାର ଆବଶ୍ୟକତା ଅଛି । ଓଡ଼ିଆ ଦିବ୍ୟାଙ୍ଗ ଝିଅ ଆଇଟିଆଇରେ ପ୍ରଶିକ୍ଷଣ ନେଇ ତିରୁପୁର ଯାଉଛନ୍ତି । ଯଦି ଏଠାରେ ରୋଜଗାର ଉପଲବ୍ଧ ହୁଅନ୍ତା ତେବେ ସେମାନେ ଚାକିରି କରିବାକୁ ବାହାରକୁ ଯାଇ ନ ଥାଆନ୍ତେ । ସାମ୍ପ୍ରତିକ ସମୟରେ ଗୁଣାତ୍ମକ ଶିକ୍ଷାର ମାନ ବଦଳେଇବାର ଆବଶ୍ୟକତା ରହିଛି । ବର୍ତ୍ତମାନ ୱାନ ଡ୍ରିଷ୍ଟିକ୍ଟ ଓାନ୍ ପ୍ରଡକ୍ଟ ତଥା ଗୋଟିଏ ଜିଲାରେ ଗୋଟିଏ ଦ୍ରବ୍ୟ ବନାଯିବା ଦରକାର ଏବଂ ଉତ୍ପାଦିତ ଜିନିଷକୁ ସାମାଜିକ ଗଣମାଧ୍ୟମରେ ବିଦେଶକୁ ପଠାଇ ଦିଆଯାଇପାରିବ । ଆଗାମୀ ଦିନରେ ବିଶ୍ୱରେ ଟେକ୍ନୋଲୋଜି ଏବଂ ଇନୋଭେସନ ଯୋଗୁ ସର୍ଭିସ ଇଣ୍ଡଷ୍ଟ୍ରିରେ ବୃଦ୍ଧି ଘଟିବ । ପୂର୍ବରୁ ୧୦ବର୍ଷ ତଳେ ମୋବାଇଲ କେବଳ କଥା ହେବା ପାଇଁ ବ୍ୟବହାର ହେଉଥିଲା । ବର୍ତ୍ତମାନ ମୋବାଇଲ ମାଧ୍ୟମରେ ୧୦ଟି କାମ ହୋଇପାରୁଛି । ଟ୍ରେନ ଟିକେଟ୍, ବ୍ୟାଙ୍କିଂ ଟ୍ରାନ୍‌ଜାକ୍ସନ ଓ ଅନ୍ୟାନ୍ୟ କାମ ହେଉଛି । ସ୍ଥାନୀୟ ଅଞ୍ଚଳରେ କିପରି ଅଧିକରୁ ଅଧିକ ରୋଜଗାର ଉପଲବ୍ଧ ହେବ ଏବଂ ବିଶ୍ୱରେ ଆବଶ୍ୟକତା ଥିବା କାମକୁ ଚିହ୍ନଟ କରାଯିବା, ତାହାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

**LOAN**
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ
ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

!! ଭଟକିବାରୁ ବଞ୍ଚନ୍ତୁ !!



କୌଣସି ବି କାମ, ତୁରନ୍ତ
ସଜାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆସରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

**JAGANNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ । ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ । ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ । ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ । ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ । ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ । ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

Email ID: sambalpurm.hud@nic.in, Phone No. 0663-2411012

### କାର୍ଯ୍ୟାଳୟ ଆଦେଶ

ସଂଖ୍ୟା: ୯୦୩ | ତା: ୩୦।୦୩।୨୦୧୯

ବିଗତ ବର୍ଷମାନଙ୍କ ପରି ଆଗାମୀ ଆର୍ଥିକ ବର୍ଷ ୨୦୧୯-୨୦୨୦ ନିମନ୍ତେ ତା୦୨।୦୪।୨୦୧୯ରିଖଠାରୁ ତା୩୦।୦୪।୨୦୧୯ରିଖ ମଧ୍ୟରେ (ସରକାରୀ ଛୁଟି ଦିବସ ବ୍ୟତୀତ) ବାର୍ଷିକ ଗୃହ ଟିକସ ଅଗ୍ରିମ ପୈଠ କଲେ ସରକାରୀ ଓ ବେସରକାରୀ ଗୃହମାଲିକମାନଙ୍କୁ ଶତକଡ଼ା ୫% ରିହାତି ଦେବାର ବ୍ୟବସ୍ଥା କରାଯାଇଅଛି । ଟିକସଦାତାମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ମହାନଗର ନିଗମ ତରଫରୁ ମହାନଗର ନିଗମ କାର୍ଯ୍ୟାଳୟରେ ଗୃହ ଟିକସ ଆଦାୟ କରାଯିବାର ବନ୍ଦୋବସ୍ତ କରାଯାଇଅଛି ।

ଉକ୍ତ କାର୍ଯ୍ୟାଳୟରେ ଅଗ୍ରିମ ଟିକସ ଆଦାୟ ସଙ୍ଗେ ସଙ୍ଗେ ପୂର୍ବ ବର୍ଷର ବକେୟା ଟିକସ ମଧ୍ୟ ଆଦାୟ କରାଯିବ । ଅଗ୍ରିମ ଟିକସ ପୈଠ ସମୟରେ ଗତ ବର୍ଷର ଟିକସ ଦାଖଲ ରସିଦ୍ ସଙ୍ଗରେ ନେଇ ଆସନ୍ତୁ, ଯାହାକି ବକେୟା ଅର୍ଥ ପୈଠ ପ୍ରମାଣ ହିସାବରେ ସହାୟକ ହେବ । ଯେଉଁ ଗୃହ ମାଲିକମାନଙ୍କର ନିଜସ୍ୱ ଗୃହ ଉପରେ ଗୃହ ଟିକସ ଧାର୍ଯ୍ୟ କରାଯାଇନାହିଁ (ନୂତନ ଭାବେ ହେଉ କିମ୍ବା ବର୍ଦ୍ଧିତ ଗୃହ) ସେମାନଙ୍କୁ ଅନୁରୋଧ, ସେମାନେ ଗୃହ ଟିକସ ପୈଠ ସମୟରେ କାଉଣ୍ଟରମାନଙ୍କରୁ ଆବେଦନ ଫର୍ମ ସଂଗ୍ରହପୂର୍ବକ ଯଥାଶୀଘ୍ର ଆବଶ୍ୟକୀୟ କାଗଜପତ୍ର ସମ୍ପୃକ୍ତ ଟିକସ ଅସୁଲକାରୀଙ୍କ ନିକଟରେ ଦାଖଲ ଦେଇ ଟିକସ ନିର୍ଦ୍ଧାରଣ କରାଇ ନିଅନ୍ତୁ ।

ସ୍ୱା./- ଉପ-ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

## ଟିଟିଲାଗଡ଼ ପୌର ପରିଷଦ, ଟିଟିଲାଗଡ଼

ସଂଖ୍ୟା: ୭୨୩ | ତାରିଖ: ୨୮।୦୩।୧୯

### ଜନସାଧାରଣ ବିଜ୍ଞପ୍ତି

**ଗୃହ ଟିକସ ପୈଠ ଉପରେ ବିଶେଷ ରିହାତି ଏବଂ ଟ୍ରେଡ୍ ଲାଇସେନ୍ସ ପଞ୍ଜୀକରଣ**

ଏତଦ୍ୱାରା ଟିଟିଲାଗଡ଼ ପୌରପରିଷଦ ଅଧୀନସ୍ଥ ସମସ୍ତ ଗୃହ ଟିକସଦାତାମାନଙ୍କୁ (ସରକାରୀ ଓ ବେସରକାରୀ) ଜଣାଇ ଦିଆଯାଉଛି ଯେ, ଯେଉଁମାନେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କୋଠାବାଡ଼ି ଉପରେ ଘର ଟିକସ ପୂର୍ବ ବକେୟା ଥିବ, ସେମାନେ ପୂର୍ବ ବକେୟା ପୈଠ କଲା ପରେ ହିଁ ୨୦୧୯-୨୦ ବର୍ଷ ପାଇଁ ଟିକସ ପୈଠ କଲେ ସେମାନେ ମ୍ୟୁନିସିପାଲ ନିୟମ ୧୯୫୩ ଧାରା ୧୫୯ (କ) ଅନୁଯାୟୀ ଏପ୍ରିଲ ମାସ ତା୦୨।୦୪।୧୯ରିଖରୁ ତା୩୦।୦୪।୧୯ରିଖ ସୁଦ୍ଧା ଶତକଡ଼ା ୨୦ ରିହାତି ଓ ମେ ମାସ ତା୦୧।୦୫।୧୯ରିଖରୁ ୩୧।୦୫।୧୯ରିଖ ପର୍ଯ୍ୟନ୍ତ ଶତକଡ଼ା ୧୦ ରିହାତି ପାଇପାରିବେ । ଗୃହ ଟିକସ ପୈଠ ସହ ନୂତନ ଭାବେ ନିର୍ମିତ ଗୃହ ଓ ସମ୍ପ୍ରସାରଣ କରାଯାଇଥିବା ଗୃହଗୁଡ଼ିକର ମୂଲ୍ୟାୟନ ନିମନ୍ତେ ଆବଶ୍ୟକୀୟ ଫର୍ମ ଟିକସ ଦାରୋଗାଙ୍କଠାରୁ ପାଇପାରିବେ ।

ଟିଟିଲାଗଡ଼ ପୌରାଞ୍ଚଳ ସହରରେ ଥିବା ସମସ୍ତ ଦୋକାନୀ, ପ୍ରତିଷ୍ଠାନ, କଳକାରଖାନା, ବ୍ୟାଙ୍କ, ରେଷ୍ଟୁରାଣ୍ଟ ଓ ଅନ୍ୟ ସମସ୍ତ ବର୍ଗର ଦୋକାନୀମାନେ ପୌର ନିୟମ ଧାରା ୨୯୦ ମୁତାବକ ଟ୍ରେଡ୍ ଲାଇସେନ୍ସ ଆବେଦନ କରନ୍ତୁ । ଟ୍ରେଡ୍ ଲାଇସେନ୍ସ ବିନା ପୌରାଞ୍ଚଳରେ ବ୍ୟବସାୟ କରିବା ଆଇନ ଅନୁଯାୟୀ ଅମାନ୍ୟ ଅଟେ । ଅତଏବ ପୌର ପରିଷଦ ଦ୍ୱାରା ୨୦୧୮-୧୯ଠାରୁ ନିର୍ଦ୍ଧାରିତ ହୋଇଥିବା ନୂତନ ଟ୍ରେଡ୍ ଲାଇସେନ୍ସ ଫିସ ପୈଠ କରି ଲାଇସେନ୍ସ ପଞ୍ଜୀକରଣ କରାନ୍ତୁ । ଏଣୁ ଗୃହମାଲିକ ଓ ବ୍ୟବସାୟୀମାନଙ୍କୁ ଅନୁରୋଧ, ସେମାନେ ଉପରୋକ୍ତ ସୁବିଧାର ସୁଯୋଗ ନେବା ସହିତ ଯଥା ସମୟରେ ଗୃହ ଟିକସ ଓ ଟ୍ରେଡ୍ ଲାଇସେନ୍ସ ଫିସ୍ ପୈଠ କରି ଟିଟିଲାଗଡ଼ ପୌରପରିଷଦକୁ ପ୍ରଗତି ପଥରେ ଆଗେଇ ନିଅନ୍ତୁ ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ଟିଟିଲାଗଡ଼

## ସଂକ୍ଷେପରେ

### ବିଜେଡି ଏମ୍‌ପି ପ୍ରାର୍ଥୀ ଦୌଡ଼ରେ ୨ ବିଧାୟକଙ୍କ ସ୍ତ୍ରୀ ଚର୍ଚ୍ଚା

**ଢେଙ୍କାନାଳ ଅଫିସ, ୩୧।୩**

ଢେଙ୍କାନାଳ ଲୋକ ସଭା ଆସନ ପାଇଁ ବର୍ତ୍ତମାନ ସୁଦ୍ଧା ବିଜେଡି ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇପାରୁନି। ନାମାଙ୍କନ ଦାଖଲକୁ ଆଉ ମାତ୍ର ୪ ଦିନ ଥିବାବେଳେ ଏହା ଏବେ ଦଳୀୟ କର୍ମୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏମ୍‌ପି ପ୍ରାର୍ଥୀ ଦୌଡ଼ରେ ଢେଙ୍କାନାଳ ବିଧାୟକ ସରୋଜ କୁମାର ସାମଲ ଏବଂ ପାଲଲହଡ଼ା ବିଧାୟକ ମହେଶ ସାହୁଙ୍କ ସ୍ତ୍ରୀଙ୍କ ନାମ ଚର୍ଚ୍ଚାରେ ରହିଛି। ଏହାକୁ ନେଇ ଦଳୀୟ ନେତୃବୃନ୍ଦଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏଠାରୁ ଦଳ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ସମ୍ଭାବନା ଦେଖାଦେଇଛି। ସୋମବାର ସୁଦ୍ଧା ପ୍ରାର୍ଥୀ ଚୟନ ହୋଇପାରେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ବିଧାୟକ ସରୋଜ କୁମାର ସାମଲଙ୍କୁ ଚଳିତ ନିର୍ବାଚନରେ ବିଧାନସଭା ଟିକେଟ୍ ଦିଆଯାଇନାହିଁ। ସେହିପରି ପାଲଲହଡ଼ା ଆସନକୁ ଦଳ ଝୁଲାଇ ରଖିଛି।

### ୨ ବଖରା ଜଳିଗଲା



**ପରଜଙ୍ଗ, ୩୧।୩(ଡି.ଏନ.ଏ)**

ପରଜଙ୍ଗ ବ୍ଲକ ମୁକ୍ତାପଶି ଆର୍‌ଆଇ ସର୍କଲ ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଚିନ୍ତାମଣି ସାହୁଙ୍କ ୨ ବଖରା ଜଳିଯାଇଛି। ଘରର ସମସ୍ତ ଆସବାବପତ୍ର ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଆର୍‌ଆଇ କୁଳମଣି ଦଳେଇ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ ଅଗ୍ନିବିପନ୍ନଙ୍କୁ ପଲିଥିନ ଯୋଗାଇଦେଇଛନ୍ତି। ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

### ବସ୍ ଧକ୍କାରେ ଯୁବକ ମୃତ

**ରାସୋଳ, ୩୧।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ରାସୋଳ ଥାନା ଅଧୀନ ବାହାଲ ନିକଟରେ ରବିବାର ଅପରାହ୍ନରେ ବସ୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋଟଙ୍ଗା ଥାନା ଛେଲିଆବେଡ଼ା ଗ୍ରାମର ଚକ୍ରଧର ରାଉତଙ୍କ ପୁଅ ସନ୍ତୋଷ (୧୯)। ଏଥିରେ ସ୍କୁଟି ଚାଳକ ରଣଜିତ୍ ରାଉତ ଗୁରୁତର ହୋଇଛନ୍ତି। ସନ୍ତୋଷ ଏବଂ ରଣଜିତ୍ ଗାଡ଼ିରେ (ଓଆର ୧୯ ଏମ୍ ୫୯୩୮) ଖଜୁରିଆକଟା ଆଡ଼କୁ ଯାଉଥିବାବେଳେ ହିନ୍ଦୋଳରୁ କଟକ ଯାଉଥିବା ଘରୋଇ ବସ୍ 'ଜୁଲି' ଧକ୍କାଦେଇ ପଳାଇଯାଇଥିଲା। ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଖଜୁରିଆକଟା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ରଣଜିତଙ୍କୁ ହିନ୍ଦୋଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ. ୨୮/୧୯ରେ ମାମଲା ରୁଜୁ ହୋଇଛି।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୩୧।୩**

ଢେଙ୍କାନାଳ ସଦର ବ୍ଲକ କାମାକ୍ଷାପ୍ରସାଦ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଘନଶ୍ୟାମ ହୋତା, ଅଜୟ କୁମାର ପଟ୍ଟନାୟକଙ୍କୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୋବିନ୍ଦପୁର ଜୋନ୍ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାୟାଧର ସାହୁ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ସଭାରେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରେମାନନ୍ଦ ମହାନ୍ତି, ସୁଶୀଲ ମହାରଣା, ଉମେଶ ଦାସ, ଅମିୟ ଧଳ, ଶୈଳେନ୍ଦ୍ର ପଟ୍ଟନାୟକ, ବିଦୂର ସାମଲ ଯୋଗଦେଇଥିଲେ। ନରେଶ ମହାରଣା ଧନ୍ୟବାଦ ଦେଇଥିଲେ।

### ନଡ଼ା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଁ

**ଢେଙ୍କାନାଳ ଅଫିସ, ୩୧।୩**

ଢେଙ୍କାନାଳ କାଠଗଡ଼ା ଅଞ୍ଚଳରେ ରବିବାର ମଧ୍ୟାହ୍ନରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ନଡ଼ା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଞ୍ଚଳରେ ଥିବା ଘରଗୁଡ଼ିକୁ ବିପଦସଙ୍କୁଳ ଭାବେ ବିଦ୍ୟୁତ୍ ତାର ସଂଯୋଗ ଦିଆଯାଇଛି। ଫଳରେ ଏପରି ଦୁର୍ଘଟଣା ଘଟିଥିବା ବରିଷ୍ଠ ନାଗରିକ ପ୍ରଶାନ୍ତ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

■ଢେଙ୍କାନାଳ ବିଧାନସଭା ଆସନ: ବଢୁଛି ରାଜନୈତିକ ଉଷ୍ମତା

# ୩ ପୂର୍ବତନ ବିଧାୟକଙ୍କ ପାଇଁ ଅଗ୍ନିପରୀକ୍ଷା

**ଢେଙ୍କାନାଳ ଅଫିସ, ୩୧।୩**

କଂଗ୍ରେସ, ଭାଜପା ଏବଂ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ଢେଙ୍କାନାଳ ବିଧାନସଭା ଆସନର ଚିତ୍ର ସ୍ପଷ୍ଟ ହୋଇଛି। ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ ପ୍ରାର୍ଥୀ ସୁଧୀର କୁମାର ସାମଲ (ବିଜେଡି), କୃଷ୍ଣଚନ୍ଦ୍ର ପାତ୍ର (ଭାଜପା) ଏବଂ ନବୀନ ନନ୍ଦ (କଂଗ୍ରେସ) ପୂର୍ବରୁ ବିଧାୟକ ରହିଆସିଛନ୍ତି। ୨୦୧୯ ନିର୍ବାଚନ ସେମାନଙ୍କ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହୋଇଥିବାବେଳେ ଢେଙ୍କାନାଳ ନିର୍ବାଚନମଣ୍ଡଳୀ ହେଭିୱେଟ୍‌ଙ୍କ ଲଢ଼େଇ ଦେଖିବ ବୋଲି ଚର୍ଚ୍ଚା ହେଉଛି।

ଭାଜପାର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ରାଜନୀତିରେ ପୁରୁଣା ଚେହେରା। ସେ ବିଭିନ୍ନ ସମୟରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୦୦୦ରେ ସେ ଢେଙ୍କାନାଳ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

ସୁଧୀର ମଧ୍ୟ ଏ କ୍ଷେତ୍ରରେ ପଛରେ ନାହାନ୍ତି। ନିର୍ବାଚନମଣ୍ଡଳୀରେ ତାଙ୍କର ପୁରୁଣା ସଙ୍ଗଠନ ରହିଛି। ୨୦୦୪ରେ ସେ କଂଗ୍ରେସ ଟିକେଟରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୧୪ରେ ଏମ୍‌ପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ତାଙ୍କୁ ସଫଳତା ମିଳି ନ ଥିଲା। ପରେ ସେ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଧାୟକ ପ୍ରାର୍ଥୀ କରିଛନ୍ତି।

ସେହିପରି ନବୀନ ୨୦୦୯ରେ ଗଁଦିଆ ବିଧାନସଭା ଆସନରୁ ଏନ୍‌ସିପିରୁ ବିଜୟୀ ହୋଇ ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ମିଶିଥିଲେ। ଦୀର୍ଘଦିନରୁ ଦଳରେ କୋଣଠେସା ହୋଇ ରହିବା ପରେ ଚଳିତ ବର୍ଷ ସେ କଂଗ୍ରେସ ଶିବିରରେ ଯୋଗଦେଇ ଟିକେଟ ପାଇଛନ୍ତି।

ସମ୍ପୃକ୍ତ ୩ ଜଣ ନେତା ରାଜନୀତିକ ଗୋଟିଚାଳନାରେ ସିଦ୍ଧହସ୍ତ। ତଥାପି ସମ୍ମାନ ଦୃଷ୍ଟିରୁ ଚଳିତ ନିର୍ବାଚନ ସମସ୍ତଙ୍କ ପାଇଁ କଠୋର ପରୀକ୍ଷା ସଦୃଶ ହୋଇଛି। ଅନ୍ୟପଟେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଢେଙ୍କାନାଳ ସଦର ବ୍ଲକ, ପୌରାଞ୍ଚଳ, ଗଁଦିଆ ବ୍ଲକର ଲାଗି ରହିଥିବା ସମସ୍ୟା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷଙ୍କୁ ପୁଞ୍ଜୀଭୂତ କରିଛି। ଗ୍ରୀଷ୍ମପ୍ରବାହରେ ପାନୀୟ ଜଳ କଷ୍ଟରେ ସନ୍ତୁଳି ହେଉଛନ୍ତି ଲୋକେ। ପୌରାଞ୍ଚଳର ୨୩ ୱାର୍ଡ ମଧ୍ୟରୁ ୧୨ ୱାର୍ଡକୁ ପାଣି ମିଳୁନାହିଁ। ସ୍ୱାସ୍ଥ୍ୟ, ଶିକ୍ଷା, କଳକାରଖାନା ପୁନରୁଦ୍ଧାର, ନିଯୁକ୍ତି, ଜଳସେଚନ ସମସ୍ୟାର ସମାଧାନ ହୋଇପାରିନାହିଁ। ନିର୍ବାଚନ ମଇଦାନରେ ପ୍ରାର୍ଥୀମାନେ ଏସବୁ ସମସ୍ୟା ପାଇଁ ସିଧାସଳଖ ଲୋକଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବା ସମ୍ଭାବନା ରହିଛି। କେଉଁ ଦଳ ଏହାକୁ କିପରି ସାମ୍ନା କରିବ ତାହା ଏବେ ଆଲୋଚନାର ବିଷୟ ପାଲଟିଛି।

**ଚିନ୍ତା ବଢ଼ାଇପାରନ୍ତି ଗୃହଶତ୍ରୁ**

ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ଢେଙ୍କାନାଳ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା ପରେ ସବୁ ଦଳ ମଧ୍ୟରେ ଆରମ୍ଭ ହୋଇଛି ଅନ୍ତର୍ଦ୍ୱନ୍ଦ୍ୱ। ଟିକେଟ୍‌ରୁ ବଞ୍ଚିତ ଆଶାୟୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ କଣ୍ଟା ହେବା ଆଶଙ୍କା ରହିଛି। ସେମାନେ ଗୃହଶତ୍ରୁ ହୋଇ ଅନ୍ୟ ଦଳ ସହିତ ହାତ ମିଶାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏପରି କି କେତେଜଣ ଆଶାୟୀ ସ୍ୱାଧୀନରୁ ଲଢ଼ିବେ ବୋଲି ଖୋଲାଖୋଲି କହିଲେଣି, ଯାହା ଦଳ ଲାଗି ଚିନ୍ତାର କାରଣ ପାଲଟିଛି। ଅପରପକ୍ଷେ ନିର୍ବାଚନ ପୂର୍ବରୁ ଅସନ୍ତୁଷ୍ଟଙ୍କୁ ମନେଇବାରେ ଲାଗିପଡ଼ିଛନ୍ତି ବିଧାୟକ ପ୍ରାର୍ଥୀ। ଏପ୍ରିଲ ୪ ନାମାଙ୍କନ ଦାଖଲର ଶେଷଦିନ। ଏହା ପୂର୍ବରୁ ସମସ୍ତଙ୍କୁ ଏକାଠି କରି ଶକ୍ତି ପ୍ରଦର୍ଶନ କରିବାକୁ ପ୍ରମୁଖ ଦଳ ଯୋଜନା କରୁଛନ୍ତି।


**ଲୋକ ପରଖିବେ କିଏ ଭେଜାଲ, କିଏ ଭଲ**



" ଜନସାଧାରଣଙ୍କ ସେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ ପ୍ରମୁଖ ଦଳର ପ୍ରାର୍ଥୀ ତିନି ନଦୀର ପାଣି ସଦୃଶ। ଲୋକେ ପରଖିବେ କିଏ ଭେଜାଲ, କିଏ ଭଲ। ମୁଁ ବିଜେଡିରେ ନିଃସର୍ତ୍ତ ଭାବେ ମିଶିଛି। କୌଣସି ସର୍ତ୍ତ ରଖିନାହିଁ। ଜିଲାର ସବୁ ଆସନରେ ବିଜୟ ହେବୁ ବୋଲି ଲକ୍ଷ୍ୟ ରଖିଛୁ।

–ସୁଧୀର କୁମାର ସାମଲ

**ନିର୍ବାଚନରେ ଭଲ କରିବୁ**



" ଚଳିତ ନିର୍ବାଚନରେ ଭାଜପା ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବ। ଓଡ଼ିଶାରେ ୧୨୦ ଆସନ ଜିତିବା ଲକ୍ଷ୍ୟ ନେଇ ରଣାଙ୍ଗନକୁ ଓହ୍ଲାଇବୁ। ଢେଙ୍କାନାଳରେ ପିଇବା ପାଣିଠାରୁ ଆରମ୍ଭ କରି ଡ୍ରେନେଜ୍ ବ୍ୟବସ୍ଥା, ଡାକ୍ତର ଅଭାବ, ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚାଷକୁ ପାଣି ନାହିଁ। ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ଏସବୁ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ହେବ।

–କୃଷ୍ଣଚନ୍ଦ୍ର ପାତ୍ର

**ଦଳୀୟ କର୍ମୀ ଉତ୍ସାହିତ**



" ୨୦୦୯ ନିର୍ବାଚନରେ ପରସ୍ପର ଭିନ୍ନ ଭିନ୍ନ ଚିହ୍ନରେ ଲଢ଼ିଥିଲୁ। ଢେଙ୍କାନାଳ ଓ ଗଁଦିଆର ଲୋକେ ଭଲ ଭାବେ ଜାଣିଛନ୍ତି, କିଏ ବିପଦ ଆପଦରେ ସେମାନଙ୍କ ପାଖରେ ପହଞ୍ଚିପାରିବ। ଜିଲାରେ ପାନୀୟ ଜଳ, ସୂତାକଳ ପୁନରୁଦ୍ଧାର, ଜଳସେଚନ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। କେ.ପି. ସିଂଦେଓଙ୍କ ଏମ୍‌ପି ଟିକେଟ୍ ଦଳୀୟ କର୍ମୀମହଲରେ ଉତ୍ସାହ ଭରିଛି। ଏହା ନିର୍ବାଚନରେ ପ୍ରତିଫଳିତ ହେବ।

–ନବୀନ ନନ୍ଦ

## ମାମୁ ଆଗରେ ଚାଲିଗଲା ଭଣଜା ଜୀବନ

**ପରଜଙ୍ଗ, ୩୧।୩(ଡି.ଏନ୍.ଏ.)**

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଦଦରାଘାଟି ହାଇସ୍କୁଲ ଛକ ନିକଟରେ ରବିବାର ଅପରାହ୍ନ ୪ଟାରେ କୁକୁଡ଼ା ନେବାକୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଲ୍‌କୋ ଅଞ୍ଚଳର ଘାସିରାମ ହେମ୍ବ୍ରମ୍। ଏଥିରେ ତାଙ୍କ ମାମୁ ଆଖୁଆପାଳ ପଞ୍ଚାୟତ ମୋହନପଶି କେନ୍ଦୁମୁଣ୍ଡା ସାହିର ବିଦ୍ୟାଧର ସୋରେନ୍ (୫୫) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମାମୁଙ୍କ ଆଖି ଆଗରେ ଭଣଜାଙ୍କ ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଉଭୟେ ବାଇକ୍ (ଓଡ଼ି ୧୦ ଏମ୍ ୦୫୧୮)ରେ ଦଦରାଘାଟି ଆଡ଼କୁ ଯାଉଥିବାବେଳେ ସମ୍ମୁଖ ଭାଗରୁ ଆସୁଥିବା ଉକ୍ତ ପିକ୍‌ଅପ୍ ଭ୍ୟାନ୍ (ଓଡ଼ି ୧୯ କେ ୪୮୫୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ସେମାନଙ୍କୁ ଉଦ୍ଧାର କରି ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଘାସିରାମଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# 'ମୁଁ ବି ଚୌକିଦାର' କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଭାଜପା କର୍ମୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୩୧।୩**

ଢେଙ୍କାନାଳ ସହର ରଥଗଡ଼ାରେ ରବିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ 'ମୁଁ ବି ଚୌକିଦାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀର ତାଲକୋଟରା ଷ୍ଟାଡିୟମ୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଲୋକ ସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବାର୍ତ୍ତାଳାପ କରିବା ସହିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଲେ, ଦୁର୍ନୀତିରେ ଲିପ୍ତ ବ୍ୟକ୍ତିଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବନାହିଁ। ଦେଶର ଆର୍ଥିକ ପ୍ରଗତି, ବିକାଶ ଲାଗି ନିରନ୍ତର ଉଦ୍ୟମ ଜାରି ରହିଛି। ମହିଳା, ଯୁବକଙ୍କୁ ଅଗ୍ରାଧିକାର ଦିଆଯାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ଉପସଭାପତି ନବକିଶୋର ଗୁରୁ, ରଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ମାତୃ ପ୍ରସାଦ ନନ୍ଦ, ଜିଲା ଯୁବମୋର୍ଚ୍ଚା ସଭାପତି ପଦ୍ମଭୂଷଣ ସାହୁ, ମହିଳା ମୋର୍ଚ୍ଚା ସମ୍ପାଦିକା ଅନିତା ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଐରା ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୩୧।୩**

ଗଁଦିଆ ବ୍ଲକ କରମୂଳ ଅଶ୍ୱଖୋଲାସ୍ଥିତ ଐରା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନ ପକ୍ଷରୁ ପରିଚାଳିତ ଆବାସିକ ପ୍ରାଥମିକ ବିଦ୍ୟାଳୟର ୨୦ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ସଂସ୍ଥାର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ରଥ, ଉପଦେଷ୍ଟା କମିଟି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଯଦୁଆ ଆଖିରେ ଲୁହ' ପରିବେଷଣ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ମିନତି ପଣ୍ଡା, ସ୍ନେହଲତା ମିଶ୍ର, ସୁଶାନ୍ତ ପଣ୍ଡା, ମିଲନ କଅଁର, ନିବେଦିତା ପାଢ଼ୀ, ଦୁଃଶାସନ ବାରିକ, ରାଘବ ଚନ୍ଦ୍ର ନାୟକ, ମଲି ମୁଣ୍ଡା, ରାମକୃଷ୍ଣ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ଭାଜପା ସାଙ୍ଗଠନିକ ବୈଠକ

## ୨ରେ ନାମାଙ୍କନ ଦାଖଲ କରିବେ ଶତ୍ରୁଘ୍ନ



କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ ଓ କର୍ମୀ।

**ଭୁବନ, ୩୧।୩(ଡି.ଏନ.ଏ)**

ଭୁବନ ଏନ୍‌ଏସିସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ରବିବାର ଭାଜପାର ମିଶ୍ରଣପର୍ବ ଏବଂ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଉପସ୍ଥିତ ରହି ନିର୍ବାଚନ ରଣନୀତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଭୋଟବେଳେ ସମସ୍ତ କର୍ମୀ ଏକଜୁଟ୍ ହୋଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆସନ୍ତା ୨ ତାରିଖରେ ନାମାଙ୍କନପତ୍ର ଦାଖଲ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ନିର୍ବାଚନମଣ୍ଡଳୀର ୧୫ ହଜାର କର୍ମୀ ଯୋଗଦେବେ ବୋଲି ଶତ୍ରୁଘ୍ନ କହିଛନ୍ତି।

ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ କର୍ମକର୍ତ୍ତା ପବିତ୍ର ମୋହନ ବିଶ୍ୱାଳ, ପ୍ରେମାନନ୍ଦ ଜେନା, ମାତୃପ୍ରସାଦ ନନ୍ଦ, ପ୍ରବାଳକାନ୍ତି ସାହୁ, ମାୟାଧର ଗୁରୁଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ନିର୍ବାଚନମଣ୍ଡଳୀର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ରାଜ୍ୟ ପରିଷଦ ସଦସ୍ୟ ସନାତନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ବେଆଇନ ଶ' ମିଲ ଉପରେ ଚଢ଼ାଉ

## ୧୦୬ ଘନଫୁଟ କାଠ, ଯନ୍ତ୍ରାଂଶ ଜବତ



ବନ ବିଭାଗ ପକ୍ଷରୁ ଜବତ କରାଯାଇଥିବା କାଠ, ଟ୍ରାକ୍ଟର ଏବଂ ଅନ୍ୟ ଯନ୍ତ୍ରାଂଶ।

**ଢେଙ୍କାନାଳ ଅଫିସ, ୩୧।୩**

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ ହରିଡ଼ାପଶି ବୋଲୁଅ ସାହି ଆମ୍ବତୋଟାରୁ ବେଆଇନ ଭାବେ ଚାଲୁଥିବା ଏକ ଶ' ମିଲ୍ ଉପରେ ରବିବାର ବନ ବିଭାଗ ଚଢ଼ାଉ କରିଛି। ଘଟଣାସ୍ଥଳରୁ ୧୦୬.୦୬ ଘନଫୁଟ ମୂଲ୍ୟବାନ କାଠ, ଟ୍ରାକ୍ଟର, ସମେତ ଅନ୍ୟ ଯନ୍ତ୍ରାଂଶ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

ଆମ୍ବତୋଟାରେ କାଠ ମିଲ ଚାଲୁଥିବା ସୂଚନା ପାଇ ସଦର ରେଞ୍ଜର ମନୱର ଖାଁ, ଫରେଷ୍ଟର ହିମାଂଶୁ ପୃଷ୍ଟି, ଭାପୁର ଫରେଷ୍ଟର ପୁଣ୍ୟପ୍ରକାଶ ଭୋଇ, ବଡ଼ଗିଲା ଫରେଷ୍ଟର ବଭ୍ରୁବାହନ ସାହୁ ପ୍ରମୁଖ ଏପିଆର୍ ଫୋର୍ସ ସହ ଚଢ଼ାଉ କରିଥିଲେ। ଚଢ଼ାଉ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ରେଞ୍ଜର ସୂଚନା ଦେଇଛନ୍ତି।

# ଚଢ଼ିଗଲା ଟିପ୍ପର, ମହିଳା ମୃତ

**ପରଜଙ୍ଗ, ୩୧।୩(ଡି.ଏନ୍.ଏ.)**

■ପୁଅ, ପୁତୁରା ଗୁରୁତର
■ରାସ୍ତା ଅବରୋଧ, ଉତ୍ତେଜନା
■ମାଜିଷ୍ଟ୍ରେଟଙ୍କୁ ଦୁର୍ବ୍ୟବହାର
■୮ଘଣ୍ଟା ପରେ ଉଠିଲା ମୃତଦେହ

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥରୁ ବସୁଲେଇ ଆଡ଼କୁ ଯାଇଥିବା ରେଙ୍ଗାଳି ବାମ କେନାଲ ରାସ୍ତାର କୁଲେଇ ଗ୍ରାମ ନିକଟରେ ରବିବାର ପୂର୍ବାହ୍ନ ୮ଟାରେ ଦୁର୍ଘଟଣା ଘଟିଛି। ଏକ ଚିପ୍ସ ବୋଝେଇ ଟିପ୍ପର (ଓଆର ୧୬ ଡି ୨୬୩୩) ଚଢ଼ିଯିବାରୁ ସନ୍ଥପଡ଼ା ଗ୍ରାମର ସୁମନ ସାମଲ (୩୦) ପ୍ରାଣ ହରାଇଛନ୍ତି। ଏଥିରେ ମହିଳାଙ୍କ ପୁଅ ପୁରୁଷୋତ୍ତମ (୮) ଏବଂ ବାଇକ୍ ଚଳାଉଥିବା ତାଙ୍କ ପୁତୁରା ଜିତ୍‌ରଞ୍ଜନ ରାଉତ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ତାଳଚେର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ଅପରାହ୍ନ ୪ଟା ଯାଏ ଅପ୍ରୀତିକର ପରିସ୍ଥିତି ଲାଗି ରହିଥିଲା।

ଜିତ୍‌ରଞ୍ଜନଙ୍କ ବାଇକ୍‌ରେ ସୁମନ ଏବଂ ତାଙ୍କ ପୁଅ ବସୁଲେଇରୁ ସନ୍ଥପଡ଼ା ଫେରୁଥିଲେ। ନିର୍ମାଣାଧୀନ କେନାଲ ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ପକାଯାଇଥିବାବେଳେ ହଠାତ୍ ଟିପ୍ପର ମାଡ଼ି ଆସିଥିଲା। ବାଇକ୍ ଚାଳକ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ଫଳରେ ସୁମନ ଟିପ୍ପର ଚକାତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଉପର ଦେଇ ଗାଡ଼ି ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ଟିପ୍ପର ଡ୍ରାଇଭର କିଛି ଦୂରରେ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି।

ସୂଚନାପାଇ ସନ୍ଥପଡ଼ା, ବସୁଲେଇ ଗ୍ରାମରୁ ମୃତାଙ୍କ ସମ୍ପର୍କୀୟ ପହଞ୍ଚି କ୍ଷତିପୂରଣ ଦାବି କରି ୧୪୯ନଂ. ଜାତୀୟ ରାଜପଥ ସହ କେନାଲ ରାସ୍ତା ଅବରୋଧ କରିଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ଜୟନ୍ତ କୁମାର ଜୟସିଂହ, ଅତିରିକ୍ତ ତହସିଲଦାର ରାମକୃଷ୍ଣ ମହାନ୍ତି, ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍, ଦଦରାଘାଟି ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ନିର୍ମାଣାଧୀନ ରାସ୍ତାରେ ସୂଚନା ଫଳକ ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ଏଥିସହ ରାସ୍ତାକାମ କରୁଥିବା ଠିକାଦାରଙ୍କଠାରୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ହେଲେ ଠିକାଦାର ନ ଆସିବାରୁ ଜଣେ ଯୁବକ ଉତ୍ତେଜିତ ହୋଇ ମାଜିଷ୍ଟ୍ରେଟ୍‌ଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ସ୍ଥାନୀୟ ଯୁବକ ଜିତୁ ଜେନା ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହୋଇ ଧସ୍ତାଧସ୍ତି ଯାଏ କଥା ଯାଇଥିଲା। ବୁଝାଶୁଝା ପରେ ପରସ୍ଥିତି ଶାନ୍ତ ପଡ଼ିଥିଲା। ମୃତ ମହିଳାଙ୍କ ପରିବାରକୁ ଗାଡ଼ି ମାଲିକ ୫୦ ହଜାର, ବ୍ଲକ ବିଜେଡି ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି ୩୦ ହଜାର ଏବଂ ରାସ୍ତା ନିର୍ମାଣରେ ନିୟୋଜିତ ଠିକାଦାର ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଦୀର୍ଘ ୮ଘଣ୍ଟା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଏ ନେଇ ନଂ. ୮୫/୧୯ରେ ମାମଲା ରୁଜୁ କରାଯାଇଛି। ପୋଲିସ ଟିପ୍ପରକୁ ଜବତ କରିଛି।



ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

# ରାଜନୈତିକ ଶକ୍ତିକେନ୍ଦ୍ରରେ ତ୍ରିମୁଖୀ ଲଢ଼େଇ

## ମଇଦାନରେ ୩ ଟାଣୁଆ ନେତା ରବି, ତାରା, କୃଷ୍ଣ

ପବନ ପାଣିଗ୍ରାହୀ
ଜୟପୁର,୩୧।୩

ଦକ୍ଷିଣ ଓଡ଼ିଶାର ରାଜନୈତିକ ଶକ୍ତିକେନ୍ଦ୍ର ଥିବା ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୩ଜଣ ଟାଣୁଆ ନେତାଙ୍କ ସହ ଜଣେ ଯୁବନେତା ଲଢ଼େଇରେ ରହିଛନ୍ତି। ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଏହି ଆସନରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଥିବା ବେଳେ ବିଏସ୍‌ପିରୁ କୃଷ୍ଣଚନ୍ଦ୍ର ସଗରିଆ ପ୍ରାର୍ଥୀ ହେବା ପରେ ଜୟପୁର ସମୀକରଣ ଅଲଗା ହୋଇଛି। ବିଜେଡିର ରବିନାରାୟଣ ନନ୍ଦ, କଂଗ୍ରେସର ତାରାପ୍ରସାଦ ବାହିନୀପତି ଓ ବିଏସ୍‌ପିର କୃଷ୍ଣଚନ୍ଦ୍ର ସଗରିଆ ରାଜନୀତିରେ ବେଶ୍ ଅଭିଜ୍ଞ ଥିବାବେଳେ ସମସ୍ତେ ପୂର୍ବରୁ ବିଧାୟକ ରହିସାରିଛନ୍ତି। ଏହି ୩ ଟାଣୁଆ ନେତାଙ୍କ ବିପକ୍ଷରେ ପ୍ରାର୍ଥୀ ରହିଛନ୍ତି ଭାଜପାର ଗୌତମ ସାମନ୍ତରାୟ।

ଲଗାତାର ୩ ଥର ବିଧାୟକ ଭାବେ ବିଜୟୀ ହୋଇ ବିଭିନ୍ନ ମନ୍ତ୍ରୀପଦ ତୁଲାଇଥିବା ବିଜେଡିର ପ୍ରାର୍ଥୀ ରବି ନାରାୟଣ ନନ୍ଦ କହିଛନ୍ତି, ମୁଁ ଜୟପୁର ବାସୀଙ୍କ ସୁଖଦୁଃଖର ସାଥୀ। ୧୪ ବର୍ଷ ମନ୍ତ୍ରୀ ରହି ଅଞ୍ଚଳରେ ଯେଉଁ ବିକାଶ କାର୍ଯ୍ୟ କରିଛି, ତାହା ଦେଖି ଜୟପୁରବାସୀ ମୋତେ ଭୋଟ୍ ଦେବେ ବୋଲି ସେ ଆଶା ରଖିଛନ୍ତି। ତାଙ୍କ ଅମଳରେ ଅଡିଟୋରିୟମ, ୩ଟି ପୌର ଉଚ୍ଚ ବିଦ୍ୟାଳୟକୁ ସରକାରୀ ମାନ୍ୟତା, ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ, କାକ୍‌ଟସ୍ ପାର୍କ, ଜୟପୁରରେ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟ କରାଇଥିବା ନନ୍ଦ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଶାସନିକ ପରିବାରରୁ ଆସିଥିବା ନନ୍ଦ ଜୟପୁର ପୌରାଧ୍ୟକ୍ଷ ହେବା ସହ ୩ଥର ବିଧାୟକ ଓ ବିଭିନ୍ନ ବିଭାଗର ମନ୍ତ୍ରୀ ରହିଛନ୍ତି। ତେବେ ୨୦୧୪ ନିର୍ବାଚନରେ ୮ ହଜାର ଭୋଟ୍‌ରେ ହରାଇ ନନ୍ଦଙ୍କ ବିଜୟଧାରାରେ ଅଙ୍କୁଶ ଲଗାଇଥିଲେ କଂଗ୍ରେସର ତାରାପ୍ରସାଦ ବାହିନୀପତି।


ତାରାପ୍ରସାଦ ବାହିନୀପତି


ରବିନାରାୟଣ ନନ୍ଦ


କୃଷ୍ଣଚନ୍ଦ୍ର ସଗରିଆ


ଗୌତମ ସାମନ୍ତରାୟ

ଚାଷୀ ପରିବାରରୁ ଆସିଥିବା ତାରାପ୍ରସାଦ ବାହିନୀପତି କନଷ୍ଟେବଳ ଚାକିରି କରିଥିବା ବେଳେ ହାବିଲଦାର, ସିପାହୀ ସଂଘର ସଭାପତି ଭାବେ ନେତୃତ୍ୱ ନେଇ ନିଜର ପରିଚୟ ସୃଷ୍ଟି କରିଥିଲେ। ୨ ଥର ବିଧାୟକ ହୋଇଥିବା ତାରାପ୍ରସାଦ ବାହିନୀପତି ଚଳିତଥର ପୁଣିଥରେ ଜୟପୁରରୁ ପ୍ରାର୍ଥୀ ହୋଇଛନ୍ତି। ୨୦୦୯ରେ କଂଗ୍ରେସରୁ ଟିକେଟ ନ ମିଳିବାରୁ ସେ ଭାଜପାର ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ ମଧ୍ୟ ପରାସ୍ତ ହୋଇଥିଲେ। ୨୦୧୪ରେ ସେ ପୁଣି କଂଗ୍ରେସ ଟିକେଟରେ ଜୟପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗତ ୫ ବର୍ଷରେ ଜୟପୁର ବିମାନ ଘାଟିର ବିକାଶ, ବିକ୍ରମଦେବ କଲେଜରେ ୧୦ରୁ ଅଧିକ ପିଜି ଓ ବିଇଡି ପାଠ୍ୟକ୍ରମ ଖୋଲିବା, ଉପଖଣ୍ଡ ଚିକିତ୍ସାଳୟକୁ ଜିଲା ଚିକିତ୍ସାଳୟ କରିବା, ମାତୃ ଓ ଶିଶୁ ଚିକିତ୍ସାଳୟ କରିବା, ସାଇନ୍ସ ପାର୍କକୁ ମଞ୍ଜୁରୀ, ୨ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା, ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଇଥିବା ବାହିନୀପତି କହିଛନ୍ତି। ଏଥିପାଇଁ ଜୟପୁରବାସୀଙ୍କ ସମର୍ଥନ ପାଇବେ ବୋଲି ତାଙ୍କର ଆଶା ରହିଛି।

ଜୟପୁର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ହେଉଛନ୍ତି ଗୌତମ ସାମନ୍ତରାୟ। ଦଳରେ ବହୁ ଆଶାୟୀ ପ୍ରାର୍ଥୀ ରହିଥିଲେ ମଧ୍ୟ ଦଳ ତାଙ୍କ ଉପରେ ଭରସା ରଖି ମଇଦାନକୁ ଓହ୍ଲାଇଛି। ଗୌତମ ଜଣେ ଆଇନଜୀବୀ ହୋଇଥିବା ବେଳେ ସେ ବିକ୍ରମଦେବ କଲେଜ ଛାତ୍ର ସଂସଦ ସଭାପତି ରହିଥିଲେ। ଛାତ୍ର ଜୀବନରୁ ଏଯାବତ୍ ୨୦ ବର୍ଷ ରାଜନୀତିରେ ସକ୍ରିୟ ଥିବାବେଳେ ୨୦୧୪ରେ ସେ ଜୟପୁରରୁ ଜନମୋର୍ଚ୍ଚାର ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ଏଥର ସେ ଜୟଯୁକ୍ତ ହେଲେ କେନ୍ଦ୍ର ସରକାରଙ୍କ ଯୋଜନା ନିର୍ବାଚନ ମଣ୍ଡଳୀର ଲୋକଙ୍କ ପାଖରେ ପହଞ୍ଚାଇବା ସହ ସର୍ବାଙ୍ଗିନ ଉନ୍ନତି କରିବା ପାଇଁ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି।

ଅନ୍ୟପକ୍ଷରେ କିଛିମାସ ତଳେ କଂଗ୍ରେସରୁ ବାହାରି ବିଏସ୍‌ପିର ରାଜ୍ୟ ସଭାପତି ପଦ ସମ୍ଭାଳିଥିବା କୋରାପୁଟର ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ହଠାତ୍ ଜୟପୁରରୁ ପ୍ରାର୍ଥୀ ହୋଇ ସମସ୍ତଙ୍କୁ ଚକିତ କରିଛନ୍ତି। ଏକଦା ବିଏସ୍‌ପିରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ସଗରିଆ ୨୦୦୯ରେ କୋରାପୁଟରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜେଡିର ରଘୁରାମ ପଡାଲଙ୍କଠାରୁ ହାରିଥିଲେ। କିନ୍ତୁ ୨୦୧୪ରେ ସେ ସେହି ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ। ନାରୀ ସୁରକ୍ଷା, କୋରାପୁଟ ଜିଲାରେ ଶିକ୍ଷକ, ଡାକ୍ତର ନିଯୁକ୍ତି ଭଳି ମୌଳିକ ଆବଶ୍ୟକତାକୁ ପ୍ରସଙ୍ଗ କରିବେ ବୋଲି ସେ କହିଛନ୍ତି।

## ପଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀ

# କୁନ୍ଦୁଲିକୁ ପ୍ରସଙ୍ଗ କରିବେ ବିରୋଧୀ


ରାମଚନ୍ଦ୍ର କାଡାମ


ରାମଚନ୍ଦ୍ର ପାଙ୍ଗୀ


ଚୈତନ୍ୟ ନନ୍ଦବାଲି


ପ୍ରୀତମ ପାଢ଼ୀ

ବାସୁଦେବ ବରାଡ଼
ସେମିଳିଗୁଡ଼ା,୩୧।୩

କୋରାପୁଟ ଜିଲା ଅଧୀନ ପଟାଙ୍ଗି ନିର୍ବାଚନ ମଣ୍ଡଳୀ ପଟାଙ୍ଗି ସଦର, ଦାମନଯୋଡ଼ି, ସେମିଳିଗୁଡ଼ା, ନନ୍ଦପୁର, କୋରାପୁଟ ବ୍ଲକ, ମାଥାଲପୁଟ, ଲିଟିଗୁଡ଼ା, ମରିଚମାଳ, ଡୁମୁରିପଦର ପଞ୍ଚାୟତକୁ ନେଇ ଗଠିତ। ୧୯୫୭ରୁ ଏହି ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିବା ବେଳେ ଏଠାରେ ୧୫ ଥର ନିର୍ବାଚନ ହୋଇଛି। ସେଥିରୁ କଂଗ୍ରେସ ପ୍ରାର୍ଥୀ ୯ଥର, ବିଜେଡି ୩ ଥର, ଜନତା ଦଳ, ଉତ୍କଳ କଂଗ୍ରେସ ଥରେ ଲେଖାଏଁ ବିଜୟୀ ହୋଇଛନ୍ତି।

୨୦୧୯ ନିର୍ବାଚନ ପାଇଁ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ପ୍ରୀତମ ପାଢ଼ୀ, କଂଗ୍ରେସର ରାମଚନ୍ଦ୍ର କାଡାମ, ଭାଜପାରୁ ରାମଚନ୍ଦ୍ର ପାଙ୍ଗୀ, ସ୍ୱାଧୀନ ପ୍ରାର୍ଥୀ ଭାବେ ଚୈତନ୍ୟ ନନ୍ଦବାଲି ମଇଦାନରେ ରହିଛନ୍ତି। ତେଣୁ ଏଠାରେ ତିନି ପ୍ରମୁଖ ଦଳ ମଧ୍ୟରେ ଲଢ଼େଇ ହେବ। ତେବେ ସବୁ ଦଳର ପ୍ରାର୍ଥୀ ଚୂଡ଼ାନ୍ତ ହେବା ଓ ନାମାଙ୍କନ ପର୍ବ ସରିବା ଭିତରେ ଟିକେଟରୁ ବଞ୍ଚିତ ଆଶାୟୀମାନଙ୍କ ଅସନ୍ତୋଷ ଏବେ ମୁଣ୍ଡବ୍ୟଥାର କାରଣ ହେବ। ଅସନ୍ତୁଷ୍ଟ ଆଶାୟୀମାନେ ଏବେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହେଲେଣି। ନିର୍ବାଚନ ମଣ୍ଡଳୀରେ ନେତା-କର୍ମୀଙ୍କ ଦଳବଦଳ ଚାଲିଛି। ଏଥର ନିର୍ବାଚନ ପାଇଁ ପାଙ୍ଗି ପରିବାରକୁ ବିଜେଡି ଟିକେଟ ମିଳିନାହିଁ। ଟିକେଟ୍‌ରୁ ବଞ୍ଚିତ ହେବା ପରେ ସେମାନଙ୍କ ଅସନ୍ତୋଷ ବିଜେଡି ପାଇଁ ବିଦ୍ରୋହର କାରଣ ହୋଇପାରେ। ଅନ୍ୟପକ୍ଷରେ ପାଙ୍ଗି ପରିବାରର ରାଜନୈତିକ ପତିଆରା ଏହିଠାରୁ ଶେଷହେଲା ବୋଲି ରାଜନୀତି ସମୀକ୍ଷକ ଆଲୋଚନା କରୁଛନ୍ତି। ଗତ ୧୯ ବର୍ଷ ଧରି ପାଙ୍ଗି ପରିବାର ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ନିର୍ବାଚିତ ହୋଇଆସୁଥିଲେ। କିନ୍ତୁ ନିର୍ବାଚନୀ ମତଦାନ ତାରିଖ ଘୋଷଣା ପୂର୍ବରୁ ବିଧାୟକ ପ୍ରଫୁଲ୍ଲ ପାଙ୍ଗିଙ୍କୁ ଟିକେଟ୍ ମିଳୁ ନ ଥିବା ଚର୍ଚ୍ଚା ଜୋର୍ ଧରିଥିବାରୁ ବିଜେଡିରେ ଅନେକ ଆଶାୟୀ ଟିକେଟ୍ ପାଇଁ ଲବି ଚଳାଇଥିଲେ। କିଛିଦିନ ତଳେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ପ୍ରୀତମ ପାଢ଼ୀ, ଚୈତନ୍ୟ ନନ୍ଦବାଲି, ସୁନାମ ହନ୍ତାଳ ଆଶାୟୀ ତାଲିକାରେ ଥିଲେ ମଧ୍ୟ ଶେଷରେ ପ୍ରୀତମ ବାଜି ମାରିନେଇଥିଲେ। ଅନ୍ୟପକ୍ଷରେ ଟିକେଟ୍‌ରୁ ବଞ୍ଚିତ ହୋଇ ଚୈତନ୍ୟ ନନ୍ଦବାଲି ସ୍ୱାଧୀନ ଭାବରେ ପ୍ରାର୍ଥୀ ହୋଇଛନ୍ତି। ଉପରକୋଲାବ ବିସ୍ଥାପିତ ସଂଘ, ଆଦିବାସୀ ସମାଜ, ସେରୁବନ୍ଧ ସୁରକ୍ଷା ସମିତି, ଚିନାମାଟି ବିରୋଧୀ ସଂଘ, ନାଲକୋ ବିସ୍ଥାପିତ ସଂଘ, ମାଳି ପର୍ବ ସୁରକ୍ଷା ସମିତି ଭଳି ୨୦ରୁ ଊର୍ଦ୍ଧ୍ୱ ସଂଘର ସମର୍ଥନ ଚୈତନ୍ୟଙ୍କୁ ମିଳିବ ବୋଲି ଆଲୋଚନା ହେଉଛି। ଏହା ପ୍ରୀତମଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ। ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ଥିବା କୃଷ୍ଣ ଜାନି ମଧ୍ୟ ଏଥର ଟିକେଟ୍ ନ ପାଇ ସ୍ୱାଧୀନ ଭାବେ ଲଢ଼ିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ଏଥର ନୂଆମୁହଁକୁ ନିଜ ପ୍ରାର୍ଥୀ ଭାବେ ଦେଇଛି।

ଗତଥର ଅପେକ୍ଷା ଏଥର ସ୍ଥିତି ବଦଳିବା ସହ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନିଜ ସଙ୍ଗଠନ ଦୃଢ଼ କରିଥିବା ରାମଚନ୍ଦ୍ର କାଡାମ କହିଛନ୍ତି। ଅନ୍ୟପକ୍ଷରେ ଜୟରାମ ପାଙ୍ଗି ପଦ୍ମ ଶିବିରରେ ଯୋଗଦେବା ପରେ ଦଳର ସ୍ଥିତି ସୁଦୃଢ଼ ହୋଇଥିବା ଭାଜପା କହିଛି। ତେବେ କୁନ୍ଦୁଲି ଗଣବଳାତ୍କାର ଓ ପୀଡ଼ିତାଙ୍କ ଆତ୍ମହତ୍ୟା ଘଟଣାରେ ବିଜେଡି ସରକାରଙ୍କ ନିଷ୍କ୍ରିୟତା ଓ ନ୍ୟାୟ ଦେବାରେ ବିଫଳତାକୁ ଅନ୍ୟ ବିରୋଧୀ ଦଳ ପ୍ରସଙ୍ଗ କରିବେ ବୋଲି ଜଣାପଡ଼ିଛି। ସେହିପରି ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ଯେଉଁ ସରକାର ଦେବ, ସେହି ସରକାରକୁ ଭୋଟ୍ ଦିଆଯିବ ବୋଲି ସେମିଳିଗୁଡ଼ା ବରିଷ୍ଠ ନାଗରିକ ସଂଘ କହିଛି।

### ୨୦୧୪ ନିର୍ବାଚନ ଫଳାଫଳ

୨୦୧୪ ନିର୍ବାଚନରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀର ୧ ଲକ୍ଷ ୭୩ ହଜାର ୧୩୦ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୨୨ ହଜାର ୯୨୮ ଜଣ ମତଦାନ କରିଥିଲେ, ଯାହା ୭୧ ପ୍ରତିଶତ ଥିଲା। ବିଜେଡିର ପ୍ରଫୁଲ୍ଲ ପାଙ୍ଗି ୪୬ ହଜାର ୮୩୯ ଭୋଟ୍ ପାଇଥିବା ବେଳେ କଂଗ୍ରେସର ରାମଚନ୍ଦ୍ର କାଡାମଙ୍କୁ ୩୬ ହଜାର ୭୫ଟି ଭୋଟ୍ ମିଳିଥିଲା। ଭାଜପାର କୃଷ୍ଣ ଜାନି ୯ ହଜାର ୪୦୧ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ।

# ବ୍ରହ୍ମପୁରରେ ଧର୍ମେନ୍ଦ୍ରଙ୍କ ରୋଡ୍ ଶୋ’

ବ୍ରହ୍ମପୁର ଅଫିସ,୩୧।୩


ବ୍ରହ୍ମପୁରରେ ଭାଜପାର ରୋଡ୍ ଶୋ’।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ରୋଡ୍ ଶୋ’ ରବିବାର ବ୍ରହ୍ମପୁର ସହରରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଏହି ରୋଡ୍ ଶୋ’ ଆମ୍ବପୁଆ ବିବେକ ବିହାରୀଠାରୁ ଆରମ୍ଭ ହୋଇଥିଲା। ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କାହ୍ନୁ ଚରଣ ପତି ଏବଂ ଗୋପାଳପୁର ବିଧାନସଭା ପ୍ରାର୍ଥୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରାର୍ଥୀମାନଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ଭାଜପା ସମେତ ଯୁବମୋର୍ଚ୍ଚାର ବହୁ କର୍ମୀ ତାଙ୍କୁ ବଡ଼ ବାଇକ୍ ରାଲିରେ ପାଛୋଟି ନେଇଥିଲେ। ଆମ୍ବପୁଆରୁ ଏହି ରାଲି ବାହାରି ଖୋଡ଼ାସିଙ୍ଗି, ଇଞ୍ଜିନିୟରିଂ ସ୍କୁଲ ଛକ, ଆଙ୍କୁଲି, ଲାଞ୍ଜିପଲ୍ଲୀ, ଗୁଡ୍‌ସଶେଡ୍ ରୋଡ୍, ଗୋସାଣିନୂଆଗାଁ, ବିଜିପୁର, ଖଲ୍ଲିକୋଟ କଲେଜ, ପିଭିଏନ୍ ରାଓ ପାଟ୍ରୋଲ୍ ପମ୍ପ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ୍, ଗିରିଜା ଛକ, ଗିରି ମାର୍କେଟ୍ ଛକ, ହନୁମାନ ବଜାର, ସାନବଜାର ଓ ବଡ଼ ବଜାର ଛକରେ ପହଞ୍ଚିଥିଲା। ସେଠାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମା’ ବୁଢ଼ୀ ଠାକୁରାଣୀଙ୍କ ଅସ୍ଥାୟୀ ପୀଠକୁ ଯାଇ ଦର୍ଶନ କରିଥିଲେ। ଦର୍ଶନ ସାରିବା ପରେ ପୁଣି ଥରେ ରାଲି ଆରମ୍ଭ ହୋଇଥିଲା। ହରିଡ଼ାଖଣ୍ଡି ଛକ, ଆସିକା ରୋଡ୍, ଗେଟ୍ ବଜାର, ଷ୍ଟେଟ୍‌ବ୍ୟାଙ୍କ ରୋଡ, ପାଣିଟାଙ୍କି ଛକ, ହାତୀବନ୍ଧ ସାହି, ନୂଆ ବସ୍‌ଷ୍ଟାଣ୍ଡ, ଗୋଇଲୁଣ୍ଡି ଛକ, କୋର୍ଟପେଟା, କମାପଲ୍ଲୀ, ଟାଟାବେଞ୍ଜି ଛକ ହୋଇ ସୁବାରାଓ ଛକରେ ପହଞ୍ଚିଥିଲେ। ସେଠାରୁ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌କୁ ଯାଇଥିଲେ। ଏକ ଘରୋଇ ଟିଭି ଚ୍ୟାନେଲ୍ ତରଫରୁ ଆୟୋଜିତ ବିତର୍କ କାର୍ଯ୍ୟକ୍ରମରେ ଭାଗନେବା ପରେ ଷ୍ଟେଶନ୍‌ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି.କରୁଣାକର, ପ୍ରଦୀପ ଶତପଥୀ, ସୁନିଲ କୁମାର ସାହୁ, ପ୍ରଦୀପ ପାତ୍ର, ପ୍ରଭାତ ଷଡ଼ଙ୍ଗୀ, ସରୋଜ କୁମାର ସାହୁ, ନମିତାରାଣୀ ପଣ୍ଡା, ଶୁଭାଷିନୀ ପଟ୍ଟନାୟକ, ଗୋପୀନାଥ ପଣ୍ଡା, ଶିଶିର ପାଢୀ, ନନ୍ଦକିଶୋର ସାହୁ, କୁଞ୍ଜବିହାରୀ ପାଣିଗ୍ରାହୀ ଏବଂ ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ କ୍ଷମତାକୁ ଆସିଲେ ଆନ୍ଧ୍ରକୁ ସ୍ୱତନ୍ତ୍ର ମାନ୍ୟତା ମିଳିବ: ରାହୁଲ

ବିଜୟୱାଡା(ଆନ୍ଧ୍ରପ୍ରଦେଶ),୩୧।୩(ପି.ଟି)

ଆସନ୍ତା ଲୋକ ସଭା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯିବ ବୋଲି ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ରାଜନୈତିକ ଦଳଗୁଡ଼ିକ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଜୋର୍‌ଦାର କରିବାରେ ବିଫଳ ହୋଇଥିବାରୁ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କଂଗ୍ରେସ ଦେଶର ଦାରିଦ୍ର୍ୟ ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ ଆରମ୍ଭ କରିବ। ‘ନ୍ୟାୟ’ ଯୋଜନାରେ ଅତି ଗରିବ ଲୋକମାନେ ସର୍ବନିମ୍ନ ଆୟ ସୁବିଧା ପାଇପାରିବେ। ଗରିବଙ୍କ ଉନ୍ନତି ପାଇଁ ଏହି ଯୋଜନା ହିତକରୀ ଭଳି କାର୍ଯ୍ୟ କରିବ ବୋଲି ସେ ପ୍ରକାଶ କରିଥିଲେ। ରବିବାର ରାହୁଲ ଏଠାରେ ପ୍ରଥମ ନିର୍ବାଚନୀ ଭାଷଣ ଦେଇଥିଲେ। ଏଠାରେ ଲୋକ ସଭା ସହିତ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ପୂର୍ବବର୍ତ୍ତୀ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଦାରିଦ୍ର୍ୟ ଦୂରୀକରଣ ଯୋଜନାମାନ ସୃଷ୍ଟି କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେ ସବୁକୁ ହଟାଇ ଦେଇଥିଲେ ବୋଲି ରାହୁଲ ଅଭିଯୋଗ କରିଥିଲେ।

# ବିଜେଡିରେ ମିଶିଲେ ଭାଜପା ନେତା ବାସୁଦେବ ପତି

ବଲାଙ୍ଗୀର ଅଫିସ, ୩୧।୩


ଭାଜପା ନେତା ଡା ବାସୁଦେବ ପତି ବିଜେଡିରେ ଯୋଗଦାନ ଅବସରରେ ବିଜେଡି ନେତା ଅନଙ୍ଗ ଉଦୟ ଓ ଅର୍କେଶଙ୍କ ସହ ହାତ ମିଳାଉଛନ୍ତି ।

ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ନେତା ଡା. ବାସୁଦେବ ପତି ଶତାଧିକ ସମର୍ଥକଙ୍କ ସହ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ସେ ଏଥର ଟିକେଟ ଆଶାୟୀ ଥିବାବେଳେ ଭାଜପା ତାଙ୍କୁ ନିରାଶ କରିଥିଲା। ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଶିବତଳା ଗାଁରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଓ ବିଜେଡି ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଯୋଗଦେଇଥିଲେ। ସେମାନେ ବାସୁଦେବଙ୍କୁ ଫୁଲମାଳ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଭାଜପା ମଣ୍ଡଳ ସଭାପତି ସଞ୍ଜୀବ ସାହୁଙ୍କ ସହ ଶତାଧିକ ଭାଜପା କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ। ଭାଜପାରେ ଗଣତନ୍ତ୍ର ନାହିଁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେତେଜଣ ତଳିଆ ନେତା ଟଙ୍କା ପଇସା କାରବାର କରି ଦଳୀୟ ଟିକେଟ କାଟଛାଣ୍ଟ କରିଥିବା ବାସୁଦେବ ଅଭିଯୋଗ କରିଥିଲେ। ତେବେ ସମର୍ଥକଙ୍କ ମତକୁ ସମ୍ମାନ ଦେଇ ଏହି ଅଞ୍ଚଳର ବିକାଶ ପାଇଁ ସେ ବିଜେଡିରେ ଯୋଗ ଦେଇଥିବା ଘୋଷଣା କରିଥିଲେ। ଅନ୍ୟପକ୍ଷେ କଂଗ୍ରେସ ନେତାଙ୍କୁ ମଧ୍ୟ ବାସୁଦେବ ସମାଲୋଚନା କରିଥିଲେ। ଅର୍କେଶ ଓ ଅନଙ୍ଗଙ୍କ ସହ ମିଶି ଆଗାମୀ ଦିନରେ ଏହି ଅଞ୍ଚଳର ବିକାଶ କରିବେ ବୋଲି ସେ କହିଥିଲେ। ବାସୁଦେବଙ୍କ ଆଗମନରେ ଦଳ ସଶକ୍ତ ହୋଇଛି ବୋଲି ଅର୍କେଶ କହିଥିଲେ। ଅନଙ୍ଗ କହିଥିଲେ ଯେ, ଅର୍କେଶ ଯଦି ବିଧାୟକ ଭାବେ ବିଜୟୀ ହୁଅନ୍ତି ତେବେ ବାସୁଦେବ ବିଧାୟକ ହେଲେ ବୋଲି ଧରାଯିବ।

# ପିକ୍‌ଅପ୍ ଭ୍ୟାନ୍‌ରୁ ୩ ଲକ୍ଷ ୧୦ ହଜାର ଟଙ୍କା ଜବତ

ଖଡିଆଳ,୩୧।୩(ଡି.ଏନ.ଏ.)


ଜବତ ଟଙ୍କା

ନୂଆପଡା ଜିଲା ଖଡିଆଳ-କଣ୍ଟାବାଞ୍ଜି ରାସ୍ତାର ମୋହରା ଛକ ନିକଟରେ ନିର୍ବାଚନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ଶନିବାର ରାତିରେ ଏକ ପିକ୍‌ଅପ ଭ୍ୟାନ ଉପରେ ଚଢାଉ କରି ୩ ଲକ୍ଷ ୧୦ ହଜାର ଟଙ୍କା ଜବତ କରିଛି।

ମିଳିଥିବା ସୂଚନା ଅନୁସାରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ତଥା ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର କୁମାର ସାହୁ ଖଡିଆଳ ପଟୁ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିବା ସିଜି ୦୭ ବିଏଲ-୦୨୮୬ ନମ୍ବର ବିଶିଷ୍ଟ ଏକ ପିକଅପ୍ ଭ୍ୟାନକୁ ମୋହରା ଛକ ନିକଟରେ ଅଟକାଇଥିଲେ। ଯାଞ୍ଚ ସମୟରେ ଗାଡିରୁ ନଗଦ ୩ ଲକ୍ଷ ୧୦ ହଜାର ଟଙ୍କା ମିଳିଥିଲା। ଏଥି ସହିତ ପିକ୍‌ଅପ୍ ଭ୍ୟାନରେ ଥିବା ଛତିଶଗଡ ଦୁର୍ଗ ଅଞ୍ଚଳର ମହମ୍ମଦ ଆସଫ, ମହମ୍ମଦ ସମୀର ଓ ଶେଖ ଚାନ୍ଦଙ୍କୁ ଜବତ ଟଙ୍କା ବିଷୟରେ ପଚରାଉଚରା କରାଯାଇଥିଲା। ହେଲେ ସେମାନେ ଏ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଖଡିଆଳ ଥାନା ଜିମା ଦିଆଯାଇଥିଲା। ପୋଲିସ ତଦନ୍ତ ପରେ କୌଣସି ଠିକ ସୂଚନା ନ ମିଳିବାରୁ ନୂଆପଡା ଉପଜିଲାପାଳ ତଥା ରିଟର୍ନିଂ ଅଫିସର ତରଣୀସେନ ଦୁରିଆଙ୍କ ନିକଟରେ ସେମାନଙ୍କୁ ହାଜର କରାଯାଇଥିଲା। ଉପଜିଲାପାଳଙ୍କ ତଦନ୍ତରୁ ଅଟକ ବ୍ୟକ୍ତିମାନେ ଛେଳି ବ୍ୟବସାୟୀ ବୋଲି ଜଣାପଡିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି।

## ପଦ୍ମ ଧରିଲେ ଜୟନ୍ତ

# ଏବେ କୃଷ୍ଣଙ୍କ ଉପରେ ନଜର

ପୁରୀ ଅଫିସ,୩୧।୩

ନିର୍ବାଚନ ଯେତେ ପାଖେଇ ଆସୁଛି, ଦଳବଦଳ ପ୍ରକ୍ରିୟା ସେତେ ଜୋର୍ ଧରିଛି। ଟିକେଟ୍ ପାଇବାରୁ ବଞ୍ଚିତ ହେଲେ ଦଳ ପରିବର୍ତ୍ତନ ହିଁ ଏକମାତ୍ର ବିକଳ୍ପ ପାଲଟିଛି। ଓଡ଼ିଶା ରାଜନୀତିରେ ବର୍ତ୍ତମାନ ଏହି ଧାରା ବଳବତ୍ତର ରହିଛି। କେବଳ ନିଜେ ନୁହେଁ, ସେମାନଙ୍କ ସମର୍ଥକଙ୍କ ସହ ଯାଇ ଅନ୍ୟ ଦଳରେ ମିଶୁଛନ୍ତି। ପ୍ରତିପକ୍ଷ ଦଳ ବି ସେମାନଙ୍କୁ ସ୍ୱାଗତ କରିବା ଲାଗି ଆୟୋଜନ କରୁଛନ୍ତି ମିଶ୍ରଣ ପର୍ବ। ଏହି ଧାରାରେ ଏବେ ସାମିଲ ହୋଇଛନ୍ତି ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ। ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜୟନ୍ତଙ୍କୁ ନେଇ ଗତ କିଛିଦିନ ହେବ ପୁରୀ ଏବଂ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ କଳ୍ପନା ଜଳ୍ପନା ଲାଗି ରହିଥିଲା। ଶେଷରେ ସେ ରବିବାର ଭାଜପାରେ ସାମିଲ ହୋଇଛନ୍ତି। ପୁରୀ ବିଧାନସଭା ଆସନରୁ ସେ ଭାଜପା ପ୍ରାର୍ଥୀ ହେବା ପ୍ରାୟ ନିଶ୍ଚିତ ବୋଲି କୁହାଯାଉଛି। ଏଭଳିସ୍ଥଳେ ଦଳର ପୁରୁଣା ନେତା ତଥା ଅନ୍ୟତମ ଟିକେଟ୍ ଆଶାୟୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। କାରଣ କୃଷ୍ଣଚନ୍ଦ୍ରଙ୍କୁ ଦଳୀୟ ଟିକେଟ ଦେବାକୁ ଦାବି କରି ଭାଜପା ପୁରୀ ନଗର ସଭାପତିଙ୍କ ସମେତ ଶତାଧିକ କର୍ମୀଙ୍କ ଦସ୍ତଖତ ଥାଇ ସ୍ମାରକପତ୍ର ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ପଠାଯାଇଛି।

### ଭାଜପା ସଭାପତିଙ୍କୁ ସ୍ମାରକପତ୍ର

୨୦୧୪ରେ ପୁରୀ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା କୃଷ୍ଣଚନ୍ଦ୍ର ୧୭,୫୬୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ବିଜେଡି ପ୍ରାର୍ଥୀ ମହେଶ୍ୱର ମହାନ୍ତି ୭୬,୭୬୦ ଭୋଟ ପାଇ ବିଜୟୀ ହୋଇଥିଲେ। କୃଷ୍ଣଚନ୍ଦ୍ର ଏଥର ମଧ୍ୟ ଭାଜପା ଟିକେଟ୍ ପାଇଁ ଆଶାବାଦୀ ଅଛନ୍ତି। ହେଲେ ଭାଜପା ଏ ପର୍ଯ୍ୟନ୍ତ ପୁରୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଦଳ ଆଉ ଜଣେ ଦକ୍ଷ ପ୍ରାର୍ଥୀଙ୍କ ସନ୍ଧାନରେ ଥିବା କୁହାଯାଉଛି। ଏପରିସ୍ଥଳେ ପୁରୀର ପୂର୍ବତନ ପୌରାଧ୍ୟକ୍ଷ ଜୟନ୍ତ ବିଜେଡି ଛାଡ଼ି ରବିବାର ଭାଜପାରେ ଯୋଗଦେଇଥିବାରୁ ତାଙ୍କୁ ଦଳ ପ୍ରାର୍ଥୀ କରିବା ସମ୍ଭାବନା ଅଧିକ। ହେଲେ ଜୟନ୍ତଙ୍କ ପ୍ରବେଶ ପରେ ପୁରୀ ଭାଜପାରେ ଅସନ୍ତୋଷର ଆଭାସ ମିଳିଛି। ଏପରିକି ପୁରୀ ନଗରର ସବୁ ମଣ୍ଡଳ ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ୍ ପ୍ରମୁଖଙ୍କୁ ନେଇ ଶନିବାର ସନ୍ଧ୍ୟାରେ ପୁରୀ ଲୋକ ସଭା ମଣ୍ଡଳ କାର୍ଯ୍ୟାଳୟଠାରେ ବୈଠକ ବସିଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ଟିକେଟ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ରବିବାର ଏନେଇ ରାଜ୍ୟ ନେତୃତ୍ୱଙ୍କୁ ଜଣାଇ ଦିଆଯାଇଛି।


ଜୟନ୍ତ କୁମାର ଷଡ଼ଙ୍ଗୀ


କୃଷ୍ଣଚନ୍ଦ୍ର ପଣ୍ଡା

କୃଷ୍ଣଚନ୍ଦ୍ର କହିଛନ୍ତି ଯେ, ତାଙ୍କୁ ଦଳ କାମ କରିବାକୁ ଦାୟିତ୍ୱ ଦେବା ସହ ଏଥର ନିର୍ବାଚନରେ ପ୍ରାର୍ଥୀ କରିବା ଲାଗି ସଙ୍କେତ ଦେଇଥିଲା। ସେହି ଅନୁଯାୟୀ, ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନକୁ ଯାଇ ଦଳୀୟ ସଙ୍ଗଠନକୁ ସୁଦୃଢ କରିବାରେ ଲାଗିଛନ୍ତି। ଯଦି ତାଙ୍କୁ ଏଥର ପ୍ରାର୍ଥୀ କରା ନ ଯାଏ, ତେବେ ସମର୍ଥକଙ୍କ ସହ ଆଲୋଚନା କରି ଯାହା କିଛି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଜୟନ୍ତ ଷଡ଼ଙ୍ଗୀ ଦଳରେ ମିଶିଥିବାରୁ ତାଙ୍କୁ ସ୍ୱାଗତ କରୁଛନ୍ତି। କିନ୍ତୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ଦଳର ରାଜ୍ୟ ନେତୃବୃନ୍ଦ ଏ ନେଇ ନିଷ୍ପତ୍ତି ନେବେ। ଦଳର ଶୃଙ୍ଖଳିତ କର୍ମୀ ଭାବେ ଦଳୀୟ ନିଷ୍ପତ୍ତିକୁ ସମସ୍ତେ ମାନିନେବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭୋଟରଙ୍କୁ ଭେଟିଲେ ପ୍ରଫୁଲ୍ଲ

ଭୁବନ, ୩୧।୩(ଡି.ଏନ୍.ଏ.)- କାମାକ୍ଷାନଗର ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟରେ ପୁଣିଥରେ ନିର୍ବାଚନ ଲଢ଼ିବେ ୩ ଥରର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ନିର୍ବାଚନକୁ ହାତଗଣତି ଦିନ ବାକି ଥିବାବେଳେ ଭୋଟରଙ୍କ ନିକଟତର ହେବାକୁ ସେ ଉଦ୍ୟମ ଆରମ୍ଭ କରିଛନ୍ତି। ଶନିବାର ସେ ଘଟଗାଁ ତାରିଣୀଙ୍କ ପୀଠରୁ ଦର୍ଶନ ସାରି ଆନୁଷ୍ଠାନିକ ଭାବେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ସେ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ବୁଲି ଜନସାଧାରଣଙ୍କୁ ଭେଟିଥିଲେ। ଭୁବନ ବ୍ଲକ ଏବଂ ଏନ୍ଏସିର ଦଳୀୟ କର୍ମକର୍ତ୍ତାମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାଳୀବଜାରରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହି ଅବସରରେ ଦଳୀୟ କାର୍ଯ୍ୟାଳୟରେ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଶାର ଆଶାତୀତ ବିକାଶ ହୋଇଛି। ଏହା ହିଁ ଲୋକପ୍ରିୟତା ବଢ଼ାଇଛି। କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ମଧ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଛି। ଏହି ଧାରା ଆଗାମୀ ଦିନରେ ଜାରି ରହିବ ବୋଲି ପ୍ରଫୁଲ୍ଲ କହିଛନ୍ତି। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସୁଧାରକ ସାହୁ, ପ୍ରବାଧ ଦାସ, ଅମୂଲ୍ୟ ଦ୍ୱିବେଦୀ, ସୁଶାନ୍ତ ପୃଷ୍ଟି, ନନ୍ଦକିଶୋର ସାହୁ, ଅଜୟ କୁମାର ସେଠୀଙ୍କ ସମତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଶିଶୁଙ୍କ ଚରିତ୍ର ଗଠନ କରନ୍ତୁ ଶିକ୍ଷକ

ବଅଁରପାଳ, ୩୧।୩ (ଡି.ଏନ୍.ଏ)- ବଅଁରପାଳ ସ୍ଥିତ ଦିବ୍ୟଦର୍ଶନ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବଅଁରପାଳ ପିବିକେ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ବଅଁରପାଳ ବିଡିଓ ସ୍ୱରୁପାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଜିର ଶିଶୁ କାଲିର ଭବିଷ୍ୟତ। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ଉତ୍ତମ ଚରିତ୍ର ଗଠନ ପ୍ରତି ଶିକ୍ଷୟିତ୍ରୀଶିକ୍ଷକ ଦାୟିତ୍ୱବାନ ହୁଅନ୍ତୁ ବୋଲି ସେ କହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଲଳିତ ମୋହନ ସାହୁ ମୁଖ୍ୟବକ୍ତା, ଅନୁଗୋଳ ଟ୍ରକ ମାଲିକ ସଂଘ ସଭାପତି ବିଭୂତି ପ୍ରସାଦ ଦାସ, ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ବଅଁରପାଳ ଆଇଆଇସି କନକ କୁମାର ମାଝି, ପିବିକେ ହାଇସ୍କୁଲ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମନ୍ଦିରର ପରିଚାଳନା କମିଟି ସଭାପତି ଉଦୟ ନାଥ ସାହୁ ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଅନୁପମା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ପାଦକ ସଞ୍ଜୟ କୁମାର ସାହୁ, ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୩ରେ ରଜନୀକାନ୍ତ କରିବେ ପ୍ରାର୍ଥୀପତ୍ର ଦାଖଲ

ଅନୁଗୋଳ ଅଫିସ/ ବଅଁରପାଳ, ୩୧।୩ (ଡି.ଏନ୍.ଏ.)



ଅନୁଷ୍ଠିତ ବିଜେଡିର ବୈଠକ।

ଅନୁଗୋଳ ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ ପାଇଥିବା ରଜନୀକାନ୍ତ ସିଂ ଆସନ୍ତା ୩ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ। ରବିବାର ଏ ସମ୍ପର୍କରେ ସେ ସମର୍ଥକଙ୍କ ସହ ବିଭିନ୍ନ ସ୍ଥାନରେ ଆଲୋଚନା କରିଥିବା ସୂଚନା ମିଳିଛି। ୨ ତାରିଖରେ ସେ ନାମାଙ୍କନ ଫର୍ମ କିଣିବେ ଓ ମା' ବୁଢ଼ୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ୩ ତାରିଖରେ ନାମାଙ୍କନ ପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ବାହାରିବେ ବୋଲି ବିଧାୟକଙ୍କ ସମର୍ଥକମାନେ ସୂଚନା ଦେଇଛନ୍ତି।

ବଅଁରପାଳ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ସବେରା ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ବନ୍ତଲା ପଞ୍ଚାୟତରେ ଥିବା ପେଟ୍ରୋଲ ପମ୍ପ ନିକଟ ଆମ୍ବତୋଟା ଠାରେ ଅନ୍ୟ ଏକ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ବିଜେଡି ପ୍ରାର୍ଥୀ ରଜନୀକାନ୍ତ ସିଂ ଉପସ୍ଥିତ ରହି ସମର୍ଥକଙ୍କୁ ସାଧୁବାଦ ଜଣାଇଥିଲେ। ଆଗକୁ ନିର୍ବାଚନରେ କିପରି ଦଳ ଭଲ ପ୍ରଦର୍ଶନ କରିବ ସେ ନେଇ ସମସ୍ତଙ୍କ ସମର୍ଥନ ଲୋଡ଼ିଥିଲେ। ଆସନ୍ତା ୩ ତାରିଖରେ ନାମାଙ୍କନପତ୍ର ଦାଖଲ କରିବାକୁ ସ୍ଥିର କରିଥିବାରୁ ବହୁ ସଂଖ୍ୟାରେ କର୍ମୀମାନେ ଯୋଗଦେବାକୁ ମଧ ସେ ଅନୁରୋଧ କରିଥିଲେ। ବଅଁରପାଳ ବ୍ଲକ ବିଜେଡି ସଭାପତି ବିଜୟ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତଳମୂଳ, ମହୀଧରପୁର, ଫୁଲପଡ଼ା, ଗଡ଼ସନ୍ତ୍ରୀ, କୁଲାଡ଼, ଗିରାଙ୍ଗ, ନୂଆହତା, ବଉଳିଗଡ଼, ଅରହାଟ, ପୁରୁକିଆ ସମେତ ୧୭ଟି ପଞ୍ଚାୟତରୁ ବହୁ କର୍ମୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଅଁରପାଳ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଭୋଇ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ, ଜିଲା ବିଜେଡି ସମ୍ପାଦକ ବାଉରୀବନ୍ଧୁ ସାହୁ, ଯୁବନେତା ସୁବାସ ପଟ୍ଟନାୟକ, ପତିତପାବନ ମାଝି, କୁଲାଡ଼ ସରପଞ୍ଚ ଶେଷଦେବ ଦେହୁରୀ, ସମିତିସଭ୍ୟ ସୁଶିଲ ବିଶୋଇ, ନୂଆହତା ସରପଞ୍ଚ ସଚ୍ଚିଦାନନ୍ଦ ବେହେରା, ସମିତି ସଭ୍ୟ ଶିବରାମ ମାଝି, ମହୀଧରପୁର ସରପଞ୍ଚ ବିନୋଦ କୁମାର ବେହେରା, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବନ୍ତଲା ଠାରେ ହୋଇଥିବା କର୍ମୀ ସମ୍ମିଳନୀରେ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗୀରଥୀ ମାଝି, ୨ ନଂ. ଜୋନ ଜିଲା ପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଦଳ ଛାଡ଼ିଲେ ବିଜେଡି ନେତା, ଶତାଧିକ କର୍ମୀ

ଅନୁଗୋଳ ଅଫିସ, ୩୧।୩- ଅନୁଗୋଳ ବିଜୁ ଜନତା ଦଳର ନେତା ରାଜୀବ ଜେନା ଶତାଧିକ କର୍ମୀଙ୍କ ସହ ରବିବାର ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ଏ ନେଇ ଏକ ପତ୍ର ସେମାନେ ଜିଲା ବିଜେଡି ସଭାପତି ଓ ରାଜ୍ୟ ସଭାପତିଙ୍କ ପାଖକୁ ପଠାଇଛନ୍ତି। ଅନୁଗୋଳ ଜିଲା ବିଜେଡି ଦଖଲରେ ଥିବାବେଳେ ଅର୍ଥର ଅଭାବ ନ ଥାଇ ମଧ ଜିଲାରେ ସେଭଳି କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରିଲା ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଶେଷକରି ଗତ ନିର୍ବାଚନ ବେଳେ ବିଜୁ ଜନତା ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇ ନ ଥିବାରୁ ସେମାନେ ଦଳ ଛାଡୁଥିବା ଦର୍ଶାଇଛନ୍ତି। ରବିବାର ବରିଷ୍ଠ ନେତା ରାଜୀବ ଜେନା, ବରିଷ୍ଠ ଆଇନଜୀବୀ ସିପୁନ ଶେଖର ନାଥ, ତ୍ରିଲୋଚନ ସାହୁ, ଅମୀୟ ନାୟକ, ଦୀପକ ସେଠ, ନୃସିଂହ ମୁର୍ମୁ, ଅଞ୍ଜନ ପ୍ରଧାନ, କୁନା ପ୍ରଧାନ, ବାବୁ ସାମଲ ପ୍ରମୁଖ ଶତାଧିକ କର୍ମୀ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପକ୍ଷରୁ ଇସ୍ତଫା ପ୍ରଦାନ କରିଛନ୍ତି।

## ଆଠମଲ୍ଲିକ କଂଗ୍ରେସ ବୈଠକ

ଆଠମଲ୍ଲିକ,୩୧।୩(ଡି.ଏନ.ଏ)

ଆଠମଲ୍ଲିକ ବ୍ଲକ ମାଳିପଦର ଆମ୍ବ ବଗିଚାରେ ନଗର କଂଗ୍ରେସ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଇଂ କମଳାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଅବସରରେ ଆଇନଜୀବୀ ସୁଧାଂଶୁ ଶତପଥୀ, ଅଶୋକ କୁମାର ମହାପାତ୍ର, ଆଦିକନ୍ଦ ଜ୍ୟୋତିଷରାୟ ପ୍ରମୁଖ କଂଗ୍ରେସରେ ସାମିଲ ହୋଇଥିଲେ। ବୈଠକରେ ମାଷ୍ଟର କୋଚ୍ ଜିତେନ୍ଦ୍ର କୁମାର ମୁଖୀ, ଅନିଲ ପାଣିଗ୍ରାହୀ, ଘନଶ୍ୟାମ ମହାପାତ୍ର, ଜାମିନିରଞ୍ଜନ ସିଂହ, ଦେବେନ୍ଦ୍ର ଡାଙ୍ଗ, ଧର୍ମରାଜ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବରିଷ୍ଠ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା

ତାଳଚେର,୩୧।୩(ନି.ପ୍ର.)

ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଶରତ ଚନ୍ଦ୍ର ପାଢ଼ୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ କରିଥିଲେ। ପାଢ଼ୀଙ୍କ ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠାକୁ ବକ୍ତାମାନେ ପ୍ରଶଂସା କରିବା ସହ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ସୁବାସ ପ୍ରଧାନ, ଗୌରୀ ନାୟକ, ମଙ୍ଗଳ ଅଧିକାରୀ ଗଣେଶ୍ୱର ପ୍ରଧାନ, ଗୋବିନ୍ଦ ଚନ୍ଦ୍ରଭୂତିଆ, ଧୀରେନ ଦାସ, ପ୍ରଭାତ ନନ୍ଦ, ହୃଦାନନ୍ଦ ସାହୁ, କେଶବ ନାୟକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସୈନିକ ସଂଘର ସମାଲୋଚନା



ଅବସରପ୍ରାପ୍ତ ସୈନିକମାନେ ବୈଠକ କରୁଛନ୍ତି।

ବନ୍ତଲା, ୩୧।୩ (ଡି.ଏନ.ଏ.)

ଅନୁଗୋଳ ବନ୍ତଲା ଅଞ୍ଚଳର ଅବସରପ୍ରାପ୍ତ ସୈନିକମାନଙ୍କୁ ନେଇ ରବିବାର ଖିଣ୍ଡା ପଞ୍ଚାୟତ ବଣାମିରା ସାପ୍ତାହିକ ହାଟ ପଡ଼ିଆରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଦୁର୍ଗାଚରଣ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଶିବରାମ ପ୍ରଧାନ, କୋଷାଧ୍ୟକ୍ଷ ରଘୁନାଥ ସାହୁ, ସହ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ସରକାରୀ ଭାବେ ସଂଘ ନାମ ପଞ୍ଜୀକରଣ କରାଯାଇଥିବା ବେଳେ ଅନୁଷ୍ଠାନ ପାଇଁ ଏକ ଘର ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ କରିବାକୁ ତହସିଲଦାରଙ୍କ ନିକଟରେ ଆବେଦନ କରାଯାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଅନୁଗୋଳ ବିଧାୟକଙ୍କ କାର୍ଯ୍ୟକୁ ତୀବ୍ର ସମାଲୋଚନା କରାଯାଇଥିଲା। ସଦସ୍ୟମାନେ କହିଥିଲେ ଯେ, ବିଧାୟକଙ୍କ ପକ୍ଷପାତିତା ଓ ଠିକାଦାର ରାଜନୀତି ଯୋଗୁ ବନ୍ତଲା ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହୋଇଛି। ନନ୍ଦପୁର ପଞ୍ଚାୟତର କରଡ଼ାସିଙ୍ଗ ଠାରେ ହିଡ଼ିସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ବାଚଣରେ ବାଧା ସୃଷ୍ଟି କରାଇବାରେ ବିଧାୟକଙ୍କ ପ୍ରମୁଖ ହାତ ରହିଥିବାବେଳେ ଚାଷୀମାନଙ୍କୁ ଅଣଦେଖା କରାଯାଇଛି। ଦୀର୍ଘ ବର୍ଷ ହେଲା ବନ୍ତଲାରେ ଦମକଳ କେନ୍ଦ୍ର ପାଇଁ ଦାବି ହେଉଥିଲେ ମଧ ବିଧାୟକ ବଅଁରପାଳରେ ତାହା କରିଛନ୍ତି। କିନ୍ତୁ ଅନୁଗୋଳ ବ୍ଲକରେ ଦମକଳ କେନ୍ଦ୍ର ଥିବା କହି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ଢେଙ୍କାନାଳ ଜିଲାର ହିନ୍ଦୋଳ, ସାତମାଇଲ ଓ ଖଜୁରିଆକଟାରେ ମାତ୍ର ୫ରୁ ୧୦ କିଲୋମିଟର ବ୍ୟବଧାନରେ ୩ଟି ଦମକଳ କେନ୍ଦ୍ର ରହିଥିବା ବେଳେ ଏଠାରେ କାହିଁକି ହୋଇପାରିବ ନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ସେହିପରି ଏଠାରେ ଏକ ଶୀତଳଭଣ୍ଡାର ସ୍ଥାପନ ହୋଇପାରିଲା ନାହିଁ। ବଅଁରପାଳ ଓ ଖଣ୍ଡହତାଠାରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିବା ବେଳେ ବନ୍ତଲାର ୨ଟି ମହାବିଦ୍ୟାଳୟରେ ମ୍ୟାନେଜିଂ କମିଟି ଗଠନ କରାଇଦେଲେ ନାହିଁ। ଠିକାଦାରମାନଙ୍କୁ ପୋଷିବା ପାଇଁ ଆଡ଼ିବନ୍ଧ କରି ଓ କେନାଲ ପାର୍ଶ୍ୱରେ କରନାଳି କରି ଚାଷ ଜମି ପାଣି ମାଡ଼ି ମଡ଼ାଇ ଦେଲେ ନାହିଁ। ଏଭଳି ବହୁ ସମସ୍ୟା ନେଇ ଆଲୋଚନା ହେବା ସହିତ ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ଗାଁ ଗାଁରେ ଅସନ୍ତୋଷ ବଢ଼ିଛି। ଏପରି କ୍ଷେତ୍ରରେ ସମସ୍ତ ଅବସରପ୍ରାପ୍ତ ସୈନିକ ଏକାଠି ହୋଇ ବନ୍ତଲା ଅଞ୍ଚଳର ବିକାଶ ପାଇଁ ଶପଥ ନେଇଥିଲେ। ଏଥିରେ ଗିରିଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ନରେଶ ଚନ୍ଦ୍ର ଦାସ, ତ୍ରିନାଥ ସାହୁ, ଅଜୟ କୁମାର ପ୍ରଧାନ, ପବିତ୍ର ପ୍ରଧାନଙ୍କ ସମେତ ଶହେରୁ ଅଧିକ ଅବସରପ୍ରାପ୍ତ ସୈନିକ ଯୋଗ ଦେଇଥିଲେ।

## ଦତ୍ତାତ୍ରେୟ, ଅନାମିକାଙ୍କୁ ଛାତ୍ରବୃତ୍ତି




ଅନାମିକାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୩୧।୩

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)ର ଛାତ୍ର ଦତ୍ତାତ୍ରେୟ ନାୟକ, ଛାତ୍ରୀ ଅନାମିକା ବହୁଗୁଣା ଚଳିତ ଶିକ୍ଷାବର୍ଷରେ ସର୍ବାଧିକ ମାର୍କ ରଖି ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଓଡ଼ିଆ ସାମ୍ବାଦିକତାର ପ୍ରଥମ ସେମିଷ୍ଟର ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଦତ୍ତାତ୍ରେୟଙ୍କୁ ସମ୍ମାନଜନକ ଡ. ରାଧାନାଥ ରଥ ସ୍ମାରକୀ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି। ସେହିପରି ଇଂଲିଶ ସାମ୍ବାଦିକତାରେ ସର୍ବାଧିକ ମାର୍କ ରଖିଥିବା ଅନାମିକାଙ୍କୁ ସତ୍ୟ ମହାପାତ୍ର ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଶିକ୍ଷାବିତ୍ ସୁବୀର ଘୋଷ ଉପସ୍ଥିତ ରହି ଉଭୟଙ୍କୁ ବୃତ୍ତି ପ୍ରଦାନ କରିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର, ସମ୍ବିତ୍ ପାଲ, ଏକାଡେମିକ ସଂଯୋଜକ ଜିତେନ୍ଦ୍ର ପତି, ସେକ୍ସନ ଅଫିସର କେଦାରନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଦଶଦୋଳ ଉତ୍ସବ

ବଅଁରପାଳ, ୩୧।୩ (ଡି.ଏନ୍.ଏ)

ବଅଁରପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମରେ ଦଶଦୋଳ ଉତ୍ସବ ଶନିବାର ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଅପରାହ୍ନରେ ଗ୍ରାମର ଅକ୍ଷୟ ବିଶୋଇଙ୍କ ଘରୁ ରାଧାକୃଷ୍ଣଙ୍କ ମୂର୍ତ୍ତି ଓ ବ୍ରଜବନ୍ଧୁ ବିଶ୍ୱାଳଙ୍କ ଘରୁ ତ୍ରିନାଥ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ବାଣ, ରୋଷେଣ, ଢୋଲ ବାଦ୍ୟ ଓ ଲଉଡ଼ି ଖେଳ ପ୍ରଦର୍ଶନ କରାଯାଇଥିଲା। ବାଟରେ ଶିବ ମନ୍ଦିରରେ ହରିହର ଭେଟ ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା। ମଣ୍ଡପରେ ଠାକୁର ପହଞ୍ଚିବା ପରେ ପୂଜାର୍ଚ୍ଚନା ସହ ନୂତନ ପାଞ୍ଜି ପୂଜା ପାଠ କରାଯାଇଥିଲା। ଗୋପାଳ ଦଳଗୁଡ଼ିକ ପାରମ୍ପରିକ ଶୈଳୀରେ ଲଉଡ଼ି ଖେଳ ପରିଦର୍ଶନ କରିଥିଲେ। ଏହି ଅବସରରେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯାତ୍ରା କମିଟି ସଭାପତି ସନ୍ତୋଷ କୁମାର ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ଆଗକୁ ଆସିଲେ ଆଠମଲ୍ଲିକ ବିଧାୟକଙ୍କ ସମର୍ଥକ

## ସଞ୍ଜୀବଙ୍କୁ ଶୀଘ୍ର ପ୍ରାର୍ଥୀ ଘୋଷଣା କରିବାକୁ ଦାବି

ଅନୁଗୋଳ ଅଫିସ, ୩୧।୩



ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ବିଜେଡି ଅଦ୍ୟାବଧି ୩ଟି ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଆଠମଲ୍ଲିକ ଓ ପାଲଲହଡ଼ା ବିଧାନସଭା କ୍ଷେତ୍ରରେ କାହାକୁ ପ୍ରାର୍ଥୀ କରିବ ତାହା ସ୍ପଷ୍ଟ କରୁନାହିଁ। ଏହାକୁ ନେଇ ଜିଲାରେ ନାନା ଆଲୋଚନା ଚାଲିଛି। ତେବେ ଏପରି ସମୟରେ ଆଗକୁ ଆସିଛନ୍ତି ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁଙ୍କ ସମର୍ଥକମାନେ। ରବିବାର ଅନୁଗୋଳର ଏକ ଘରୋଇ ହୋଟେଲରେ ଏକ ଖବରଦାତା ସମ୍ମିଳନୀ କରି ସେମାନେ ସଞ୍ଜୀବଙ୍କୁ ପ୍ରାର୍ଥୀ ଘୋଷଣା କରିବାକୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ଚାପ ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି।

ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀଙ୍କ ସହ ପୂର୍ବତନ ସରପଞ୍ଚ ସଞ୍ଜୀବ ସ୍ୱାଇଁ, ଯୁବନେତା ସନ୍ତୋଷ କୁମାର ପ୍ରଧାନ, କିଶୋରନଗର ମହିଳା ବିଜେଡି ସଭାପତି ସୁଲୋଚନା ପ୍ରଧାନ, ସଚ୍ଚିଦାନନ୍ଦ ମହାନ୍ତି, କିଶୋରନଗର ବ୍ଲକ ବିଜେଡି ସଭାପତି ପ୍ରବୋଧ କୁମାର ବେହେରା ଓ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା କର୍ମୀମାନେ ଦଳୀୟ ଟିକେଟ ଘୋଷଣା ବିଳମ୍ବକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ କହିଥିଲେ ଯେ, ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବାରୁ ବିରୋଧୀ ଟାହିଟାପରା କରୁଛନ୍ତି। ବର୍ତ୍ତମାନର ବିଧାୟକ ଅଞ୍ଚଳ ପାଇଁ ବହୁ ଉନ୍ନୟନ କାର୍ଯ୍ୟ କରିଥିବାରୁ ତାଙ୍କୁ ଦଳୀୟ ପ୍ରାର୍ଥୀ କରାଯିବାରେ ଅସୁବିଧା କେଉଁଠି ବୋଲି ସେମାନେ ପ୍ରଶ୍ନ କରି କରିଥିଲେ। ନିର୍ବାଚନମଣ୍ଡଳୀରେ ବିରୋଧୀ କିଛି ଚକ୍ରାନ୍ତ କରିବା ପୂର୍ବରୁ ଦଳ ପ୍ରାର୍ଥୀ ଘୋଷଣା କରିବାକୁ ସମର୍ଥକମାନେ ଦାବି କରିଥିଲେ। ଏଥିସହ ସଞ୍ଜୀବଙ୍କୁ ଅନ୍ୟ କେଉଁଠାରୁ ଟିକେଟ ପ୍ରଦାନ ନ କରି ଆଠମଲ୍ଲିକରୁ ଟିକେଟ ଦେବାକୁ ସେମାନେ ଜୋରଦାର ଦାବି କରିଥିଲେ। ଏପରି କି ଏଥିରେ ବ୍ୟତିକ୍ରମ ହେଲେ ସମୟକୁ ଦେଖି ବ୍ୟବସ୍ଥା କରାଯିବ ବୋଲି ସେମାନେ ପରୋକ୍ଷରେ ଚେତାବନୀ ମଧ ଦେଇଥିଲେ।

## ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ



ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ।

ଓଡ଼ାପଡ଼ା, ୩୧।୩(ଡି.ଏନ.ଏ.)

ଓଡ଼ାପଡ଼ା ବ୍ଲକ ମଙ୍ଗଳପୁରସ୍ଥିତ ବ୍ରାହ୍ମଣୀ ଦେବୀଙ୍କ ପୀଠରେ ରବିବାର ୧୦ମ ବାର୍ଷିକ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର, ମାନପୁର ଗ୍ରାମର ହରି ଓଁ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗରେ ଏହା ଆୟୋଜିତ ହୋଇଥିଲା।

କାର୍ଯ୍ୟସୂଚୀ ଅନୁଯାୟୀ ବ୍ରାହ୍ମଣୀ ନଦୀରୁ ଘଟକଳସ ଅଣାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ଘଟସ୍ଥାପନ, ସୂର୍ଯ୍ୟପୂଜା ବିଧି ଅନୁଯାୟୀ କରାଯାଇଥିଲା। ଦେବୀ ଏବଂ ବ୍ରହ୍ମେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ପୁରୋଧା ଭାବେ ବେଣୁଧର ତ୍ରିପାଠୀ, ବିକ୍ରମ ଶତପଥୀ ଉପସ୍ଥିତ ଥିଲେ। ନିରୋଦ କୁମାର ତ୍ରିପାଠୀ, ପ୍ରଭାମଞ୍ଜୁଳା ତ୍ରିପାଠୀ, ସୌଭାଗ୍ୟ ଶତପଥୀ, ନୟନା ଶତପଥୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ହରିଓଁ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଭ୍ୟ ନାମଯଜ୍ଞରେ ସାମିଲ ହୋଇଥିଲେ।

## ଡିପିଏସ୍ ପରିସରରେ ପାଠ୍ୟ ସାମଗ୍ରୀ ବିକ୍ରି


ବଅଁରପାଳ, ୩୧।୩ (ଡି.ଏନ୍.ଏ)

■ସ୍ଥାନୀୟ ପୁସ୍ତକ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ

■ସ୍କୁଲ କର୍ତ୍ତୃପକ୍ଷ, ପ୍ରଶାସନକୁ ଜଣାଇଲେ

ନାଲକୋ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ପରିସରରେ ପୁସ୍ତକ ଓ ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ ବିକ୍ରି କରାଯିବାକୁ ନେଇ ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ବନ୍ଦ କରାଯିବାକୁ ବ୍ୟବସାୟୀମାନେ ସ୍କୁଲ ଓ ନାଲ୍କୋ କର୍ତ୍ତୃପକ୍ଷ ଏବଂ ଜିଲାପାଳଙ୍କଠାରେ ନିବେଦନ କରିଛନ୍ତି।

ବ୍ୟବସାୟୀଙ୍କ ଅଭିଯୋଗ ମୁତାବକ, ନାଲକୋନଗର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୦ରୁ ଉର୍ଦ୍ଧ୍ୱ ପୁସ୍ତକ ଦୋକାନ ଅଛି। ୩୦ ବର୍ଷ ହେଲା ଏହି ବ୍ୟବସାୟୀମାନେ ସ୍କୁଲ ବହି, ଖାତା ସହ ଅନ୍ୟାନ୍ୟ ପାଠ୍ୟପୋକରଣ ବିକ୍ରି କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ନାଲ୍କୋ ଦ୍ୱାରା କ୍ଷତିଗ୍ରସ୍ତ ମଧ ହୋଇଛନ୍ତି। ତେବେ ଚଳିତ ବର୍ଷ ଡିପିଏସ୍ କର୍ତ୍ତୃପକ୍ଷ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ବହି ଓ ଖାତା ଯୋଗାଇ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି। କିଛି ବର୍ଷ ହେଲା ଡିପିଏସ୍ ପକ୍ଷରୁ କେବଳ ବହି ବିକ୍ରି ହେଉଥିଲା। ମାତ୍ର ଚଳିତ ବର୍ଷ ଅନ୍ୟାନ୍ୟ ପାଠ୍ୟ ଉପକରଣ ମଧ ସ୍କୁଲ ପରିସରରେ ବିକ୍ରି ହେଉଛି। ଏଥିସହ ବାହାରୁ ପାଠ୍ୟପୋକରଣ ନ କିଣିବା ପାଇଁ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ଜଣାଇଛନ୍ତି। ଏପରି ହେଲେ ବ୍ୟବସାୟ କ୍ଷତିଗ୍ରସ୍ତ ହେବା ସହ ଜୀବିକା ପ୍ରଭାବିତ ହେବ ବୋଲି ପୁସ୍ତକ ବ୍ୟବସାୟୀ ପ୍ରଦୀପ ସାହୁ, ଦିଲୀପ ପଣ୍ଡା, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସାହୁଙ୍କ ପ୍ରମୁଖ ଲିଖିତ ଭାବେ ସ୍କୁଲର ଅଧ୍ୟକ୍ଷଙ୍କୁ ଜଣାଇଛନ୍ତି। ଏଥିସହ ସେମାନେ ଜିଲାପାଳ, ନାଲକୋ ଇଡ଼ି, ମହାପ୍ରବନ୍ଧକ ଓ ନାଲକୋର ସମସ୍ତ ଶ୍ରମିକ ସଙ୍ଗଠନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଅନ୍ୟ ପକ୍ଷରେ ପ୍ରତ୍ୟେକ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇବା ଦିନ ଅଭିଭାବକମାନଙ୍କୁ ଖାତା ଓ ବହି କିଣିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଲିକା ପ୍ରଦାନ କରାଯାଇଥାଏ। ଗତ ୨୭ ରେ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ କୌଣସି ଅଭିଭାବକମାନଙ୍କୁ ତାଲିକାର ହାର୍ଡ କପି ଦିଆ ନ ଯାଇ ବିଳମ୍ବରେ ହ୍ୱାଟସ୍ ଆପ୍ ମାଧମରେ ପଠାଯାଇଥିବା ଅଭିଯୋଗ ହୋଇଛି। ବିଳମ୍ବରେ ଏହି ତାଲିକା ପ୍ରଦାନ କରାଯାଇଥିବାରୁ ଅଭିଭାବକମାନେ ବାହାରୁ ବହି କିଣିପାରିବେନି ଅଭିଯୋଗ ଉଠିଛି।



DELHI PUBLIC SCHOOL
NALCO NAGAR

DISTRIBUTION OF BOOKS & NOTE BOOKS
DATE SHEET

| DATE | CLASSES | TIMING | PLACE OF DISTRIBUTION |
| --- | --- | --- | --- |
| 30.03.2019 | Prep, I & II | 09.00 A.M. – 1.00 P.M.<br>03.30 P.M. – 6.30 P.M. | Old Nursery Block – Jr. DPS |
| 31.03.2019 | III, IV & V | 09.00 A.M. – 1.00 P.M.<br>03.30 P.M. – 6.30 P.M. | Old Nursery Block – Jr. DPS |
| 01.04.2019 | VI, VII & VIII | 09.00 A.M. – 1.00 P.M.<br>03.30 P.M. – 6.30 P.M. | Community Center, Nalco Nagar |
| 02.04.2019 | IX & X | 09.00 A.M. – 1.00 P.M.<br>03.30 P.M. – 6.30 P.M. | Community Center, Nalco Nagar |
| 03.04.2019 | Nursery & Broken Sets upto Class - V | 09.00 A.M. – 1.00 P.M.<br>03.30 P.M. – 6.30 P.M. | Community Center, Nalco Nagar |
| 04.04.2019 | Broken sets of Classes VI - X | 09.00 A.M. – 1.00 P.M.<br>03.30 P.M. – 6.30 P.M. | Community Center, Nalco Nagar |

(Dr. B.K. Mishra)
Principal
(Dr. B. K. MISHRA)
PRINCIPAL
DELHI PUBLIC SCHOOL
NALCO NAGAR, ANGUL

ନାଲକୋ ଡିପିଏସ୍ ପକ୍ଷରୁ ଜଣେ ଅଭିଭାବକଙ୍କୁ ହ୍ୱାଟ୍ସ ଆପ୍ ମାଧ୍ୟମରେ ମିଳିଥିବା ବହି ଓ ଖାତା ତାଲିକା।

## ଲୁଟୁ ୱାରିୟର୍ସ ଚାମ୍ପିୟନ



ଅନୁଗୋଳ ଅଫିସ, ୩୧।୩

ଅନୁଗୋଳ ଟାଉନ ହାଇସ୍କୁଲର ଶିବା ପଡ଼ିଆରେ ରବିବାର ଚ୍ୟାଲେଞ୍ଜିଂ ଇଲେଭେନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଲୁଟୁ ୱାରିୟର୍ସ ଓ ମଣ୍ଟୁ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଣ୍ଟୁ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭୫ ରନ କରିଥିଲା। ଜବାବରେ ଲୁଟୁ ୱାରିୟର୍ସ ୮ ୱିକେଟରେ ବିଜୟୀ ହୋଇଥିଲା। ବୀରେନ୍ଦ୍ର ନାୟକ, ବିଶ୍ୱରଞ୍ଜନ ମୁଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ସିଲୁ ସାମଲ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ପ୍ରଦୀପ ରାଉତ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଇକୋ ଜିମ୍ ପରିବାରର ବିଦାୟକାଳୀନ ସଭା


ଅନୁଗୋଳ ଅଫିସ, ୩୧।୩

ଅନୁଗୋଳ ସ୍ଥିତ ଇକୋ ପାର୍କ ଠାରେ ଇକୋ ଜିମ୍ ପରିବାର ପକ୍ଷରୁ ସଦସ୍ୟା ମମତା ପାଇକରାୟଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ପରିବାରର ମୁଖ୍ୟ ଅବସରପ୍ରାପ୍ତ ଶିକ୍ଷାବିତ ଶୈଳେଶ ଚନ୍ଦ୍ର ଦାସଗୁପ୍ତ ଅଧ୍ୟକ୍ଷତା କରିଥିଲେ। ସଭାରେ ପରିବାରର ବିଭିନ୍ନ ସଦସ୍ୟ ଉପସ୍ଥିତ ଥିଲେ।

# ଗ୍ୟାଷ୍ଟ୍ରାଇଟିସ୍



ଡା. ସଚ୍ଚିଦାନନ୍ଦ ଶତପଥୀ



**ଗ୍ୟାଷ୍ଟ୍ରାଇଟିସ୍ ସାଧାରଣତଃ ଦୁଇ ପ୍ରକାରର ରୂପ ନେଇଥାଏ। ଗୋଟିଏ ହେଲା ଉକ୍ରଟରୂପ ଓ ଅନ୍ୟଟି ହେଲା ଦୀର୍ଘକାଳୀନ ରୂପ। ଉକ୍ରଟ ରୂପ ହଠାତ୍ ଆରମ୍ଭ ହୁଏ ଓ ରୋଗୀକୁ ଖୁବ୍ ଯନ୍ତ୍ରଣା ଦିଏ। ତେବେ ଏହା ଖୁବ୍ କମ୍ ସମୟ ପାଇଁ ହୋଇଥାଏ ଓ ଚିକିତ୍ସା ଦ୍ୱାରା ଶୀଘ୍ର ଭଲ ହୋଇଯାଏ। କିନ୍ତୁ ଦୀର୍ଘକାଳୀନ ରୂପ ବହୁଦିନ ପର୍ଯ୍ୟନ୍ତ ଲାଗି ରହେ। ଧୀରେଧୀରେ ଏହା ରୋଗୀକୁ ଅସୁସ୍ଥ, ଅସୁଖୀ ଓ ସବୁକାମରେ ଅମନଯୋଗୀ କରାଇଦିଏ। ଏଥିପାଇଁ ଦୀର୍ଘଦିନ ଚିକିତ୍ସା ଆବଶ୍ୟକ ହୋଇଥାଏ...**

ପେଟରେ ଟିକେ ବ୍ୟଥା ହେଲେ, ଛାତି ଜଳାପୋଡ଼ା କଲେ କିମ୍ବା ଖାଇ ସାରିବା ପରେ ଅସ୍ୱସ୍ତି ଲାଗି ବଦହଜମି ହେଲେ ସମସ୍ତେ କହନ୍ତି, ଗ୍ୟାଷ୍ଟ୍ରିକ୍ ହୋଇଯାଇଛି। ଗ୍ୟାଷ୍ଟ୍ରିକ୍ ହେଉଛି ସାଧାରଣ ଜୀବନରେ ବହୁଳ ଭାବରେ ପ୍ରଚଳିତ ହେଉଥିବା ଏକ ଶବ୍ଦ। ପ୍ରକୃତରେ ଏଇଟି ଠିକ୍ ଶବ୍ଦ ନୁହେଁ, ଯେଉଁ ସବୁ ଲକ୍ଷଣ ପାଇଁ ଏହା ବ୍ୟବହାର କରାଯାଇଥାଏ, ତା'ର ପ୍ରକୃତ ନାଁ ହେଉଛି ଗ୍ୟାଷ୍ଟ୍ରାଇଟିସ୍, ଗ୍ୟାଷ୍ଟ୍ରିକ୍ ନୁହେଁ।

**ଗ୍ୟାଷ୍ଟ୍ରାଇଟିସ୍ କ'ଣ :** ଆମ ପେଟ ଭିତରେ ଥିବା ପାକସ୍ଥଳୀର ଭିତର ଆବରଣ ଝିଲ୍ଲୀରେ ପ୍ରଦାହ ସୃଷ୍ଟି ହେଲେ ତାକୁ ଗ୍ୟାଷ୍ଟ୍ରାଇଟିସ୍ ବା ପାକସ୍ଥଳୀ ପ୍ରଦାହ ବୋଲି କୁହାଯାଏ। ପାକସ୍ଥଳୀର ଡାକ୍ତରୀ ନାଁ ହେଉଛି ଗ୍ୟାଷ୍ଟ୍ରମ। ଏହି ଶବ୍ଦରୁ ହିଁ ଗ୍ୟାଷ୍ଟ୍ରାଇଟିସ୍ ଶବ୍ଦଟି ଆସିଛି। ଅପରପକ୍ଷେ ଗ୍ୟାଷ୍ଟ୍ରିକ୍ ଶବ୍ଦର ଅର୍ଥ ହେଉଛି ପାକସ୍ଥଳୀ ସମ୍ବନ୍ଧୀୟ, ତେଣୁ ଗ୍ୟାଷ୍ଟ୍ରିକ୍ ଓ ଗ୍ୟାଷ୍ଟ୍ରାଇଟିସ୍ ହେଉଛି ଦୁଇଟି ଅଲଗା ଶବ୍ଦ। ଗ୍ୟାଷ୍ଟ୍ରିକ୍‌ର ଅର୍ଥ ହେଲା ପାକସ୍ଥଳୀ ସମ୍ବନ୍ଧୀୟ ଓ ଗ୍ୟାଷ୍ଟ୍ରାଇଟିସ୍‌ର ଅର୍ଥ ହେଲା ପାକସ୍ଥଳୀ ପ୍ରଦାହ।

**ପ୍ରକାର ଭେଦ :** ଗ୍ୟାଷ୍ଟ୍ରାଇଟିସ୍ ସାଧାରଣତଃ ଦୁଇ ପ୍ରକାରର ରୂପ ନେଇଥାଏ। ଗୋଟିଏ ହେଲା ଉକ୍ରଟରୂପ ଓ ଅନ୍ୟଟି ହେଲା ଦୀର୍ଘକାଳୀନ ରୂପ। ଉକ୍ରଟ ରୂପ ହଠାତ୍ ଆରମ୍ଭ ହୁଏ ଓ ରୋଗୀକୁ ଖୁବ୍ ଯନ୍ତ୍ରଣା ଦିଏ। ତେବେ ଏହା ଖୁବ୍ କମ୍ ସମୟ ପାଇଁ ହୋଇଥାଏ ଓ ଚିକିତ୍ସା ଦ୍ୱାରା ଶୀଘ୍ର ଭଲ ହୋଇଯାଏ। କିନ୍ତୁ ଦୀର୍ଘକାଳୀନ ରୂପ ବହୁଦିନ ପର୍ଯ୍ୟନ୍ତ ଲାଗି ରହେ। ଧୀରେ ଧୀରେ ଏହା ରୋଗୀକୁ ଅସୁସ୍ଥ ଅସୁଖୀ ଓ ସବୁକାମରେ ଅମନଯୋଗୀ କରାଇଦିଏ। ଏଥିପାଇଁ ଦୀର୍ଘଦିନ ଚିକିତ୍ସା ଆବଶ୍ୟକ ହୋଇଥାଏ।

**କ'ଣ ହୁଏ :** ଗ୍ୟାଷ୍ଟ୍ରାଇଟିସ୍ ସମସ୍ୟା ଦେଖାଦେଲେ ଉପର ପେଟର ମଝି ଅଂଶରେ ଯନ୍ତ୍ରଣା ହୁଏ। ଏହି ଯନ୍ତ୍ରଣା ସାମାନ୍ୟ, ଅସ୍ପଷ୍ଟ ଓ ବିଭକ୍ତିକର ହୋଇପାରେ କିମ୍ବା ଅତି ପ୍ରଖର ଓ ଉକ୍ରଟ ମଧ୍ୟ ହୋଇପାରେ। ବେଳେବେଳେ ଜଣାଯାଏ, ସତେଯେମିତି ପେଟ ଭିତରକୁ କିଏ କାମୁଡ଼ି ଧରିଛି ବା ପେଟ ଭିତରେ ନିଆଁ ଜଳୁଛି। ଏଥିପାଇଁ ଛାତି ଜଳାପୋଡ଼ା କରିବା ଭଳି ବୋଧହୁଏ, ଅଇ ଉଠାଏ, ବାନ୍ତି ହୁଏ। ବାନ୍ତିରେ ବାହାରୁଥିବା ପଦାର୍ଥ ସଫା ହୋଇପାରେ, ସବୁଜ କିମ୍ବା ହଳଦିଆ ମଧ୍ୟ ହୋଇପାରେ। ବେଳେବେଳେ ରକ୍ତ ବି ପଡ଼ିପାରେ। ପେଟ ଭିତରୁ କିଛି ବାହାରି ଆସିବା ପରି ବୋଧହୁଏ। ଘନଘନ ହେଉଡ଼ି ଉଠେ। ପେଟ ଫୁଲିଯିବା ପରି ଲାଗେ। ଟିକିଏ କିଛି ଖାଇ ଦେଲେ ପେଟ ଭର୍ତ୍ତି ହୋଇଯିବା ପରି ବୋଧହୁଏ। ଭୋକ ମରିଯାଏ। ଖାଇବାର ଇଚ୍ଛା କମିଯାଏ। ବଦହଜମି ହୁଏ। ପାଟିର ସ୍ୱାଦ ଖରାପ ହୋଇଯାଏ। ମୁଣ୍ଡ ଭାରିଭାରି ଲାଗେ। ଅସମୟରେ ନିଦ ଲାଗେ। ଜିଭ ଉପରେ ଧଳା ରଙ୍ଗର ଆସ୍ତରଣ ପଡ଼ିଯାଏ। କୌଣସି କାମ କରିବାକୁ ଇଚ୍ଛା ହୁଏ ନାହିଁ। ସବୁବେଳେ ପେଟ ଉପରେ ଧ୍ୟାନ ରହିଥାଏ। ମନରେ ଅସ୍ୱସ୍ତିଭାବ ଦେଖାଯାଏ। ଖାଦ୍ୟ ନ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ହୁଏ। ବେଳେବେଳେ କଳା ଝାଡ଼ା ବି ହୁଏ।

**କାହିଁକି ହୁଏ :** ମାନସିକ ଚାପ, ଉଦ୍‌ବେଗ, ଆଶଙ୍କା ଓ ଅସ୍ଥିରତା ହିଁ ଗ୍ୟାଷ୍ଟ୍ରାଇଟିସ୍‌ର ମୁଖ୍ୟ କାରଣ ବୋଲି କୁହାଯାଇଥାଏ। ତେବେ ଏଥିରେ ଆଉ କେତେକ କାରଣ ହେଲା– ଧୂମପାନ, ମଦ୍ୟପାନ ଏବଂ କୋକେନ ପରି ନିଶାଦ୍ରବ୍ୟର ଅପବ୍ୟବହାର, ପୀଡ଼ାନାଶକ ଔଷଧ ଯଥା– ଆସପିରିନ, ଆଇବୁପ୍ରୁଫେନ, ଡାଇକ୍ଲୋଫେନାକ ଇତ୍ୟାଦିର ବହୁଳ ବ୍ୟବହାର, ଖାଲିପେଟରେ ପୀଡ଼ାନାଶକ ଔଷଧ ସେବନ, ଅନ୍ୟ କେତେକ ଔଷଧ ଯଥା– ଷ୍ଟିରଏଡ୍, ପୋଟାସିୟମ, ଲୌହ, କ୍ୟାନ୍‌ସର, କେମୋଥେରାପି ଇତ୍ୟାଦି ସେବନ, ଅନିୟମିତ ଓ ଭୁଲ ଖାଦ୍ୟାଭ୍ୟାସ, ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଲି ପେଟରେ ରହିବା, ବଡ଼ ଅପରେଶନ, ବଡ଼ ଧରଣର ଆଘାତ, ମାତ୍ରାଧିକ ଜୀବାଣୁ ସଂକ୍ରମଣ, ଅଗ୍ନିଦାହ କିମ୍ବା ସେହିପରି କିଛି ଅଘଟଣ ଏବଂ ସ୍ୱଦନ ବିୟୋଗଜନିତ ମାନସିକ ଚାପ, କେତେକ ରୋଗ ଯଥା– ପାକସ୍ଥଳୀ ଭିତରକୁ ପିତ୍ତ ନିର୍ଗମନ, କ୍ରନସ ଡିଜିଜ୍, ଏଚ୍‌ଆଇଭି/ଏଡ୍‌ସ, ଯକୃତ୍ ଓ ବୃକ୍‌କ ଅକ୍ଷମତା, ଯକ୍ଷ୍ମା, ପେଟର କୃମି ଓ ପାରାସାଇଟ୍, ପର୍ନିସିଅସ ଆନିମିଆ ଏବଂ କେତେକ ଅଟୋଇମ୍ୟୁନ ଡିଜିଜ୍ ଇତ୍ୟାଦି, କେତେକ ରାସାୟନିକ ପଦାର୍ଥ ଭକ୍ଷଣ, ଯଥା– ଏସିଡ୍, କିରୋସିନ, ରଙ୍ଗ ଇତ୍ୟାଦି, ଏକ ପ୍ରକାର ବ୍ୟାକ୍ଟେରିଆ ଯାହାର ନାଁ ହେଉଛି ହେଲିକୋବାକ୍ଟର ପାଇଲୋରି। ଏହା ଗ୍ୟାଷ୍ଟ୍ରାଇଟିସ ଆରମ୍ଭ କରିବା ସହିତ ପେପ୍‌ଟିକ୍ ଅଲସର ରୋଗ ମଧ୍ୟ ସୃଷ୍ଟି କରିଥାଏ।

**ଜଟିଳତା:** ଠିକ୍ ଭାବେ ଚିକିତ୍ସା କରା ନ ଗଲେ ବେଳେବେଳେ ଗ୍ୟାଷ୍ଟ୍ରାଇଟିସ୍ କେତେକ ଜଟିଳତା ସୃଷ୍ଟି କରିଥାଏ। ପାକସ୍ଥଳୀର ଭିତର ଆବରଣ ଝିଲ୍ଲୀରେ କ୍ଷତ ହେବା ଯୋଗୁଁ ସେଥିରେ ରକ୍ତସ୍ରାବ ହୋଇ ରକ୍ତବାନ୍ତି ଅଥବା କଳାଝାଡ଼ା ହୋଇଥାଏ। ଏଥିପାଇଁ ରକ୍ତହୀନତା ବି ହୋଇପାରେ। ଦୀର୍ଘଦିନ ଧରି ଲାଗି ରହିଲେ ପେପ୍‌ଟିକ୍ ଅଲସର ଓ ପାକସ୍ଥଳୀ କର୍କଟ ରୋଗ ହେବାର ମଧ୍ୟ ଆଶଙ୍କା ରହିଥାଏ।



**ରୋଗ ନିର୍ଣ୍ଣୟ :** କେବଳ ଲକ୍ଷଣରୁ ହିଁ ଏହି ରୋଗକୁ ନିର୍ଣ୍ଣୟ କରାଯାଇଥାଏ। ଗ୍ୟାଷ୍ଟ୍ରୋସ୍କୋପି ପରୀକ୍ଷାରୁ ମଧ୍ୟ ଏହା ସହଜରେ ଜଣା ପଡ଼ିଯାଏ। ରକ୍ତ ପରୀକ୍ଷାରୁ ରକ୍ତହୀନତା ଅଛି କି ନା ଏବଂ ମଳ ପରୀକ୍ଷାରୁ ମଳ ସହିତ ରକ୍ତ ପଡୁଛି କି ନା, ତାହା ଜଣାପଡ଼ିଥାଏ। ପାକସ୍ଥଳୀ ଭିତରେ ହେଲିକୋବାକ୍ଟର ପାଇଲୋରି ନାମକ ଜୀବାଣୁ ରହିଛି କି ନା ତାହା ମଧ୍ୟ ପରୀକ୍ଷା କଲେ ଜଣାପଡ଼ିଥାଏ।

**ଚିକିତ୍ସା :** ଗ୍ୟାଷ୍ଟ୍ରାଇଟିସ୍ ରୋଗର ଚିକିତ୍ସା ପାଇଁ ସାଧାରଣତଃ ଆଣ୍ଟାସିଡ୍ ବଟିକା କିମ୍ବା ଲିକୁଇଡ୍ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ତେବେ ଅତ୍ୟଧିକ ମାତ୍ରାରେ ଆଣ୍ଟାସିଡ୍ ମଧ୍ୟ ବେଳେବେଳେ କ୍ଷତିକାରକ ହୋଇଥାଏ। ଆଣ୍ଟାସିଡ୍ ଦ୍ୱାରା ଉପଶମ ନ ହେଲେ ଡାକ୍ତରମାନେ ଆଉ କେତେକ ଔଷଧ ଦେଇଥାଆନ୍ତି।

**କେତେବେଳେ ଡାକ୍ତରଙ୍କୁ ଦେଖାଇବେ :** ବଦହଜମି, ପେଟଯନ୍ତ୍ରଣା ଓ ପେଟରେ ଅସ୍ୱସ୍ତି ଏକ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଲେ, କୌଣସି ଔଷଧ ଖାଇବା ପରେପରେ ପେଟ ବ୍ୟଥା ହେଲେ କିମ୍ବା ରକ୍ତ ବାନ୍ତି ହେଲେ, ବାନ୍ତି ଆଦୌ ବନ୍ଦ ନ ହେଲେ, ରକ୍ତବାନ୍ତି ଓ କଳାଝାଡ଼ା ହେଲେ, ପେଟ ଯନ୍ତ୍ରଣା ସହିତ ଜ୍ୱର ହେଲେ, ପେଟ ଯନ୍ତ୍ରଣା ସହିତ ମୂର୍ଚ୍ଛା ହେବା ପରି ବୋଧ ହେଲେ, ଘନଘନ ହୃତ୍‌ସ୍ପନ୍ଦନ ଓ ଛାତି ଯନ୍ତ୍ରଣା ହେଲେ, (କାରଣ ବେଳେବେଳେ ସାମାନ୍ୟ, ହାର୍ଟଆଟାକ୍ ପ୍ରାରମ୍ଭିକ ଲକ୍ଷଣ ଗ୍ୟାଷ୍ଟ୍ରାଇଟିସ୍‌ର ଲକ୍ଷଣ ପରି ହୋଇଥାଏ), କୌଣସି କାରଣ ନ ଥାଇ ଅଧିକ ଝାଳ ବୋହିଲେ ଏବଂ ଶ୍ୱାସକ୍ରିୟାରେ କଷ୍ଟ ହେଲେ।

**ପ୍ରତିଷେଧକ ବ୍ୟବସ୍ଥା :** ନିତିଦିନିଆ ଖାଇବା ପିଇବା ଉପରେ ଟିକିଏ ନଜର ଦେଲେ ଓ ନିଜ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ କରିଦେଲେ ଗ୍ୟାଷ୍ଟ୍ରାଇଟିସ୍ ରୋଗ ହେବାର ସମ୍ଭାବନା କମି ଯାଇଥାଏ।

**ଏଥିପାଇଁ :** ପ୍ରଚୁର ପାଣି ପିଅନ୍ତୁ। ଦିନକୁ ୪–୫ ଲିଟର ପାଣି ପିଇ ପାରିଲେ ଭଲ। ଅଳ୍ପ ଅମ୍ଳମୁକ୍ତ ଫଳରସ ପିଅନ୍ତୁ। ସେଓ ଓ ଅଙ୍ଗୁର ଆଦି ଏଥିପାଇଁ ଭଲ। ଅତ୍ୟଧିକ ଖଟା ଜିନିଷି ଖାଆନ୍ତୁ ନାହିଁ। ରାଗ, ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ବଜାରର ଫାଷ୍ଟଫୁଡ୍ ଖାଆନ୍ତୁ ନାହିଁ। ଅଧିକ ଚର୍ବି ଓ ତୈଳାକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଚା, କଫି, କୋଲ୍‌ଡ ଡ୍ରିଙ୍କ୍‌ସ ଇତ୍ୟାଦି ପରିହାର କରନ୍ତୁ। ତନ୍ତୁବହୁଳ ଫଳ ଓ ପନିପରିବା ପ୍ରଚୁର ଖାଆନ୍ତୁ। ଧୂମପାନ, ମଦ୍ୟପାନ ଓ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। ପ୍ରତି ୨–୩ ଘଣ୍ଟା ବ୍ୟବଧାନରେ ଅଳ୍ପ କିଛିକିଛି ଖାଆନ୍ତୁ। ମଝିରେ ମଝିରେ ଥଣ୍ଡା କ୍ଷୀର ପିଅନ୍ତୁ। ଖାଇବା ସମୟରେ ପରିବର୍ତ୍ତନ କରନ୍ତୁ ନାହିଁ। ସିଝା ପନିପରିବା ଓ ପାଣି ସନ୍ତୁଳା ଖାଆନ୍ତୁ। ଖାଇବା ସମୟରେ ବେଶି ଗପନ୍ତୁ ନାହିଁ। ଠିଆ ହୋଇ କିମ୍ବା ଡାଇନିଂ ଟେବୁଲରେ ନ ବସି ତଳେ ଚକା ପକାଇ କରି ଖାଆନ୍ତୁ। ଉପଯୁକ୍ତ ପରିମାଣର ବିଶ୍ରାମ ନିଅନ୍ତୁ। ଉତ୍ତମ ନିଦରେ ଶୁଅନ୍ତୁ। ଶୋଇବା ସମୟ ଓ ଉଠିବା ସମୟକୁ ସ୍ଥିର ରଖନ୍ତୁ। ରାତିରେ ଅଧିକ ସମୟ ଅନିଦ୍ରା ରୁହନ୍ତୁ ନାହିଁ କିମ୍ବା ବିଳମ୍ବିତ ରାତି ପର୍ଯ୍ୟନ୍ତ ଟେଲିଭିଜନ ଦେଖନ୍ତୁ ନାହିଁ। ଚେଷ୍ଟା କରି ମାନସିକ ଚାପରୁ ଦୂରେଇ ରୁହନ୍ତୁ। ନିୟମିତ ବ୍ୟାୟାମ ଓ ଯୋଗାଭ୍ୟାସ କରନ୍ତୁ।

**ଶେଷ କଥା :** ଗ୍ୟାଷ୍ଟ୍ରାଇଟିସ୍ ଏକ ସାଧାରଣ ସମସ୍ୟା। ସାମୟିକ ଅସ୍ୱସ୍ତି ପ୍ରଦାନ କରୁଥିଲେ ମଧ୍ୟ ଏହା ବିଶେଷ କ୍ଷତିକାରକ ହୋଇ ନ ଥାଏ। ସାମାନ୍ୟ ସଚେତନ ହୋଇ ବଜାର ଖାଦ୍ୟଭ୍ୟାସ ଓ ଜୀବନ ଶୈଳୀରେ ସାମାନ୍ୟ ପରିବର୍ତ୍ତନ କରିଦେଲେ ଏହି ସମସ୍ୟାକୁ ନିୟନ୍ତ୍ରଣ କରିବା ସହଜ ହୋଇଥାଏ।

*–'ନିମନ୍ତ୍ରଣ', ପ୍ଲଟ ନଂ–୮୯, ଲିଙ୍କ ରୋଡ୍, କଟକ*

## ମସ୍ତିଷ୍କ ସକ୍ରିୟ ରହିବାର ନୂଆ ଉପାୟ



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଲା ମସ୍ତିଷ୍କ। ଏହା ଅକାମୀ ହୋଇଗଲେ ମୃତ୍ୟୁର ସାମ୍ନା କରିବାକୁ ପଡ଼ିଥାଏ। ଏହାକୁ ସକ୍ରିୟ ରଖିବାର ଏକ ନୂଆ ଉପାୟ ଖୋଜି ପାଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ଏକ ସଦ୍ୟତମ ଗବେଷଣାରୁ ସେମାନେ ଏ ନେଇ ଏକ ରୋଚକ ତଥ୍ୟ ଜାଣିବାକୁ ପାଇଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଗୋଟିଏ ଅଣ୍ଡା ଖାଆନ୍ତି ତେବେ ତାଙ୍କର ମସ୍ତିଷ୍କ ପୂର୍ବାପେକ୍ଷା ବେଶ୍ ସକ୍ରିୟ ରହିବ। କେବଳ ସେତିକି ନୁହେଁ, ଏଭଳି କଥା ପଛରେ କେତେ ସତ୍ୟତା ରହିଛି ତାହା ସେମାନେ ଏକ ସର୍ଭେ କରି ଜାଣିବାକୁ ପାଇଥିଲେ। ଗବେଷଣା ପରିସରଭୁକ୍ତ କିଛି ବ୍ୟକ୍ତିଙ୍କୁ ପ୍ରତିଦିନ ଗୋଟିଏ ଲେଖାଏଁ ଅଣ୍ଡା ଖାଇବାକୁ କୁହାଯାଇଥିଲା। କିଛି ସପ୍ତାହ ବ୍ୟବଧାନ ପରେ ଏମାନଙ୍କର ମସ୍ତିଷ୍କ ପୂର୍ବ ଅପେକ୍ଷା ଆହୁରି ସକ୍ରିୟ ରହୁଥିବାର ଜଣାପଡ଼ିଥିଲା।



## ସ୍ୱାସ୍ଥ୍ୟ ସୂଚନା

★ଘରେ ଯଦି କୌଣସି ଔଷଧ ରଖୁଛନ୍ତି ତେବେ ତାହାର ଏକ୍ସପାଏରି ଡେଟ୍ ନିୟମିତ ସମୟ ବ୍ୟବଧାନରେ ଦେଖି ନିଅନ୍ତୁ।

★ଯଦି ଆପଣ କୌଣସି ଦୀର୍ଘଦିନର ରୋଗ ପାଇଁ ଚିକିତ୍ସିତ ହେଉଛନ୍ତି, ତେବେ ପୁରୁଣା ପ୍ରେସ୍କ୍ରିପସନ୍‌କୁ ଏକାଠି ଗୋଟିଏ ଫାଇଲରେ ରଖନ୍ତୁ। କାରଣ ଆବଶ୍ୟକ ପଡ଼ିଲେ ଏହା କାମରେ ଆସିପାରେ।



★କୌଣସି ରୋଗ ବିଷୟରେ ଭଲ ଭାବରେ ନ ଜାଣି କାହାକୁ ତାହାର ଉପଚାର ବିଷୟରେ ପରାମର୍ଶ ଦିଅନ୍ତୁ ନାହିଁ।

★କେତେକ କୌଣସି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିଲେ ପାଖ ଲୋକମାନଙ୍କୁ ଏ ନେଇ କହିଥାଆନ୍ତି ଏବଂ କେତେକ ପାଖ ଲୋକ ସେଥିରୁ କିପରି ଆରୋଗ୍ୟଲାଭ କରିବ ସେ ନେଇ ଟିପ୍ସ ଦେଇଥାଆନ୍ତି। ହେଲେ ଏ ସମୟରେ କେବଳ ଡାକ୍ତରଙ୍କ ପରାମର୍ଶକୁ ହିଁ ଅନୁସରଣ କରନ୍ତୁ।

★ଯଦି ଅସୁସ୍ଥ ଲାଗୁଛି ତେବେ କିଛି ଦିନ ବ୍ୟାୟାମ ବନ୍ଦ କରିଦେଲେ କିଛି କ୍ଷତି ନାହିଁ।

★ସବୁଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳ ଜୁସ୍ ସାମିଲ କରନ୍ତୁ।

★କଥାରେ ଅଛି 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ତେଣୁ ଯଦି ଆପଣଙ୍କ ବୟସ ୪୦ ଟପିଲାଣି ତେବେ ନିୟମିତ ସମୟ ବ୍ୟବଧାନରେ ବ୍ଲଡ୍‌ପ୍ରେସର, ରକ୍ତରେ ସୁଗାର ପରିମାଣ, କୋଲେଷ୍ଟରଲ ଆଦି ପରୀକ୍ଷା କରାଇ ନିଅନ୍ତୁ।

★ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ପ୍ରମୁଖ ଭୂମିକା ରହିଛି। ତେଣୁ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।



## ଉପକାରୀ ଷ୍ଟ୍ରବେରି

**ଷ୍ଟ୍ରବେରିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**

- ହାର୍ଟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ଷ୍ଟ୍ରବେରି।
- ନିୟମିତ ଷ୍ଟ୍ରବେରି ଖାଇଲେ ତାହା ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିଥାଏ।
- ଷ୍ଟ୍ରବେରିରେ କ୍ୟାନ୍‌ସର୍ ସହ ଲଢ଼ିବାର କ୍ଷମତା ରହିଛି ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି।
- ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ବେଶ୍ ସହାୟକ ହୋଇଥାଏ ଷ୍ଟ୍ରବେରି।
- ବ୍ଲଡ୍‌ପ୍ରେସର୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ତେଣୁ ସେମାନେ ଏହାକୁ ସେମାନଙ୍କର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।
- ମସ୍ତିଷ୍କକୁ ସକ୍ରିୟ କରିବାରେ ଏହାର ମଧ୍ୟ ଭୂମିକା ରହିଛି।
- କୋଲେଷ୍ଟିରଲ୍ ମଧ୍ୟ କେତେକାଂଶରେ ସନ୍ତୁଳିତ ରଖିଥାଏ ଷ୍ଟ୍ରବେରି।
- ଏହା ଦୃଷ୍ଟିଶକ୍ତିକୁ ମଧ୍ୟ ବଢ଼ାଇଥାଏ।
- ମେଦ କମାଇବାରେ ଷ୍ଟ୍ରବେରି କେତେକାଂଶରେ ସହାୟକ ହୋଇଥାଏ।
- ଅସ୍ଥିକୁ ମଜଭୁତ କରିଥାଏ ଷ୍ଟ୍ରବେରି।



# ନିମ୍ନତାପ ଚିକିତ୍ସା

ଡା. ନିତ୍ୟାନନ୍ଦ ସ୍ୱାଇଁ

(ଶେଷ ଭାଗ)

ଆମେ ଯେତେବେଳେ ହିମଶୀତଳ ତାପମାତ୍ରାରେ ଶବ ସଂରକ୍ଷଣ ବା ନିଲମ୍ବନ ସଂପର୍କରେ ଅବତାରଣା କରିଥାଉ, ସେତେବେଳେ ଅଧିକାଂଶ ବ୍ୟକ୍ତି ଯୁକ୍ତି କରିଥାନ୍ତି ଯେ ମୃତ୍ୟୁ ହେଉଛି ଏକ ସ୍ଥାୟୀ ଅବସ୍ଥା ଓ ଏହି ଅବସ୍ଥାରୁ ଜୀବନପ୍ରାପ୍ତି ଅସମ୍ଭବ। ମାତ୍ର ସମଗ୍ର ଶରୀରଟିର ପୁନରୁଜ୍ଜୀବନ ନ ହେଲେ ମଧ୍ୟ ନିମ୍ନତାପମାତ୍ରା ପ୍ରୟୋଗ ଫଳରେ ଆଗାମୀ ହୃତ୍‌ପିଣ୍ଡ, ମସ୍ତିଷ୍କ ତଥା ଅନ୍ୟାନ୍ୟ ଜୀବନରକ୍ଷାକାରୀ ଅଙ୍ଗକୁ କାର୍ଯ୍ୟକ୍ଷମ କରାଯାଇ ପାରିଛି। ଏପରିକି ଗବେଷକମାନେ ପ୍ରାଣୀମାନଙ୍କ ଶବକୁ ନିମ୍ନରୁ ନିମ୍ନତର ତାପମାତ୍ରାରେ ଅଧିକରୁ ଅଧିକ ସମୟ ରଖି ପୁନର୍ବାର ଜୀବିତ ଅବସ୍ଥାକୁ ଆଣିପାରିଛନ୍ତି।

ତେବେ ସମାଲୋଚକମାନେ ପ୍ରଶ୍ନ କରୁଛନ୍ତି ଯେ, ମସ୍ତିଷ୍କର କୋଷଗୁଡ଼ିକୁ ଅତିମାତ୍ରାରେ ଥଣ୍ଡା କରିଦେବା ଓ ପୁନର୍ବାର ତା'ର ସ୍ୱାଭାବିକ ତାପମାତ୍ରାକୁ ଫେରାଇ ଆଣିବା ଦ୍ୱାରା ପ୍ରାଣୀର ସ୍ମରଣଶକ୍ତି ପ୍ରତିକୂଳ ଭାବରେ ପ୍ରଭାବିତ ହୋଇପଡ଼ିବାର ଆଶଙ୍କା ନାହିଁ ତ? ବ୍ୟକ୍ତିତ୍ୱ ପରିବର୍ତ୍ତିତ ହୋଇଯିବାର ସମ୍ଭାବନା ନାହିଁ ତ? କେତେକ ଜାତିର କୃମିକୁ ତାଲିମ ଦେଇ ଓ ତାକୁ ଦୁଇଘଣ୍ଟା ଧରି ମାଇନସ୍ ୨୦ ଡିଗ୍ରୀ ଫାରେନ୍‌ହିଟରେ ରଖି ମଧ୍ୟ ତା' ଠାରେ ସ୍ମରଣଶକ୍ତି ଅତୁଟ ରହିଥିବାର ଗବେଷକମାନେ ଲକ୍ଷ୍ୟ କରିଛନ୍ତି।

ଅବଶ୍ୟ ପ୍ରାଣୀମାନଙ୍କ ଉପରେ କରାଯାଇଥିବା ପରୀକ୍ଷାନିରୀକ୍ଷା ବଡ଼ ସୀମିତ। ତଥାପି ମଣିଷମାନଙ୍କ କ୍ଷେତ୍ରରେ ଏହାର ପ୍ରୟୋଗ ପ୍ରତି ବୈଜ୍ଞାନିକମାନଙ୍କ ଆଗ୍ରହ କ୍ରମେ ବୃଦ୍ଧି ପାଉଛି। ଶରୀରକୁ ହିମଶୀତଳ କରାଇ ପୁନଃ ଉଷ୍ମ କରାଇ ପାରିବାର ପଦ୍ଧତି ଅଧିକ ଉନ୍ନତ ହୋଇ ପାରିଲେ ଶଲ୍ୟ ଚିକିତ୍ସାରେ ନିମ୍ନ ତାପମାତ୍ରା ପଦ୍ଧତିର ପ୍ରୟୋଗ ବେଶ୍ ଲୋକପ୍ରିୟ ହୋଇଉଠିବ।

ଚିକିତ୍ସା ବିଜ୍ଞାନର ଭାଷାରେ ନିମ୍ନତାପ ଶଲ୍ୟୋପଚାରକୁ କୁହାଯାଉଛି କ୍ରାୟୋସର୍ଜରି। ଏହି ଶଲ୍ୟୋପଚାର କରାଯାଇଥାଏ ଅତ୍ୟନ୍ତ ଶୀତଳ ତାପମାତ୍ରାରେ। ନିମ୍ନ ତାପମାତ୍ରା ପ୍ରୟୋଗ ଯୋଗୁ ହିଁ ଅସ୍ୱାଭାବିକ ତଥା ରୋଗାକ୍ରାନ୍ତ ତନ୍ତୁ ନଷ୍ଟ ହୋଇଯାଏ। ଏପରି ଶଲ୍ୟୋପଚାର ବା ତନ୍ତୁ ଉଚ୍ଛେଦନକୁ କୁହାଯାଏ, ନିମ୍ନତାପ ପ୍ରୟୋଗ ମାଧ୍ୟମରେ ଉଚ୍ଛେଦନ ବା କ୍ରାୟୋଆବ୍ଲାସନ।

ଭାଟୁଡ଼ି, ଜାଇ, ବିଣ୍ଡି, କ୍ଷୁଦ୍ର ଆକାରର ଚର୍ମ କର୍କଟ ରୋଗ ଇତ୍ୟାଦି ଛୋଟ ଛୋଟ ଅପରେସନ ସମେତ ଅର୍ଶ, ପାଦତଳ ଆବରଣର ପ୍ରଦାହ ବା ପ୍ଲାଣ୍ଟାର ଫାସାଇଟିସ ଫାଇବ୍ରୋମା ତଥା ଯକୃତ ପ୍ରୋଷ୍ଟେଟ, ଫୁସ୍‌ଫୁସ୍ ଓ ମୁଖଗହ୍ୱର କର୍କଟ ରୋଗ ଇତ୍ୟାଦିର ମଧ୍ୟ କ୍ରାୟୋସର୍ଜରି ମାଧ୍ୟମରେ ଚିକିତ୍ସା କରାଯାଇଥାଏ। ତେବେ ରୋଗାକ୍ରାନ୍ତ ତନ୍ତୁସ୍ଥଳରେ ତାପମାତ୍ରାକୁ ଖୁବ୍ ହ୍ରାସ କରିଦେଇହୁଏ କିପରି। ତାପମାତ୍ରା ହ୍ରାସ କରିବା ନିମନ୍ତେ ଶୀତଳକାରୀ ଦ୍ରବଣ ଭାବରେ ବ୍ୟବହୃତ ହୋଇଥାଏ ତରଳ ଯବକ୍ଷାରଯାନ ବା ଲିକୁଇଡ୍ ନାଇଟ୍ରୋଜେନ। ଏହାର ତାପମାତ୍ରା ମାଇନସ୍ ୧୯୬ ଡିଗ୍ରୀ ସେଣ୍ଟିଗ୍ରେଡ (୧୯୬ଡିଗ୍ରୀ ସେଣ୍ଟିଗ୍ରେଡ) ବା ମାଇନସ୍ ୩୨୧ ଡିଗ୍ରୀ ଫାରେନ୍‌ହାଇଟ୍। ଏହି ତରଳ ଯବକ୍ଷାରଜାନକୁ ରୋଗାକ୍ରାନ୍ତ ସ୍ପ୍ରେ କରାଯାଇଥାଏ କିମ୍ବା କ୍ରାୟୋପ୍ରୋବ ବୋଲି କୁହାଯାଉଥିବା ନଳୀ ସାହାଯ୍ୟରେ ଉଦ୍ଦିଷ୍ଟ ତନ୍ତୁରେ ସଞ୍ଚାଳିତ କରିଦିଆଯାଏ। ଏପରି କି ତୁଳା କି ସ୍ୱଞ୍ଚର ବା ସ୍ୱାବକୁ ତରଳ ଯବକ୍ଷାରଜାନରେ ଭିଜେଇ ମଧ୍ୟ ସେହି ସ୍ଥାନରେ ସ୍ପର୍ଶ କରେଇ ଦିଆଯାଏ।

ତରଳ ଯବକ୍ଷାରଜାନ ବ୍ୟତୀତ ତାପମାତ୍ରା ହ୍ରାସ କରିବା ପାଇଁ ବ୍ୟବହାର କରାଯାଏ ଅଙ୍ଗାରକାମ୍ଳ ଗ୍ୟାସ୍‌ର ସ୍ପ୍ରେ। ଅଙ୍ଗାରକାମ୍ଳ ଗ୍ୟାସ୍ ସହ ମିଶେଇ ଦିଆଯାଇପାରେ ଆସିଟୋନ। କାଦୁଅ ବରଫ ଭଳି ଏହି ପଦାର୍ଥକୁ ପ୍ରୟୋଗ କରାଯାଏ ରୋଗାକ୍ରାନ୍ତ ତନ୍ତୁ ଉପରେ। ଶୀତଳୀକରଣ ନିମନ୍ତେ ମଧ୍ୟ ବ୍ୟବହୃତ ହୋଇପାରେ ଆର୍ଗନ୍ ଗ୍ୟାସ୍। କର୍କଟ ରୋଗର ଚିକିତ୍ସା ପାଇଁ ତରଳ ଯବକ୍ଷାରଜାନ କିମ୍ବା ଆର୍ଗନ୍ ଗ୍ୟାସ୍‌କୁ ଏକ କ୍ରାୟୋପ୍ରୋବ ସାହାଯ୍ୟରେ ନେଇ ପ୍ରୋବଟିକ ସ୍ପର୍ଶ କରିଦିଆଯାଏ ଅର୍ବୁଦ ଉପରେ। ପୁଣି ବାୟୋପ୍ରୋବ ଦ୍ୱାରା ରୋଗାକ୍ରାନ୍ତସ୍ଥଳକୁ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନଟ କରିବା ନିମନ୍ତେ ଅଲଟ୍ରାସୋପୋଗ୍ରାଫି କିମ୍ବା ମ୍ୟାଗ୍‌ନେଟିକ୍ ରେବୋନାନ୍‌ସ ଇମେଜିଂ(ଏମ୍‌ଆର୍‌ଆଇ) ପଦ୍ଧତିର ସାହାଯ୍ୟ ନିଆଯାଏ। ଏପରି କରିବା ଫଳରେ କେବଳ ଆକ୍ରାନ୍ତ ତନ୍ତୁ ହିଁ ନିମ୍ନ ତାପମାତ୍ରା ସଂସ୍ପର୍ଶରେ ଆସିଥାଏ ସିନା ଧ୍ୱଂସ ପ୍ରକ୍ରିୟାରୁ ରକ୍ଷା ପାଇଯାଏ ଆଖପାଖର ସୂକ୍ଷ୍ମ ସୁସ୍ଥ ତନ୍ତୁ।

–ଅଭିନବ ବିଡ଼ାନାସୀ, କଟକ



ଧରିତ୍ରୀ DHARITRI
Dhenkanal, Monday, 1 April 2019



## ସଂକ୍ଷେପରେ

### ଆଜି ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବ ବିଓବି

**ନୂଆଦିଲ୍ଲୀ,୩୧-୩:**ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ପରେ ସୋମବାରଠାରୁ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହୋଇଯିବ। ଏହାର ମୋଟ କାରବାର ପରିମାଣ ୧୩.୮୨ ଲକ୍ଷ କୋଟି ଟଙ୍କା ହେବ। ଏହି ମିଶ୍ରଣ ପରେ ବିଓବି ନିକଟରେ ମୋଟ ୯୪୦୧ ବ୍ୟାଙ୍କ ଶାଖା ଓ ମୋଟ ୧୩,୪୩୨ ଏଟିଏମ୍ ହେବ। ଦେଶରେ ଏସ୍‌ବିଆଇ ନିଟରେ ୫୯,୨୯୧ଏଟିଏମ୍ ଓ ୧୮ ହଜାରରୁ ଅଧିକ ଶାଖା ରହିଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ୪,୮୬୭ ଶାଖା ଏବଂ ୧୪, ୩୬୭ ଏଟିଏମ୍ ରହିଛି। ଏହି ମିଶ୍ରଣ ପୂର୍ବରୁ ଦୈନନ୍ଦିନ କାର୍ଯ୍ୟ ତୁଲାଇବା ଲାଗି କେନ୍ଦ୍ର ସରକାର ବିଓବିକୁ ୫୦୪୨ କୋଟି ଟଙ୍କାର ପୁଞ୍ଜି ଦେଇଛନ୍ତି।

### ଟାଟା ମୋଟର୍ସ-ଭଲଭୋଲିନ ଚୁକ୍ତି

**ନୂଆଦିଲ୍ଲୀ,୩୧-୩:**ଯାତ୍ରୀବାହୀ ଯାନଗୁଡ଼ିକର ଲୁବ୍ରିକାଣ୍ଟ ଆବଶ୍ୟକତାକୁ ଧାନରେ ରଖି ପ୍ରମୁଖ ଯାନ ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ଭଲଭୋଲିନ କମିନ୍ସ ଇଣ୍ଡିଆ ମଧରେ ଚୁକ୍ତି ହୋଇଛି। ଏହି ଚୁକ୍ତି ଦ୍ୱାରା ଉଭୟ କମ୍ପାନୀ ମିଳିତ ଭାବେ ଟାଟାର ଯାନଗୁଡ଼ିକ ଲାଗି କୋବ୍ରାଣ୍ଡେଡ ଲୁବ୍ରିକାଣ୍ଟ ବଜାରକୁ ଛାଡିବେ। ଏହାକୁ ଟାଟା ମୋଟର୍ସ ଜେନୁଇନ ଅଏଲ କୁହାଯିବ। କମ୍ପାନୀର ସମସ୍ତ କାର ଏବଂ ଖୁଚୁରା ବଜାର ଲାଗି ଏହା ଉପଲବ୍ଧ ହେବ। ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବଜାରରେ ଶ୍ରେଷ୍ଠ ଲୁବ୍ରିକାଣ୍ଟ ପ୍ରଯୁକ୍ତି ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ବରିଷ୍ଠ ମହାପ୍ରବନ୍ଧକ ଶୁଭଜିତ ରାୟ ସୂଚନା ଦେଇଛନ୍ତି।

### ହ୍ୟୁଣ୍ଡାଇର ନୂଆ ଏସ୍‌ୟୁଭି 'ଭେନ୍ୟୁ'




**ନୂଆଦିଲ୍ଲୀ,୩୧-୩:**ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ପକ୍ଷରୁ ଏହାର ନୂଆ କନେକଟେଡ ଏସ୍‌ୟୁଭି 'ଭେନ୍ୟୁ' ସମ୍ପର୍କରେ ଘୋଷଣା କରାଯାଇଛି। ସ୍ୱତନ୍ତ୍ରତା, ଟ୍ରେଣ୍ଡ ଏବଂ ଷ୍ଟାଇଲ ଭଳି ପ୍ରସଙ୍ଗକୁ ବିଚାର କରି କମ୍ପାନୀ ଏହି ନୂଆ ମଡେଲକୁ ପ୍ରସ୍ତୁତ କରୁଛି। ସେହିଭଳି ଗ୍ରାହକଙ୍କର ଲାଇଫ ସ୍ପେଶକୁ ଆକର୍ଷଣୀୟ କରିବା ଦିଗରେ ଏଭଳି ଏକ ମଡେଲ ପରିକଳ୍ପନା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ସହର ଏବଂ ସ୍ଥାନରୁ ମଡେଲର ନାମ ଚୟନ କରାଯାଇଛି। ଏହା ଆସନ୍ତା ମାସ ମଧଭାଗ ବେଳକୁ ବଜାରକୁ ଆସିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଆଇସିଆଇସିଆଇର ତତ୍କାଳ ଗୃହ ଋଣ ମଞ୍ଜୁରୀ ବ୍ୟବସ୍ଥା

**ଭୁବନେଶ୍ୱର,୩୧-୩:**ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଦୁଇଟି ତତ୍କାଳ ଗୃହ ଋଣ ବ୍ୟବସ୍ଥା ବିଷୟରେ ଘୋଷଣା କରାଯାଇଛି। ପ୍ରଥମ ବ୍ୟବସ୍ଥା ମୁତାବକ ଗ୍ରାହକମାନେ ନୂଆ ଗୃହ ଋଣ ଉପରେ ତୁରନ୍ତ ମଞ୍ଜୁରୀ ପତ୍ର ହାସଲ କରିପାରିବେ। ଦ୍ୱିତୀୟ ବ୍ୟବସ୍ଥାରେ ଟପ୍ ଅପ୍ ଋଣ ନେବା ସହ ବ୍ୟାଙ୍କ ଖାତାରେ ଋଣ ରାଶି ପାଇପାରିବେ। ସମ୍ପୂର୍ଣ୍ଣ ଡିଜିଟାଲ ପଦ୍ଧତିରେ ଏହି ସୁବିଧା ମିଳିପାରିବ। ବ୍ୟାଙ୍କର ପ୍ରଥମ ସେବାକୁ ଇନ୍‌ଷ୍ଟାଣ୍ଟ ହୋମ୍ ଲୋନ୍ କୁହାଯାଉଛି। ବିଭିନ୍ନ ପ୍ରଡକ୍ଟକୁ ସୁଲଭ କରି ବ୍ୟାଙ୍କ ଖୁଚୁରା ଋଣ ଅଭିବୃଦ୍ଧିରେ ପରିବର୍ତ୍ତନ ଆଣିଥିବା କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅନୁପ ବାଗ୍‌ଚୀ କହିଛନ୍ତି।

### ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ କୋ ବ୍ରାଣ୍ଡେଡ୍ କ୍ରେଡିଟ କାର୍ଡ

**ଭୁବନେଶ୍ୱର,୩୧-୩:**ଆଲ୍ଲାହାବାଦ ବ୍ୟାଙ୍କ ଏବଂ ଏସ୍‌ବିଆଇ କାର୍ଡ ପକ୍ଷରୁ ମିଳିତ ଭାବେ ଆଲ୍ଲାହାବାଦ ବ୍ୟାଙ୍କ-ଏସ୍‌ବିଆଇ କୋ ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଉନ୍ମୋଚିତ ହୋଇଛି। ଆଲ୍ଲାହାବାଦ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଏହାର ଶୁଭାରମ୍ଭ ହୋଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ଏହି ଅବସରରେ ଯୋଗଦେଇ ଗ୍ରାହକଙ୍କ ପ୍ରତି ବ୍ୟାଙ୍କର ରହିଥିବା ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାହକଙ୍କୁ ବିଭିନ୍ନ ଡିଜିଟାଲ ସେବା ପ୍ରଦାନ ଦିଗରେ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏସ୍‌ବିଆଇ କାର୍ଡର ଏମ୍‌ଡି ତଥା ସିଇଓ ହରଦୟାଲ ପ୍ରସାଦ, ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର୍. ରାଜଗୋପାଳଙ୍କ ଉପସ୍ଥିତିରେ ନୂଆ କାର୍ଡକୁ ଉନ୍ମୋଚନ ହୋଇଥିଲା।

---



> ଭାରତରେ ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କର ଅଭାବ ନାହିଁ ମାତ୍ର ବାଧାକୁ ଅତିକ୍ରମ କରି ଆଗକୁ ବଢ଼ିବାର ଆବଶ୍ୟକତା ରହିଛି।
>
> – ଇନ୍ଦ୍ରା ନୋୟୀ, ପୂର୍ବତନ ଅଧ୍ୟକ୍ଷ, ପେପ୍‌ସୀକୋ



> ସବୁଠାରୁ ଅସନ୍ତୁଷ୍ଟ ଗ୍ରାହକଙ୍କ ହିଁ ଅନେକ କିଛି ଶିଖେଇ ଦିଏ, ଯାହା ନୂତନତ୍ୱ ଆଣିବାରେ ପ୍ରୋତ୍ସାହିତ କରିଥାଏ।
>
> – ବିଲ୍ ଗେଟ୍‌ସ, ମାଇକ୍ରୋସଫ୍ଟ ପ୍ରତିଷ୍ଠାତା

---

■ ସରିଲା ୨୦୧୮-୧୯ ଆର୍ଥିକ ବର୍ଷ

# ଅର୍ଥନୀତିରେ ଫେଲ୍ ମୋଦି ସରକାର

**ନୂଆଦିଲ୍ଲୀ,୩୧-୩**




ସୋମବାର ନୂଆ ଆର୍ଥିକ ବର୍ଷ ୨୦୧୯-୨୦ ଆରମ୍ଭ ହେବାକୁ ଯାଉଛି। ରବିବାର ଚଳିତ ଆର୍ଥିକ ବର୍ଷ(୨୦୧୮-୧୯)ର ଶେଷ ଦିନ ଥିଲା। ତେବେ ଚଳିତବର୍ଷର ଅର୍ଥନୀତିକୁ ନେଇ ମୋଦି ସରକାର ନିଜର ପିଠି ଥାପୁଡାଉଥିଲା ବେଳେ ପ୍ରକୃତରେ ଦେଖିଲେ ଅଧିକାଂଶ କ୍ଷେତ୍ରରେ ଏହା ଫେଲ୍ ମାରିଛି। ନିମ୍ନରେ ଏ ସମ୍ପର୍କରେ ତର୍ଜମା କରାଯାଉଛି।

#### ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ

ଚଳିତ ଆର୍ଥିକ ବର୍ଷରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହିସାବ କଲେ ଜଣାପଡେ ଯେ, ବର୍ଷର ପ୍ରଥମ ୯ ମାସରେ ଟଙ୍କା ଅତ୍ୟନ୍ତ ଦୁର୍ବଳ ଥିଲା। ଏପ୍ରିଲ ୨୦୧୮ରେ ଟଙ୍କାର ମୂଲ୍ୟ ୬୪.୮୮ ସ୍ତରରୁ ଆରମ୍ଭ ହୋଇ ଅକ୍ଟୋବର ୧୦ରେ ରେକର୍ଡ ସ୍ତରରେ ହ୍ରାସ ପାଇଥିଲା। ଏହି ସମୟରେ ଟଙ୍କାର ସ୍ତର ୭୪.୫୦ ଛୁଇଁଥିଲା। ଏହା ସର୍ବନିମ୍ନ ସ୍ତର କୁହାଯାଉଛି। ତେବେ ଶେଷ ୩ ମାସରେ ଟଙ୍କା କିଛି ମାତ୍ରାରେ କ୍ଷତି ଭରଣା କରିପାରିଛି ଓ ଏହା ୬୯ ସ୍ତରରେ ରହିଛି। ଡଲାର ତୁଳନାରେ ଟଙ୍କାର ସ୍ତର ହ୍ରାସ ପାଉଥିବାରୁ ଦେଶର ଚଳନ୍ତି ଜମା ନିଅଣ୍ଟ ଓ ବାଣିଜ୍ୟ ନିଅଣ୍ଟ ବଢ଼ି ବଢ଼ି ଚାଲିଛି ଓ ଦେଶର ଋଣ ଭାର ବୃଦ୍ଧି ପାଇଛି।

#### ପେଟ୍ରୋଲ-ଡିଜେଲ-ଗ୍ୟାସ

୨୦୧୮-୧୯ ଆର୍ଥିକ ବର୍ଷରେ ପେଟ୍ରୋଲ-ଡିଜେଲ ଓ ଏଲ୍‌ପିଜି ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଚଳିତ ବର୍ଷ ଦିଲ୍ଲୀରେ ୧୪କେଜି ଅଣ ସବ୍‌ସିଡି ସିଲିଣ୍ଡର ଦାମ ୯୦୦ ଟଙ୍କା ପାର୍ କରିଯାଇଥିଲା। ୨୦୧୮ ନଭେମ୍ବର ୭ରେ ଅଣ ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୯୪୨.୫୦ ଟଙ୍କା ଥିଲା। ଏହା ଚଳିତ ଆର୍ଥିକ ବର୍ଷର ସର୍ବୋଚ୍ଚ ସ୍ତର ଥିଲା। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଅକ୍ଟୋବର ୪ରେ ୮୪ ଟଙ୍କା ହୋଇଥିଲା ବେଳେ ଡିଜେଲ ଅକ୍ଟୋବର ୧୭ରେ ୭୫.୬୯ ଟଙ୍କା ହୋଇଥିଲା। ଏବେ ପେଟ୍ରୋଲ ଦର ୭୦ ଟଙ୍କା ଅତିକ୍ରମ କଲାଣି। ସେହିପରି ଡିଜେଲ ଦର ମଧ ୭୦ ଟଙ୍କା ଆଖପାଖରେ ରହିଛି। ଏହା ଲୋକଙ୍କ ପକେଟ ଖାଲି କରିଚାଲିଥିବା ବେଳେ ମୋଦି ସରକାର ଦରହ୍ରାସ କରିବା ନେଇ ନିଦାବିଷ୍ଣୁ ସାଜିଛନ୍ତି।

#### ସୁନା-ରୁପା ଦର

ଚଳିତ ଆର୍ଥିକ ବର୍ଷରେ ସୁନା ଦର ପ୍ରତି ୧୦ ଗ୍ରାମ ୩୦ ହଜାର ଟଙ୍କା ଟପିଗଲାଣି। ୨୦୧୮ ଅଗଷ୍ଟ ୧୭ରେ ସୁନା ଦର ୩୦,୩୩୫ ଟଙ୍କା ଥିଲା ଓ ଚଳିତ ବର୍ଷ ଫେବୃୟାରୀରେ ଏହା ୩୪,୮୦୦ ଟଙ୍କାରେ ପହଞ୍ଚିଯାଇଥିଲା। ସେହିପରି ରୁପା ଦରା ଚଳିତ ବର୍ଷ ଜାନୁୟାରୀରେ କେଜି ୪୨ ହଜାର ଟଙ୍କା ହୋଇଥିଲା। ଏବେ ଏହା ୪୦ ହଜାର ସ୍ତରରେ କାରବାର କରୁଛି। ଫଳରେ ସାଧାରଣ ଜନତାଙ୍କୁ ଏହା ବେଶ ବାଧୁଛି।

#### ମୁଦ୍ରାସ୍ଫୀତି ସ୍ତର

ମାର୍ଚ୍ଚର ମୁଦ୍ରାସ୍ଫୀତି ହାର ଏପ୍ରିଲରେ ଜଣାପଡିବ। କିନ୍ତୁ ଫେବୃୟାରୀ ସହ ତୁଳନା କଲେ ପାଇକାରୀ ମୂଲ୍ୟ ଆଧାରିତ ବାର୍ଷିକ ମୁଦ୍ରାସ୍ଫୀତି ହାର ବଢ଼ିଛି। ଗତ ବର୍ଷ ଫେବୃୟାରୀରେ ପାଇକାରୀ ମୁଦ୍ରାସ୍ଫୀତି ହାର ୨.୭୪ ପ୍ରତିଶତ ଥିଲା ବେଳେ ଚଳିତବର୍ଷ ଫେବୃୟାରୀରେ ଏହା ୨.୯୩%କୁ ବୃଦ୍ଧି ପାଇଛି। ତେବେ ଖାଦ୍ୟପଦାର୍ଥ ଦର ହ୍ରାସ ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ହାର ସମାନ ଅବଧିରେ ୪.୪୪ ପ୍ରତିଶତରୁ କମି ୨.୫୭% ହୋଇଛି। ସରକାରୀ ତଥ୍ୟଠାରୁ ବାସ୍ତବତା ବହୁ ଦୂରରେ ବୋଲି ଲୋକେ କହୁଛନ୍ତି। ଦରଦାମ କମି ନ ଥିବା ବେଳେ ସରକାର ତଥ୍ୟରେ ହସ୍ତକ୍ଷେପ କରୁଛନ୍ତି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ଏବେ ବିବାଦ ଉପୁଜିଲାଣି। ମୋଦି ସରକାର ନିଜ ସପକ୍ଷରେ ତଥ୍ୟକୁ ଏପଟସେପଟ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରୁଛନ୍ତି।

#### ରେପୋ ରେଟ୍ ବଢ଼ିଛି

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ଏପ୍ରିଲରେ କରିଥିଲେ। ଏହି ବୈଠକରେ ରେପୋ ରେଟରେ ୦.୨୫% ବୃଦ୍ଧି କରି ଏହାକୁ ୬.୨୫%ରେ କାଏମ ରଖିଲେ। ଦ୍ୱିତୀୟ ମୁଦ୍ରାନୀତିରେ ପୁନର୍ବାର ୦.୨୫% ବଢ଼ାଇଲେ। କିନ୍ତୁ ଚଳିତ ବର୍ଷ ଫେବୃୟାରୀରେ ଏଥିରେ ୦.୨୫% ହ୍ରାସ କଲେ। ଫଳରେ ଏବେ ୬.୨୫% ରେପୋ ରେଟ କାଏମ ରହିଛି। ଏହାଦ୍ୱାରା ଅର୍ଥନୀତି ଯେଭଳି ଗତିଶୀଳ ହେବା କଥା, ତାହା ନଜରକୁ ଆସୁନି। କାରଣ ବ୍ୟାଙ୍କ ନିକଟରେ ଯଥେଷ୍ଟ ଅର୍ଥ ନ ଥିବା ବେଳେ ଏମ୍‌ଏସ୍‌ଏମ୍‌ଇ ଓ କର୍ପୋରେଟ ଜଗତ ଚଢ଼ା ସୁଧରେ ଋଣ ନେବାକୁ ଅମଙ୍ଗ ହେଉଛନ୍ତି। ଏହି କାରଣରୁ ଉତ୍ପାଦନ ଦିନକୁ ଦିନ କମିବାରେ ଲାଗିଛି, ଯାହାର ପ୍ରଭାବ ନିଯୁକ୍ତି ଉପରେ ପଡୁଛି।

#### ନିଯୁକ୍ତି ତଥ୍ୟ ନେଇ ସନ୍ଦେହ

ଇପିଏଫଓ ତଥ୍ୟ ଅନୁସାରେ ସଂଗଠିତ କ୍ଷେତ୍ରରେ ଜାନୁୟାରୀରେ ମୋଟ ୮.୯୬ ଲକ୍ଷ ଲୋକଙ୍କୁ ରୋଜଗାର ମିଳିଛି। ଏହା ବର୍ଷକ ପୂର୍ବର ଏହି ସମୟ ତୁଳନାରେ ୧୩୧% ଅଧିକ। ମୋଟ ୧୭ ମାସରେ ୭୬ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହୋଇଛି ବୋଲି ଦାବି କରାଯାଇଛି। ତେବେ ଏନଏସ୍‌ଏସ୍‌ଓର ତଥ୍ୟ ଅନୁଯାୟୀ ନିଯୁକ୍ତି ସୃଷ୍ଟିରେ ମୋଦି ସରକାର ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି।

---

# ଖୋଲିଲା ସିମ୍ଫୋନୀ ମଲ୍



**ଭୁବନେଶ୍ୱର,୩୧-୩(ବ୍ୟୁରୋ)**

କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ରୁଦ୍ରପୁରରେ ନୂଆ ସିମ୍ଫୋନୀ ମଲ୍ ରବିବାର ଉନ୍ମୋଚନ ହୋଇଛି। ପଞ୍ଚମ ଷ୍ଟୁଡିଓ ପ୍ରାଇଭେଟ ଲିମିଟେଡ ଏବଂ ଓରଜିତା ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡର ମିଳିତ ସହଯୋଗରେ ଏହା ସ୍ଥାପନ ହୋଇଛି । ସିନିୟର ମ୍ୟାନେଜର ଅପରେଶନ୍ସ ଲଲାଟ ବଡଜେନା, ସେଲ୍‌ସ ଲିଜିଂ ଏଭିପି ରଞ୍ଜିତ ମଲ୍ଲିକ,ଫାଇନାନ୍ସ ମୁଖ୍ୟ ଭାଗୀରଥି ରାଉତ ଏହାର ଶୁଭାରମ୍ଭ କରିଥିଲେ। ଏହି ମଲରେ ବିଗ୍ ବଜାର, ୱେଷ୍ଟ ସାଇଡ, ରିଲାଏନ୍ସ ଟ୍ରେଣ୍ଡସ, ମ୍ୟାକ୍ସ, ପାଣ୍ଟାଲୁନ୍ସ,ସବ୍‌ମଲ ଏବଂ ଅକ୍ସଫୋର୍ଡ ବୁକ୍ ଷ୍ଟୋର ସହ ଅନ୍ୟାନ୍ୟ ଷ୍ଟୋର ରହିଛି। ୩ ଲକ୍ଷ ବର୍ଗଫୁଟ ସ୍ଥାନରେ ମଲ୍‌ଟି ସ୍ଥାପନା କରାଯାଇଛି। ଏଠାରେ ୬୦ଟି ଷ୍ଟୋର ରହିବ ବୋଲି ସୂଚନା ରହିଛି। ଆଇନକ୍ସ ଏଠାରେ ଖୋଲିଥିବା ବେଳେ ୩ ସ୍କ୍ରିନ ବିଶିଷ୍ଟ ମଲଟିପ୍ଲେକ୍ସ ଏବଂ ଷ୍ଟେଟ ଅଫ୍ ଆର୍ଟ ଲାଇଟ୍ ଆଣ୍ଡ ସାଉଣ୍ଡ ଲୋକଙ୍କୁ ମନୋରଞ୍ଜନ ସୁବିଧା ପ୍ରଦାନ କରିବ। ଏହା ବାଦ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ବ୍ରାଣ୍ଡ ସହ ଫୁଡକୋର୍ଟ, ମଲ୍ଟିକୁଜିନ ରେଷ୍ଟୁରାଣ୍ଟ ମଧ୍ୟ ଏଠାରେ ରହିବ। ଉନ୍ନତ ବେସମେଣ୍ଟ, ଟେରାସ ପାର୍କିଂ ସୁବିଧା ଲୋକଙ୍କ ପାଇଁ ଗ୍ରହଣ କରାଯାଇଛି।

---

# ୧୫ ଦିନ ପାଇଁ ନିଷ୍ପତ୍ତି ଟାଳିଲେ ଜେଟ୍ ପାଇଲଟ

**ନୂଆଦିଲ୍ଲୀ,୩୧-୩**

ବକେୟା ଦରମାକୁ କେନ୍ଦ୍ର କରି ଧର୍ମଘଟ ଡାକରା ଦେଇଥିବା ଜେଟ୍ ଏୟାରୱେଜ ପାଇଲଟମାନେ ନିଜ ଜିଦ୍‌ରୁ ସାମୟିକ ଓହରି ଯାଇଛନ୍ତି। ସେମାନେ ଆସନ୍ତା ୧୫ ଦିନ ପାଇଁ ନିଜ ନିଷ୍ପତ୍ତିକୁ ଟାଳି ଦେଇଛନ୍ତି। ଏ ସମ୍ପର୍କରେ ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ସୂଚନା ଦେଇଛି। ଜେଟ୍ ଏୟାରୱେଜ ଡିସେମ୍ବରର ବକେୟା ୮୭.୫% ଦରମା ପ୍ରଦାନ କରିବ ବୋଲି କହିବା ପରେ ଗିଲ୍ଡ ପକ୍ଷରୁ ରବିବାର ମୁମ୍ବାଇ ଓ ନୂଆଦିଲ୍ଲୀରେ ଖୋଲା ବୈଠକ ବସିଥିଲା। ଏପ୍ରିଲ ୧୪ ତାରିଖ ସୁଦ୍ଧା କମ୍ପାନୀର ଭବିଷ୍ୟତ ସମ୍ପର୍କରେ ସ୍ପଷ୍ଟ ଚିତ୍ର ପ୍ରକାଶ କରିବା ତଥା ଟଙ୍କା କେଉଁଠୁ ଆସିବ ସେ ସମ୍ପର୍କିତ ଯୋଜନା ଉପସ୍ଥାପନ କରିବାକୁ ପାଇଲଟମାନେ ମ୍ୟାନେଜମେଣ୍ଟକୁ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ବକେୟା ଦରମା ପ୍ରଦାନ କରିବାକୁ ଗିଲ୍‌ଡ ପକ୍ଷରୁ ମ୍ୟାନେଜମେଣ୍ଟକୁ କୁହାଯାଇଛି। ସେମାନଙ୍କୁ ଟିକେ ସମୟ ଦେବା ଆବଶ୍ୟକ ବୋଲି ମନେ କରି ଉକ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ଗିଲ୍‌ଡ ପକ୍ଷରୁ କୁହାଯାଇଛି। ପ୍ରଥମେ ଅଧିକାରୀମାନେ ଦରମା ପାଇବେ। କେତେ ପରିମାଣରେ ଆର୍ଥିକ ସହାୟତା ମିଳୁଛି , ତାହାକୁ ଦେଖି ସେହି ଅନୁପାତରେ ଦରମା ଦିଆଯିବ ବୋଲି ଜଣେ ବରିଷ୍ଠ ପାଇଲଟ କହିଛନ୍ତି।

---

# ଇ-ୱେ ବିଲ୍‌ରେ ଆସିବ ପରିବର୍ତ୍ତନ

**ନୂଆଦିଲ୍ଲୀ,୩୧-୩**

ଯେମିତି ହେଉ ବ୍ୟବସାୟୀମାନେ ଜିଏସ୍‌ଟି ଫାଙ୍କିବାର ବାଟ ଖୋଜି ବାହାର କରୁଛନ୍ତି। ଏହାକୁ ରୋକିବା ଲାଗି ସରକାର ଏବେ ଇ-ୱେ ବିଲ୍ ତିଆରି ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏଣିକି ମାଲ୍ ପରିବହନ ପାଇଁ ଇ-ୱେ ବିଲ୍ ତିଆରି କରିବା ବେଳେ ଟ୍ରାନ୍ସପୋର୍ଟର, କ୍ରେତା ଅଥବା ବିକ୍ରେତାଙ୍କୁ ମାଲ୍ ପରିବହନର ଗନ୍ତବ୍ୟ ସ୍ଥଳ ପିନକୋଡ ଉଲ୍ଲେଖ କରିବାକୁ ପଡ଼ିବ। ଏହା ନ ହେଲେ ଇ-ୱେ ବିଲ୍ ତିଆରି ହେବ ନାହିଁ। ଏଥିସହିତ ଗୋଟିଏ ଚାଲାଣରେ କେବଳ ଗୋଟିଏ ଥର ଇ-ୱେ ବିଲ୍ ତିଆରି ହୋଇପାରିବ। ଲୋଡିଂ ଓ ଅନ୍‌ଲୋଡିଂ ଗଣନା ପାଇଁ ପିନକୋର୍ଡ ଦେବା ବାଧ୍ୟତାମୂଳକ ହେବ। ଏହାଦ୍ୱାରା ମାଲ୍ ପରିବହନର ବାସ୍ତବିକ ଦୂରତା ସହଜରେ ନିର୍ଦ୍ଧାରଣ କରାଯିବ। ଏଥିରେ ୧୦ ପ୍ରତିଶତ କମ୍ ବେଶି ପାଇଁ ଅନୁମତି ଦିଆଯିବ। ସରକାରଙ୍କ ଏତାଦୃଶ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରି କେପିଏମ୍‌ଜିର ଇନ୍‌ଡାଇରେକ୍ଟ ଟ୍ୟାକ୍ସେସର ପାର୍ଟନର ହରପ୍ରୀତ୍ ସିଂହ କହିଛନ୍ତି ଯେ, ଜିଏସ୍‌ଟି ଫାଙ୍କିକୁ ଧରିବା ଲାଗି ପ୍ରଯୁକ୍ତି ଉପରେ ସରକାରଙ୍କ ଅଧିକ ନିର୍ଭରଶୀଳତା ଦୃଷ୍ଟିଗୋଚର ହେଉଛି। ଏଣିକି କମ୍ପୋଜିଶନ ଟିକସଦାତା ଆନ୍ତଃରାଜ୍ୟ ମାଲ୍ ପରିବହନ ପାଇଁ ଇ-ୱେ ବିଲ୍ ତିଆରି କରିପାରିବେ ନାହିଁ। ଏ ସଂକ୍ରାନ୍ତରେ ଜିଏସ୍‌ଟି ଆଇନରେ ଉଲ୍ଲେଖ ରହିଛି। ତେବେ କେତେକ କ୍ଷେତ୍ରରେ ନମନୀୟତା ପ୍ରଦର୍ଶନ କରିବାକୁ ହେବ ବୋଲି ପ୍ରାଇସ ୱାଟର କୁପର ଇନ୍‌ଡାଇରେକ୍ଟ ଟ୍ୟାକ୍ସେସର ନ୍ୟାଶନାଲ ଲିଡର ପ୍ରତୀକ ଜୈନ କହିଛନ୍ତି। କାରଣ ରାସ୍ତା ଅବରୋଧ, ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ବାସ୍ତବିକ ଦୂରତା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଧାନ ଦେବାକୁ ହେବ ବୋଲି ସେ କହିଛନ୍ତି।

> **ଏବେ ଆସିବନି ଜିଏସ୍‌ଟି ସରଳ ଫର୍ମ**
>
> ଏପ୍ରିଲ ପହିଲାରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ମାସିକ ସରଳ ଫର୍ମ ଜାରି କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ତେବେ ଏହି ପାଇଲଟ ପ୍ରକଳ୍ପକୁ ବର୍ତ୍ତମାନ କିଛି ସମୟ ଲାଗି ଟାଳି ଦିଆଯାଇଛି। ସଫ୍ଟୱେର ତିଆରି ହୋଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହିଁ ଏହି ଫର୍ମ ଜାରି କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

---

## ୪୪,୫୦୦ କୋଟି ଫେରସ୍ତ ନେଇଛନ୍ତି ବିଦେଶୀ ନିବେଶକ

**ନୂଆଦିଲ୍ଲୀ,୩୧-୩:** ଗତ ଦୁଇମାସ ହେବ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରେ ଭାରି ମାତ୍ରାରେ ନିବେଶ ବଢ଼ାଇଥିଲେ ହେଁ ଚଳିତ ଆର୍ଥିକ ବର୍ଷରେ ସେମାନେ ମୋଟ୍‌ରେ ୪୪,୫୦୦ କୋଟି ଟଙ୍କାର ପୁଞ୍ଜି ଫେରସ୍ତ ନେଇଛନ୍ତି ବୋଲି ପ୍ରାପ୍ତ ତଥ୍ୟରୁ ପ୍ରକାଶ। ଦେଶର ଅର୍ଥନୀତିରେ ଅସ୍ଥିରତା ଲାଗି ରହିବା ଯୋଗୁ ବିଦେଶୀ ନିବେଶକମାନଙ୍କ ମଧ୍ୟରେ ଭରସା ସୃଷ୍ଟି ହୋଇପାରିନାହିଁ। ଆମେରିକା ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ବୃଦ୍ଧି, ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି, ଚଳନ୍ତି ଜମା ନିଅଣ୍ଟ, ରାଜସ୍ୱ ନିଅଣ୍ଟ ପରିମାଣ ବଢ଼ିବା ସହ ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା କାରଣରୁ ବିକାଶଶୀଳ ବଜାରରେ ଅସ୍ଥିରତା ଦେଖାଯାଇଛି। ଡିପୋଜିଟୋରୀ ଡାଟାରୁ ଜଣାପଡିଛି ଯେ, ବିଦେଶୀ ନିବେଶକ (ଏଫ୍‌ପିଆଇ)ମାନେ ୨୦୧୮-୧୯ ଆର୍ଥିକ ବର୍ଷରେ ଷ୍ଟକ୍ ବଜାରରୁ ୧୬୨୯ କୋଟି ଟଙ୍କା ଏବଂ ବଣ୍ଡ ମାର୍କେଟରୁ ୪୨,୯୫୧ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି।

---

# ୮ ପାସେଞ୍ଜର,୧୨ ଏକ୍ସପ୍ରେସ ଟ୍ରେନ ବାତିଲ

**ଭୁବନେଶ୍ୱର,୩୧-୩**

> ■ ଆଧୁନିକିକରଣ କାର୍ଯ୍ୟ ପାଇଁ ଟ୍ରେନ ବାତିଲ ନିଷ୍ପତ୍ତି
>
> ■ ଯାତ୍ରୀଙ୍କ ସହଯୋଗ ଲୋଡ଼ିଲା ପୂର୍ବତଟ ରେଳପଥ

ପୂର୍ବତଟ ରେଳପଥ ପରିସରରେ ବିଭିନ୍ନ ନିରାପତ୍ତା ସଂକ୍ରାନ୍ତ ଆଧୁନିକୀକରଣ କାର୍ଯ୍ୟ ଲାଗି ୮ ପାସେଞ୍ଜର ଏବଂ ୧୨ ଏକ୍ସପ୍ରେସ ଟ୍ରେନକୁ ବାତିଲ କରିବାକୁ ନିଷ୍ପତ୍ତି ହୋଇଛି। ଏପରି ସମୟରେ ସହଯୋଗ ରକ୍ଷା କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀଙ୍କୁ ନିବେଦନ କରାଯାଇଛି। ଟ୍ରେନଗୁଡ଼ିକ ମଧ୍ୟରେ ୪ ଏବଂ ୧୧ ଏପ୍ରିଲରେ ବିଶାଖାପାଟଣାରୁ ବାହାରୁଥିବା ବିଶାଖାପାଟଣା-ଦିଘା ଏକ୍ସପ୍ରେସ, ୫ ଏବଂ ୧୨ ଏପ୍ରିଲର ଦିଘା-ବିଶାଖାପାଟଣା ଏକ୍ସପ୍ରେସ, ୩୧ ମାର୍ଚ୍ଚ,୭ ଏବଂ ୧୪ ଏପ୍ରିଲର ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ, ୩,୧୦ ଏବଂ ୧୭ ଏପ୍ରିଲର ପାରାଦୀପ-ବିଶାଖାପାଟଣା, ୧,୮,୧୫ ଏପ୍ରିଲର ପାରାଦୀପ-ସାନ୍ତ୍ରାଗାଛି ଏକ୍ସପ୍ରେସ ରହିଛି। ସେହିଭଳି ୨,୯,୧୬ ତାରିଖର ସାନ୍ତ୍ରାଗାଛି-ପାରାଦୀପ, ୬ ଏବଂ ୧୩ ଏପ୍ରିଲ ଲାଗି ପୁରୀ-ଦୀଘା, ୭ ଏବଂ ୧୪ ଏପ୍ରିଲର ଦୀଘା-ପୁରୀ, ୫ ଏବଂ ୧୨ର ସମ୍ବଲପୁର-ହାଓଡା, ୬ ଏବଂ ୧୩ର ହାଓଡା-ସମ୍ବଲପୁର, ୧,୫,୮,୧୨ ଏବଂ ୧୫ ଏପ୍ରିଲର ବିଶାଖାପାଟଣା-କୋରାପୁଟ ଏକ୍ସପ୍ରେସ ଓ ୨,୬, ୯,୧୩ ଏବଂ ୧୬ ତାରିଖରେ କୋରାପୁଟ-ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

ଏହାବାଦ ବାତିଲ ହେବାକୁ ଥିବା ପାସେଞ୍ଜର ଟ୍ରେନଗୁଡ଼ିକ ମଧ୍ୟରେ ୧ ରୁ ୧୫ ଏପ୍ରିଲ ଯାଏ ସମ୍ବଲପୁର-ରାଉରକେଲା ପାସେଞ୍ଜର, ଝାରସୁଗୁଡା-ସମ୍ବଲପୁର ପାସେଞ୍ଜର, ସମ୍ବଲପୁର-କୋରାପୁଟ/ଜୁନାଗଡ ରୋଡ ବାତିଲ କରାଯାଇଛି। ସେହିଭଳି ୨ ଠାରୁ ୧୬ ଏପ୍ରିଲ ଯାଏ କୋରାପୁଟ-ଜୁନାଗଡରୋଡ ସମ୍ବଲପୁର ଟ୍ରେନ ବାତିଲ ହୋଇଛି। ଏହାବାଦ ଏପ୍ରିଲ ପହିଲାରୁ ୧୫ ତାରିଖ ଯାଏ ଉଭୟ ଦିଗରୁ ଦୁର୍ଗ-ବିଶାଖାପାଟଣା-ଦୁର୍ଗ, ଟିଟଲାଗଡ-ରାୟପୁର-ଟିଟଲାଗଡ, ପାରାଦୀପ-କଟକ-ପାରାଦୀପ, କଟକ-ଭଦ୍ରକ-କଟକ ପାସେଞ୍ଜର ଟ୍ରେନ ବାତିଲ ରହିବ ବୋଲି ସୂଚନା ରହିଛି।

> **ଓଡ଼ିଆରେ ଟ୍ରେନ ଟିକେଟ ପ୍ରିଣ୍ଟ ନିଷ୍ପତ୍ତି ଘୁଞ୍ଚିଲା**
>
> ଏପ୍ରିଲ ୧ ଓଡ଼ିଶା ଦିବସରୁ ଟ୍ରେନ ଟିକେଟ ଓଡ଼ିଆରେ ପ୍ରିଣ୍ଟ କରାଇବା ଲାଗି ପୂର୍ବରୁ ରେଲୱେ ପକ୍ଷରୁ ଘୋଷଣା କରାଯାଇଥିଲେ ମଧ୍ୟ ଏହା ଏବେ ହୋଇ ପାରିବ ନାହିଁ। ନିର୍ବାଚନ ଲାଗି ଆଚରଣ ବିଧି ଲାଗୁ ହୋଇଥିବାରୁ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ ନ ଥିବା ରେଲୱେ ପକ୍ଷରୁ କୁହାଯାଇଛି। ସାଧାରଣ ନିର୍ବାଚନ ପରେ ଏହା ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

---

# ୭୫ କମ୍ପାନୀଙ୍କ ଉପରେ ୨.୨୪ ଲକ୍ଷ କୋଟି ଏନ୍‌ପିଏ

**ନୂଆଦିଲ୍ଲୀ,୩୧-୩**

ଦେଶର ୩୪ ବିଦ୍ୟୁତ ପ୍ରକଳ୍ପ କମ୍ପାନୀଙ୍କ ମୋଟ ଏନ୍‌ପିଏ ପରିମାଣ ୧.୪ ଲକ୍ଷ କୋଟି ଟଙ୍କା ହୋଇଥିବା ବେଳେ ବିଭିନ୍ନ ସେକ୍ଟରରେ କାର୍ଯ୍ୟରତ ୪୧ କର୍ପୋରେଟଙ୍କ ଏନ୍‌ପିଏ ପରିମାଣ ବୃଦ୍ଧି ପାଇ ୮୪ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ଦେଶରେ ୭୫ କମ୍ପାନୀଙ୍କ ମୋଟ ଏନ୍‌ପିଏ ପରିମାଣ ଏବେ ୨.୨୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଫେବୃୟାରୀ ୧୨ ସର୍କୁଲାର କାରଣରୁ ଋଣ ସମାଧାନ ପରିମାଣ ବଢ଼ିଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ତଥ୍ୟ ଉପସ୍ଥାପନ କରାଯାଇଛି।

ଶକ୍ତି ସଂକ୍ରାନ୍ତ ଷ୍ଟାଣ୍ଡିଂ କମିଟିର ୩୭ତମ ରିପୋର୍ଟ ଉଲ୍ଲେଖ କରି ଆବେଦନକାରୀ ଦର୍ଶାଇଛନ୍ତି ଯେ, ଶକ୍ତି ପ୍ରକଳ୍ପରେ ନିଯୁକ୍ତ କମ୍ପାନୀଗୁଡ଼ିକ ଏକାଧିକ ବ୍ୟାଙ୍କକୁ ନେଇ ଗଠିତ ବ୍ୟାଙ୍କ ସମୂହର ପ୍ରାୟ ୧.୪୦ ଲକ୍ଷ କୋଟି ଟଙ୍କା ଋଣ ନେଇଛନ୍ତି। ୧୮୦ ଦିନ ଭିତରେ ଏନ୍‌ପିଏ ସମାଧାନ ଲାଗି ଗତବର୍ଷ ଆର୍‌ବିଆଇ ପକ୍ଷରୁ ଜାରି ସର୍କୁଲାରକୁ ପ୍ରତ୍ୟାହାର ଅଥବା ରଦ୍ଦ କରିବାକୁ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ପ୍ରାର୍ଥନା କରାଯାଇଛି। ଅନ୍ୟପକ୍ଷରେ ଆର୍‌ବିଆଇ ନିଜର ସର୍କୁଲାର ସପକ୍ଷରେ ଯୁକ୍ତି ବାଢ଼ିଛି। ୧୮୦ ଦିନ ଭିତରେ ଏନ୍‌ପିଏ ରିଜଲ୍ୟୁଶନ ସମ୍ଭବ ବୋଲି ଆର୍‌ବିଆଇ କହିଛି। ସୂଚନାଥାଉ କି, ଶକ୍ତି, ଜାହାଜ ଓ ଚିନି ଶିଳ୍ପ ସହ ଜଡ଼ିତ କମ୍ପାନୀଗୁଡ଼ିକ ଆର୍‌ବିଆଇ ସର୍କୁଲାରକୁ ଚ୍ୟାଲେଞ୍ଜ କରିଛନ୍ତି।

---

■ ଋଣ ଫେରସ୍ତ କରିଥିବା ମାଲ୍ୟାଙ୍କ ଦାବି

# ପ୍ରଧାନମନ୍ତ୍ରୀଙ୍କ ମାଧ୍ୟମରେ ଭାଜପାକୁ କଲେ ଟାର୍ଗେଟ

**ଲଣ୍ଡନ,୩୧-୩**

ଭାରତୀୟ ବ୍ୟାଙ୍କଗୁଡ଼ିକରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ଲଣ୍ଡନ ପଳାଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ରବିବାର ଋଣ ଫେରସ୍ତ ନେଇ ଏକାଧିକ ଟୁଇଟ୍ କରି ଭାଜପାକୁ ଟାର୍ଗେଟ କରିଛନ୍ତି। ତେବେ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାହାରା ନେଇଛନ୍ତି। ବ୍ୟାଙ୍କଗୁଡ଼ିକରୁ ନେଇଥିବା ଋଣ ଫେରସ୍ତ ଦେଇଛନ୍ତି ବୋଲି କହିଛନ୍ତି ମାଲ୍ୟା। ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଏକ ଟିଭି ଚ୍ୟାନେଲକୁ ଦେଇଥିବା ସାକ୍ଷାତକାର ସମ୍ପର୍କରେ ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରି ଭାଜପାକୁ କାଠଗଡାରେ ଛିଡା କରିବାକୁ ଚେଷ୍ଟା କରିଛନ୍ତି।



ବିଜୟ ମାଲ୍ୟା

ମାଲ୍ୟା ଟୁଇଟ୍‌ରେ ଲେଖିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀଙ୍କ ଏକ ଟିଭି ସାକ୍ଷାତକାର ଦେଖିଛନ୍ତି। ଯେଉଁଥିରେ ସେ ତାଙ୍କର ନାମ ଉଲ୍ଲେଖ କରିଛନ୍ତି। ମାଲ୍ୟା କହିଛନ୍ତି ଯେ, ତାଙ୍କ ଉପରେ ବ୍ୟାଙ୍କଗୁଡ଼ିକର ୯ ହଜାର କୋଟି ଟଙ୍କା ବକେୟା ରହିଛି। ଅନ୍ୟପକ୍ଷରେ ଏନ୍‌ଡିଏ ସରକାର ତାଙ୍କର ୧୪ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିବା ମୋଦି ସ୍ୱୀକାର କରିଛନ୍ତି। ସରକାରଙ୍କର ସର୍ବମୁଖ୍ୟ ଋଣ ଅସୁଲ ହୋଇଥିବା ମାନିଥିବାରୁ ଭାଜପା କାହିଁକି ତାଙ୍କ ପଛରେ ପଡ଼ିଛି ବୋଲି ମାଲ୍ୟା ପ୍ରଶ୍ନ କରିଛନ୍ତି। ଅନ୍ୟ ଏକ ଟୁଇଟ୍‌ରେ ସେ ଲେଖିଛନ୍ତି ଯେ, ଭାରତରେ ତାଙ୍କୁ ପୋଷ୍ଟରବଏ କରିଦିଆଯାଇଛି। ୧୯୯୨ରୁ ସେ ବ୍ରିଟେନରେ ବସବାସ କରୁଛନ୍ତି, ଅଥଚ ଏହାକୁ ଅଣଦେଖା କରାଯାଇ ସେ ପଳାଇ ଯାଇଛନ୍ତି ବୋଲି ଭାଜପା କହିବୁଲୁଛି। ତାଙ୍କୁ ପଳାତକ କହିବା ଦେଶର ସର୍ବବୃହତ ଦଳକୁ ସାଜୁଥିବ ବୋଲି ସେ କଟାକ୍ଷ କରିଛନ୍ତି। ସୂଚନାଥାଉ କି, ଜେଟ ଏୟାରୱେଜ ଅଧ୍ୟକ୍ଷ ପଦରୁ ନରେଶ ଗୋୟଲଙ୍କ ଇସ୍ତଫା ପରେ ମାଲ୍ୟା ଗତ ମଙ୍ଗଳବାର ସରକାରଙ୍କୁ ସମାଲୋଚନା କରିବାକୁ ଭୁଲି ନ ଥିଲେ। ତାଙ୍କର ବକେୟା ଋଣ ବାବଦ ଅର୍ଥ ନେଇ ଜେଟ୍‌କୁ ବଞ୍ଚାଇ ରଖାଯାଉ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଉଲ୍ଲେଖଥାଉ କି, ମାଲ୍ୟାଙ୍କୁ ନିକଟରେ ପଳାତକ ଆର୍ଥିକ ଅପରାଧୀ ଭାବେ ପିଏମ୍‌ଏଲଏ କୋର୍ଟ ଘୋଷଣା କରିସାରିଛନ୍ତି। ତାଙ୍କର ଜବତ ସମ୍ପତ୍ତିକୁ କବ୍ଜାକୁ ନେବା ଲାଗି ଏବେ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଭାରତର ଅନୁରୋଧ କ୍ରମେ ଲଣ୍ଡନର ୱେଷ୍ଟ ମିନିଷ୍ଟର କୋର୍ଟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ସେ ଉପର କୋର୍ଟରେ ଆବେଦନ କରିଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୧ ଏପ୍ରିଲ ୨୦୧୯



> ଗତ ତିନୋଟି ଗେମ୍ସ ତୁଳନାରେ ଟୋକିଓ ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ।
> – ସାଇନା ନେହ୍ୱାଲ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



> ବ୍ୟାଡ୍‌ମିଣ୍ଟନ ପାଇଁ ଅଲିମ୍ପିକ କ୍ୱାଲିଫିକେଶନ ସିଷ୍ଟମ ଠିକ୍ ମନେ ହେଉନି, କାରଣ ଖେଳାଳିମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଛି ।
> –ପୁଲେଲା ଗୋପୀଚାନ୍ଦ, ଭାରତୀୟ ବ୍ୟାଡ୍‌ମିଣ୍ଟନ୍ କୋଚ୍



## ସଂକ୍ଷେପରେ

### ସେଭେନ-ଏ ସାଇଡ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ

**କଟକ ଅଫିସ,୩୧।୩:** ଫୁଟବଲ କ୍ଲବ ଗ୍ୟାଲେକ୍ସି ପକ୍ଷରୁ ପ୍ୟାରିମୋହନ ସ୍କୁଲ ଗ୍ରାଉଣ୍ଡରେ ଅଲଓଡ଼ିଶା ସେଭେନ-ଏ ସାଇଡ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ରବିବାର ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ରକଷ୍ଟାର ଫୁଟବଲ କ୍ଲବ ଓ ଆୟୋଜକ ଫୁଟବଲ କ୍ଲବ ଗ୍ୟାଲେକ୍ସି ବିଜୟୀ ହୋଇଥିଲେ । ରକଷ୍ଟାର ଫୁଟକ୍ଲବ ଓ ବାରବାଟୀ ୟୁନାଇଟେଡ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା । ପେନାଲ୍ଟି ଶୁଟଆଉଟ ଜରିଆରେ ରକଷ୍ଟାର ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା । ସେହିପରି ଗ୍ୟାଲେକ୍ସି ଦଳ ୩-୧ ଗୋଲରେ ନାଟିସ କ୍ଲବକୁ ହରାଇଥିଲା। ସେକ ମୋତିବିଲ୍ଲା, ସୟଦ ଅଜିଜ ହକ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ।

### ଅଲିସା ବଜାର ପ୍ରିମିୟର ଲିଗ: ଗଣପତି କ୍ଲବ ଚାମ୍ପିୟନ

**କଟକ ଅଫିସ,୩୧।୩:** ଏବିଆଇଟି ଖେଳ ପଡ଼ିଆରେ ଅଲିସା ବଜାର ପ୍ରିମିୟର ଲିଗ ଅନୁଷ୍ଠିତ ହୋଇଯାଇଛି । ଅଲିସାବଜାର ପୂଜା କମିଟି ଓ ଅଲିସାବଜାର ଯୁବକ ସଂଘ ଆନୁକୂଲ୍ୟରେ ହୋଇଥିବା ଏହି ଟୁର୍ନାମେଣ୍ଟରେ ଗଣପତି କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମୁକାବିଲା ଗଣପତି କ୍ଲବ ଓ ୟୁଥ ଏକାଦଶ ମଧ୍ୟରେ ହୋଇଥିଲା। ଗଣପତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୧୦୮ ରନ କରିଥିଲା । ୧୦୯ରନର ବିଜୟ ଲକ୍ଷ୍ୟକୁ ପିଛା କରି ୟୁଥ ଏକାଦଶ ୧୦୦ରନରେ ସୀମିତ ରହିଥିଲା। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ । ଦେବୀପ୍ରସାଦ ଦାସ ମ୍ୟାନ ଅଫ ଦି ସିରିଜ, ଏସ୍ ମୁରଲୀ ରାଓ ମ୍ୟାନ ଅଫ ଦି ଫାଇନାଲ, ଇମି ଅମନ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସିଜୁ ଶ୍ରେଷ୍ଠ ବୋଲର, ଗୋପି ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ ହୋଇଥିଲେ । କଂଗ୍ରେସ ନେତା ଏମ.ଡି ଅଲିମ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଲିସାବଜାର ପୂଜା କମିଟି ସଭାପତି କିଶୋର ମହାନ୍ତି, ସହ ସମ୍ପାଦକ ଅର୍ସଦ ଅଲ୍ଲୀ, ଯୁବକ ସଂଘ ସଭାପତି ପ୍ରେମାନନ୍ଦ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଫେଡେରେଶନ କପ୍ ଟେନିସ କ୍ରିକେଟ ସେମିରେ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୩୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ତାମିଲନାଡୁର ମଦୁରାଇଠାରେ ଚାଲିଥିବା ୩ୟ ଫେଡେରେଶନ କପ୍ ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍‌ରୁ ଓଡ଼ିଶା ବିଦାୟ ନେଇଛି। ରବିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ମହାରାଷ୍ଟ୍ର ୯ ଉଇକେଟ୍‌ରେ ଓଡ଼ିଶାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ୍‌ରେ ୭୫ ରନ କରିଥିଲା। ଜବାବରେ ମହାରାଷ୍ଟ୍ର ୫.୧ ଓଭରରେ ୭୯ ରନ କରି ବିଜୟୀ ହୋଇଥିଲା। ଏହାପୂର୍ବରୁ ଖେଳାଯାଇଥିବା ପୁଲ-ଏ'ର ଏକ ମ୍ୟାଚ୍‌ରେ ଓଡ଼ିଶା ୮ ଉଇକେଟ୍‌ରେ ବିଦର୍ଭକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ବିଦର୍ଭ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ଉଇକେଟ୍ ହରାଇ ୭୦ ରନ କରିଥିଲା। ଜବାବରେ ଓଡ଼ିଶା ଏହି ଲକ୍ଷ୍ୟକୁ ୨ ଉଇକେଟ୍ ହରାଇ ୫ ଓଭର ପୂର୍ବରୁ ହାସଲ କରିନେଇଥିଲା।



ରବିବାର ସୁପର କପ୍ ଫୁଟବଲରେ ଚେନ୍ନାଇ ଓ ପୁଣେ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ସୁପର କପ୍ ଫୁଟବଲ: ପେଡ୍ରୋଙ୍କ ହ୍ୟାଟ୍ରିକ
# ଚେନ୍ନାଇ କ୍ୱାର୍ଟରରେ

**ଭୁବନେଶ୍ୱର, ୩୧।୩(କ୍ରୀଡ଼ା ପ୍ରତିନିଧି)**

ପେଡ୍ରୋ ମାନ୍‌ଜିଙ୍କ ହ୍ୟାଟ୍ରିକ ବଳରେ ଚେନ୍ନାଇ ସିଟି ଏଫସି କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରି-କ୍ୱାର୍ଟରରେ ଚେନ୍ନାଇ ୪-୨ ଗୋଲରେ ପୁଣେ ସିଟି ଏଫସିକୁ ପରାସ୍ତ କରିଛି। ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଏଫସି କ୍ୱାର୍ଟର ଫାଇନାଲରେ ଏପ୍ରିଲ ୪ରେ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଚାମ୍ପିୟନ ବେଙ୍ଗାଲୁରୁ ଏଫସିକୁ ଭେଟିବ।

ମ୍ୟାଚର ୩୫ତମ ମିନିଟରେ ଚେନ୍ନାଇ ସିଟି ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ ପେଡ୍ରୋ ମାନ୍‌ଜି। ନେଷ୍ଟର ବଲ୍‌କୁ ଅମିରୁଦ୍ଦିନଙ୍କ ନିକଟକୁ ଥ୍ରୋ କରିଥିଲେ। ସେ ତାହାକୁ ନିୟନ୍ତ୍ରଣକୁ ଆଣି ପୁଣେ ସିଟି ଗୋଲପୋଷ୍ଟ ବକ୍ସ ଅଞ୍ଚଳକୁ ପଠାଇ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ପେଡ୍ରୋ ବଲ୍‌କୁ ପ୍ରତିପକ୍ଷ ଗୋଲପୋଷ୍ଟ ଭିତରକୁ ପଠାଇ ଚେନ୍ନାଇକୁ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ ପାଇଁ ପୁଣେ ସିଟି ଜୋରଦାର ଉଦ୍ୟମ କରିଥିଲା। ମାତ୍ର ୪୦ତମ ମିନିଟରେ ପେଡ୍ରୋଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଚେନ୍ନାଇ ସିଟି ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲା। ଫଳରେ ପୁଣେ ସିଟି ଚାପକୁ ଚାଲି ଆସିଥିଲା। ତେବେ ଏହାର ୩ ମିନିଟ ପରେ ଦଳକୁ ସୁଫଳ ମିଳିଥିଲା। ୪୨ତମ ମିନିଟରେ ବ୍ରାଜିଲିଆନ ଷ୍ଟ୍ରାଇକର ପୁଣେ ସିଟିର ମାର୍ସେଲିନୋ ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ। ପ୍ରତିପକ୍ଷ ଡିଫେଣ୍ଡର ଗୌରବ ବୋରାଙ୍କ ତ୍ରୁଟିରୁ ଫାଇଦା ଉଠାଇ ମାର୍ସେଲିନୋ ଏହି ଗୋଲଟି ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଚେନ୍ନାଇ ସିଟି ୨-୧ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ପୁଣେ ଆକ୍ରମଣକୁ ତୀବ୍ର କରିଥିଲା। ୫୭ତମ ମିନିଟରେ ମାର୍ସେଲିନୋଙ୍କୁ ବୋରା ଠେଲିଦେବାରୁ ପୁଣେକୁ ପେନାଲ୍ଟି ମିଳିଥିଲା। ପେନାଲ୍ଟି ଶଟ୍‌କୁ ଗୋଲରେ ପରିଣତ କରି ମାର୍କୋ ଷ୍ଟାଙ୍କୋଭିଚ୍ ମ୍ୟାଚକୁ ୨-୨ସ୍ଥିତିକୁ ନେଇ ଆସିଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୬୧ତମ ମିନିଟରେ ପୁଣେର ଆଦିଲ ଖାଁ ଫାଉଲ କରିବାରୁ ଚେନ୍ନାଇକୁ ପେନାଲ୍ଟି ମିଳିଥିଲା। ୬୨ତମ ମିନିଟରେ ଏହାକୁ ଗୋଲରେ ପରିଣତ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ ପେଡ୍ରୋ। ଫଳରେ ଚେନ୍ନାଇ ସିଟି ପୁଣି ଅଗ୍ରଣୀ ନେଇଥିଲା। ୭୪ତମ ମିନିଟରେ ସାଣ୍ଡ୍ରୋ ରୋଡ୍ରିଗ୍ୱେଜ ଗୋଟିଏ ଗୋଲ ଦେବାରୁ ଚେନ୍ନାଇ ସିଟିର ଅଗ୍ରଣୀ ବ୍ୟବଧାନ ୪-୨ରେ ପହଞ୍ଚି ଯାଇଥିଲା। ଅବଶିଷ୍ଟ ସମୟ ଏହି ୪ ମିନିଟର ଇଞ୍ଜୁରି ଟାଇମ୍‌ରେ ପୁଣେ ଗୋଲ ପରିଶୋଧ କରି ନ ପାରିବାରୁ ଚେନ୍ନାଇ ସିଟି ବିଜୟ ହାସଲ କରିଥିଲା।

# ସୌମ୍ୟଙ୍କୁ ୫୫ତମ ଟାଇଟଲ

## ଅଲ୍ ଓଡ଼ିଶା ଓପନ୍ ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)**

ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ୧୪ତମ ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ସୌମ୍ୟଙ୍କ କ୍ୟାରିୟରର ଏହା ୫୫ତମ ଅଲ୍ ଓଡ଼ିଶା ଓପନ ଚେସ୍ ଟାଇଟଲ। ୯ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ସୌମ୍ୟ ଏକାକୀ ୮ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛନ୍ତି। ରାଜେନ୍ଦ୍ର କୁମାର ସାହୁ ଓ ରଜତ କୁମାର ସାହୁ ୭.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦାଶରଥି ସାହୁ, ଅମିତ ମହାନ୍ତି, ଦେବୀ ବିଶ୍ୱାଳ, ମିରାକଲ ପଣ୍ଡା, ପ୍ରିୟବ୍ରତ ସାମନ୍ତ ସିଂ, ପ୍ରତ୍ୟୁଷ ମହାପାତ୍ର ଓ ସଞ୍ଜୀବନ ନାୟକ ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଆଧାରରେ ଶୀର୍ଷ ୨୫ ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ବର୍ଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ୨ ଜଣ ଲେଖାଏ କୃତୀ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ୱର୍ଣ୍ଣଲତା ତ୍ରିପାଠୀ ଶ୍ରେଷ୍ଠ ମହିଳା, ସଞ୍ଜୟ ପଟ୍ଟନାୟକ ଶ୍ରେଷ୍ଠ ଭେଟେରାନ, କ୍ଷୀରୋଦ ଚନ୍ଦ୍ର ମହାନ୍ତି ବୟୋଜ୍ୟେଷ୍ଠ ଖେଳାଳି, ଜେ. ଭିହାନ ରେଡ୍ଡୀ ସର୍ବକନିଷ୍ଠ ବାଳକ ଓ ରିପ୍ଲି ପଣ୍ଡା ସର୍ବକନିଷ୍ଠ ବାଳିକା ଖେଳାଳି ପୁରସ୍କାର ଲାଭ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୧୨୨ ଖେଳାଳି ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬୦ ଜଣ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ଥିଲେ। ଶୈଳେନ୍ଦ୍ରନାଥ ରାଉତ, ତ୍ରିନାଥ ପଲାଇ, ମୁରଲୀ ମୋହନ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସମ୍ପାଦକ ମାନଗୋବିନ୍ଦ ଦଳାଇ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ ।

# ମାର୍କ୍ୱେଜଙ୍କୁ ୫୩ତମ ପୋଲ ପୋଜିଶନ

**ଟର୍ମାସ ଡି' ରିଓ ହେଣ୍ଡୋ (ଆର୍ଜେଣ୍ଟିନା), ୩୧।୩ (ପି.ଟି.)**

ଏଠାରେ ଆର୍ଜେଣ୍ଟିନା ମୋଟୋ ଜିପିରେ ବିଶ୍ୱ ଚାମ୍ପିୟନ ମାର୍କ ମାର୍କ୍ୱେଜ ତାଙ୍କ କ୍ୟାରିୟରର ୫୩ତମ ପୋଲ ପୋଜିଶନ ହାସଲ କରିଛନ୍ତି। ଫଳରେ ଅଲ୍ ଟାଇମ୍ ରେକର୍ଡ ହାସଲ କରିଥିବା ଭାଲେଣ୍ଟିନୋ ରସ୍ (୫୫)ଙ୍କଠାରୁ ମାତ୍ର ୨ଟି ପଛରେ ରହିଛନ୍ତି। ମାର୍କ୍ୱେଜ ତାଙ୍କ ହୋଣ୍ଡା ଆର୍‌ସି୨୧୩ଭି ସହିତ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଆର୍ଜେଣ୍ଟିନା ଟ୍ରାକ୍‌ରେ ତାଙ୍କର ୬ଟି ରେସ୍ ମଧ୍ୟରେ ଏହା ୫ମ ପୋଲ ପୋଜିଶନ।

# ଭାରତ ଶୀଘ୍ର ଫ୍ରେଞ୍ଚ୍ ଫୁଟ୍‌ବଲର ସ୍ୱାଦ ପାଇପାରେ

**ଲିଲି (ଫ୍ରାନ୍ସ), ୩୧।୩ (ପି.ଟି.)**

ଭାରତ ଶୀଘ୍ର ଫ୍ରେଞ୍ଚ୍ ଫୁଟ୍‌ବଲର ସ୍ୱାଦ ପାଇପାରେ। କିପରି ଟୁର୍ନାମେଣ୍ଟ ସମ୍ବନ୍ଧୀୟ ଇଭେଣ୍ଟ ଆୟୋଜନ ହୋଇପାରିବ ଆୟୋଜକ ତଥା ପ୍ରାୟୋଜକ କୁପ୍ ଡି' ଲା ଲିଗ୍ ତାହାର ବାଟ ଖୋଜୁଛି। କୁପ୍ ଡେ'ଲା ଲିଗ୍‌ର ଟାଇଟଲ ପ୍ରାୟୋଜକ ଭାରତୀୟ ଟାୟାର କମ୍ପାନୀ ବିକେଟିର ପରିଚାଳନା ନିର୍ଦ୍ଦେଶକ ତଥା ଚେୟାରମ୍ୟାନ ଅରବିନ୍ଦ ପୋଦ୍ଦାର ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ମୁଁ ନିର୍ଦ୍ଦିଷ୍ଟ ଭାବେ କିଛି କହିପାରିବି ନାହିଁ। କିନ୍ତୁ ଫ୍ରେଞ୍ଚ୍ ଲିଗ୍ ଗଭର୍ଣ୍ଣିଂବଡି (ଏଲ୍‌ଏଫ୍‌ପି) କୁପ୍ ଡେ ଲା ଲିଗ୍ ଆଣିବାକୁ ଚାହୁଁଥିବା ବିଷୟ ମୁଁ ଜାଣିଛି ବୋଲି ଅରବିନ୍ଦ କହିଛନ୍ତି। ସେମାନେ ଯଦି ଭାରତକୁ ଆସନ୍ତି କ'ଣ କରାଯାଇ ପାରିବ ସେ ନେଇ ଆମେ ବିଭିନ୍ନ ଦିଗରୁ ବିଚାର କରି ଦେଖୁଛୁ ବୋଲି ସେ କହିଛନ୍ତି। ଏଲଏଫ୍‌ପି ନିକଟ ଭବିଷ୍ୟତରେ ଇଣ୍ଡିଆନ ଲିଗ୍ ସହିତ ଚୁକ୍ତି କରିପାରେ। ଫ୍ରେଞ୍ଚ୍ ଲିଗ୍ ଗଭର୍ଣ୍ଣିଂବଡିର ଅଫିସିଆଲମାନେ ଜାନୁୟାରୀରେ ଭାରତ ଆସିଥିଲେ। ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ଅଫିସିଆଲଙ୍କ ସହିତ ସେମାନେ କିଛି ଆଲୋଚନା କରିଥିବା ବିଷୟ ମୁଁ ଜାଣେ ହେଲେ ଆଇଏସ୍‌ଏଲ ସହିତ ସେମାନେ ଚୁକ୍ତି କରିଛନ୍ତି କି ନା କହିପାରିବି ନାହିଁ। ଗତବର୍ଷ ସେପ୍ଟେମ୍ବରରେ ବିକେଟି ଓ ଏଲ୍‌ଏଫ୍‌ପି ମଧ୍ୟରେ ୬ବର୍ଷିଆ ଚୁକ୍ତି ହୋଇଛି। ମୁମ୍ବାଇର ଏହି କମ୍ପାନୀ ଇଟାଲିର ସିରି ବି' ଏବଂ ଅଷ୍ଟ୍ରେଲିଆର ବିଗ୍ ବାଶ୍ କ୍ରିକେଟ ଲିଗ୍ ସହିତ ମଧ୍ୟ ସମ୍ପୃକ୍ତ।

# ମାୟାମି ଟାଇଟଲ ଜିତିଲେ ବାର୍ଟି

**ମାୟାମି, ୩୧।୩(ଏଏଫ୍‌ପି)**

ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆସ୍‌ଲେ ବାର୍ଟି ମାୟାମି ଓପନ ଚାମ୍ପିୟନ ହୋଇଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ୨୨ ବର୍ଷୀୟା ବାର୍ଟି ୭-୬ (୭/୧), ୬-୩ ସେଟ୍‌ରେ ୫ମ ସିଡ୍ କାରୋଲିନା ପ୍ଲିସ୍କୋଭାଙ୍କୁ ପରାସ୍ତ କରି ଏହି ସମ୍ମାନଜନକ ଟାଇଟଲ ଜିତିଛନ୍ତି। ବାର୍ଟିଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ସିଙ୍ଗଲ୍ସ ଟ୍ରଫି। ଏହି ବିଜୟ ସେ ବିଶ୍ୱ ମହିଳା ସିଙ୍ଗଲ୍ସ ମାନ୍ୟତାର ଟପ୍-୧୦ରେ ପ୍ରବେଶ କରିଛନ୍ତି।

# ଶ୍ରୀକାନ୍ତ ରନର୍ସଅପ୍

## ଇଣ୍ଡିଆ ଓପନ୍‌ରେ

**ନୂଆଦିଲ୍ଲୀ, ୩୧।୩(ପି.ଟି.)**

ବହୁଦିନର ବ୍ୟବଧାନ ପରେ କୌଣସି ପ୍ରତିଯୋଗିତାରେ ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଥିବା ଭାରତୀୟ ଶଟ୍‌ଲର କିଡାମ୍ବୀ ଶ୍ରୀକାନ୍ତଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି। ରବିବାର ଏଠାରେ ଅନୁଷ୍ଠିତ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲରେ ଶ୍ରୀକାନ୍ତଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଶ୍ୱର ପ୍ରାକ୍ତନ ଏକ ନମ୍ବର ଖେଳାଳି ଶ୍ରୀକାନ୍ତ ୭-୨୧, ୨୦-୨୨ ସିଧାସଳଖ ଗେମ୍‌ରେ ଡେନମାର୍କର ଭିକ୍ଟର ଏକ୍ସେଲସେନଙ୍କ ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ଗତ ୧୭ ମାସର ବ୍ୟବଧାନ ପରେ ଶ୍ରୀକାନ୍ତଙ୍କ ଏହା ପ୍ରଥମ ଫାଇନାଲ ମ୍ୟାଚ୍ ଥିଲା। ଶେଷଥର ପାଇଁ ସେ ୨୦୧୭ରେ ଫ୍ରେଞ୍ଚ୍ ଓପନ୍ ଟାଇଟଲ୍ ଜିତିଥିଲେ। ପୂର୍ବରୁ ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପରାଜୟ ବରଣ କରି ପ୍ରତିଯୋଗିତାରୁ ବିଦାୟ ନେଇଥିଲେ।



ରୌପ୍ୟ ପଦକ ବିଜୟୀ କିଡ଼ାମ୍ବୀ ଶ୍ରୀକାନ୍ତ (ବାମ)।

# ସେଫିଲ୍ଡ ସିଲ୍ଡ ଟ୍ରଫି ଜିତିଲା ଭିକ୍ଟୋରିଆ


**ମେଲବୋର୍ନ, ୩୧।୩**

ଅଷ୍ଟ୍ରେଲିଆର ପ୍ରଥମଶ୍ରେଣୀ କ୍ରିକେଟ ପ୍ରତିଯୋଗିତା ସେଫିଲ୍ଡ ସିଲ୍ଡର ୩୨ତମ ସଂସ୍କରଣ ଟାଇଟଲ ଜିତିଛି ଭିକ୍ଟୋରିଆ। ଫାଇନାଲରେ ଭିକ୍ଟୋରିଆ ୧୭୭ ରନର ବୃହତ ବ୍ୟବଧାନରେ ନ୍ୟୁ ସାଉଥ୍ ୱେଲ୍ସକୁ ପରାସ୍ତ କରି ଏହି ସଫଳତା ପାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭିକ୍ଟୋରିଆ ମାର୍କସ ହାରିସ (୧୪୧)ଙ୍କ ଶତକ ବଳରେ ୨୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ପିଟର ସିଡ୍‌ଲୀ (୫/୨୮)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ନ୍ୟୁ ସାଉଥ୍ ୱେଲ୍ସ ପ୍ରଥମ ଇନିଂସରେ ୧୨୧ରେ ସୀମିତ ରହିଥିଲା। ୧୬୮ ରନ ଆଗରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଭିକ୍ଟୋରିଆ ୨୧୯ ରନ କରିପାରିଥିଲା। ଫଳରେ ନ୍ୟୁ ସାଉଥ୍ ୱେଲ୍ସ ସାମ୍ନାରେ ୩୮୮ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ଦ୍ୱିତୀୟ ଇନିଂସରେ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନ୍ୟୁ ସାଉଥ୍ ୱେଲ୍ସ ୨୧୦ ରନରେ ଅଲ୍‌ଆଉଟ ହୋଇଥିଲା। ଫଳରେ ଭିକ୍ଟୋରିଆ ୧୭୭ ରନରେ ବିଜୟୀ ଲାଭ କରିଥିଲା। ଜେମ୍ସ ପାଟ୍ଟିନସନ ଓ ଜନ୍ ବୋଲାଣ୍ଡ ଯଥାକ୍ରମେ ୪ ଓ ୩ଟି ଉଇକେଟ୍ ନେଇଥିଲେ।

# ଦୁବାଇ ଓପନ୍ ଚେସ୍‌ରେ ଭାଗନେବେ ଦେବାଶିଷ

**ଭୁବନେଶ୍ୱର, ୩୧।୩(କ୍ରୀଡ଼ା ପ୍ରତିନିଧି)**

ଦୁବାଇ ଓପନ୍ ଅନ୍ତର୍ଜାତୀୟ ଚେସ୍ ଚାମ୍ପିୟନଶିପ୍ ଦୁବାଇଠାରେ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ୯ ରାଉଣ୍ଡବିଶିଷ୍ଟ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଓଡ଼ିଶାର ଏକମାତ୍ର ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ୩୭ଟି ଦେଶରୁ ମୋଟ ୧୬୩ ଖେଳାଳି ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୩୪ ଗ୍ରାଣ୍ଡମାଷ୍ଟର, ୨ ମହିଳା ଗ୍ରାଣ୍ଡମାଷ୍ଟର, ୨୪ ଅନ୍ତର୍ଜାତୀୟ ମାଷ୍ଟର, ୮ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୧୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୮ କ୍ୟାଣ୍ଡିଡେଟ ମାଷ୍ଟର, ୩ ମହିଳା କ୍ୟାଣ୍ଡିଡେଟ ମାଷ୍ଟରଙ୍କୁ ମିଶାଇ ମୋଟ ୧୦୦ ଟାଇଟଲଧାରୀ ଅଂଶଗ୍ରହଣ କରୁଛନ୍ତି। ଗତ ଶନିବାର ଶେଷ ହୋଇଥିବା ଶାରଜା ମାଷ୍ଟର୍ସ ଅନ୍ତର୍ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ୯ ରାଉଣ୍ଡରୁ ଦେବାଶିଷ ୬ ପଏଣ୍ଟ ପାଇଥିଲେ। ସେ ୪ଟି ମ୍ୟାଚ୍ ଜିତିଥିବାବେଳେ ୪ ମ୍ୟାଚ୍ ଡ୍ର ରଖିଥିଲେ ଏବଂ କେବଳ ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଥିଲେ। ଅନ୍ତିମ ରାଉଣ୍ଡରେ ଫିଲିପାଇନ୍ସ ଅନ୍ତର୍ଜାତୀୟ ମାଷ୍ଟର ଦିମାକିଲିଙ୍ଗ ଓଲିଭରଙ୍କୁ ହରାଇ ଦେବାଶିଷ ଏହି ପ୍ରତିଯୋଗିତା ଶେଷ କରିଥିଲେ। ରୁଷିଆ ଗ୍ରାଣ୍ଡମାଷ୍ଟର ଇନାରକିଏଭ ଏର୍ନେଷ୍ଟୋ ୭ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିଲେ। ଏଥିରେ ଭାଗ ନେଇଥିବା ଅନ୍ୟ ୨ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ସମ୍ବିତ ପଣ୍ଡା ଓ ଅନ୍ତର୍ଜାତୀୟ ମାଷ୍ଟର ସିଦ୍ଧାନ୍ତ ମହାପାତ୍ର ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ୬୬ ଓ ୬୭ତମ ସ୍ଥାନରେ ରହିଥିଲେ। ଶେଷ ରାଉଣ୍ଡରେ କ୍ୟୁବା ଗ୍ରାଣ୍ଡମାଷ୍ଟର ଆରେନସିବା ରୋଡ୍ରିଗ୍ୱେଜ ୱାଲ୍ଟରଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖି ସିଦ୍ଧାନ୍ତ ଉଲ୍ଲେଖନୀୟ ସଫଳତା ପାଇଥିଲେ।



ଦେବାଶିଷ ଦାସ

# ଇ-ଲିଗ୍ କ୍ରିକେଟ: ଓଡ଼ିଶା ପୋଷ୍ଟାଲ ବିଜୟୀ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)**

ରେଲୱେ ଷ୍ଟାଡିୟମ୍‌ରେ ଚାଲିଥିବା ଇ-ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ପୋଷ୍ଟାଲ ୩୨ ରନ୍‌ରେ ବିଏସ୍‌ଏନ୍‌ଏଲକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୋଷ୍ଟାଲ ଦଳ ନିର୍ଦ୍ଧାରିତ ୪୦ ଓଭରରେ ୭ ଉଇକେଟ ହରାଇ ୨୧୭ ରନ୍ କରିଥିଲା। ଦଳ ପକ୍ଷରୁ ସନ୍ତୋଷ ଦେବକାନ୍ତ ୪୬, ଶାନ୍ତନୁ ମିଶ୍ର ୪୨ ଓ ସୌରଭ ଗୌଡ଼ା ୩୮*, କୃଷ୍ଣ ମହାନ୍ତି ୩୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପ୍ରଦୀପ ପ୍ରାନ ୩ଟି ଏବଂ ସଞ୍ଜୟ ଶତପଥୀ ଓ ନିରଞ୍ଜନ ବେହେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୧୮ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ବିଏସ୍‌ଏନ୍‌ଏଲ୍ ୩୬.୩ ଓଭରରେ ୧୮୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୌମ୍ୟ ସୌରଭ କୁମାର ୮୪ ରନ୍ କରିଥିଲେ ହେଁ ସାଥୀ ଖେଳାଳିଙ୍କ ଉପଯୁକ୍ତ ଅବଦାନ ଅଭାବରୁ ଦଳକୁ ଜିତାଇ ପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ସାହୁ ୨୮, ରଘୁନାଥ ମଲ୍ଲ ୨୫ ରନ୍ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ପ୍ରୀତମ୍‌ଜିତ ଦାସ ୩ଟି, ଆଲୋକ ସେଠୀ, ଶାନ୍ତନୁ ମିଶ୍ର ଓ ମୃଣାଳ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ଶାନ୍ତନୁ ମିଶ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶନିବାର ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ବିଏସଏନଏଲ, ପୋଷ୍ଟାଲ ସର୍ଭିସ, ଓଡ଼ିଶା କଲ୍ଟସ, ଓଡ଼ିଶା ରେଲୱେ ଓ ଇ-ଲିଗ୍ ଆୟୋଜକ ଏକାଦଶ ଅଂଶଗ୍ରହଣ କରିଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶାନ୍ତନୁ ମିଶ୍ର ।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୧ ଏପ୍ରିଲ , ୨୦୧୯





"କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ସୁପର ଓଭରରେ ସମସ୍ତ ବଲ୍ ୟର୍କର ପକାଇବେ ବୋଲି କାଗିସୋ ରାବାଡା ମୋତେ କହିଥିଲେ ।
–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



"ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ଆନ୍ଦ୍ରେ ରସେଲଙ୍କୁ କାଗିସୋ ରାବାଡାଙ୍କ ମ୍ୟାଚ ବିଜୟୀ ୟର୍କର 'ବଲ୍ ଅଫ୍ ଦି ଆଇପିଏଲ୍' ।
–ସୌରଭ ଗାଙ୍ଗୁଲି, ଦିଲ୍ଲୀ କ୍ୟାପିଟାଲ୍ସ ପରାମର୍ଶଦାତା

## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ

ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ହାଇଦ୍ରାବାଦର ବୃହତ୍ ବିଜୟ

## ୱାର୍ନର, ବେୟାରଷ୍ଟୋଙ୍କ ଶତକ

**ହାଇଦ୍ରାବାଦ,୩୧।୩(ପି.ଟି.)**

ଦୁଇ ଓପନର ଜନି ବେୟାରଷ୍ଟୋ ଓ ଡେଭିଡ ୱାର୍ନରଙ୍କ ଧୂଆଁଧାର ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୧୧୮ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୧ତମ ମ୍ୟାଚ୍‌ରେ ଟସ୍ ଜିତି ବାଙ୍ଗାଲୋର ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ବାଙ୍ଗାଲୋର ନିଷ୍ପତ୍ତି ଶେଷରେ ଭୁଲ ସାବ୍ୟସ୍ତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ଘରୋଇ ପରିବେଶରୁ ଫାଇଦା ଉଠାଇ ୨୦ ଓଭରରେ ୨ ଉଇକେଟ ହରାଇ ୨୩୧ ରନର ବୃହତ ସ୍କୋର ହାସଲ କରିଥିଲା। ଜବାବରେ ଲୟରେ ନ ଥିବା ବାଙ୍ଗାଲୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୫ ଓଭରରେ ମାତ୍ର ୧୧୩ ରନ କରି ଅଲଆଉଟ ହେବା ସହ ଆତ୍ମସର୍ପଣ କରିଥିଲା। ଏଥିସହିତ ବାଙ୍ଗାଲୋର ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ କ୍ରମାଗତ ପରାଜୟ ବରଣ କରିଛି। ଅନ୍ୟପଟେ ହାଇଦ୍ରାବାଦ ୩ଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ବରଣ କରିବା ସହ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ୫୬ ବଲରୁ ୧୨ ଚୌକା ଓ ୭ ଛକା ସହ ୧୧୪ ରନର ଶତକୀୟ ପାଳି ଖେଳିଥିବା ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୩୨ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ବାଙ୍ଗାଲୋର ଚାପର ମୁକାବିଲା କରି ନ ପାରି ୩୫ ରନରେ ୬ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୪ଜଣଙ୍କୁ ବାଦ୍ ଦେଲେ ବାକି ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦଳ ନିୟମିତ ଭାବେ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। କଲିନ୍ ଡି ଗ୍ରାଣ୍ଡହୋମ ୩୭, ପ୍ରୟାସ ବର୍ମନ ୧୯, ଉମେଶ ଯାଦବ ୧୪ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ଓପନର ପାର୍ଥିବ ପଟେଲ ୧୧, ଶିମରନ ହେଟମେୟର ୯, କୋହଲି ୩, ଅଭିଜ୍ଞ ଏବି ଡି ଭିଲର୍ସ ୧, ମୋଇନ ଅଲି ୨, ଶିବମ ଦୁବେ ୫ ଓ ୟୁଜବେନ୍ଦ୍ର ଚହଲ ୧ ରନ କରି ଆଉଟ ହୋଇଥିବା ବେଳେ ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ତରଫରୁ ଆଫଗାନିସ୍ତାନ ଅଲରାଉଣ୍ଡର ତଥା ଅଫ୍ ସ୍ପିନର ମହମ୍ମଦ ନବୀ ୪ ଓ ସନ୍ଦୀପ ଶର୍ମା ୩ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦର ଦୁଇ ଓପନର ବେୟାରଷ୍ଟୋ ଓ ୱାର୍ନର ପ୍ରଥମ ଉଇକେଟଯୋଡ଼ିରେ ୯୮ଟି ବଲ ଖେଳି ୧୮୫ ରନ ସଂଗ୍ରହ କରିଥିଲେ। ବେୟାରଷ୍ଟୋ ୧୧୪ ରନ କରି ଆଉଟ ହେବାପରେ ବିଜୟ ଶଙ୍କର ୯ ରନ କରି ରନ୍ ଆଉଟ ହୋଇଥିଲେ। ଡେଭିଡ ୱାର୍ନର ୫୫ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୫ ଛକା ମାରି ୧୦୦ରନର ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ବାଙ୍ଗାଲୋର ତରଫରୁ ୟୁଜବେନ୍ଦ୍ର ଚହଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।




ମ୍ୟାନ ଅଫ୍ ଦି ମ୍ୟାଚ ଜନି ବେୟାରଷ୍ଟୋ।

### ସଂକ୍ଷିପ୍ତ ସ୍କୋର

- ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୩୧/୨ (ବେୟାରଷ୍ଟୋ- ୧୧୪, ୱାର୍ନର-୧୦୦*, ଚହଲ- ୧/୪୪)।
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୫ ଓଭରରେ ୧୧୩ (ଗ୍ରାଣ୍ଡହୋମ- ୩୭, ବର୍ମନ- ୧୯, ଉମେଶ- ୧୪, ପାର୍ଥିବ- ୧୧, ନବୀ- ୪/୧୧, ସନ୍ଦୀପ- ୩/୧୯)।

## ପଦାର୍ପଣରେ ପ୍ରୟାସ ସର୍ବକନିଷ୍ଠ

ଆଇପିଏଲ୍ ପଦାର୍ପଣ କରିବାରେ ପ୍ରୟାସ ରଏ ବର୍ମନ ସର୍ବକନିଷ୍ଠ ଖେଳାଳି ହେବାର କୀର୍ତ୍ତିମାନ କରିଛନ୍ତି। ରବିବାର ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଖେଳି ଘରୋଇ ସନରାଇଜର୍ସ ହାଇଦ୍ରାବାଦର ପ୍ରୟାସ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଛନ୍ତି। ପ୍ରୟାସଙ୍କୁ ବର୍ତ୍ତମାନ ୧୬ ବର୍ଷ ଓ ୧୫୭ ଦିନ। ଏହିକ୍ରମରେ ସେ ଆଫଗାନିସ୍ତାନ ସ୍ପିନର ମୁଜିବ ଉର୍ ରହମାନଙ୍କ ନାମରେ ରହିଥିବା କୀର୍ତ୍ତିମାନଙ୍କୁ ଭଙ୍ଗ କରିଛନ୍ତି। ୨୦୧୮ରେ ମୁଜିବଙ୍କୁ ୧୭ ବର୍ଷ ୧୧ ଦିନ ହୋଇଥିବାବେଳେ ସେ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳି ଆଇପିଏଲ୍ ପଦାର୍ପଣ କରିବାରେ ସର୍ବକନିଷ୍ଠ ଖେଳାଳି ହେବାର ରେକର୍ଡ କରିଥିଲେ। ପୂର୍ବରୁ ସର୍ବକନିଷ୍ଠ ଖେଳାଳିଭାବେ ପ୍ରୟାସ ଆଇପିଏଲ୍‌ରେ କୋଟିପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଗତ ଡିସେମ୍ବରରେ ହୋଇଥିବା ଆଇପିଏଲ୍ ନିଲାମୀରେ ହାଇଦ୍ରାବାଦ ପ୍ରୟାସଙ୍କୁ ୧.୫ କୋଟିରେ କିଣିଥିଲା। ନିଲାମୀରେ ତାଙ୍କ ମୂଳଦର ୨୦ ଲକ୍ଷ ଟଙ୍କା ରହିଥିବାବେଳେ ହାଇଦ୍ରାବାଦ ପାଖାପାଖି ୮ଗୁଣା ଅଧିକ ମୂଲ୍ୟରେ ନେଇଥିଲା। ସେ ଘରୋଇ କ୍ରିକେଟ୍‌ରେ ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



ପ୍ରୟାସ ରଏ ବର୍ମନ

## ପଞ୍ଜାବ- ଦିଲ୍ଲୀ ମୁକାବିଲା ଆଜି

**ମୋହାଲି,୩୧।୩(ପି.ଟି.)**

ଆଇପିଏଲ୍‌ର ୧୩ତମ ମୁକାବିଲାରେ ସୋମବାର ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ କିଙ୍ଗ୍ସ ଇଲେଭେନ ପଞ୍ଜାବ ମୁହାଁମୁହିଁ ହେବେ। ଦିଲ୍ଲୀ ଦ୍ରୁତ ବୋଲର କାଗିସୋ ରାବାଡ଼ାଙ୍କ ୟର୍କରକୁ ନେଇ ଚର୍ଚ୍ଚା ଚାଲିଛି। ହାର୍ଡ ହିଟିଂ ପଞ୍ଜାବ ବ୍ୟାଟ୍ସମ୍ୟାନମାନେ ରାବାଡ଼ାଙ୍କୁ କିଭଳି ସାମ୍ନା କରିବେ ଓ ଏହା ବେଶ୍ ମଜାଦାର ହେବ ବୋଲି ଆଶାକରାଯାଉଛି। ସ୍ଥାନୀୟ ମୋହାଲି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ରାବାଡ଼ାଙ୍କ ଚମତ୍କାର ବୋଲିଂ ବଳରେ ଦିଲ୍ଲୀ ଶନିବାର ସୁପର ଓଭରରେ ୧୦ ରନ ସଂଗ୍ରହ କରି ମଧ ବିଜୟୀ ହୋଇଥିଲା। ଦିଲ୍ଲୀ ଓ କୋଲକାତା ନାଇଟ ରାଇଡର୍ସ ଉଭୟ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ସମାନ ୧୮୫ ରନ କରିଥିବାବେଳେ ମ୍ୟାଚ ଟାଇ ହୋଇଥିଲା। ଫଳରେ ସୁପର ଓଭରର ସହାୟତା ନିଆଯାଇଥିଲା। ଏବେ ପଞ୍ଜାବର ତାରକା ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ, ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ ଓ ଡେଭିଡ ମିଲରଙ୍କୁ ଦକ୍ଷିଣ ଆଫ୍ରିକାର ଏହି ଦୁର୍ଦ୍ଧର୍ଷ ଦ୍ରୁତ ବୋଲର କିଭଳି ବୋଲିଂ କରିଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଶନିବାର ଏହି ଦୁଇଦଳ ସେମାନଙ୍କ ମ୍ୟାଚ୍ ଜିତି ଆତ୍ମବିଶ୍ୱାସକୁ ଆହୁରି ଦୃଢ କରିଛନ୍ତି। ଉଭୟ ଦଳର ଓପ୍‌ନିଂ ବ୍ୟାଟ୍ସମ୍ୟାନ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଦିଲ୍ଲୀ ଓପନର ପୃଥ୍ୱୀ ଶ ୫୫ ବଲରୁ ୯୯ ରନ କରି କୋଲକାତାକୁ ପାଖାପାଖି ପରାଜୟର ଦ୍ୱାରରେ ଠିଆ କରାଇଥିଲେ। ସେହିପରି ଲୋକେଶ ରାହୁଲ କିଙ୍ଗ୍ସ ଇଲେଭେନ ତରଫରୁ ୫୭ ବଲରୁ ୭୧ ରନ କରିଥିଲେ। ଉଭୟ ଦଳ ଅଲରାଉଣ୍ଡ ପ୍ରଦର୍ଶନ କରି ବାଜିମାରିବା ଲକ୍ଷ୍ୟରେ ରହିଛନ୍ତି। ଦିଲ୍ଲୀ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ହାସଲ କରିଛି। ସେହିପରି ପଞ୍ଜାବ ମଧ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ସମାନ ୪ ପଏଣ୍ଟ ହାସଲ କରିଛି। ତେଣୁ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ଓ ମଜାଦାର ହେବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### ରୋହିତଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା



**ମୋହାଲି,୩୧।୩ (ପି.ଟି.):** ମନ୍ଥର ବୋଲିଂ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଶନିବାର ଅନୁଷ୍ଠିତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚରେ ମୁମ୍ବାଇ ମନ୍ଥର ବୋଲିଂ କରିଥିଲା। ଏଥିପାଇଁ ରୋହିତଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ ହୋଇଛନ୍ତି। ପ୍ରଥମ ଥର ପାଇଁ ମୁମ୍ବାଇ ଏପରି କରିଥିବାରୁ ଆଇପିଏଲ ଆଚରଣ ବିଧି ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଏହି ମ୍ୟାଚ୍‌ରେ ପଞ୍ଜାବ ୮ ଉଇକେଟରେ ବିଜୟୀ ହୋଇଥିଲା।

### ଭାରତୀୟ ଶୁଟରଙ୍କ ସ୍ୱର୍ଣ୍ଣ ସୁଇପ୍

**ନୂଆଦିଲ୍ଲୀ, ୩୧।୩(ପି.ଟି.):** ତାଇପେଇର ତାଓୟୁନଠାରେ ଚାଲିଥିବା ୧୨ଶ ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ଭାରତୀୟ ଶୁଟର ସ୍ୱର୍ଣ୍ଣ ପଦକ କ୍ଲିନ ସୁଇନ୍ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ୍ ୧୪ରୁ ଭାରତୀୟ ଶୁଟର ୧୨ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି। ସ୍ୱର୍ଣ୍ଣ ବ୍ୟତୀତ ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ମଧ ଭାରତ ଖାତାକୁ ଯାଇଛି। ପ୍ରତିଯୋଗିତାର ୫ମ ଦିବସରେ ଅନୁଷ୍ଠିତ ୧୦ ମିଟର ଏୟାର ରାଇଫଲରେ ଦିବ୍ୟାଂଶ ସିଂ ପନୱାର ଓ ଏଲାଭେନିଲ ଭଲାରିଭାନ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଚାମ୍ପିୟନ ହୋଇଥିଲେ। ଫାଇନାଲରେ ଦିବ୍ୟାଂଶ ୨୪୯.୭ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ସେ ୬୨୮.୨ ସ୍କୋର ସହ ଫାଇନାଲରେ ପହଞ୍ଚିଥିଲେ। ଅନ୍ୟ ଦୁଇ ଭାରତୀୟ ଶୁଟର ରବି କୁମାର (୬୨୬.୩) ଓ ଦୀପକ କୁମାର (୬୨୬.୨) ୮ଜଣିଆ ଫାଇନାଲକୁ ପ୍ରବେଶ କରିଥିଲେ ମଧ ପୋଡିୟମ ଫିନିଶ କରିପାରି ନ ଥିଲେ। ସେହିଭଳି ଏହି ୩ ଶୁଟର ମିଶି ମୋଟ୍ ୧୮୭୮.୬ ସ୍କୋର କରିବା ସହ ଟିମ୍ ଇଭେଣ୍ଟ ସ୍ୱର୍ଣ୍ଣ ପଦକ କବ୍‌ଜା କରିନେଇଥିଲେ। ଏଲାଭେନିଲ, ଅପୂର୍ବି ଚାଣ୍ଡେଲା ଓ ମେଘନାଙ୍କୁ ନେଇ ଗଠିତ ମହିଳା ଟିମ୍ ଇଭେଣ୍ଟରେ ମଧ ଭାରତ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସୋମବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ଶ୍ରୀଲଙ୍କା ଟେଷ୍ଟ ଅଧିନାୟକ କରୁଣାରତ୍ନେ ଗିରଫ

**କଲମ୍ବୋ, ୩୧।୩**

ଶ୍ରୀଲଙ୍କା ଟେଷ୍ଟ କ୍ରିକେଟ ଦଳର ଅଧିନାୟକ ଦିମୁଥ କରୁଣାରତ୍ନେ ଗିରଫ ହୋଇଛନ୍ତି। ମଦ୍ୟପାନ କରି ଗାଡ଼ି ଚାଳନା କରିବା ଅଭିଯୋଗରେ କଲମ୍ବୋଠାରେ ତାଙ୍କୁ ପୋଲିସ ଗିରଫ କରିଛି। 'କରୁଣାରତ୍ନେ ରବିବାର ସକାଳେ ମଦ୍ୟପାନ କରି ଗାଡ଼ି ଚଳାଇବା ସହ ଏକ ୩ ଚକିଆ ଗାଡ଼ିକୁ ଧକ୍କା ଦେଇଥିଲେ। ଫଳରେ ଧକ୍କା ଖାଇଥିବା ଗାଡ଼ିର ଡ୍ରାଇଭର ଆଘାତପ୍ରାପ୍ତ ହୋଇଥିଲେ' ବୋଲି ପୋଲିସ ଅଧିକାରୀ ରୁୱାନ ଗୁଣଶେଖରା କହିଛନ୍ତି। ତେବେ କରୁଣାରତ୍ନେଙ୍କୁ ଜାମିନ ମିଳିଯାଇଥିବାବେଳେ ସେ ସୋମବାର କୋର୍ଟରେ ହାଜର ହେବେ ବୋଲି ଏହି ପୋଲିସ ଅଧିକାରୀ ଜଣଙ୍କ ପ୍ରକାଶ କରିଛନ୍ତି। ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ମଧ କରୁଣାରତ୍ନେ ଗାଡ଼ି ଦୁର୍ଘଟଣା କରିଥିବା ନେଇ ସ୍ପଷ୍ଟ କରାଯାଇଛି। କୋର୍ଟ ଶୁଣାଣି ପରେ ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ୩୨ ବର୍ଷୀୟ ଏହି ବାମହାତୀ ବ୍ୟାଟ୍ସମ୍ୟାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ, କରୁଣାରତ୍ନେଙ୍କ ଅଧିନାୟକତ୍ୱରେ ଶ୍ରୀଲଙ୍କା ଗତ ଫେବୃୟାରୀରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜକୁ ୨–୦ରେ ଜିତିଥିଲା। ଏଥିସହ ଶ୍ରୀଲଙ୍କା ପ୍ରଥମ ଏସୀୟ ଦଳ ଭାବେ ଦକ୍ଷିଣ ଆଫ୍ରିକା ମାଟିରେ ଟେଷ୍ଟ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଥିଲା। ଆଗାମୀ ଆଇସିସି ବିଶ୍ୱକପ୍‌ରେ ମଧ ତାଙ୍କୁ ଜାତୀୟ ଦିନିକିଆ ଦଳର ନେତୃତ୍ୱ ପ୍ରଦାନ ନେଇ ଆଲୋଚନା ହେଉଥିଲା। କିନ୍ତୁ ଏବେ ତାଙ୍କୁ ଅଧିନାୟକ ନିଯୁକ୍ତି ନେଇ ଆଶଙ୍କା ପ୍ରକାଶ ପାଇଛି। କରୁଣାରତ୍ନେ ଶ୍ରୀଲଙ୍କା ପକ୍ଷରୁ ୬୦ ଟେଷ୍ଟରେ ପ୍ରତିନିଧିତ୍ୱ କରି ୪,୦୭୪ ରନ ସଂଗ୍ରହ କରିଛନ୍ତି। ସେହିଭଳି ସେ ୧୭ ଦିନିକିଆ ମ୍ୟାଚ୍ ମଧ ଖେଳିଛନ୍ତି।



ଦିମୁଥ କରୁଣାରତ୍ନେ

# ଚେନ୍ନାଇର ହ୍ୟାଟ୍ରିକ ବିଜୟ

**ଚେନ୍ନାଇ, ୩୧।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ ୮ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୭୫ ରନ କରିଥିବାବେଳେ ରାଜସ୍ଥାନ ୨୦ ଓଭରରେ ୮ ଉଇକେଟ ହରାଇ ୧୬୭ ରନ କରି ପାରିଥିଲା। ଚଳିତ ଆଇପିଏଲରେ ଚେନ୍ନାଇ ଦଳର ଏହା ହ୍ୟାଟ୍ରିକ ବିଜୟ। ପୂର୍ବରୁ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା।

ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ରୟାଲ୍ସ ବୋଲରମାନେ ୨୭ ରନ ମଧ୍ୟରେ ଚେନ୍ନାଇର ୩ଟି ଉଇକେଟ ପକାଇ ଦେଇଥିଲେ। ଇନିଂସ ଓପନ କରିଥିବା ଅମ୍ବାଟି ରାୟୁଡୁ ୧, ଶେନ ୱାଟସନ ୧୩ ଓ କେଦାର ଯାଦବ ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ସୁରେଶ ରାଇନାଙ୍କୁ ସାଥିକରି ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଇନିଂସ ଗଢ଼ିବାରେ ମନୋନିବେଶ କରିଥିଲେ। ୪ର୍ଥ ଉଇକେଟ ଭାଗୀଦାରିରେ ୬୧ ରନ ଯୋଗ ହେବାପରେ ରାଇନା ବ୍ୟକ୍ତିଗତ ୩୬(୩୨ ବଲ, ୪ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ଧୋନୀ କିନ୍ତୁ କ୍ରିଜରେ ତିଷ୍ଠି ରହିବା ସହ ରନହାରକୁ ବଢ଼ାଇ ଚାଲିଥିଲେ। ସେ ଡ୍ୱେନ ବ୍ରାଭୋଙ୍କ ସହ ୫୬ ରନର ପାର୍ଟନରଶିପ୍ ଗଢ଼ି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। ବ୍ରାଭୋ ୨୭(୧୬ ବଲ, ୩ ଚୌକା, ୧ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ୮ ରନରେ ଅପରାଜିତ ରହିଥିବା ରବୀନ୍ଦ୍ର ଜାଡେଜାଙ୍କ ସହ ଅସମାପ୍ତ ୬ଷ୍ଠ ଉଇକେଟ ଯୋଡ଼ିରୁ ୩୧ ରନ ସଂଗ୍ରହ କରି ଧୋନୀ ଚେନ୍ନାଇ ସ୍କୋରକୁ ୧୭୫ରେ ପହଞ୍ଚାଇ ଦେଇଥିଲେ। ୪୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧୋନୀ ୪ଟି ଲେଖାଏ ଚୌକା ଓ ଛକା ମାରି ୭୫ ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚେର ୨ଟି ଏବଂ ଧାୱଲ କୁଲକର୍ଣ୍ଣୀ, ବେନ୍ ଷ୍ଟୋକ୍ସ ଓ ଜୟଦେବ ଉନାଡକଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୭୬ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ରାଜସ୍ଥାନ ୧୪ ରନରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମିଡଲ ଅର୍ଡରରେ ରାହୁଲ ତ୍ରିପାଠୀ ୩୯(୨୪ ବଲ, ୫ ଚୌକା, ୧ ଛକା), ଷ୍ଟିଭେନ ସ୍ମିଥ ୨୮(୩୦ ବଲ, ୨ ଚୌକା) ରନ କରି ଆଉଟ ହୋଇଥିଲେ ହେଁ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚେର ବିସ୍ଫୋରକ ବ୍ୟାଟିଂ କରି ଦଳକୁ ବିଜୟର ନିକଟତର କରାଇଥିଲେ। ଶେଷ ଓଭରରେ ବିଜୟ ପାଇଁ ୧୨ ରନ ଆବଶ୍ୟକ ହେଉଥିଲା। ମାତ୍ର ପ୍ରଥମ ବଲ୍‌ରେ ଷ୍ଟୋକ୍ସଙ୍କୁ ଆଉଟ କରି ବ୍ରାଭୋ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ଷ୍ଟୋକ୍ସ ୨୬ ବଲ୍‌ରୁ ୧ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୪୬ ରନ ସ୍କୋର କରିଥିଲେ। ଏହି ଓଭରରେ ବ୍ରାଭୋ ମାତ୍ର ୩ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଆର୍ଚେର ୨୪(୧୧ ବଲ, ୧ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୫/୫(ଧୋନୀ- ୭୫*, ରାଇନା-୩୬, ବ୍ରାଭୋ- ୨୭, ଆର୍ଚେର-୨/୧୭, କୁଲକର୍ଣ୍ଣୀ-୧/୩୭, ଷ୍ଟୋକ୍ସ- ୧/୩୦, ଉନାଡକଟ-୧/୫୪)।

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୬୭/୮(ଷ୍ଟୋକ୍ସ-୪୬, ରାହୁଲ- ୩୯, ଚହର-୨/୧୯, ଠାକୁର- ୨/୪୨, ତାହିର-୨/୨୩, ବ୍ରାଭୋ-୨/୩୨)।

# ବିଜୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

**ଗୌତମ ଗମ୍ଭୀର**

ନିଜ ଜିନିଷଗୁଡିକର ରଙ୍ଗ ଦେଖି ମୁଁ ଆଦୌ ଖୁସି ହୋଇ ନ ଥାଏ। ମୋ ଆଲମାରୀରେ ଧୂସର, କଳା, ଗାଢ କଳା ଓ କଳା ମିଶ୍ରିତ ନୀଳ, ବାଦାମୀ ଓ ଧଳା ରଙ୍ଗର ପୋଷାକ ରହିଛି। କମଳା କିମ୍ବା ହଳଦିଆ ରଙ୍ଗ ସାଧାରଣତଃ ସାହସୀ ଲୋକଙ୍କର ହୋଇଥାଏ। ତେବେ ଯେଉଁ ଲୋକମାନେ ପିଙ୍କ୍ ବା ଗୋଲାପୀ ରଙ୍ଗର ପୋଷାକ ପରିଧାନ କରିଥାନ୍ତି ସେମାନଙ୍କୁ ମୁଁ ବହୁତ ସମ୍ମାନ କରିଥାଏ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅନ୍ୟତମ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ଖେଳାଳିମାନଙ୍କ ଜର୍ସିର ରଙ୍ଗ ମଧ ଗୋଲାପୀ। ରାଜସ୍ଥାନ ଫ୍ରାଞ୍ଚାଇଜ୍‌ର ଏହି ରଙ୍ଗ ମୋତେ ପ୍ରଭାବିତ କରିଥାଏ। କିନ୍ତୁ ଖେଳାଳିମାନେ ବେଶ୍ ଚଳଚଞ୍ଚଳ ତଥା ବ୍ୟବସାୟୀକ ମନେ ହୋଇଥାନ୍ତି। ଏହି ଫ୍ରାଞ୍ଚାଇଜ୍‌ର ପ୍ରଶଂସକମାନେ ମଧ କପଟୀ ତଥା ଚତୁର ମନେ ହୋଇଥାନ୍ତି। ବ୍ୟବସାୟୀକରଣ ଦ୍ୱାର ଦଳଗୁଡିକ ଲାଭବାନ ହୋଇଥାନ୍ତି। ଗୋଲାପୀ ରଙ୍ଗ ରାଜସ୍ଥାନ ପାଇଁ ଏକ ବ୍ୟବସାୟୀକ ମାଷ୍ଟରଷ୍ଟ୍ରୋକ ହୋଇପାରେ । ତେବେ ପ୍ରଶଂସକଙ୍କ ଭଲ ପାଇବା ଦଳକୁ ସଫଳ କରିଥାଏ। ଯେତେବେଳେ ଦିଲ୍ଲୀ ଓ ପରେ କୋଲକାତା ପାଇଁ ଖେଳୁଥିଲି ସେତେବେଳେ ଡ୍ରେସିଂ ରୁମ୍‌ରେ ଏହାକୁ ହୃଦୟଙ୍ଗମ କରିଥିଲି। କୋଲକାତାକୁ ସବୁବେଳେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ସମର୍ଥନ ମିଳୁଥିଲା। ୨୦୧୨ ଓ ୨୦୧୪ରେ ଟାଇଟଲ ନ ଜିତିବା ପର୍ଯ୍ୟନ୍ତ ତାହା ମିଳୁଥିଲା। ତେବେ ଏହା ପରେ କଥା ଅଲଗା ହୋଇଥିଲା। ଦିଲ୍ଲୀ ସହିତ ଜଡିତଥିବା ବେଳେ ଆମ ସହିତ ଜଣେ ସିନେମା ତାରକା ଥିଲେ ସେ ଭଲ ଷ୍ଟଣ୍ଟ ଦେଉଥିଲେ। କିନ୍ତୁ ପଡିଆରେ ଜଣେ କିଭଳି ପ୍ରଦର୍ଶନ କରୁଛି ତାହା ସବୁଠାରୁ ବଡ଼ କଥା ଥିଲା। ଯାହାବି କରାଯାଉ ନା କାହିଁକି ବିଜୟ ସବୁଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଶେଷରେ ସାବ୍ୟସ୍ତ ହୋଇଥାଏ।

ଚଳିତ ବର୍ଷ ଦିଲ୍ଲୀ ନୂଆ ନାମକରଣ ହୋଇଛି ଓ କେତୋଟି ବ୍ୟବସାୟିକ ପଦକ୍ଷେପ ମଧ ନିଆଯାଇଛି। ନୂଆ ଭିଡିଓ ଦ୍ୱାରା ଦଳର ବିଚାରଧାରାକୁ ଘୋଷଣା କରାଯାଇଛି। ନୂଆକରି ଗଠନ କରାଯାଇଥିବା ସଂଗଠନକୁ ମଧ ଗୁରୁତ୍ୱ ଦିଆଯାଇଛି। ତେବେ ଦଳ ପାଇଁ ବିଜୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଶନିବାର ୧୮୬ ରନ ବିଜୟ ଲକ୍ଷ୍ୟର ପିଛା କରି ଦିଲ୍ଲୀ ଏକଦା ୨ ଉଇକେଟ ହରାଇ ୧୭୦ ରନ କରି ସୁବିଧାଜନ ସ୍ଥିତିରେ ରହିବା ସହ ବିଜୟର ନିକଟତର ହୋଇଥିଲା। ତେବେ ଶେଷରେ କଥା ଅଲଗା ହୋଇଥିଲା। ବିଜୟୀ ହେବା ପାଇଁ ଦିଲ୍ଲୀକୁ ସୁପର ଓଭର ଖେଳିବାକୁ ପଡିଥିଲା ଓ ଭାଗ୍ୟର ସହାୟତା ନେବାକୁ ହୋଇଥିଲା। ବିଜୟ ପାଇଁ ଦିଲ୍ଲୀ ତା'ର ଦ୍ରୁତ ବୋଲର କାଗିସୋ ରାବାଡ଼ାଙ୍କୁ କୃତଜ୍ଞତା ଜଣାଇବା ଉଚିତ। ସୁପର ଓଭରରେ ସେ ଚମତ୍କାର ବୋଲିଂ କରି କୋଲକାତା ବ୍ୟାଟ୍ସମ୍ୟାନଙ୍କୁ ୧୧ରନର ଟାର୍ଗେଟ ହାସଲ କରିବାକୁ ସୁଯୋଗ ଦେଇ ନ ଥିଲେ। ଯୁବ ଓପନର ପୃଥ୍ୱୀ ଶ'ଙ୍କ ପ୍ରଦର୍ଶନ ଚମତ୍କାର ଥିଲା। ସୋମବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ଦିଲ୍ଲୀ ମ୍ୟାଚ ଖେଳିବାକୁ ଯାଉଥିବା ବେଳେ ପୃଥ୍ୱୀଙ୍କ ଭୂମିକାରେ କୌଣସି ପରିବର୍ତ୍ତନ ନ କରାଯିବା ଉଚିତ। କାରଣ ମୋହାଲିର ଉଇକେଟ ଆହୁରି ଅଧିକ ଭଲ ଓ ପୃଥ୍ୱୀଙ୍କ ଖେଳିବା ଶୈଳୀକୁ ବେଶ୍ ସୁହାଇବ।

ପଞ୍ଜାବ ଏବେ ବେଶ୍ ଭଲ ପ୍ରଦର୍ଶନ କରୁଛି। ଶନିବାର ଯେପରି ମୁମ୍ବାଇ ଦଳ ଉପରେ ପଞ୍ଜାବ ପ୍ରଭାବବିସ୍ତାର କରି ଖେଳିଲା ତାହା ବେଶ୍ ପ୍ରଶଂସା ଯୋଗ୍ୟ। ଜୋସ ବଟଲର– ଅଶ୍ୱିନ ମଙ୍କଡିଙ୍ଗ୍ ଘଟଣାକୁ ପଛରେ ପକାଇ ପଞ୍ଜାବ ଆଗକୁ ବଢିବାରେ ସକ୍ଷମ ହୋଇଛି। ଏବେ ମଧ ମଙ୍କଡିଙ୍ଗ୍ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ପୂର୍ବତନ ଇଂଲଣ୍ଡ ଓପନିଂ ବ୍ୟାଟ୍ସମ୍ୟାନ ମାର୍କ ବୁଚର ମଧ ମଙ୍କଡିଙ୍ଗ୍ ନେଇ ନିଜର ସମର୍ଥନ ଜଣାଇଛନ୍ତି। ପଞ୍ଜାବ ଏବେ ଏକ ଲଢୁଆ ଦଳ ଭାବେ ଉଭା ହୋଇଛି। (ଗେମ୍‌ପ୍ଲାନ)




# ଆଇପିଏଲକୁ ନେଇ ବଶିଷ୍ଟଙ୍କ ଭିଡିଓ



**ଭୁବନେଶ୍ୱର, ୩୧।୩(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଦ୍ୱାଦଶ ସଂସ୍କରଣ ଇତିମଧ୍ୟରେ ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବାବେଳେ ଏହାକୁ ସ୍ୱାଗତ କରି ଏକ ଭିଡିଓ ପ୍ରସ୍ତୁତ କରିଛନ୍ତି କାଲିକଟ ମାଲବାର ଖ୍ରୀଷ୍ଟିଆନ କଲେଜର ଇତିହାସ ବିଭାଗ ମୁଖ୍ୟ ବଶିଷ୍ଟ ଏମ.ସି.। ୭ ମିନିଟ ୪୧ ସେକେଣ୍ଡ ବିଶିଷ୍ଟ ଏହି ଭିଡିଓରେ ବଶିଷ୍ଟଙ୍କ ଗୀତକୁ ସ୍ୱରରେ ରୂପାନ୍ତରିତ କରିଛନ୍ତି ତାଙ୍କ ଛାତ୍ରୀଛାତ୍ର ଆନ୍‌ସି ଓ ଜ୍ୟାକ୍‌ସନ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜ୍ୟାକ୍‌ସନ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ବନ୍ଧୁକ ଦେଖାଇ ନେଇଗଲେ ଅଢ଼େଇ ଲକ୍ଷ

ଛେଣ୍ଡିପଦା, ୩୧।୩(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରୁ ଶନିବାର ବିଳମ୍ବିତ ରାତିରେ ଗଞ୍ଜେଇ ବେପାରୀଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଚନ୍ଦ୍ରପୁର ଗ୍ରାମ ଠାରେ ବେପାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରାୟ ଅଢେଇ ଲକ୍ଷ ଟଙ୍କା ନେଇଯାଇଥିବା ଜଣାପଡ଼ିଛି।

ବିଶେଷ ସୂତ୍ରରୁ ପ୍ରକାଶ, ରାତିରେ ସମ୍ବଲପୁରରୁ ସମ୍ପୃକ୍ତ ବ୍ୟବସାୟୀ ଏକ ଗ୍ରାମକୁ ଆସି ସେଠାରେ ୨ ଜଣ ଯୁବକଙ୍କ ପାଖରେ ରହିଥିଲେ। ପରେ ଟାଙ୍ଗିରି, ପାଟକୁମୁଣ୍ଡା ଆଦି ବିଭିନ୍ନ ଅଞ୍ଚଳରୁ ଗଞ୍ଜେଇ କିଣିବା ପାଇଁ ଯୋଗାଯୋଗ ହୋଇଥିଲା। ରାତି ପ୍ରାୟ ୨ଟାରେ ଟାଙ୍ଗିରି ପାଟକମୁଣ୍ଡା ଅଞ୍ଚଳରୁ ସମ୍ପୃକ୍ତ ବେପାରୀ ଓ ଅନ୍ୟମାନେ ବାଇକ୍‌ରେ ଗଞ୍ଜେଇ ନେଇ ଯାଉଥିବାବେଳେ ଛେଣ୍ଡିପଦା ଚରିବାଟି ଛକଠାରେ କେତେଜଣ ଯୁବକ ସେମାନଙ୍କୁ ଆକ୍ରମଣ କରିଥିଲେ। ପରେ ସେମାନଙ୍କୁ ଦୁର୍ବୃତ୍ତମାନେ ନିକଟସ୍ଥ ମଠପାଖ ଜଙ୍ଗଲକୁ ଉଠାଇନେଇଥିଲେ। ସେଠାରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରାୟ ୨ ଲକ୍ଷ ୫୦ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ବେପାରୀମାନେ ଭୟରେ ସେଠାରେ ବାଇକ୍ ଛାଡି ଦୌଡି ପଳାଇଯାଇଥିଲେ। ରବିବାର ସକାଳେ ବେପାରୀମାନେ ଉକ୍ତ ଜଙ୍ଗଲକୁ ଯାଇ ସେମାନଙ୍କ ବାଇକ୍ ଉଦ୍ଧାର କରିଥିବା ଜଣାପଡିଛି। ତେବେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଛେଣ୍ଡିପଦା ଥାନା ଅଧିକାରୀ କହିଛନ୍ତି।

### ଯୁବକଙ୍କୁ ଗାଳିଗୁଲଜ ଅଭିଯୋଗ

ବଇଣ୍ଡା,୩୧।୩(ଡି.ଏନ୍.ଏ)-କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳୀ ଗ୍ରାମର ଛବିଳ ସାହୁଙ୍କୁ ଲୁହାମୁଣ୍ଡା ଗ୍ରାମର ଅରବିନ୍ଦ ପ୍ରଧାନ ଗାଳିଗୁଲଜ କରିଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ନଂ. ୫୫/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛବିଳ ଘରେ ଥିବାବେଳେ ଅରବିନ୍ଦ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୩୧।୩(ଡି.ଏନ.ଏ)- କିଶୋରନଗର ବ୍ଲକ କଣ୍ଡୋଳ ଗ୍ରାମର ଚଉବନ ମିର୍ଦ୍ଧାଙ୍କୁ ରବିବାର ପୋଲିସ ଗିରଫ କରିଛି। ନଂ.୫୪/୧୯ ମାମଲାରେ ତାଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ସେ ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଗଣ୍ଡଗୋଳରେ ଜଣେ ଆହତ

ଅନୁଗୋଳ ଅଫିସ, ୩୧।୩- ଅନୁଗୋଳ କୁଶାସିଂହାଠାରେ ଗଣ୍ଡଗୋଳରେ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। କୁଶାସିଂହାର ଶ୍ରୀକାନ୍ତ ରାଉତ(୪୦) ଉକ୍ତ ଅଞ୍ଚଳର କୁନା ଖିଲାରଙ୍କୁ ଉଧାର ଦେଇଥିବା ଟଙ୍କା ମାଗିଥିଲେ। ତେବେ ଟଙ୍କା କାହିଁକି ମାଗୁଛୁ କହି କୁନା ତାଙ୍କୁ ଆକ୍ରମଣ କରିଥିବା ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ଶ୍ରୀକାନ୍ତଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ପୋଲିସ ମେଡିକାଲରେ ପହଞ୍ଚି ମତାମତ ଆଣିଥିବା ସୂଚନା ମିଳିଛି।

## ଅନୁଗୋଳକୁ ୨୬ ଛୁଇଁଲା

# ବିକାଶ ଆହୁରି ଅନେକ ବାଟ

ଅନୁଗୋଳ ଅଫିସ, ୩୧।୩



ରାତି ପାହିଲେ ଅନୁଗୋଳକୁ ୨୫ ପୁରି ୨୬ ଛୁଇଁବ। ଜିଲାର ଜନ୍ମଦିବସକୁ ନେଇ କେତେଆଡ଼େ କେତେ ଉତ୍ସବ ମନାଯିବ। କିନ୍ତୁ ଜିଲା ଘୋଷଣା ପରଠାରୁ ଜାରି ରହିଥିବା ବିକାଶ ଯାତ୍ରା ଏବେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରି ନାହିଁ। ଯଦିଓ ଅର୍ଥର ଅଭାବ ନାହିଁ ତଥାପି ରାଜନୈତିକ ଓ ପ୍ରଶାସନିକ ମନୋଭାବ ଅଭାବରୁ ବିକାଶ ପାଇଁ ଆହୁରି ଅନେକ ବାଟ ଅତିକ୍ରମ କରିବାକୁ ପଡ଼ିବ।

୧୯୯୩ ଏପ୍ରିଲ ୧ରେ ଢେଙ୍କାନାଳ ଜିଲାକୁ ଭାଗ କରାଯାଇ ଅନୁଗୋଳକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦିଆଯାଇଥିଲା। ଇତିମଧ୍ୟରେ ଜିଲା ମାନଚିତ୍ରରେ ଅନେକ ଉନ୍ନତି ଆସିଛି। କୃଷି ଓ ଜଙ୍ଗଲ ଏ ଜିଲାର ଜୀବିକାର ମୁଖ୍ୟ ଉତ୍ସ ହୋଇଥିଲେ ବି ତାଳଚେର ଏବଂ ଅନୁଗୋଳ ଉପଖଣ୍ଡରେ ମୁଖ୍ୟତଃ ଶିଳ୍ପ ହିଁ ବିକାଶର କର୍ଣ୍ଣଧାର ସାଜିଛି। ନାଲ୍‌କୋ, ଏନ୍‌ଟିପିସି ପରି ରାଷ୍ଟ୍ରୀୟ ଶିଳ୍ପ ଜିଲାର ସୁନାମକୁ ବହୁଗୁଣିତ କରିଛି। କେତେକ ଘରୋଇ ଶିଳ୍ପ ମଧ୍ୟ ଏ କ୍ଷେତ୍ରରେ ନିଜକୁ ସାମିଲ କରିପାରିଛନ୍ତି। ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ କୃଷିରେ ଆଧୁନିକତାର ପ୍ରବେଶ ଏହି କ୍ଷେତ୍ରକୁ ଅଧିକ ଉପଯୋଗୀ କରିପାରିଛି। ଅନୁଗୋଳରୁ ଉତ୍ପାଦିତ ସାମଗ୍ରୀ ବିଦେଶରେ ପହଞ୍ଚି ପାରିଛି। ଏଠାକାର ଯୁବପିଢ଼ି ପ୍ରତିଟି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରିଛନ୍ତି। ପ୍ରତିରକ୍ଷାଠାରୁ ଆରମ୍ଭ କରି ମହାକାଶ ବିଜ୍ଞାନ ଯାଏ ସବୁଠି ସେମାନେ ପହଞ୍ଚି ପାରିଛନ୍ତି। କଳା, ସଂସ୍କୃତିରେ ଅନୁଗୋଳର ସ୍ଥାନ ଅତି ସ୍ୱତନ୍ତ୍ର। ତଥାପି ଯାହା ଜିଲାକୁ ପଛକୁ ଠେଲି ଦେଉଛି ତାହା ହେଲା ସ୍ୱାସ୍ଥ୍ୟ, ନିଯୁକ୍ତି, ବିସ୍ଥାପନ ଓ ପ୍ରଦୂଷଣ। ଏହି ସମସ୍ୟାକୁ ନେଇ ସର୍ବଦା ଜିଲାରେ ଆନ୍ଦୋଳନ ମୁଣ୍ଡ ଟେକୁଛି। ଖଣି ଖାଦାନରେ ବନ୍ଦ ପାଳନ ହେଉଛି। ପ୍ରଦୂଷଣଜନିତ ରୋଗ ଲୋକଙ୍କୁ ଆକ୍ରାନ୍ତ କରିଚାଲିଛି। କିନ୍ତୁ ଏଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ରାଜନେତା ଓ ପ୍ରଶାସନ ସେପରି ଆଗ୍ରହ ଦେଖାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଆର୍ଥିକ ଦୃଷ୍ଟିରୁ ଅନୁଗୋଳ ଜିଲା ବେଶ୍ ଆଗରେ। ବର୍ଷର ଅଧିକାଂଶ ସମୟରେ ଟିକସ ଦେବାରେ ଅନୁଗୋଳ ପ୍ରଥମ ସ୍ଥାନ ଅଧିକାର କରୁଛି। ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏ ନେଇ ସୂଚନା ଦିଆଯିବା ସହ ପ୍ରଶଂସା ଗୋଟାଯାଉଛି। କିନ୍ତୁ ଜିଲା କେମିତି ଅନ୍ୟାନ୍ୟ କ୍ଷେତ୍ରରେ ଆଗକୁ ଯିବ ସେ ନେଇ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରୁନାହିଁ। ରୋଜଗାର ଓ ନିଯୁକ୍ତି ଆଶାରେ ଲୋକେ ସେମାନଙ୍କ ଭାତ ହାଣ୍ଡି ଚାଷ ଜମିକୁ ଶିଳ୍ପ ହାତକୁ ଟେକି ଦେଉଛନ୍ତି। କିନ୍ତୁ ସେହି ଶିଳ୍ପ ହିଁ ସେମାନଙ୍କ ସମସ୍ୟାର କାରଣ ହେଉଛି। ବର୍ଷ ବର୍ଷ ଧରି ଅପେକ୍ଷା ପରେ ବି ଜମିର ଉଚିତ ମୂଲ୍ୟ ମିଳୁନି। ବିସ୍ଥାପିତ କରାଯାଉନି କି ସ୍ଥାନୀୟ ଯୁବତୀ ଯୁବକ ଓ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ହକ୍ ଦିଆଯାଉନି। ଏହାକୁ ନେଇ ବିଭିନ୍ନ ସମୟରେ ବିକ୍ଷୋଭ, ଆନ୍ଦୋଳନ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି। ବିଶେଷକରି ତାଳଚେରରେ ଏହି ସମସ୍ୟା ବୃଦ୍ଧି ପାଉଥିବାରୁ ସେଠାରେ ଲୋକଙ୍କ ଦୀର୍ଘ ଦିନର ଏକ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଦାବି ଏଯାଏ ପୂରଣ ହୋଇପାରୁ ନାହିଁ। ଜିଲାର ଅନ୍ୟତମ ମୁଖ୍ୟ ସମସ୍ୟା ହେଉଛି ପ୍ରଦୂଷଣ। ଏହାର ନିରାକରଣ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ବେଳେ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ସରକାରୀସ୍ତରରେ ଉପେକ୍ଷା କରାଯାଉଛି। ଉନ୍ନତ ସ୍ୱାସ୍ଥ୍ୟସେବାର ପଥ ପରିଷ୍କାର ହେଉଥିବା ବେଳେ ଡାକ୍ତର ଅଭାବ ଏ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଛି। ତେବେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆସୁଥିଲେ ବି ଇ-ଲାଇବ୍ରେରୀପ ପାଇଁ ସ୍ଥାନ ନିରୂପଣ ଜାଗାରେ ଅଦ୍ୟାବଧି ପଥର ଖଣ୍ଡେ ମଧ୍ୟ ପଡ଼ିପାରିନାହିଁ। ତଥାପି ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ସାମାନ୍ୟ ବଢ଼ିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

### ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦ୍ ଦେଲେ ଜିଲା ସ୍ୱାସ୍ଥ୍ୟସେବାର ପ୍ରମୁଖସ୍ଥାନ ନେଇଛି ଜିଲା ମୁଖ୍ୟ ଚିକିତ୍ସାଳୟ। ଦୈନିକ ହଜାରେରୁ ଅଧିକ ରୋଗୀ ଏଠାକୁ ଆସନ୍ତି। ସେମାନଙ୍କ ମଧ୍ୟରେ ଦୁର୍ଘଟଣାରେ ଆହତଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। କିନ୍ତୁ ଆବଶ୍ୟକ ସଂଖ୍ୟକ ଡାକ୍ତର ଅଭାବ ସ୍ୱାସ୍ଥ୍ୟସେବାକୁ ବିପର୍ଯ୍ୟସ୍ତ କରିଦେଉଛି। ନିକଟରେ ସରକାର କେତେଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବା ଘୋଷଣା କରିଥିଲେ ବି ତାହା ଅଭାବକୁ ପୂରଣ କରିପାରି ନାହିଁ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ଅତ୍ୟାଧୁନିକ ସାମଗ୍ରୀର ପରିଚାଳନା ସମ୍ପର୍କରେ କର୍ମଚାରୀମାନେ ଅବଗତ ନ ଥିବା ସମସ୍ୟାକୁ ବଢ଼ାଇ ଦେଉଛି।

### ଅତ୍ୟାଧୁନିକ ବସ୍ ଟର୍ମିନାଲ ଅଧୁରା

ଅନୁଗୋଳ ସହରରେ ନିର୍ମାଣାଧୀନ ଅତ୍ୟାଧୁନିକ ବସ୍ ଟର୍ମିନାଲ୍ କାର୍ଯ୍ୟ ଆଗେଇପାରୁ ନାହିଁ। ବାରମ୍ବାର ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଉଥିଲେ ବି ଏହା ସମ୍ପୂର୍ଣ୍ଣ ହୋଇ ନ ପାରିବା ଜିଲାବାସୀଙ୍କ ସ୍ୱପ୍ନକୁ ଅଧୁରା ରଖିଆସିଛି। ୯ ଏକର ୭୨ ଡିସିମିଲ ଜାଗାରେ ଏହି ଅତ୍ୟାଧୁନିକ ଟର୍ମିନାଲ ପାଇଁ ୨୦୧୨ ଏପ୍ରିଲ୍ ୯ରେ ତାମଡା, ମେସର୍ସ ଅନୁଗୋଳ ବସ୍ ଟର୍ମିନାଲ କମ୍ପାନୀ ପ୍ରାଇଭେଟ ଲିମିଟେଡ ଓ ମେସର୍ସ ମିଲନ ଡେଭଲପ୍‌ର ବିଲଡରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

### ପାଣି ପାଇଁ ତହଳ ବିକଳ

ଏବେ ବି ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ ପିଇବା ପାଣି ସମସ୍ୟା ଲୋକଙ୍କୁ ତହଳ ବିକଳ କରୁଛି। ଠୋସ୍ ପଦକ୍ଷେପ ନେବାରେ ପ୍ରଶାସନର ବିଫଳତା ବିଶେଷକରି ଗ୍ରୀଷ୍ମଋତୁରେ ହୀନସ୍ତାରେ ପକାଉଛି। ମହାନଦୀରୁ ସହରକୁ ପାଣି ଯୋଗାଣର ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ବାସ୍ତବରେ ପରିଣତ ହୋଇପାରିନାହିଁ।

### ଚାଷୀଙ୍କ ପାଇଁ ନାହିଁ ବ୍ୟବସ୍ଥା

ଜିଲାରେ ଚାଷ ଓ ଚାଷୀକୁ ଅଣଦେଖା କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯାଉ ନ ଥିବା ବେଳେ ଅଭାବୀ ବିକ୍ରିରୁ ରକ୍ଷା ପାଇଁ ଚାଷୀଙ୍କୁ ଆବଶ୍ୟକ ସହଯୋଗ କରାଯାଉ ନାହିଁ। ସେହିପରି ଜିଲାରେ ସରକାରୀ ଶୀତଳ ଭଣ୍ଡାର ବ୍ୟବସ୍ଥା ମଧ୍ୟ ହୋଇପାରୁ ନାହିଁ।

### ପରିବେଶ ଉଜାଡୁଛି ଶିଳ୍ପ

ନିଯୁକ୍ତି ଓ ଉନ୍ନତି ନାରାରେ ଅନୁଗୋଳ ଓ ତାଳଚେର ଉପଖଣ୍ଡରେ ଗଢ଼ି ଉଠିଥିବା ଶିଳ୍ପ ଯୋଗୁ ନଷ୍ଟ ହେଉଛି ଜଙ୍ଗଲ ସମ୍ପଦ। ଜନଜୀବନ ପ୍ରଭାବିତ ହେଉଥିବା ବେଳେ ପରିବେଶକୁ ପହଞ୍ଚୁଛି ଗଭୀର କ୍ଷତି। ଭୂତଳ କୋଇଲା ଖଣିରେ ବାଲି ଭର୍ତ୍ତି କରାଯାଉ ନାହିଁ। ଆଶ୍‌ପଣ୍ଡ ବନ୍ଧକୁ ଶକ୍ତ କରାଯାଉ ନାହିଁ। କାରଖାନାର ଦୂଷିତ ପାଣିକୁ ଛାଡ଼ି ନଦୀ, ନାଳକୁ ପ୍ରଦୂଷିତ କରାଯାଉଛି। ଏ ନେଇ ବାରମ୍ବାର ଉଦ୍‌ବେଗ ପ୍ରକାଶ ପାଉଥିଲେ ବି ଆବଶ୍ୟକ ଦୃଷ୍ଟି ଦିଆଯାଉ ନାହିଁ।

## ଆଜି ନାଲ୍‌କୋ ଇଡି ଦାୟିତ୍ୱ ନେବେ ମନସା

ବଅଁରପାଳ, ୩୧।୩ (ଡି.ଏନ୍.ଏ.)



ନୂତନ ଇଡି ମନସା ମିଶ୍ର।

ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ (ଇଡି) ରାଜକିଶୋର ମିଶ୍ରଙ୍କ ଶନିବାର ଚାକିରି କାଳ ଶେଷ ହୋଇଛି। ସେ ପ୍ରାୟ ୧ ବର୍ଷ ୧୦ ମାସ ଧରି ନାଲ୍‌କୋର ନିର୍ବାହୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ତେବେ ନୂତନ ଇଡି ଭାବେ ମନସା ପ୍ରସାଦ ମିଶ୍ର ସୋମବାର ଦାୟିତ୍ୱ ଗ୍ରହଣ କରିବେ। ମିଶ୍ର ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ନାଲ୍‌କୋରେ ଚାକିରି କରିଛନ୍ତି। ସେ ପ୍ରଥମେ ଗ୍ରାଜୁଏଟ ଇଞ୍ଜିନିୟର (ଜିଇଟି) ଭାବେ କାମ ଆରମ୍ଭ କରିଥିଲେ। ପ୍ରାୟ ୨ ବର୍ଷ ହେବ ମିଶ୍ର ସ୍ମେଲଟର ମହାପ୍ରବନ୍ଧକ ଦାୟିତ୍ୱ ତୁଲାଇଥିଲେ। ଗତ ଡିସେମ୍ବର ୨୯ରେ ମହାପ୍ରବନ୍ଧକରୁ ନିର୍ବାହୀ ନିର୍ଦ୍ଦେଶକ ଭାବେ ତାଙ୍କର ପଦୋନ୍ନତି ହୋଇଥିଲା। ତେବେ ନାଲ୍‌କୋରେ ବର୍ତ୍ତମାନ ମ୍ୟାନ ପାୱାର ହ୍ରାସ ପାଇବା ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଉତ୍କଳ ଇ-କୋଲ ବ୍ଲକ ଦୀର୍ଘ ଦିନ ହେବ ଆବଣ୍ଟନ ହୋଇଥିବାବେଳେ ତାହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ। ଲିନ୍ସଲୋରି ପ୍ରୋଜେକ୍ଟ କାର୍ଯ୍ୟ ବନ୍ଦ ହୋଇରହିଛି। ପ୍ଲାଣ୍ଟରେ ପ୍ରସ୍ତାବିତ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିବାବେଳେ ଆଲୁମିନିୟମ ପାର୍କ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ। ସେହିପରି ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ମଧ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ଏଭଳି ସ୍ଥଳେ ଏହାର ସମାଧାନ ଦାୟିତ୍ୱ ନୂତନ ଇଡି କିପରି ତୁଲାଉଛନ୍ତି ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ସୋମବାର ନୂତନ ଭାବେ ମନସା ଦାୟିତ୍ୱ ନେବାକୁ ଯାଉଥିବାରୁ ନାଲ୍‌କୋ ଏସ୍‌ଏଣ୍ଡପିର ସେ ମଙ୍ଗ ଧରିବେ ବୋଲି କର୍ମଚାରୀ ମହଲରେ ଆଲୋଚନା ହେଉଛି। ଏହି ନୂଆ ଦାୟିତ୍ୱ ପାଇଁ ନେପୁ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ନାଲ୍‌କୋ ଶ୍ରମିକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ବିଭବ ଜେନା, ନାଲ୍‌କୋ କୋଅପରେଟିଭ ସଭାପତି ମୁନା ସାମଲ ପ୍ରମୁଖ ନୂତନ ଇଡିକୁ ଶୁଭେଚ୍ଛା ଜଣାଇଛନ୍ତି।

## ଆମ ପୋଲିସ ସମିତି ବୈଠକ

କଣିହାଁ ,୩୧।୩(ଡି.ଏନ.ଏ)

କଣିହାଁ ବ୍ଲକରେ ଥିବା ୪ଟି ଥାନାରେ ଚଳିତ ମାସର ଆମ ପୋଲିସ ସମିତି ବୈଠକ ଶେଷ ହୋଇଛି। ଶନିବାର ପୂର୍ବାହ୍ନରେ ସମଲ ଥାନା ଓ ଅପରାହ୍ନରେ କଣିହାଁ ଥାନାରେ ବୈଠକ ହୋଇଥିଲା। ଚୋରା ମଦ କାରବାର ବନ୍ଦ, ଅବକାରୀ ଚଢାଉ, ପରିବେଶ ସୁରକ୍ଷା, ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନାକୁ ନେଇ ଆଲୋଚନା ହୋଇଥିଲା। ସମଲ ଥାନା ତରଫରୁ ପରାବିଲ ପଞ୍ଚାୟତରେ ଅନୁଷ୍ଠିତ ଏହି ବୈଠକରେ ଆଇଆଇସି ସୁନୀଲ କୁମାର କର, ଏସ୍‌ଆଇ ବିକ୍ରମ ବିହାରୀ ଜୟପୁରିଆ, ସରପଞ୍ଚ ବଂଶୀଧର ସାହୁ, ସମିତି ସଭ୍ୟ ମନୋଜ ପ୍ରଧାନଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। କଣିହାଁ ଥାନାରେ ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଆଲୋକ ପ୍ରଧାନ, ସୁଧାକର ପ୍ରଧାନ, କଳାକାର ସାହୁ, କାଳନ୍ଦୀ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ଶୁକ୍ରବାର ରେଙ୍ଗାଲି ଆଇଆଇସିଙ୍କ ଅଧ୍ୟକ୍ଷତାରେ ଗଣ୍ଡମାଳା ପଞ୍ଚାୟତରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୁଧବାର ଏନ୍‌ଟିପିସି ଟାଉନ ଥାନାରେ ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା।

## ଓମ୍ ପ୍ରକାଶ ଜିନ୍ଦଲଙ୍କ ପୁଣ୍ୟତିଥି ପାଳିତ

ଅନୁଗୋଳ ଅଫିସ, ୩୧।୩




ଅତିଥି ଶିବିର ଉଦ୍‌ଘାଟନ କରୁଛନ୍ତି।

ଦୂରଦ୍ରଷ୍ଟା ତଥା ଓପି ଜିନ୍ଦଲ ସମୂହର ପ୍ରତିଷ୍ଠାତା ଓପି ଜିନ୍ଦଲଙ୍କ ପୁଣ୍ୟତିଥି ଦୁଇ ଦିନ ଧରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଅନୁଗୋଳରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା ରକ୍ତଦାନ ଶିବିର, ମେଧାବୃତ୍ତି ପ୍ରଦାନ, ବଳରାମପ୍ରସାଦସ୍ଥିତ ନକୁଳଚନ୍ଦ୍ର ଅନ୍ଧ, ମୂକ ଓ ବଧିର ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ ଏବଂ ଅଖଣ୍ଡ ରାମଚରିତ ମାନସ ପାଠ କରାଯାଇଥିଲା। ଜେଏସ୍‌ପିଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ଓ ପ୍ରତିଭା ଗୌତମ, ଇଡି ମେଣ୍ଟେନାନ୍ସ ସୁରେଶ କୁମାର, ଦାମୋଦର ମିତ୍ତଲ, କେ.କେ. ଚୋପ୍ରା, ରବିକାନ୍ତ ସୋମାନୀ, ଏସ୍.କେ. ଶର୍ମା, ଆଲୋକ ମାଲହୋତ୍ରା, ଡାକ୍ତର କୃଷ୍ଣଚନ୍ଦ୍ର ବେହେରା, ପୁଷ୍ପଲତା ଶତପଥୀ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଓପି ଜିନ୍ଦଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା ରେଡକ୍ରସ ରକ୍ତ ଭଣ୍ଡାର ସହଯୋଗରେ ଆୟୋଜିତ ଶିବିରକୁ ପଙ୍କଜ ଗୌତମ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ସମୁଦାୟ ୮୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଜେଏସ୍‌ପିଏଲ ଫାଉଣ୍ଡେଶନ ଓ ଜିନ୍ଦଲ ମହିଳା ସମିତି ସଭାନେତ୍ରୀ ପ୍ରତିଭା ଗୌତମଙ୍କ ନେତୃତ୍ୱରେ ବୃଦ୍ଧାଶ୍ରମ, ଅନ୍ଧ, ମୂକ ଓ ବଧିର ସ୍ୱତନ୍ତ୍ର ବିଦ୍ୟାଳୟ, କନ୍ୟାଶ୍ରମକୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷର ଓପି ଜିନ୍ଦଲ ଷ୍ଟାର ଓ ଓପି ଜିନ୍ଦଲ ଜୁଏଲ ମେଧାବୃତ୍ତିର ବିଜେତାମାନଙ୍କୁ ସ୍କଲାରଶିପ୍ ଓ ମାନପତ୍ର ପଙ୍କଜ ଗୌତମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆର୍.ପି. ଅଗ୍ରୱାଲ, ବିମଳ ସାହୁ ଓ ଛନ୍ଦାଚରଣ ଦାସ ଯୋଗ ଦେଇଥିଲେ। ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଶିଶୁ ବଧିର ବିଦ୍ୟାଳୟର ୭୦ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଓ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା।

## ଆସିଲାନି ୧୦୮, ଡାଲା ଅଟୋରେ ଆସିଲେ ରୋଗୀ

ଅନୁଗୋଳ ଅଫିସ, ୩୧।୩

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରବିବାର ଏକ ଡାଲା ଅଟୋରେ ଜଣେ ରୋଗୀଙ୍କୁ ଅଣାଯାଇଥିବା ଦେଖିବାକୁ ମିଳିଥିଲା। ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ପରିବାର ଲୋକେ ବାଧ୍ୟ ହୋଇ ଏପରି ଭାବେ ରୋଗୀଙ୍କୁ ମେଡିକାଲ ଆଣିଥିବା ତୁବେ ଅଞ୍ଚଳ କୁଲେଇ ଗାଁର ବିନୟ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ବିନୟଙ୍କ ଝିଅଙ୍କ ଦେହ ଖରାପ ଥିଲା। ସେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଗାଡ଼ି ଦୀର୍ଘ ସମୟ ପରେ ବି ନ ପହଞ୍ଚିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଏକ ଅଟୋ ଚାଳକଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଚାଳକଙ୍କ ନିକଟରେ ଯାତ୍ରୀବାହି ଅଟୋ ନ ଥିବାରୁ ସେ ଡାଲା ଅଟୋଟିଏ ଯୋଗାଡ଼ କରି ରୋଗୀଙ୍କ ଘର ନିକଟରେ ପହଞ୍ଚିଥିଲେ। ସମ୍ପୃକ୍ତ ଅଟୋ ଚାଳକ ମଧ୍ୟ ୧୦୮କୁ ଫୋନ କରିଥିଲେ। କିନ୍ତୁ ଗାଡ଼ି ନ ପହଞ୍ଚିବାରୁ ସମସ୍ତେ ସେହି ଡାଲା ଅଟୋରେ ରୋଗୀଙ୍କୁ ଧରି ଜିଲା ମୁଖ୍ୟ ଚିକିତ୍ସାଳୟ ଆସିଥିଲେ। ତେବେ ୧୦୮ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା।



## ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ

# ମୋଷ୍ଟ ୱାଣ୍ଟେଡ ସୋନୁ ସହ ୪ ଗିରଫ



ଅନୁଗୋଳ ଅଫିସ, ୩୧।୩

ଅନୁଗୋଳ ସହରରେ ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ କରିଛି ପୋଲିସ। ସହର ଉପକଣ୍ଠରେ ଥିବା ଗାଣ୍ଡୁ ପଡ଼ିଆରେ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରି ୪ ଜଣଙ୍କୁ ପୋଲିସ କାବୁ କରିଛି। ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଛନ୍ତି। ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିବା ହେମସୁରପଡ଼ାର ସୋନୁ ଜେନା(୩୦) ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି। ଏଥିସହ ଗ୍ୟାଙ୍ଗରେ ଥିବା ବଅଁରପାଳ ଥାନା ଗଡ଼ସନ୍ତ୍ରୀ ଅଞ୍ଚଳର ଅଶୋକ ଅମାନ୍ତ(୩୩), ଚନ୍ଦ୍ରଶେଖର ବାରିକ(୩୮) ଓ ଛେଣ୍ଡିପଦା ଥାନା ନୂଆପଡ଼ା ଅଞ୍ଚଳର କଳାକାର ନାଏକ(୩୬)ଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଏୟାର ପିସ୍ତଲ, ବନ୍ଧୁକ, ୩ଟି ଜୀବନ୍ତ ଗୁଳି ଓ କଟୁରି ପୋଲିସ ଜବତ କରିଛି। ଏ ନେଇ ଅନୁଗୋଳ ଥାନାରେ ନଂ. ୨୩୯/୧୯ ଦଫା ୩୯୯, ୪୦୨, ୨୫(ଏ) (ବି) ଆର୍ମ୍ସ ଆକ୍ଟରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅନୁଗୋଳ ଗାଣ୍ଡୁ ପଡ଼ିଆଠାରେ ଶନିବାର ବିଳମ୍ବିତ ରାତିରେ କେତେଜଣ ଯୁବକ ବସିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରୁ ଜଣେ କୌଶଳ କ୍ରମେ ଫେରାର ହୋଇଯାଇଥିବାବେଳେ ବାକି ୪ ଜଣଙ୍କୁ କାବୁ କରିଥିଲା। ଖାନତଲାସି ବେଳେ ଅଶୋକଙ୍କ ନିକଟରୁ ଏୟାର ପିସ୍ତଲ, ସୋନୁ ନିକଟରୁ ଏକ ବନ୍ଧୁକ, ୩ଟି ଜୀବନ୍ତ ଗୁଳି ଓ କଟୁରି ମିଳିଥିଲା। ସୋନୁଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟା, ଡକାୟତି, ଗଞ୍ଜେଇ ଚାଲାଣ ଆଦି ଘଟଣାରେ ୧୨ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଜେଲରୁ ପାରୋଲରେ ଯାଇ ନ ଫେରିବାରୁ ସୋନୁଙ୍କୁ ଧରିବା ପାଇଁ ୱାରେଣ୍ଟ ଜାରି ହୋଇଥିଲା। ସେହିପରି ଅନ୍ୟମାନେ କେଉଁ ମାମଲାରେ ସମ୍ପୃକ୍ତ ଅଛନ୍ତି ତାର ତଲାସି ଚାଲିଥିବା ପୋଲିସ କହିଛି।

## ଛେଣ୍ଡିପଦାରେ ଭାଜପାର ପ୍ରଚାର

ଛେଣ୍ଡିପଦା,୩୧।୩(ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରଦାର କରାଯାଇଛି। ଦଳୀୟ ପ୍ରାର୍ଥୀ ଅଗସ୍ତି ବେହେରା ବିଭିନ୍ନ ଗ୍ରାମ ଓ ପଞ୍ଚାୟତ ବୁଲି ଭୋଟ ମାଗିବା ସହ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି। ରବିବାର ବେହେରା ପାତ୍ରପଡା, ପାଟକୁମୁଣ୍ଡା, ଟାଙ୍ଗିରୀ, ବାହାଳସାହି ଆଦି ସ୍ଥାନରେ ପ୍ରଚାର କାର୍ଯ୍ୟ କରିଛନ୍ତି। ଏଥିରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ